# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୨/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 22/ 2018 | ★★★★★★

୪୫ଶ ଭାଗ ୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଶ୍ରୀଦେବୀଙ୍କୁ ମନେପକାଇଲେ କରିସ୍ମା**

ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁର କିମ୍ବଦନ୍ତୀ ଅଭିନେତ୍ରୀ ଶ୍ରୀଦେବୀଙ୍କୁ ସ୍ମରଣକରି ଭାବପ୍ରବଣତା ପ୍ରକାଶ କରିଛନ୍ତି।

୦୭

୦୨

**୨୩ରେ ନବୀନଙ୍କୁ ଭେଟିବେ କେସିଆର୍**

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ଅଧ୍ୟକ୍ଷ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ଆସନ୍ତା ୨୩ରେ ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ।



# କମ୍ପ୍ୟୁଟର ଉପରେ କେନ୍ଦ୍ର ନଜର

■ ଯାଞ୍ଚ ପାଇଁ ୧୦ କେନ୍ଦ୍ରୀୟ ସଂସ୍ଥାକୁ କ୍ଷମତା ଦେଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ



- ■ ଜାତୀୟ ନିରାପତ୍ତା ଆଳରେ ନାଗରିକଙ୍କ ଉପରେ ଗୋଇନ୍ଦାଗିରି
- ■ କମ୍ପ୍ୟୁଟରରୁ ତଥ୍ୟ ହାସଲ କରିପାରିବେ କେନ୍ଦ୍ରୀୟ ସଂସ୍ଥା
- ■ ବ୍ୟକ୍ତିଗତ ଗୋପନୀୟତା ଉପରେ ସରକାରୀ ହସ୍ତକ୍ଷେପ
- ■ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ
- ■ ପାର୍ଲାମେଣ୍ଟର ଉଭୟ ଗୃହରେ ହଟ୍ଟଗୋଳ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ଜାତୀୟ ସୁରକ୍ଷା ଆଳରେ ଦେଶର ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚ କରିପାରିବେ କେନ୍ଦ୍ର ସରକାର। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୦ କେନ୍ଦ୍ରୀୟ ସଂସ୍ଥାକୁ ଗୁରୁବାର ରାତିରେ କ୍ଷମତା ପ୍ରଦାନ କରିଛନ୍ତି। ନୂଆ ନିର୍ଦ୍ଦେଶନାମା ଅନୁସାରେ ଉକ୍ତ ଏଜେନ୍ସିଗୁଡ଼ିକ ସମସ୍ତ କମ୍ପ୍ୟୁଟରର ତଥ୍ୟଗୁଡ଼ିକୁ ଅବରୋଧ, ପର୍ଯ୍ୟବେକ୍ଷଣ ଓ ସାଧାରଣ ଭାଷାରେ ପରିବର୍ତ୍ତିତ କରିପାରିବେ। ଏହାକୁ ବିରୋଧୀ ଦଳଗୁଡ଼ିକ ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା ଅଧିକାର (ପ୍ରିଭେସି) ଉପରେ ଆକ୍ରମଣ ଭାବେ ଅଭିହିତ କରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ଓ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି।

ମିଳିଥିବା ସୂଚନାନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରାଯାଇଛି। ଗୋଇନ୍ଦା ବ୍ୟୁରୋ(ଆଇବି), ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ(ଏନ୍ସିବି), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି), ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆର୍ଆଇ), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ), ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ), ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍(ର) କ୍ୟାବିନେଟ ସେକ୍ରେଟେରିଏଟ, ସଙ୍କେତ ଗୋଇନ୍ଦା ନିର୍ଦ୍ଦେଶାଳୟ (କେବଳ ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଓ ଆସାମ ପାଇଁ) ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଅଧିକୃତ କରାଯାଇଛି। ଦେଶର ସୁରକ୍ଷା ବା ଅଖଣ୍ଡତା ପ୍ରତି ଆଞ୍ଚ ଆସିବା ସନ୍ଦେହ କଲେ ଏହି ସଂସ୍ଥାଗୁଡ଼ିକ ଜଣଙ୍କର କମ୍ପ୍ୟୁଟର ଯାଞ୍ଚ କରି ☞ପୃଷ୍ଠା-୧୬





ବିଜେଡି ଏମ୍ପି ତଥାଗତ ସତପଥୀଙ୍କ ଟୁଇଟ୍

# ଚାଷୀଙ୍କ ପାଇଁ 'କାଳିଆ'



ସଚିବାଳୟଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'କାଳିଆ' ଯୋଜନା ସମ୍ପର୍କରେ ସୂଚନା ଦେଉଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଉପହାର**

- ■ ଉପକୃତ ହେବେ ୯୨% ଚାଷୀ
- ■ ୩ ବର୍ଷରେ ଖର୍ଚ୍ଚ ହେବ ୧୦ ହଜାର କୋଟି
- ■ ବିନା ସୁଧରେ ୫୦ ହଜାର ଟଙ୍କାର ଋଣ
- ■ କୃଷି ଶ୍ରମିକଙ୍କୁ ୨ ଲକ୍ଷର ବୀମା
- ■ ଖରିଫ, ରବି ପାଇଁ ଚାଷୀଙ୍କୁ ୧୦ ହଜାର
- ■ ଭୂମିହୀନ ପରିବାରଙ୍କୁ ଜୀବିକା ସହାୟତା ୧୨,୫୦୦
- ■ ଭୂମିହୀନ ଶ୍ରମିକଙ୍କୁ ୧୦ ହଜାର
- ■ ଡିବିଟି ମାଧ୍ୟମରେ ଚାଷୀ ଆକାଉଣ୍ଟକୁ ଯିବ ସହାୟତା

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ କଲ୍ୟାଣ ପାଇଁ ଭଣ୍ଡାର ଘର ଖୋଲିଦେଇଛନ୍ତି। ରାଜ୍ୟରେ କୃଷିକ୍ଷେତ୍ରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଦାରିଦ୍ର୍ୟ ହ୍ରାସ ପାଇଁ ରାଜ୍ୟ ସରକାର କାଳିଆ(କୃଷକ ଆସିଷ୍ଟାଣ୍ଟ ଫର ଲାଇଭ୍ଲିହୁଡ୍ ଆଣ୍ଡ ଇନ୍କମ ଅଗ୍ମେଣ୍ଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଯୋଜନାକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ଆସନ୍ତା ୩ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୧୮-୧୯ରୁ ୨୦୨୧-୨୨ ଯାଏ ୫ଟି ଫସଲ ପାଇଁ ଏହି ଯୋଜନା ଲାଗୁହେବ। ଏଥିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଚାଷୀ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ। ଉଭୟ ଖରିଫ ଓ ରବି ଫସଲ ପାଇଁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଚାଷୀମାନେ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅର୍ଥ ଖର୍ଚ୍ଚ କରିପାରିବେ। ଏହି ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେଉଁ ଚାଷୀର କେତେ ଜମି ଅଛି, ତା'ସହିତ ଏହି ଯୋଜନାର କୌଣସି ସମ୍ପର୍କ ନାହିଁ। ଅର୍ଥାତ ସମସ୍ତ ଚାଷୀ ଏହି ଯୋଜନାର ଲାଭ ଉଠାଇପାରିବେ। ଏହି ପଦକ୍ଷେପ ଦ୍ୱାରା ପ୍ରକୃତ ଚାଷୀ/ଭାଗଚାଷୀ, ଯେଉଁମାନଙ୍କର ବହୁତ କମ୍ ଜମି ରହିଛି ସେମାନେ ମଧ୍ୟ ଏହାଦ୍ୱାରା ଉପକୃତ ହେବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଧିକାଂଶ କୃଷି ବିକାଶ ଯୋଜନାରେ ଭୂମିହୀନ ଚାଷୀ ପରିବାର ପାଇଁ ବିଶେଷ କିଛି କାର୍ଯ୍ୟକ୍ରମ ନ ଥିଲା। ମାତ୍ର କାଳିଆ ଯୋଜନା ☞ପୃଷ୍ଠା-୧୬

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**





ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ଡିଜିପି ନିଯୁକ୍ତି ପ୍ରସଙ୍ଗ**

**ଆଜିର ମନ୍ତବ୍ୟ**

" ଜନ ପ୍ରତିନିଧିମାନଙ୍କଠାରୁ ଆତ୍ମଶୃଙ୍ଖଳା ଆଶା କରାଯାଏ।

-ସୁମିତ୍ରା ମହାଜନ, ଲୋକ ସଭା ବାଚସ୍ପତି

**କିଛି ତଥ୍ୟ**

ଚଳିତ ବର୍ଷ ଡିସେମ୍ବର ୭ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନରେ ୧୫.୦୭% ବୃଦ୍ଧି ଘଟି ୯୨.୦୩ ଲକ୍ଷ କୋଟି ଟଙ୍କା ଛୁଇଁଛି।- ଆର୍ବିଆଇ

**CBSE Exam Mate**

ପୃଷ୍ଠା-୧୫





# ଅଳ୍ପକେ ବର୍ତ୍ତିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

ଭୁବନେଶ୍ୱର/ ଝାରସୁଗୁଡ଼ା ଅଫିସ, ୨୧।୧୨

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ବିମାନବନ୍ଦରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହେଲିପକ୍ଟର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଏବଂ ଅବହେଳା ଯୋଗୁ ଏପରି ଘଟିଛି ।ଏକା ସମୟରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଏବଂ ଅନ୍ୟ ଏକ ଘରୋଇ ହେଲିକପ୍ଟର ଉଡିବା ଘଟଣାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ କର୍ମଚାରୀଙ୍କ ଖାମଖିଆଲି ଏୟାରକ୍ରାଫ୍ଟ ପରିଚାଳନା ପଦାରେ ପଡିଛି। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଉଡିବାର ୩ ମିନିଟ୍ ପୂର୍ବରୁ ଏବଂ ପରେ କୌଣସି ହେଲିକପ୍ଟର ଉଡ଼ାଣ ନ କରିବାର ନିୟମ ରହିଛି। ହେଲେ ସମାନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଏବଂ ☞ପୃଷ୍ଠା-୧୬

## ବଦଳିଲେ ବିଏମ୍ସି କମିଶନର

■ କ୍ରିଷନ କୁମାରଙ୍କୁ ସମବାୟ ବିଭାଗର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱକାଳ ଭୁବନେଶ୍ୱର ମହାନଗର ନିଗମ(ବିଏମସି) କମିଶନର ଭାବେ ନିଯୁକ୍ତି ପାଇଥିବା କ୍ରିଷନ କୁମାରଙ୍କୁ ଶୁକ୍ରବାର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବିଏମ୍ସି ଅତିରିକ୍ତ କମିଶନର ଥିବା ୨୦୧୩ ବ୍ୟାଚର ଆଇଏଏସ୍ ଅଫିସର ଶୁଭମ ସାକ୍ସେନାଙ୍କୁ ନୂତନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କ୍ରିଷନ କୁମାର ପୂର୍ବ ଭଳି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ ରହିବେ। ଏଥିସହିତ ସମବାୟ ବିଭାଗ ସଚିବ ରଞ୍ଜନା ଚୋପ୍ରା ଛୁଟିରେ ଯାଉଥିବାରୁ ତାଙ୍କ ସ୍ଥାନରେ କ୍ରିଷନ କୁମାରଙ୍କୁ ସମବାୟ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।






NATIONAL EGG CO-ORDINATION COMMITTEE 21.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 80 | 132 | 142 |
| BDK | 82 | 135 | 145 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply

**Eggs Retail Price- 53/-Dozen**

Issued in the Interest of Consumers






ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଥରେ ବିବାହ କରିବାକୁ ମନ ବଳାଇଛନ୍ତି। ୬୬ ବର୍ଷୀୟ ପୁଟିନ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଉଥିବାବେଳେ କାହାକୁ ବାହାହେବେ କହି ନାହାନ୍ତି। ପୁଟିନ ୧୯୮୩ରେ ଲ୍ୟୁଡମିଲା ପୁଟିନାଙ୍କୁ ବିବାହ କରିଥିଲେ ଏବଂ ୨୦୧୩ରେ ସେମାନଙ୍କର ଛାଡ଼ପତ୍ର ହୋଇଥିଲା। ଲ୍ୟୁଡମିଲାଙ୍କୁ ଛାଡ଼ପତ୍ର ଦେବା ପରେ ପୂର୍ବତନ ଅଲିମ୍ପିକ୍ସ ଜିମ୍ନାଷ୍ଟ ଆଲିନା କାବାଏଭାଙ୍କ ସହ ପୁଟିନଙ୍କର ସମ୍ପର୍କ ଥିବା ଖବର ପ୍ରକାଶ ପାଇଥିଲା।

# ଓଡ଼ିଶାରେ ୧୦,୦୦୦ କୋଟିର କାରବାର ପ୍ରଭାବିତ

**ସର୍ବଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘର ଧର୍ମଘଟ**

- ରାଜ୍ୟର ୨୫ ହଜାର ବ୍ୟାଙ୍କ ଅଧିକାରୀ ସାମିଲ ହେଲେ
- ୨୬ରେ ୟୁଏଫ୍‌ବିୟୁର ଧର୍ମଘଟ
- ୨୪ରେ ବ୍ୟାଙ୍କ ଖୋଲା ରହିବ

ଭୁବନେଶ୍ୱର,୨୧।୧୨ (ବ୍ୟୁରୋ)

ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣ ତଥା ମଜୁରିରେ ସଂଶୋଧନ ଭଳି ବିଭିନ୍ନ ଦାବି ନେଇ ସର୍ବ ଭାରତୀୟ ବ୍ୟାଙ୍କ ଅଫିସର ମହାସଂଘ (ଏଆଇବିଓସି) ପକ୍ଷରୁ ଶୁକ୍ରବାର ଦିନିକିଆ ଧର୍ମଘଟ ଡାକରା ଦିଆଯାଇଥିଲା। ସାରା ଦେଶରୁ ପ୍ରାୟ ୩.୨୫ ଲକ୍ଷ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ। ସ୍କେଲ ୧-୭ କର୍ମଚାରୀଙ୍କ ବେତନରେ ସଂଶୋଧନ ନେଇ କର୍ମଚାରୀମାନେ ଦାବି କରିଛନ୍ତି। ଶୁକ୍ରବାରର ଏହି ଧର୍ମଘଟ ଫଳରେ ସାରା ଦେଶରେ ବ୍ୟାଙ୍କ କାରବାର ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ରାଜ୍ୟରେ ୧୦,୦୦୦ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଛି। ଅପରପକ୍ଷରେ ରାଜ୍ୟର ୨୫,୦୦୦ ବ୍ୟାଙ୍କ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ଧର୍ମଘଟରେ ବେସରକାରୀ ବ୍ୟାଙ୍କଗୁଡ଼ିକର ସମର୍ଥନ ରହିଥିବା ଏଆଇବିଓସିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦ ସୂଚନା ଦେଇଛନ୍ତି।

ବ୍ୟାଙ୍କଗୁଡ଼ିକ ୨୬ ତାରିଖ ଯାଏ ବନ୍ଦ ରହିବ ବୋଲି ପୂର୍ବରୁ ସୂଚନା ରହିଥିଲେ ମଧ୍ୟ ମଝିରେ ୨୪ ତାରିଖ ଦିନ ଖୋଲା ରହିବ। ଏଟିଏମ୍‌ରେ ଲୋକମାନେ ନଗଦ ପାଇଁ ଯେଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିବା ନନ୍ଦ କହିଛନ୍ତି। ଆଉଟସାଇଡ ଏଜେନ୍ସିଗୁଡ଼ିକୁ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ପାଇଁ ନିଯୁକ୍ତ କରାଯାଇଛି। ମଝିରେ ଗୋଟିଏ ଦିନ ବ୍ୟାଙ୍କ ଖୋଲା ରହୁଥିବାରୁ ଲୋକମାନେ ବିଶେଷ ଅସୁବିଧା ସାମ୍ନା କରିବେ ନାହିଁ ବୋଲି ସେ କହିଛନ୍ତି। ମାତ୍ର ଲଗାତର ଭାବେ ବ୍ୟାଙ୍କ ବନ୍ଦ ରହୁଥିବାରୁ ବ୍ୟାଙ୍କିଙ୍ଗ ସେବା ଏବଂ ଏଟିଏମ୍‌ରେ ନଗଦ ସମସ୍ୟା ଉପୁଜିପାରେ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କ ମିଶ୍ରଣକୁ ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ(ୟୁଏଫ୍‌ବିୟୁ) ପକ୍ଷରୁ ବିରୋଧ କରି ୨୬ରେ ଆଉ ଏକ ଧର୍ମଘଟ ଡାକରା ଦିଆଯାଇଛି। ୯ଟି ବ୍ୟାଙ୍କ ସଂଘର କର୍ମଚାରୀମାନେ ଏଥିରେ ସାମିଲ ହେବେ ବୋଲି ସଂଘ ପକ୍ଷରୁ ସୂଚନା ରହିଛି।



ଭୁବନେଶ୍ୱର ୟୁନିଟ-୧ ମାର୍କେଟସ୍ଥିତ ଏସ୍‌ବିଆଇ ଶାଖା ସମ୍ମୁଖରେ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଧାରଣା ଦେଉଛନ୍ତି।




## ସୋମବାରରୁ ହାଇକୋର୍ଟର ଶୀତ ଅବକାଶ

**କଟକ ଅଫିସ,୨୧।୧୨:** ସୋମବାରଠାରୁ ଜାନୁୟାରୀ ପହିଲା ଯାଏ ହେବ ହାଇକୋର୍ଟର ଶୀତ ଅବକାଶ। ଏହି ସମୟ ମଧ୍ୟରେ ବିଚାରପତି ସଞ୍ଜୁ ପଣ୍ଡା ଓ କେ.ଆର୍. ମହାପାତ୍ର ବିଚାର ଦାୟିତ୍ୱରେ ରହିବେ।

## ନବୀନଙ୍କୁ ୨୩ରେ ଭେଟିବେ କେସିଆର



**ହାଇଦ୍ରାବାଦ,୨୧।୧୨(ପି.ଟି.):** ଆଞ୍ଚଳିକ ଦଳଗୁଡିକୁ ନେଇ ଏକ ଅଣକଂଗ୍ରେସ ଓ ଅଣଭାଜପା ମେଣ୍ଟ ଗଢ଼ିବା ଲାଗି ଯୋଜନା କରିଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଆସନ୍ତା ସପ୍ତାହରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କୁ ଭେଟିବେ। ଏହା ବ୍ୟତୀତ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ମଧ୍ୟ ଆସନ୍ତା ସପ୍ତାହରେ ଭେଟିବାକୁ ଯାଉଛନ୍ତି। ଆସନ୍ତା ୨୩ ତାରିଖରେ କେସିଆର ଭୁବନେଶ୍ୱରରେ ନବୀନଙ୍କୁ ଭେଟିବାକୁ ଥିବାବେଳେ ୨୪ରେ କୋଲକାତାରେ ମମତାଙ୍କୁ ସାକ୍ଷାତ କରିବେ। ୨୫ ତାରିଖରେ ତାଙ୍କର ଦିଲ୍ଲୀ ଗସ୍ତ ଥିବାବେଳେ ସେଠାରେ ସେ ମାୟାବତୀ ଓ ଅଖିଳେଶଙ୍କୁ ଭେଟିବେ ବୋଲି ତାଙ୍କ ଅଫିସ ତରଫରୁ କୁହାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ଟିଆର୍‌ଏସ ୮୮ଟି ଆସନରେ ବିଜୟୀ ହୋଇ ପୁଣି ଥରେ କ୍ଷମତାକୁ ଫେରିଛି।

## ଫୁଲବାଣୀ ୭ ଡିଗ୍ରୀ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ):** ରାଜ୍ୟରେ ଶୀତ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ପାରଦ ୭ ଡିଗ୍ରୀ ତଳକୁ ଖସିଯାଇଛି। ଗତ ୪ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଗଲାଣି। ଏପରିକି କେତେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳକୁ ମଧ୍ୟ ଚାଲିଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୮.୫, ବାଲେଶ୍ୱର ୧୨.୧, କଟକ ୧୨.୪, ବାରିପଦା ୧୨.୬, ଝାରସୁଗୁଡା ୧୧, କେନ୍ଦୁଝରର ୧୦.୪, ସମ୍ବଲପୁର ୧୧.୨, ସୁନ୍ଦରଗଡ଼ ୧୦, ହୀରାକୁଦ ୧୧.୬, ତାଳଚେର ୧୧.୮, ଭବାନୀପାଟଣା ୧୧ ଏବଂ ବଲାଙ୍ଗୀରରେ ସର୍ବନିମ୍ନ ତାପମାତ୍ରା ୧୧.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ। ପାରଦ ୧ରୁ ୨ ଡିଗ୍ରୀ ଆହୁରି କମିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## କାଳିଆ ଯୋଜନାକୁ ନେଇ ରାଜ୍ୟବ୍ୟାପୀ ସଚେତନତା କରିବ ବିଜେଡି

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ):** ରାଜ୍ୟ ସରକାର 'କାଳିଆ' (କୃଷକଙ୍କ ଜୀବନ ଧାରଣର ମାନ ଓ ଆୟ ବୃଦ୍ଧି କ୍ଷେତ୍ରରେ ସହାୟତା) ଯୋଜନାକୁ ଅନୁମୋଦନ କରିଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରାଯାଇନାହିଁ। ଏହା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୮ରେ ଦିଲ୍ଲୀଠାରେ ଆନ୍ଦୋଳନ ଡାକରା ଦିଆଯାଇଛି। କାଳିଆ ଯୋଜନା ଏବଂ ଏମ୍‌ଏସ୍‌ପି ବୃଦ୍ଧି ଆନ୍ଦୋଳନକୁ ନେଇ ସରକାରୀ ଦଳ ବିଜେଡି ପକ୍ଷରୁ ୩୦ଟି ଜିଲାରେ ସଚେତନତା କାର୍ଯ୍ୟକ୍ରମ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହେବ।

ଦଳର ସଭାପତି ତଥା ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କିଏ କେଉଁ ସ୍ଥାନରେ ଖବରଦାତା ସମ୍ମିଳନୀ କରିବେ, ତାହାର ସୂଚୀ ପ୍ରଦାନ କରାଯାଇଛି। କଟକରେ ଦେବୀ ପ୍ରସାଦ ମିଶ୍ର, ଜଗତ୍‌ସିଂହପୁରରେ ପ୍ରଶାନ୍ତ ମୁଦୁଲି, ଯାଜପୁରରେ ଅମର ଶତପଥୀ, ନବରଙ୍ଗପୁରରେ ରମେଶ ମାଝି ଓ ମନୋହର ରନ୍ଧାରୀ, ରାୟଗଡ଼ାରେ ଲାଲ ବିହାରୀ ହିମିରିକା ଓ ଏନ୍. ଭାସ୍କର ରାଓ, ମୟୂରଭଞ୍ଜ-ସୁଦାମ ମାରାଣ୍ଡି ଓ ଡା. ଦେବାଶିଷ ମାରାଣ୍ଡି, ନୟାଗଡ଼ରେ ଡ. ଅରୁଣ କୁମାର ସାହୁ, କେନ୍ଦ୍ରାପଡ଼ାରେ ଅତନୁ ସବ୍ୟସାଚୀ ନାୟକ ଖବରଦାତା ସମ୍ମିଳନୀ କରିବେ। ସେହିପରି ପୁରୀରେ ମହେଶ୍ୱର ମହାନ୍ତି ଓ ସଞ୍ଜୟ ଦାସବର୍ମା, କୋରାପୁଟରେ ରବି ନାରାୟଣ ନନ୍ଦ ଓ ଈଶ୍ୱର ପାଣିଗ୍ରାହୀ, ମାଲକାନଗିରିରେ ଅରବିନ୍ଦ ଢାଲି ଓ ମାନସ ମାଡକାମୀ, ଗଞ୍ଜାମରେ ସୂର୍ଯ୍ୟନାରାୟଣ ପାତ୍ର, ଗଜପତିରେ ଚନ୍ଦ୍ର ଶେଖର ସାହୁ, କନ୍ଧମାଳରେ ବିକ୍ରମ ପଣ୍ଡା, ବୌଦ୍ଧରେ କୃତ୍ତିବାସ ପାତ୍ର ଏବଂ ସୋନପୁରରେ ନିରଞ୍ଜନ ପୂଜାରୀ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ କରିବେ। ଅନୁରୂପ ଭାବେ ବରଗଡ଼ରେ ସ୍ନେହାଙ୍ଗିନୀ ଛୁରିଆ ଓ ଦେବେଶ ଆଚାର୍ଯ୍ୟ, ସମ୍ବଲପୁରରେ ଡା. ରାସେଶ୍ୱରୀ ପାଣିଗ୍ରାହୀ ଓ ରୋହିତ ପୂଜାରୀ, ଦେବଗଡ଼ରେ ସଞ୍ଜୀବ ସାହୁ, ସୁନ୍ଦରଗଡ଼ରେ ମଙ୍ଗଳା କିଷାନ ଓ ପ୍ରଶାନ୍ତ ନନ୍ଦ, ଅନୁଗୋଳରେ ରଜନୀକାନ୍ତ ସିଂହ ଓ ବ୍ରଜକିଶୋର ପ୍ରଧାନ, ଢେଙ୍କାନାଳରେ ପ୍ରଫୁଲ୍ଲ ମଲ୍ଲିକ ଓ ସରୋଜ ସାମଲ, ବଲାଙ୍ଗୀରରେ ପଦ୍ମନାଭ ବେହେରା ଓ ଯୋଗେନ୍ଦ୍ର ବେହେରା, ନୂଆପଡ଼ାରେ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଓ ଲମ୍ବୋଦର ନିଆଲ, କଳାହାଣ୍ଡିରେ ବଳଭଦ୍ର ମାଝୀ, ବାଲେଶ୍ୱରରେ ଅନନ୍ତ ଦାସ, ଭଦ୍ରକରେ ପ୍ରଫୁଲ୍ଲ ସାମଲ, କେନ୍ଦୁଝରରେ ବଦ୍ରି ନାରାୟଣ ପାତ୍ର, ଝାରସୁଗୁଡ଼ାରେ କିଶୋର କୁମାର ମହାନ୍ତି, ଖୋର୍ଦ୍ଧାରେ ଅଶୋକ ଚନ୍ଦ୍ର ପଣ୍ଡା ଖବରଦାତାମାନଙ୍କୁ ସମ୍ବୋଧିତ କରିବେ। ଅପରପକ୍ଷରେ ଦଳର ଯୁବ ଭୋଟର ଏବଂ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କୁ ଦଳ ପ୍ରତି ଆକର୍ଷିତ କରିବା ପାଇଁ ଏକ ବିଜୁ ଆପ୍ କରାଯାଇଛି। ଏହା ଦ୍ୱାରା ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରାଯିବ ବୋଲି ସୂଚନା ମିଳିଛି।



ମଧ୍ୟପ୍ରଦେଶରେ କମଲନାଥ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ଶପଥ ଗ୍ରହଣର ୩ ଦିନ ମଧ୍ୟରେ ରାଜ୍ୟର ୨୪ ଜିଲାପାଳଙ୍କ ସମେତ ୪୮ ଆଇଏଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି।

**ସରକାର ଚାହିଁଲେ ଯାଞ୍ଚ କରିପାରିବେ ବ୍ୟକ୍ତିଗତ କମ୍ପ୍ୟୁଟର**




# ୫୦ ଲକ୍ଷ ବ୍ୟୟରେ ହେବ କରୁଣାକରଙ୍କ ସ୍ମାରକୀ

**ଝାରସୁଗୁଡ଼ା ଅଫିସ/କୋଲାବିରା (ଡି.ଏନ୍.ଏ.), ୨୧।୧୨**

ସ୍ୱାଧୀନତା ସଂଗ୍ରାମର ଦୁର୍ଦ୍ଧର୍ଷ ଯୋଦ୍ଧା ଶହୀଦ କରୁଣାକର ସିଂହ ନାଏକଙ୍କ ସ୍ମୃତିରକ୍ଷା ପାଇଁ ଏକ ସ୍ମାରକୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେଥିପାଇଁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ବୋଲି ଶୁକ୍ରବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାସହ ରାଜ୍ୟସ୍ତରରେ ତାଙ୍କର ସ୍ମୃତି ଦିବସ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶହୀଦ କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସର ସ୍ମୃତିଚାରଣ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲା କୋଲାବିରାଠାରେ ଶୁକ୍ରବାର ପାଳନ ହୋଇଥିଲା 'ଆତ୍ମୋତ୍ସର୍ଗ ଦିବସ'। ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜର ମିଳିତ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ସେ ଖୁସି ଅନୁଭବ କରୁଥିବା କହିବା ସହ ଗୋଣ୍ଡ ଜାତିକୁ ବୀର ଓ ସଂଗ୍ରାମୀ ଜାତି ବୋଲି ଅଭିହତ କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଶହୀଦ କରୁଣାକର ଇଂରେଜ ଶାସକଙ୍କ ବିରୋଧରେ କରିଥିବା ସଶସ୍ତ୍ର ସଂଗ୍ରାମ ଏକ ଗୌରବମୟ ଅଧ୍ୟାୟ ବୋଲି ସେ କହିବା ସହ ଉପରୋକ୍ତ ଘୋଷଣା କରିଥିଲେ।



'ଆତ୍ମୋତ୍ସର୍ଗ ଦିବସ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**
- ରାଜ୍ୟସ୍ତରରେ ପାଳନ ହେବ ସ୍ମୃତିଦିବସ

କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ଉଦ୍‌ବୋଧନ ଦେଇଥିଲେ।

ଅନ୍ୟତମ ଅତିଥି ଭାବେ ବୀର ଅମରେନ୍ଦ୍ର ପ୍ରତାପ ସିଂହ, ବରଗଡ଼ ଏମ୍‌ପି ଡା. ପ୍ରଭାସ ସିଂ, ପୂର୍ବତନ ଏମ୍‌ପି ରବିନାରାୟଣ ପାଣି, ପୂର୍ବତନ ବିଧାୟକ ଅନୁପ ସାଏ, ସମ୍ମିଳିତ ଆଦିବାସୀ ସମାଜର ସଭାପତି ବୁନ୍ଦେ ଧୁରୁଆ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ଓଡ଼ିଶା ପ୍ରଦେଶ ସଭାପତି ମହେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେଜଣଙ୍କୁ ସମ୍ବର୍ଦ୍ଧିତ କରିବା ସହ କୋଲାବିରା ଜମିଦାର ଦାୟାଦଙ୍କୁ ସମ୍ମାନିତ କରିଥିଲେ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ କୋଲାବିରାରେ ୪୫୦.୦୨ କୋଟି ଟଙ୍କାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ରୋଡ, ବ୍ରିଜ୍, ଉଠାଜଳସେଚନ ପ୍ରକଳ୍ପ, ଦୁଇଟି ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ। ସେହିପରି ୧୧.୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

## ■ ୩୩ ପ୍ରତିଶତ ମହିଳା ସଂରକ୍ଷଣ ପ୍ରସ୍ତାବ

# ଡିଏମ୍‌କେ, ଏଆଇଏଡିଏମ୍‌କେ, ଜେଏମ୍‌ଏମ୍‌କୁ ଭେଟିଲା ବିଜେଡି

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସ୍ତାବ ସପକ୍ଷରେ ବିଜେଡି ପକ୍ଷରୁ ଶୁକ୍ରବାର ତାମିଲନାଡୁର ଦୁଇ ପ୍ରମୁଖ ଆଞ୍ଚଳିକ ଦଳ ଡିଏମ୍‌କେ ଓ ଏଆଇଏଡିଏମ୍‌କେର ସହଯୋଗ ଲୋଡାଯାଇଛି। ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର ତାମିଲନାଡୁ ଗସ୍ତ କରି ଉଭୟ ଦଳର ନେତୃବୃନ୍ଦଙ୍କୁ ଭେଟିଛନ୍ତି। ବିଜେଡି ପକ୍ଷରୁ ଉଭୟଙ୍କ ନୀତିଗତ ସମର୍ଥନ ଲୋଡ଼ି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ଲେଖିଥିବା ଅନୁରୋଧ ପତ୍ରକୁ ହସ୍ତାନ୍ତର କରାଯାଇଛି। ଡିଏମକେ ଦଳର ଉପମୁଖ୍ୟ ତଥା ତାମିଲନାଡୁ ବିଧାନସଭା ପିଏସିର ଅଧ୍ୟକ୍ଷ ଦୁରାଇ ମୁରୁଗାନ୍ ଓ ଏଆଇଏଡିଏମ୍‌କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇଡାପାଡୀ କେ. ପଲାନିସ୍ୱାମୀଙ୍କୁ ଭେଟି ବିଜେଡି ନେତା ଦେବୀ ମିଶ୍ର ବିଶଦ ଆଲୋଚନା କରିଥିବା ଜଣାପଡିଛି।

ସାକ୍ଷାତ ସମୟରେ ମୁରୁଗାନ୍ କରୁଣାନିଧିଙ୍କ ସହ ବିଜୁବାବୁଙ୍କ ଥିବା ଘନିଷ୍ଠ ସମ୍ପର୍କର ସ୍ମୃତିଚାରଣ କରିଥିଲେ। ସେ କହିଥିଲେ ଯେ, ବିଜୁବାବୁ ୧୯୯୧ରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗୁ କରିଥିଲେ। ଏହାପରେ ତାଙ୍କର ସେହି ପଦକ୍ଷେପକୁ ଅନୁସରଣ କରି ୧୯୯୬ରେ ତାମିଲନାଡୁରେ ଏହା କାର୍ଯ୍ୟକାରୀ କରାଯାଇଥିଲା। ସେହିପରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ପଲାନିସ୍ୱାମୀ କହିଛନ୍ତି ଯେ, ଜୟଲଳିତାଙ୍କ ସହିତ ବିଜୁବାବୁ ଏବଂ ନବୀନବାବୁଙ୍କ ସମ୍ପର୍କ ଘନିଷ୍ଠ । ନବୀନବାବୁ ୨୦୧୧ରେ ଓଡ଼ିଶାର ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଲାଗୁ କରିଥିବା ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପ୍ରଚଳନ କରିଥିଲେ। ଏହାକୁ ଅନୁସରଣ କରି ତାମିଲନାଡୁ ସରକାର ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ନିୟମ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛି। ପାର୍ଲାମେଣ୍ଟ ଓ ବିଧାନସଭାଗୁଡିକରେ ୩୩% ସ୍ଥାନ ସଂରକ୍ଷଣ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ପଲାନିସ୍ୱାମୀ କହିଛନ୍ତି।

ସେହିପରି ରାଜ୍ୟସଭା ସଦସ୍ୟ ତଥା ଅଭିନେତା ଅନୁଭବ ମହାନ୍ତି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତା ତଥା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍‌ଙ୍କୁ ଶୁକ୍ରବାର ଦିଲ୍ଲୀରେ ଭେଟିଛନ୍ତି। ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଲାଗି ନୀତିଗତ ସମର୍ଥନ ଲୋଡ଼ି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ପତ୍ରକୁ ଅନୁଭବ ସୋରେନ୍‌ଙ୍କ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ସେ ସକାରାତ୍ମକ ମତ ରଖିବା ସହ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ସ୍ୱାଗତ ଓ ପ୍ରଶଂସା କରିଛନ୍ତି।



ଜେଏମ୍‌ଏମ୍ ନେତା ଶିବୁ ସୋରେନଙ୍କୁ ବିଜେଡି ଏମ୍‌ପି ଅନୁଭବ ମହାନ୍ତି ପ୍ରସ୍ତାବପତ୍ର ପ୍ରଦାନ କରୁଛନ୍ତି।

- ତାମିଲନାଡୁରେ ସାକ୍ଷାତକଲେ ଦେବୀ
- ଶିବୁ ସୋରେନ୍‌ଙ୍କୁ ଭେଟିଲେ ଅନୁଭବ

# ଖୁବ୍‌ଶୀଘ୍ର ସିଏନ୍‌ଜି ବସ୍: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରେ ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡର ବିଭିନ୍ନ ଡିଜିଟାଲ ଗ୍ରାହକ ଇନିସିଏଟିଭଗୁଡିକର ଶୁଭାରମ୍ଭ କରିଛନ୍ତି । ଏଗୁଡିକ ମଧ୍ୟରେ ସିଏନ୍‌ଜି କ୍ୟୁ ମ୍ୟାନେଜମେଣ୍ଟ ସିଷ୍ଟମ (କ୍ୟୁଏମ୍‌ଏସ୍) ଏବଂ ସୋସିଆଲ ସିଆର୍‌ଏମ୍ ସାମିଲ ରହିଛି । ଏହାଦ୍ୱାରା ଗ୍ରାହକମାନେ ଲାଭାନ୍ୱିତ ହେବେ ବୋଲି ଧର୍ମେନ୍ଦ୍ର ମତ ରଖିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତର ପ୍ରଦୂଷଣସ୍ତରକୁ କମ୍ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଗ୍ରୀନ୍ କରିଡରର ଖୁବ୍‌ଶୀଘ୍ର ଶୁଭାରମ୍ଭ କରାଯିବ। ଟାଇପ-୪ ସିଲିଣ୍ଡର ବିଶିଷ୍ଟ ସିଏନ୍‌ଜି ବସ୍ ଆଗାମୀ ଫେବୃୟାରୀ ସୁଦ୍ଧା ଦିଲ୍ଲୀ-ଚଣ୍ଡିଗଡ, ଦିଲ୍ଲୀ- ଆଗ୍ରା, ଦିଲ୍ଲୀ-ହରିଦ୍ୱାର ଓ ଦିଲ୍ଲୀ- ଜୟପୁର ମାର୍ଗରେ ଚାଲିବ ।

# ଗୃହ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ

**କଟକ ଅଫିସ, ୨୧।୧୨:** ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟିପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହା ଉପରେ ଆଡଭୋକେଟ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ପଶ୍ଚିମ ଓଡ଼ିଶାରେ ବନ୍ଦଜନିତ ସ୍ଥିତି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିଲେ। ତଦନୁଯାୟୀ ଶୁକ୍ରବାର ରାଜ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ଅସିତ୍ ତ୍ରିପାଠୀ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଗୃହ ବିଭାଗର ସତ୍ୟପାଠ ଦାଖଲ ପରେ ଆବେଦନକାରୀ ଆଡଭୋକେଟ ମହାନ୍ତି ମଧ୍ୟ ଏହି ଘଟଣା ଉପରେ ଆଉ ଏକ ସତ୍ୟପାଠ ଦାଖଲ କରିଛନ୍ତି। ନିଜ ସତ୍ୟପାଠରେ ଆବେଦନକାରୀ ମହାନ୍ତି କୋର୍ଟକୁ ଗତ ୧୯ ତାରିଖରେ ସମ୍ବଲପୁରରେ ଘଟିଥିବା ମାଧ୍ୟମିକ ଶିକ୍ଷା ପରିଷଦ ଶାଖା ଅଫିସ ପୋଡ଼ିକୁ ଦର୍ଶାଇଛନ୍ତି। ଜାନୁୟାରୀ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

**ପଶ୍ଚିମ ଓଡିଶା ବନ୍ଦ ଘଟଣା**










ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ବିରୋଧରେ ଶୁକ୍ରବାର ହାଇଦ୍ରାବାଦସ୍ଥିତ ଏକ କୋର୍ଟରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ଏଆଇଏମ୍‌ଆଇଏମ୍ ପକ୍ଷରୁ ଦିଗ୍‌ବିଜୟଙ୍କ ବିରୋଧରେ ଏକ ମାନହାନି ମାମଲା ରୁଜୁ କରାଯାଇଥିଲା। ସେ ଅଷ୍ଟମ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ହାଜର ନ ହେବାରୁ ବିଚାରପତି ପଦ୍ମାବତୀ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଛନ୍ତି।



# ‘ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ପାଳନ ନ ହେଲେ ଆନ୍ଦୋଳନ’

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)



ନିରଞ୍ଜନ ପଟ୍ଟନାୟକ

ରାଜ୍ୟ ସରକାର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ ନ କଲେ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ। କୃଷକମାନଙ୍କ ଦୟନୀୟ ଅବସ୍ଥା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଦାୟୀ। ଉପା ସରକାର ସମୟରେ ଦୁଇଥର କୃଷି ଋଣ ଛାଡ କରାଯାଇଥିଲା। ଯଦି କଂଗ୍ରେସ ରାଜ୍ୟରେ ସରକାରକୁ ଆସେ ତେବେ କୃଷିଋଣ ଛାଡ କରିବା ସହ ଚାଷୀଙ୍କୁ ସୋଲାର ପମ୍ପସେଟ୍ ପ୍ରଦାନ କରିବ। ଏହାସହ ୫ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ନିକଟରେ ୩ ରାଜ୍ୟରେ କଂଗ୍ରେସ ସରକାରକୁ ଆସିବାପରେ କୃଷିଋଣ ଛାଡ କରିଛି। ପଡୋଶୀ ଛତିଶଗଡ ସରକାର ଏମ୍‌ଏସ୍‌ପି ୨୫୦୦ଟଙ୍କାକୁ ବୃଦ୍ଧି କରିଛନ୍ତି। ଯଦି ଆମ ପଡୋଶୀ ସରକାର ଚାଷୀଙ୍କ ପାଇଁ ଏଭଳି ପଦକ୍ଷେପ ନେଇପାରୁଛନ୍ତି, ତେବେ ରାଜ୍ୟ ସରକାରଙ୍କ କ'ଣ ଅସୁବିଧା ରହିଛି ତା'ର ଉତ୍ତର ରଖନ୍ତୁ ବୋଲି ନିରଞ୍ଜନ କହିଛନ୍ତି। ରାଜ୍ୟ ସରକାର ବୋନସ୍ ଦେବାରେ ଅସୁବିଧା କ'ଣ ରହିଛି। ବିଧାନସଭା ଗୃହ କମିଟିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା କରିବାକୁ ସର୍ବସମ୍ମତିକ୍ରମେ ମଞ୍ଜୁର ହେଲା। ତେବେ ରାଜ୍ୟ ସରକାର କାହିଁକି ଚାଷୀଙ୍କୁ ଏମ୍‌ଏସ୍‌ପି ୨୯୩୦ଟଙ୍କା ପ୍ରଦାନ କରୁନାହାନ୍ତି। ୩ ରାଜ୍ୟରେ ଭାଜପା ପରାଜିତ ହେବାପରେ ସ୍ୱାମୀନାଥନ କମିଟି ସୁପାରିସକୁ ପାଳନ ନ କରିବା ପରାଜୟର ମୁଖ୍ୟ କାରଣ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ସେ ନିଜେ ରାଜ୍ୟରେ କାହିଁକି ସ୍ୱାମୀନାଥନ କମିଟି ସୁପାରିସ ଲାଗୁ କରିନାହାନ୍ତି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏହାସହ ରାଜ୍ୟ ସରକାର ୨୦୧୪ ନିର୍ବାଚନୀ ଇସ୍ତାହାରରେ ବର୍ଷକୁ ଲକ୍ଷେ ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର ଏହାକୁ ପାଳନ ନ କଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ଏହାସହ ଆସନ୍ତା ୨୬ରେ ପ୍ରତି ପଞ୍ଚାୟତସ୍ତରରେ କଂଗ୍ରେସ କଳାଦିବସ ପାଳନ କରିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ଧାନର ଅଭାବୀ ବିକ୍ରି ସମ୍ପର୍କରେ ସେ କହିଛନ୍ତି ଯେ, ରାଜ୍ୟରେ ମଣ୍ଡି ନ ଖୋଲିବା କାରଣରୁ ଚାଷୀମାନେ ୭ଶହରୁ ୮ଶହ ଟଙ୍କାରେ ଛତିଶଗଡ ସୀମାନ୍ତରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି।

# ‘ଋଣଛାଡ଼ ଅର୍ଥନୀତିକୁ ଦେବାଳିଆ କରିବ’

ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

କୃଷିଋଣ ଛାଡ଼ ନେଇ ଚିତ୍କାର କରୁଥିବା କଂଗ୍ରେସ ଓ ଭାଜପାକୁ ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି। କୃଷିଋଣ ଛାଡ଼ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସର କୃଷିଋଣ ଛାଡ଼ ଘୋଷଣା ଏକ ହାସ୍ୟାସ୍ପଦ। ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଥିବା କଂଗ୍ରେସ ସରକାର ରାଜ୍ୟ ରାଜକୋଷକୁ ଦେବାଳିଆ କରିଦେଇଥିଲା। ଏ କଥା ସମସ୍ତେ ଜାଣିଛନ୍ତି। କର୍ମଚାରୀମାନେ ଦରମା ପାଉ ନ ଥିବା ବେଳେ ଭିତ୍ତିଭୂମି ନିର୍ମାଣ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ମାତ୍ର କାଳିଆ ଯୋଜନା ଚାଷୀମାନଙ୍କ ପାଇଁ ଏକ ପ୍ରଗତିଶୀଳ ଯୋଜନା। ଗରିବ ଲୋକଙ୍କୁ ଏହା ଫାଇଦା ଦେବ। ରାଜ୍ୟ ଭାଜପାର କୃଷିଋଣ ଛାଡ଼ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଭାଜପା କହେ ଅଧିକ, କରେ କମ୍। ୨୦୧୪ ନିର୍ବାଚନ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବାକୁ ଭାଜପା ଘୋଷଣା କରିଥିଲା। ମାତ୍ର ତାହା କ'ଣ ହେଲା ଆପଣମାନେ ଜାଣିଛନ୍ତି। ଭାଜପା ଓ କଂଗ୍ରେସ ଋଣ ଛାଡ଼ ଘୋଷଣା କରି ଦେଶ ତଥା ରାଜ୍ୟର ଅର୍ଥନୀତିକୁ ଦେବାଳିଆ କରିଛନ୍ତି। ଚାଷୀଙ୍କୁ ବୋନସ ଦେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତାହା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିବାକୁ ଦାବି କରିଆସିଛୁ। ସ୍ୱାମୀନାଥନ କମିଟି ଦେଇଥିବା ସୁପାରିସ୍ କାର୍ଯ୍ୟକାରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ କେନ୍ଦ୍ର ସରକାର ଅନୁଧ୍ୟାନ କରୁଛନ୍ତି।

## ଭାଜପା କହେ ଅଧିକ, କରେ କମ୍

# କାଳିଆ ଯୋଜନାକୁ ଭାଜପାର ସମାଲୋଚନା

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)



ସମୀର ମହାନ୍ତି

୧୯ବର୍ଷ ବିଜେଡି ଶାସନ କରିବା ପରେ ବର୍ତ୍ତମାନ ଚାଷୀ ପୀଡାଗ୍ରସ୍ତ । ଶାସକ ବିଜେଡି ଅନେକ ଯୋଜନା ଘୋଷଣା କରି ଶେଷରେ ପ୍ରତାରଣା କରିଛି । ରାଜ୍ୟରେ ଚାଷୀ ଚାହିଁ ବସିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷିଋଣ ଛାଡ ଘୋଷଣା କରିବେ । ହେଲେ ମୁଖ୍ୟମନ୍ତ୍ରୀ ପୁଣି ବୁଲାଇ ବଙ୍କାଇ ଚାଷୀଙ୍କୁ ଠକିଛନ୍ତି ବୋଲି ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ।

ଦଳୀୟ ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଅନେକ ରାଜ୍ୟ ଏବେ କୃଷିଋଣ ଛାଡ କରିସାରିଛନ୍ତି। ଓଡିଶାରେ ରାଜ୍ୟ ସରକାର କାହିଁକି କୃଷି ଋଣ ଛାଡ କରୁନାହାନ୍ତି। ଯଦି କୃଷକମାନଙ୍କ ପାଇଁ ଏତେ ଦରଦ ତେବେ ଲଲିପପ୍ ଦେଖାଇବା ବନ୍ଦ କରି ସରକାର ତୁରନ୍ତ କୃଷିଋଣ ଛାଡ କରନ୍ତୁ। ଠିକ୍ ନିର୍ବାଚନ ପୂର୍ବରୁ ବିନା ବଜେଟ ବ୍ୟବସ୍ଥାରେ, ଭାଗଚାଷୀ ଗଣନା ନ କରି କାଳିଆ ଯୋଜନା କରି ମୁଖ୍ୟମନ୍ତ୍ରୀ ପୁଣିଥରେ ରାଜ୍ୟର ସବୁ ଚାଷୀଙ୍କୁ ଠକିଛନ୍ତି। ନିର୍ବାଚନକୁ ୪ମାସରୁ କମ ସମୟ ଥିବାବେଳେ କାଳିଆ ଯୋଜନାର କିଛି ମାନେନାହିଁ। ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ୨୫ ଲକ୍ଷ ଚାଷୀଙ୍କ ହିସାବ ଥିଲା ତାହା କ'ଣ ସତ ? ଏବେ ୬୦ଲକ୍ଷ ଚାଷୀ ପରିବାର ଥିବା କଥା କହିଛନ୍ତି । ସରକାରଙ୍କ କେଉଁ କଥାଟି ସତ ବୋଲି ସମୀର ପ୍ରଶ୍ନ କରିଛନ୍ତି।

# ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେଇନାହିଁ: ବୈଜୟନ୍ତ

କଟକ ଅଫିସ, ୨୧।୧୨

ଆସନ୍ତା ୨୪ ତାରିଖରେ ଖୋର୍ଦ୍ଧାରେ ହେବାକୁ ଥିବା ଭାଜପାର ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ଏହି ଅବସରରେ ବିଜେଡିରୁ ନିଲମ୍ବିତ ହୋଇଥିବା ପୂର୍ବତନ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଚାଲିଛି। ହେଲେ ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେଇନାହିଁ ବୋଲି ବୈଜୟନ୍ତ କହିଛନ୍ତି। ଗୋପାଳପୁର ସାଇ ମନ୍ଦିର ଖେଳପଡିଆରେ ଶୁକ୍ରବାର ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ଅବସରରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ହେଲେ ରାଜ୍ୟରେ ଲୋକେ ପରିବର୍ତ୍ତନ ଚାହୁଁଥିବା ସେ କହିବା ସହ ହକି ବିଶ୍ୱକପ ଆୟୋଜନ ନେଇ ଭିନ୍ନମତ ଦେଇଛନ୍ତି। ସେ କହିଛନ୍ତି ଯେ, କୋଟି କୋଟି ଟଙ୍କା ଖର୍ଚ୍ଚରେ ରାଜ୍ୟରେ ଅଲିମ୍ପିକ୍ସର ଉନ୍ନତି ପାଇଁ କିଛି କରିହୋଇପାରିଥାନ୍ତା। କାର୍ଯ୍ୟକ୍ରମରେ ବୈଜୟନ୍ତଙ୍କ ସହ କଟକ ସଦର ଭାଜପା ନେତା ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ। ପରିବର୍ତ୍ତନ ପ୍ରସଙ୍ଗରେ ବିଜେଡି ନେତା ସୁବାସ ସିଂ କହିଛନ୍ତି, ତାହାର ଅର୍ଥ କେନ୍ଦ୍ରାପଡ଼ାରେ ଲୋକେ ବୈଜୟନ୍ତଙ୍କୁ ପରିବର୍ତ୍ତନ କରିବାକୁ ଚାହୁଁଥିଲେ। ବିଜେଡି ଓ ନବୀନଙ୍କ ବିନା ବୈଜୟନ୍ତ ଏବେ ବେସାହାରା।

## ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ଖାଲିପଡ଼ିବା ମାମଲା

# ସତ୍ୟପାଠ ଦାଖଲ କଲେ ସରକାର

**କଟକ ଅଫିସ, ୨୧।୧୨:** ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ସରକାରଙ୍କ ପକ୍ଷରୁ ଶୁକ୍ରବାର ସତ୍ୟପାଠ ଆକାରରେ ଜବାବ ଦାଖଲ କରାଯାଇଛି। ଚୟନ କମିଟି ବୈଠକରେ ଅଧ୍ୟକ୍ଷଙ୍କ ନାମ ଚୟନ କରାଯାଇଛି। କେବଳ ରାଜ୍ୟପାଳଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି ବୋଲି ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେଉଛି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୧କୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

# ଜାନୁୟାରୀ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ

**ରାଜନଗର, ୨୧।୧୨ (ଡିଏନଏ):** ଆସନ୍ତା ଜାନୁୟାରୀ ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିବ। ଏହି ସମୟ ମଧ୍ୟରେ ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଛି। ଏହି ୯ ଦିନ ମଧ୍ୟରେ ଉଭୟ ବିଦେଶାଗତ ପକ୍ଷୀ ଏବଂ ବଉଳା କୁମ୍ଭୀରମାନଙ୍କ ଗଣନା କରାଯିବ। ପ୍ରତିବର୍ଷ ହଜାର ହଜାର ବିଦେଶାଗତ ପକ୍ଷୀ ସୁଦୂର ରୁଷିଆ, ଆଫଗାନିସ୍ତାନ, କାଜାକସ୍ତାନ, ସାଇବେରିଆ, ମଙ୍ଗୋଲିଆ ପ୍ରଭୃତି ଦେଶଗୁଡିକରୁ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ଭିତରକନିକାରେ ଭିଡ ଜମାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜନଗର ବନ ବିଭାଗ ପକ୍ଷରୁ ଭିତରକନିକା ଜାତୀୟ ଉଦ୍ୟାନ ସମେତ ସାତଭାୟାର ବିସ୍ତୀର୍ଣ୍ଣ ଜଳାଶୟ, ରାଇପାଟିଆ, ମଠଆଡିଆ, ଗୁପ୍ତିଘାଟ, ହଂସିଣା ଘାଟ ଏବଂ ବଡିଘରର ଆର୍ଦ୍ରଭୂମିରେ ପକ୍ଷୀଗଣନା କରାଯିବ। ଏହି ଗଣନାରେ ୧୨ଟି ଟିମ୍ ସାମିଲ ହେବାର ଅଛି। ରାଜ୍ୟର ବିଶିଷ୍ଟ ପକ୍ଷୀ ବିଶାରଦମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।




ସେହିପରି ଭିତରକନିକା ଜାତୀୟଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ଆବାହମାନ କାଳରୁ ବସବାସ କରୁଥିବା ବଉଳାକୁମ୍ଭୀରମାନଙ୍କର ଗଣନା କାର୍ଯ୍ୟ ମଧ୍ୟ ଏହି ସମୟ ମଧ୍ୟରେ କରାଯିବ। ଓଡିଶାର ବିଶିଷ୍ଟ ବଉଳାକୁମ୍ଭୀର ବିଶାରଦ ଡ. ସୁଧାକର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ଟି ଟିମ୍ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ସଞ୍ଜ ନଇଁ ଆସିବା ଏବଂ ସିନ୍ଦୂରା ଫାଟିବା ପୂର୍ବରୁ କୁମ୍ଭୀରମାନଙ୍କର ଗଣନା କାର୍ଯ୍ୟ ପୂର୍ବଭଳି କରାଯିବ। ଜୁଆର ଛାଡିବା ପରେ ହିଁ ଗଣନା କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଜାନୁୟାରୀ ୫ ତାରିଖ ଦିନ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ହେନ୍ତାଳ ଓ ବନୀ ଭବନରେ ପକ୍ଷୀ ଏବଂ କୁମ୍ଭୀର ଗଣନାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି।



ଧରିତ୍ରୀ
DHARITRI
ଶନିବାର, ୨୨ ଡିସେମ୍ବର, ୨୦୧୮

ଚିର ଅବିଶ୍ୱାସୀ ଏଇ ମଣିଷ। ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ। ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପଥ ବିପଥରେ। ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର। ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ।

-ଶ୍ରୀଅରବିନ୍ଦ



# ଡିଜିପି ନିଯୁକ୍ତି ପ୍ରସଙ୍ଗ

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ମାନଙ୍କ ଚୟନରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)ର ସମ୍ପୃକ୍ତି ନେଇ ଗତ ଜୁଲାଇ ମାସରେ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଥିଲେ ତାହାର ପୁନର୍ବିଚାର କରିବାକୁ ରାଜି ହୋଇଛନ୍ତି। ଜୁଲାଇ ୩ ତାରିଖର ଆଦେଶନାମାରେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ, ପ୍ରତି ରାଜ୍ୟରେ ପୋଲିସ ସଂସ୍କାରକୁ କାର୍ଯ୍ୟକାରୀ କରାଯିବ ଏବଂ ଡିଜିପି ଚୟନରେ ଏକ ନିର୍ଦ୍ଦିଷ୍ଟ ବିଧି ଅନୁସରଣ କରାଯିବ। ପ୍ରତ୍ୟେକ ରାଜ୍ୟ କାର୍ଯ୍ୟରତ ଡିଜିପିଙ୍କ ଅବସରର ଅନ୍ତତଃ ତିନିମାସ ପୂର୍ବରୁ ୟୁପିଏସ୍‌ସି ପାଖକୁ ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କର ଏକ ତାଲିକା ପଠାଇବେ। କମିଶନ ଏହି ତାଲିକା ଭିତରୁ ଏକ ପ୍ୟାନେଲ ପ୍ରସ୍ତୁତ କରି ରାଜ୍ୟକୁ ପଠାଇବେ ଏବଂ ରାଜ୍ୟ ସରକାର ସେହି ପ୍ୟାନେଲରୁ ଜଣଙ୍କୁ ସଙ୍ଗେ ସଙ୍ଗେ ଡିଜିପି ଭାବେ ନିଯୁକ୍ତି ଦେବେ। କିନ୍ତୁ ବିହାର, ପଶ୍ଚିମବଙ୍ଗ ଓ ପଞ୍ଜାବ ସରକାରଙ୍କ ଆବେଦନକ୍ରମେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଆଦେଶନାମା ଉପରେ ପୁନର୍ବିଚାର କରି କିଛି ସଂଶୋଧନ କରିବାକୁ ରାଜି ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକର ଯୁକ୍ତି ହେଉଛି ଯେ, ସୁପ୍ରିମ୍‌କୋର୍ଟ ତାଙ୍କ ଆଦେଶନାମାର ସଂଶୋଧନ କରିବା ଉଚିତ, କାରଣ ଡିଜିପି ନିଯୁକ୍ତି ପ୍ରସଙ୍ଗରେ ରାଜ୍ୟରେ ନିର୍ଦ୍ଦିଷ୍ଟ ଆଇନ ରହିଛି। ତେଣୁ ସୁପ୍ରିମ୍‌କୋର୍ଟ ଆଉ କୌଣସି ନୂଆ ନିୟମ ଜାରି କରିବାର ଆବଶ୍ୟକତା ନାହିଁ।

## ବଜେଟ ପ୍ରସ୍ତୁତି

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଫେବୃୟାରୀ ପହିଲାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଥିବାର ସୂଚନା ମିଳିଛି। ଏହି ବଜେଟ ହେବ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାରଙ୍କ ଶେଷ ବଜେଟ। ପରମ୍ପରା ଅନୁସାରେ ଏକ ସରକାର ତାଙ୍କର ପାଞ୍ଚଟି ବଜେଟର କୋଟା ପୂରଣ ହେବା ପରେ ଲେଖାନୁଦାନ ଉପସ୍ଥାପନ କରିଥାନ୍ତି ଏବଂ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ସମୟରେ ଆବଶ୍ୟକ ଖର୍ଚ୍ଚ କରିବା ଲାଗି ପାର୍ଲାମେଣ୍ଟର ଅନୁମୋଦନ ଲୋଡ଼ିଥାନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସରକାରଙ୍କ ଆଗୁଆ ଓ ପୂର୍ଣ୍ଣାଙ୍ଗ ବଜେଟ ନିଷ୍ପତ୍ତିରୁ ଜଣାପଡୁଛି ଯେ, ଏ ସରକାର ଆଗାମୀ ନିର୍ବାଚନରେ ଜିତି ଦ୍ୱିତୀୟ ପାଳି ଆରମ୍ଭ କରିବା ଲାଗି ଏକପ୍ରକାର ନିଶ୍ଚିତ ଅଛି। ଯଦି ତାହା ହୋଇଥାଏ, ତେବେ ଏହା ପ୍ରଥମ ଥର ପାଇଁ ହେଉ ନାହିଁ। ପୂର୍ବରୁ ମଧ ଭାରତ ସରକାର ଫେବୃୟାରୀ ୨୮ ବଦଳରେ ଫେବୃୟାରୀ ୧ରେ ଆଗୁଆ ବଜେଟ ଉପସ୍ଥାପନ କରିଛନ୍ତି, ଯାହାଫଳରେ ମନ୍ତ୍ରଣାଳୟଗୁଡ଼ିକ ବଜେଟ୍ ଅନ୍ତର୍ଗତ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ଲାଗି ଯଥେଷ୍ଟ ସମୟ ପାଇପାରିବେ। ଅର୍ଥ ସଚିବ ହସମୁଖ ଆଧିଆ ଗତ ମାସରେ ଅବସର ନେବା ସମୟକୁ ନେଇ ମଧ ପର୍ଯ୍ୟବେକ୍ଷକ ମହଲରେ ଚର୍ଚ୍ଚା ହେଉଛି। ବଜେଟ ପ୍ରସ୍ତୁତି ଆରମ୍ଭ ହେବା ପରେ ସାଧାରଣତଃ ଅର୍ଥ ସଚିବଙ୍କ ନେତୃତ୍ୱାଧୀନ କୋର୍ ଟିମ୍‌କୁ ବଦାଇବା ଲାଗି ମନ୍ତ୍ରଣାଳୟ ଚାହେଁ ନାହିଁ। ତେଣୁ ବଜେଟର ଅଳ୍ପଦିନ ପୂର୍ବରୁ ଯଦି ଅର୍ଥ ସଚିବ ଅବସର ନେବାର ଥାଏ, ତେବେ ମନ୍ତ୍ରଣାଳୟ ସାଧାରଣତଃ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥାଏ। କିନ୍ତୁ ଏ କ୍ଷେତ୍ରରେ ଆଧିଆଙ୍କୁ ସମ୍ପ୍ରସାରଣ ଦିଆଗଲା ନାହିଁ। ତାଙ୍କ ସ୍ଥାନରେ ଅଜୟ ନାରାୟଣ ଝାଙ୍କୁ ନିଯୁକ୍ତି ଦିଆଗଲା, ଏବେ ଯାହାଙ୍କ ନେତୃତ୍ୱରେ ବଜେଟ ପ୍ରସ୍ତୁତି ହେବ।

## ପ୍ରତିଦିନ ନୂଆ ବିବାଦ

କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟରେ ବିବାଦ ଥମିବାର ନାଁ ଧରୁନାହିଁ। ଏବେ ପ୍ରସ୍ତାବିତ ଇକୋନମିକ୍ କ୍ୟାପିଟାଲ ଫ୍ରେମ୍‌ୱାର୍କ କମିଟିର ଅଧ୍ୟକ୍ଷ କିଏ ହେବ, ତାହାକୁ ନେଇ ବିବାଦର ସୂତ୍ରପାତ ହୋଇଛି। ଆର୍‌ବିଆଇର ଭବିଷ୍ୟତ ଲାଭ ଓ ଉଦ୍‌ବୃତ୍ତ ହସ୍ତାନ୍ତରରୁ କେତେ ପ୍ରତିଶତ ସରକାରଙ୍କୁ ଡିଭିଡେଣ୍ଡ ଆକାରରେ ଦିଆଯିବ, ତାହା ସ୍ଥିର କରିବା ଏହି କମିଟିର କାମ। ଆସନ୍ତାବର୍ଷ ଫେବୃୟାରୀ ଶେଷ ବା ମାର୍ଚ୍ଚ ପ୍ରାରମ୍ଭରେ କମିଟି ତା'ର ରିପୋର୍ଟ ଦାଖଲ କରିବ। ପ୍ରାପ୍ତ ସୂଚନା ଅନୁସାରେ, ସରକାର ପ୍ୟାନେଲ ମୁଖ୍ୟ ଭାବେ ନିଯୁକ୍ତି ଦେବା ଲାଗି ଆର୍‌ବିଆଇର ପୂର୍ବତନ ଗଭର୍ନର ବିମଲ ଜଲାନଙ୍କୁ ସମର୍ଥନ କରୁଥିବା ବେଳେ ବ୍ୟାଙ୍କ ଚାହୁଁଛି ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ରାକେଶ ମୋହନଙ୍କୁ ଅଧ୍ୟକ୍ଷ କରିବା ପାଇଁ। ଯାହା ଜଣାଯାଏ, ସରକାର ଚାହୁଁଛନ୍ତି କମିଟିରେ ଏପରି ସଦସ୍ୟ ରହନ୍ତୁ ଯେଉଁମାନେ ସରକାରଙ୍କ ମତକୁ ଉପସ୍ଥାପନ କରିବେ ଏବଂ ବ୍ୟାଙ୍କ ବି ଚାହୁଁଛି ଏପରି ସଦସ୍ୟ ରହନ୍ତୁ ଯେଉଁମାନେ ତାଙ୍କ ମତର ପ୍ରତିନିଧିତ୍ୱ କରିବେ। କମିଟିର ଯିଏ ଅଧ୍ୟକ୍ଷ ହେବେ ତାଙ୍କ ନିଷ୍ପତ୍ତି ସର୍ବଶେଷ ହୋଇଥିବାରୁ ତାଙ୍କ ନିଯୁକ୍ତିକୁ ନେଇ ଏହି ବିବାଦ ଦେଖାଦେଇଛି। ପୁନଶ୍ଚ କୁହାଯାଉଛି ଯେ, ପ୍ରସ୍ତାବିତ ପ୍ୟାନେଲର ସଦସ୍ୟ ନିଯୁକ୍ତି ସମ୍ପର୍କରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ନିଷ୍ପତ୍ତି ନେବେ।

Email: dilipcherian@gmail.com

# ସେଠି ବି ପାଠ ଅଛି

ମନ-ମାନଚିତ୍ର

ଡ. ନରହରି ବେହେରା

ଶିକ୍ଷାନୀତିରେ ଏବେ ବହୁ ପରିବର୍ତ୍ତନ ଘଟିଛି। ଆଗରୁ କାନ୍ଧରେ ବସ୍ତାନି ପକେଇ ଦୁଇ ତିନି କିଲୋମିଟର ବାଟ ଚାଲି ଚାଲି ସ୍କୁଲ ଯିବାକୁ ପଡୁଥିଲା। ଆଜି ସେ ବସ୍ତାନି ନାହିଁ। ପିଠିରେ ସୁନ୍ଦର ବ୍ୟାଗ୍ ଶୋଭା ପାଉଛି। ପିଲାମାନେ ଚାଲି ଚାଲି ଯାଉ ନାହାନ୍ତି, ଘରପାଖରୁ ବସ୍, ଅଟୋରିକ୍‌ସା ପ୍ରଭୃତି ସେମାନଙ୍କୁ ନେଇଯାଉଛି। ସକାଳେ ଅଭିଭାବକମାନେ ରାସ୍ତା ପାଖରେ ପିଲାମାନଙ୍କୁ ଧରି ସ୍କୁଲ ବସ୍‌କୁ ଅପେକ୍ଷା କରିବା ଏବେ ଏକ ସାଧାରଣ ଦୃଶ୍ୟ। ଏମିତି ବି ହେଉଛି, ପିଲାଙ୍କୁ ନାମୀଦାମୀ ପବ୍ଲିକ୍ ସ୍କୁଲରେ ପଢ଼ାଇବା ପାଇଁ ଅନେକେ ଗାଁ ଛାଡ଼ି ସହରରେ ଘରଭଡ଼ା ନେଇ ରହୁଛନ୍ତି। ତେଣୁ ଅନେକ ପବ୍ଲିକ୍ ସ୍କୁଲ ମୁଣ୍ଡ ଟେକିଥିଲେ ବି ସିଟ୍‌ଟିଏ ନ ପାଇ ଅନେକ ଅଭିଭାବକ ମନସ୍ତାପ କରୁଛନ୍ତି। ଏଣେ ସରକାରୀ ବିଦ୍ୟାଳୟଗୁଡ଼ିକ ଫାଙ୍କା ପଡ଼ିଛି। ମାଗଣା ପୋଷାକ, ମାଗଣା ବହି, ମଧ୍ୟାହ୍ନଭୋଜନ, ଫ୍ରି ଟ୍ୟୁଶନ ଫି ପରି ଯେତେ ଯାହା ଦେଲେ ବି ଅଭିଭାବକମାନେ ମୁହଁ ବୁଲାଇ ଚାହୁଁ ନାହାନ୍ତି। ସବୁ ପାଠ ଅପେକ୍ଷା ଇଂଲିଶ ପାଠର ପଲା ସବୁଠୁ ଭାରି। ଏହି ଭାଷାରେ ପୋଖତ ନ ହେଲେ ଆମ ପିଲାମାନେ ପଛରେ ପଡ଼ିଯିବେ। ଏହି ଆଶଙ୍କାରେ ମା'ବାପାମାନେ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ାଇବାକୁ ଅନିଚ୍ଛୁକ। ପୂର୍ବରୁ ସହରଗୁଡ଼ିକରେ ଏହା ଦେଖିବାକୁ ମିଳୁଥିଲା, ମାତ୍ର ଏବେ ଗାଁକୁ ମଧ୍ୟ ଏହା ବ୍ୟାପିଲାଣି।

ଆମର ଏହି ଦୁର୍ବଳ ମାନସିକତାକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି ଉତ୍ତରାଖଣ୍ଡର ନୀତିନ ଭାଦୁରିଆ ଓ ତାଙ୍କ ପତ୍ନୀ ସ୍ୱାତୀ ଶ୍ରୀବାସ୍ତବ। ନୀତିନ ଆଲମରା ଜିଲାର ଏବଂ ସ୍ୱାତୀ ଚାମୋଲି ଜିଲାର ଜିଲାପାଳ ଅଛନ୍ତି। ସେମାନେ ତାଙ୍କର ଏକମାତ୍ର ପୁଅକୁ ବ୍ୟୟବହୁଳ ବେସରକାରୀ କିମ୍ବା ପ୍ଲେ ସ୍କୁଲରେ ନ ପଢ଼ାଇ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ କଥାଟି ସାଧାରଣ ପରି ମନେହେଲେ ମଧ୍ୟ ବାସ୍ତବରେ ଖୁବ୍ ଅସାଧାରଣ। ଆଜିକାଲି ବହୁ ଶିକ୍ଷୟିତ୍ରୀଶିକ୍ଷକ ସରକାରୀ ଶିକ୍ଷାନୁଷ୍ଠାନ ଉପରୁ ଆସ୍ଥା ହରାଇ ବେସରକାରୀ ଶିକ୍ଷାନୁଷ୍ଠାନମୁହାଁ ହେଉଥିବାବେଳେ ଜିଲାପାଳଦ୍ୱୟଙ୍କର ଏ ପଦକ୍ଷେପ ଆମ ମାନସିକତା ପ୍ରତି ଏକ ଚପେଟାଘାତ ପରି ମନେହୁଏ। ସେମାନଙ୍କର ଏପରି ପଦକ୍ଷେପ ଆମକୁ ଚେତେଇ ଦିଏ, ଆମେ ଯାହାକୁ ଅତି ସାଧାରଣ ଶିକ୍ଷାନୁଷ୍ଠାନ ବୋଲି ପଛ କରି ଦେଉଛୁ ସେଠି ବି ପାଠ ଅଛି। ମଣିଷ ହେବାର ଉପାଦାନ ଅଛି।

ଆମେ ଜାଣୁ ପ୍ରତ୍ୟେକ ରାଜ୍ୟର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଶିକ୍ଷା ଆଇନ ଅଛି। ଶିକ୍ଷାନୁଷ୍ଠାନର ଶିକ୍ଷକ ଚୟନଠାରୁ ଆରମ୍ଭକରି ସବୁକିଛି ଏହି ଆଇନରେ ଚାଲେ। ଶିକ୍ଷାବିତ୍‌ମାନେ ପାଠ୍ୟଖସଡ଼ା, ନିୟମାବଳୀ ପ୍ରସ୍ତୁତ କରିଥାନ୍ତି। ମାତ୍ର ଗୋଟିଏ ଘରୋଇ ଶିକ୍ଷାନୁଷ୍ଠାନର ପରିଚାଳନା, ଶିକ୍ଷକ ଚୟନ ପ୍ରଭୃତି ତାଙ୍କ କମିଟି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଶିକ୍ଷକଙ୍କ ଚାକିରି ସର୍ତ୍ତାବଳୀ, ଦରମା, ପଦୋନ୍ନତି ପ୍ରଭୃତି ସେହି କମିଟି ନିର୍ଦ୍ଧାରଣ କରିଥାନ୍ତି। ଘରୋଇ ଶିକ୍ଷାନୁଷ୍ଠାନରେ ଅଧିକ ଦେୟ ମଧ୍ୟ ଦେବାକୁ ପଡ଼ିଥାଏ। ତଥାପି ଆମେ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ କାହିଁକି ଏତେ ବ୍ୟାକୁଳ?

ଏ ପ୍ରଶ୍ନର ଗୋଟିଏ ସାଧାରଣ ଉତ୍ତର ଆସେ, ସରକାରୀ ଶିକ୍ଷାନୁଷ୍ଠାନରେ ପାଠପଢ଼ା ହେଉନାହିଁ। ଏତିକି ଅଭିଯୋଗ କରି ବୁଦ୍ଧିଜୀବୀମାନେ ସନ୍ତୁଷ୍ଟ ରହିଯାଆନ୍ତି। ଏହାର ସତ୍ୟତା କ'ଣ, ତାହାର ପରିବର୍ତ୍ତନ କିପରି ହେବ ସେ ବିଷୟରେ ସାଧାରଣତଃ ମୁଣ୍ଡ ଖେଳାନ୍ତି ନାହିଁ। ତେଣୁ ସବୁକିଛି କେବଳ ଏହି ଆପତ୍ତି ଓ ଅଭିଯୋଗରେ ହିଁ ସୀମିତ ଥାଏ। ଯେଉଁଠି ବୁଦ୍ଧିଜୀବୀମାନେ ଉଦାସୀନ ହୋଇଯାଆନ୍ତି, ସେଠାରେ ଗୋଟିଏ ସଭ୍ୟତା ଦିଗ୍‌ଭ୍ରଷ୍ଟ ହୋଇଯାଏ। ଯଦି ବୁଦ୍ଧିଜୀବୀମାନେ ତାଙ୍କ ପିଲାଙ୍କୁ ସେହି ଶିକ୍ଷାନୁଷ୍ଠାନରେ ପଢ଼ାଉଥାନ୍ତେ, ତେବେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱତଃ ସୁଧାର ଆସିପାରନ୍ତା। ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ଜିଲାପାଳଙ୍କ ପୁଅଟି ପଢୁଛି ସେ କେନ୍ଦ୍ରର ପ୍ରତ୍ୟେକ କର୍ମଚାରୀ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ତତ୍ପର ଏବଂ କର୍ତ୍ତବ୍ୟନିଷ୍ଠ ହେଉଥିବେ। କାରଣ କୌଣସି ତ୍ରୁଟିବିଚ୍ୟୁତି ହେଲେ ସେମାନଙ୍କୁ କୈଫିୟତ ଦେବାକୁ ପଡ଼ିପାରେ, ଚାକିରି ଚାଲିଯିବାର ଆଶଙ୍କା ମଧ ଥାଏ। ତେଣୁ ଆମ ବୁଦ୍ଧିଜୀବୀମାନେ ଏପରି ଶିକ୍ଷାନୁଷ୍ଠାନ ସହିତ ସମ୍ପର୍କ ସ୍ଥାପନ କଲେ ଗୁଣାତ୍ମକ ଶିକ୍ଷାରେ ନିଶ୍ଚୟ ଉନ୍ନତି ଘଟିବ, ଏଥିରେ ସନ୍ଦେହ ନାହିଁ। ଅନ୍ୟପକ୍ଷରେ ସବୁ ସରକାରୀ ଶିକ୍ଷାନୁଷ୍ଠାନରେ ପାଠପଢ଼ା ହେଉନାହିଁ କିମ୍ବା ସବୁ ସରକାରୀ ଶିକ୍ଷକ କର୍ତ୍ତବ୍ୟପରାୟଣ ନୁହନ୍ତି- ଏପରି ଭାବିବା ମଧ ଭୁଲ। ବହୁ ତ୍ୟାଗନିଷ୍ଠ ଶିକ୍ଷକ ଏଠାରେ ଅଛନ୍ତି। ପାଠ ମଧ୍ୟ ପଢ଼ାଉଛନ୍ତି। ତେଣୁ ସବୁଠାରୁ ବଡ଼କଥା ହେଉଛି, ଆମର ମାନସିକତା ଓ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ। ଏହାଦ୍ୱାରା ସବୁକିଛିର ପରିବର୍ତ୍ତନ ସମ୍ଭବ ହେବ। ମାତ୍ର ଆମ ବୁଦ୍ଧିଜୀବୀମାନେ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ।

କେବଳ ଦାମୀ ବିଦ୍ୟାଳୟରେ ପାଠ ପଢ଼ିଲେ ଆମ ପିଲାମାନେ ଯେ ଉଚ୍ଚଶିକ୍ଷିତ ଓ ଭଲମଣିଷ ହୋଇଯିବେ, ତାହା ନୁହେଁ। ଆତ୍ମାନୁଶୀଳନର ଉପଯୁକ୍ତ ପରିବେଶଟିଏ ସୃଷ୍ଟି କରାଯାଇପାରିଲେ ଶିକ୍ଷା ସହିତ ମଣିଷ ହେବାର ଉପାଦାନ ସୁଲଭ ହୋଇପାରିବ।

ଆମ ପିଲାମାନେ ଦାମୀ ପୋଷାକ, ବୁଟ୍‌ସୁଟ୍ ପିନ୍ଧି ଦାମୀ ସ୍କୁଲରେ ପଢୁଛନ୍ତି। ଘର ଦୁଆରମୁହଁରୁ ଗାଡ଼ି ସେମାନଙ୍କୁ ନେଇଯାଉଛି। ଶହେ ମିଟର ଦୂରରେ ସ୍କୁଲ ଥିଲେ ମଧ୍ୟ ଅଭିଭାବକମାନେ ତା'ଙ୍କୁ ଗାଡ଼ିରେ ବସାଇ ସ୍କୁଲରେ ଛାଡ଼ିଦେଇ ଆସୁଛନ୍ତି। ଏହା ଫଳରେ ସେମାନେ ସାଧାରଣ ପିଲାଙ୍କ ସହିତ ମିଶିବାର ସୁଯୋଗ ପାଉନାହାନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ବୋଲି ମନେ କରୁଛନ୍ତି। ଅନ୍ୟମାନଙ୍କ ସହିତ ମିଶିବା, ସାଧାରଣ ମଣିଷଙ୍କ ସହିତ ସମ୍ପର୍କ ରଖିବା ପ୍ରଭୃତି କଥା ଶିଖିପାରୁନାହାନ୍ତି।

ଅସାଧାରଣ ବ୍ୟକ୍ତିଟିଏ ସୃଷ୍ଟି କରିବାକୁ ହେଲେ ପ୍ରଥମେ ଏଥିପାଇଁ ସାଧାରଣ ପରିବେଶଟିଏ ପ୍ରସ୍ତୁତ କରାଯିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦମ୍ପତିଙ୍କ ପିଲା ଅଙ୍ଗନୱାଡ଼ି କେନ୍ଦ୍ରରେ ପଢ଼ିବା ଘଟଣାଟିକୁ ବିଚାର କରାଯାଉ। ଜିଲାପାଳଙ୍କର ପୁଅ ଅଙ୍ଗନୱାଡ଼ି କେନ୍ଦ୍ରରେ ପଢ଼ିବାବେଳେ ସେ ସେଠାରେ ଅଭାବୀ, ଦୁଃଖୀ, ଗାଉଁଲି ପିଲାମାନଙ୍କ ସହିତ ମିଶିବାର ସୁଯୋଗ ପାଇବ। ସେ ସେମାନଙ୍କ ପରି ଜଣେ ସାଧାରଣ ପିଲା ବୋଲି ନିଜକୁ ମଣିବ। ଧନ ଏବଂ ମାତାପିତାଙ୍କ ପଦବୀର ଅଭିମାନ ରହିବ ନାହିଁ। ଶିବାଜୀ ପାରିଷଦଙ୍କ କଥାକୁ ବିଶ୍ୱାସ କରି ଭାବୁଥିଲେ, ତା'ଙ୍କ ରାଜ୍ୟର ସମସ୍ତେ ସୁଖଶାନ୍ତିରେ ରହୁଛନ୍ତି। ମାତ୍ର ଗୁରୁ ରାମଦାସଙ୍କ ପରାମର୍ଶରେ ସେ ଭିକ୍ଷୁକ ଭାବରେ ଦ୍ୱାର ଦ୍ୱାର ବୁଲି ଭିକ୍ଷାବୃତ୍ତି କରିବାରୁ ତାଙ୍କ ମନରୁ କେବଳ ରାଜାର ଅଭିମାନ ଦୂର ହେଲା ନାହିଁ, ସେ ନିଜ ରାଜ୍ୟର ପ୍ରକୃତ ଅବସ୍ଥା ଜାଣିପାରିଲେ। ଏ କ୍ଷେତ୍ରରେ ଜିଲାପାଳଙ୍କ ପୁଅ ମଧ୍ୟ ଅନୁରୂପ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବ। ଅନୁଭୂତିଠାରୁ ବଡ଼ ଶିକ୍ଷା ଆଉ କିଛି ନାହିଁ। ପରୀକ୍ଷାରେ ଅଧିକ ନମ୍ବର ରଖିବା ବା ବଡ଼ ଚାକିରି କରିବା ଶିକ୍ଷାର ଏକମାତ୍ର ଲକ୍ଷ୍ୟ ହେବା ଉଚିତ ନୁହେଁ। ଆମ ପିଲା ସମସ୍ତଙ୍କୁ ଚିହ୍ନୁ, ନିଜକୁ ତାଙ୍କ ସହ ସାମିଲ କରୁ, ସବୁ ପରିସ୍ଥିତିକୁ ସାମ୍ନା କରି ଶିଖୁ ଏବଂ ବଞ୍ଚିବା ତଥା ବଞ୍ଚାଇବାର ଦୀକ୍ଷା ଗ୍ରହଣ କରୁ- ଏହା ହିଁ ଶିକ୍ଷାର ପ୍ରଥମ ଲକ୍ଷ୍ୟ ହେବା ଉଚିତ। ତା' ନ ହେଲେ ଅନେକ ଶିକ୍ଷାଭିମାନୀ ମଣିଷ ସୃଷ୍ଟି ହେବେ, ପୁଳା ପୁଳା ଟଙ୍କା ଥିବ ହେଲେ ଆମ ଭିତରେ ମଣିଷପଣିଆ ନ ଥିବ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ- ୭୯୭୮୯୦୩୫୦୯

# ଗଣିତବିଦ୍ୟା ଓ ଆଧ୍ୟାତ୍ମିକତା

ବିଭୁପ୍ରସାଦ ମହାପାତ୍ର

କେଉଁ ଆବହମାନ କାଳରୁ ଭାରତବର୍ଷ ସମଗ୍ର ପୃଥିବୀର ମାର୍ଗଦର୍ଶକ ଭାବେ ଉଭା ହୋଇଛି। ଦିଗ୍‌ଦର୍ଶନ ଦେବା ସହ ଏକ ସୁସଙ୍ଗଠିତ ତଥା ଧର୍ମ ଓ ବିଜ୍ଞାନଭିତ୍ତିକ ସଭ୍ୟତା ଗଠନରେ ଏହା ସହାୟକ ହୋଇଛି କହିଲେ ଚଳେ। ଉଭୟ ଆଧ୍ୟାତ୍ମିକତା ଓ ବିଜ୍ଞାନ କ୍ଷେତ୍ରରେ ସମଗ୍ର ଭୂଖଣ୍ଡକୁ ତା'ର ଅବଦାନ ଅନସ୍ୱୀକାର୍ଯ୍ୟ। ଦୀର୍ଘଦିନର ପରାଧୀନତାର ଶୃଙ୍ଖଳରେ ରହି ଅବଶ୍ୟ କିଛି ମାତ୍ରାରେ ତା'ର ଆତ୍ମସତ୍ତା ହରାଇଥିଲେ ବି ପୁଣି ଉତ୍ତୁଙ୍ଗ ହିମାଳୟ ପରି ମୁଣ୍ଡ ଟେକି ଛିଡାହେବାରେ ସକ୍ଷମ ହୋଇପାରିଛି। ସୁଯୋଗ୍ୟ ସନ୍ତାନମାନେ ତା'ର ହୃତ ଗୌରବକୁ ଫେରାଇ ଆଣି ପୁନଃ ଯଥାପୂର୍ବ ସଂସ୍ଥାପନ କରିଛନ୍ତି। ତନ୍ମଧ୍ୟରୁ ଦୁଇଜଣ ମହାନୁଭବ ପୁତ୍ର ବିଶ୍ୱବିଜୟୀ ବିବେକାନନ୍ଦ ଓ ଗଣିତର ଯାଦୁକର ରାମାନୁଜନ ସ୍ୱସ୍ୱ କ୍ଷେତ୍ରରେ ପ୍ରତିଷ୍ଠା ପୂର୍ବକ କିୟତ୍‌କାଳ ଲାଞ୍ଛିତ ଭାରତମାତାର ଅବନତ ମଥାକୁ ଚିର ଉନ୍ନତ କରି ଟେକି ଧରିଛନ୍ତି। ଉଭୟେ ସ୍ୱଳ୍ପାୟୁ (ସ୍ୱାମିଜୀ ୩୯ ବର୍ଷ ଏବଂ ଶ୍ରୀନିବାସ ୩୨ ବର୍ଷ) ହେଲେ ବି ଦୀର୍ଘ ତିନି ଦଶନ୍ଧି ଧରି ନିଜ ନିଜ ଅଧ୍ୟବସାୟ ବଳରେ ବିଦେଶ ମାଟିରେ ମା' ମାଟିର ପରିଚୟ ସୃଷ୍ଟି କରିବା ସହ ଭାରତ ପ୍ରତି ସମଗ୍ର ପୃଥିବୀବାସୀଙ୍କ ଦୃଷ୍ଟି ଆକର୍ଷିତ କରାଇଛନ୍ତି।

ପ୍ରଚଣ୍ଡ ପ୍ରତିଭାବାନ୍ ସ୍ୱାମୀ ବିବେକାନନ୍ଦଙ୍କ ବାଲ୍ୟକାଳର କଥା। ଧୀଶକ୍ତିସମ୍ପନ୍ନ ବାଳକ ନରେନ୍ଦ୍ରନାଥ ବା ବିଲେ (ବାଲ୍ୟ ନାମ)ଙ୍କୁ ଏକ ମହିମାମୟ ଭବିଷ୍ୟତ ଅପେକ୍ଷା କରିଥାଏ। ସ୍ମୃତିଶକ୍ତି ପ୍ରଖର ହେତୁ ପରୀକ୍ଷାର କେଇଦିନ ପୂର୍ବରୁ ମନୋଯୋଗପୂର୍ବକ ପଢ଼ିଦେଇ ପରୀକ୍ଷାରେ ଯଥେଷ୍ଟ ଭଲ କରୁଥିଲେ। ତେଣୁ ବର୍ଷର ବାକି ସମୟତକ ଖେଳକୁଦ, ବାଳସୁଲଭ ଆମୋଦପ୍ରମୋଦରେ ମାତୁଥିଲେ। ସଂସ୍କୃତ, ଇତିହାସ ଆଦି ଆଗ୍ରହ ସହକାରେ ପଢୁଥିଲେ ସିନା, ଗଣିତ ବିଦ୍ୟାର ନାଁ ଶୁଣିବା ମାତ୍ରେ ବିରକ୍ତି ପ୍ରକାଶ କରୁଥିଲେ। ପିତା ଆଇନଜୀବୀ ବିଶ୍ୱନାଥ ଦତ୍ତଙ୍କୁ ଅନୁକରଣ କରି ବିଲେ ନାସିକା କୁଞ୍ଚନ କରି ଅଙ୍କ ଶାସ୍ତ୍ରକୁ 'ଦୋକାନୀ ଓ ଜୁଆଡ଼ିଙ୍କ ଚୋରି ବିଦ୍ୟା' ବୋଲି ଉପହାସ କରି କହୁଥିଲେ- "ଅଙ୍କ ପଢ଼ି କି ଲାଭ? ମୁଁ ତ ଦୋକାନଦାର ହେବି ନାହିଁ।"

କାଳାନ୍ତରରେ ଅବଶ୍ୟ ସ୍ୱାମିଜୀଙ୍କ ଗଣିତ ପ୍ରତି ମାନସିକତାରେ ପରିବର୍ତ୍ତନ ହୋଇଛି। ପ୍ରାଚୀନ ଭାରତର ଗଣିତ ପ୍ରତି ଅବଦାନ ସମ୍ପର୍କରେ ଭାରତ ବାହାରେ ତାଙ୍କ ବକ୍ତୃତା ମାଧ୍ୟମରେ ସୁଧୀ ଶ୍ରୋତାବୃନ୍ଦଙ୍କୁ ଜଣାଇବାକୁ ପ୍ରୟାସ କରିଛନ୍ତି। ଆମେରିକା ରହଣି କାଳରେ

### ଜାତୀୟ ଗଣିତ ଦିବସ ଉପଲକ୍ଷେ



ଶ୍ରୀନିବାସ ରାମାନୁଜନ୍

୧୮୯୫ ମସିହା ଫେବୃୟାରୀ ୨୫ ତାରିଖରେ ନ୍ୟୁୟର୍କ ସହରର ଲଙ୍ଗ୍ ଆଇଲାଣ୍ଡ ହିଷ୍ଟୋରିକାଲ ସୋସାଇଟି (ବର୍ତ୍ତମାନର ବ୍ରୁକ୍‌ଲିନ୍ ହିଷ୍ଟୋରିକାଲ ସୋସାଇଟି) ହଲ୍‌ରେ 'India's Gift to the World' ଶୀର୍ଷକ ବକ୍ତୃତାରେ ଯାହା କହିଥିଲେ- "...the ten numerals, the very cornerstone of all present civilization, were discovered in India, and are, in reality, sanskrit words."

ଯାହାଙ୍କ ପାଇଁ ଏଇ ଗଣିତ ଦିବସର ପଟୁଆର, ଯାହାଙ୍କ ଜନ୍ମ ତାରିଖ ଡିସେମ୍ବର ୨୨କୁ ୨୦୧୨ ମସିହାରୁ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରାଯାଉଛି- ଦକ୍ଷିଣ ଭାରତର ଏକ ସ୍ୱଳ୍ପଜ୍ଞାତ ଅଞ୍ଚଳର ସାଧାରଣ ପରିବାରରୁ ଆସିଥିବା ସେହି ବିଚକ୍ଷଣ, ବିସ୍ମୟକର ପ୍ରତିଭାସମ୍ପନ୍ନ ଗଣିତଜ୍ଞ ରାମାନୁଜନଙ୍କର ଅନତିଦୀର୍ଘ ଜୀବନର ଚିତ୍ତାକର୍ଷକ କାହାଣୀ କେବଳ ଗଣିତପ୍ରେମୀଙ୍କୁ ନୁହେଁ, ଭାରତର ଜନସାଧାରଣଙ୍କୁ ଆଲୋଡ଼ିତ କରେ। ଗଣିତ ପ୍ରତି ତାଙ୍କ ମାନସିକତାରେ ଥିଲା ଆଧ୍ୟାତ୍ମିକତାର ସ୍ଫୁରଣ। ଜୀବନସାରା ସେ ହିନ୍ଦୁ ଦେବଦେବୀଙ୍କ ଉପରେ ବିଶ୍ୱାସ ରଖିଥିଲେ ଏବଂ ଉଭୟ ଗାଣିତିକ ଓ ଆଧ୍ୟାତ୍ମିକ ବିଚାରରେ ଅସୀମକୁ ହିଁ ନିଜର ଦୁନିଆ ଭାବରେ ଆଦରି ନେଇଥିଲେ। ସେ ଥରେ କହିଥିଲେ- "କୌଣସି ଗାଣିତିକ ସୂତ୍ର ମୋ ପାଇଁ ଅର୍ଥହୀନ, ଯଦି ତାହା ଈଶ୍ୱରଙ୍କର କିଛି ଚିନ୍ତାର ପରିପ୍ରକାଶ ନୁହେଁ।"

ରାମକୃଷ୍ଣ ମିଶନର ସ୍ୱାମୀ ବିଦ୍ୟାନାଥ ନନ୍ଦ ଓରଫ ମହନ ମହରାଜ (ପୂର୍ବ ନାମ ମହନ ମିତ୍ର) ଉଚ୍ଚକୋଟୀର ଗଣିତଜ୍ଞ ଭାବରେ ଭାରତରେ ଜଣାଶୁଣା। ୧୯୬୮ ମସିହା ଏପ୍ରିଲ ୫ରେ ଜନ୍ମିତ ସ୍ୱାମିଜୀ ମୁମ୍ବାଇର ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ (TIFR)ରେ ଗଣିତ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ। ଉଚ୍ଚକୋଟୀର ଗବେଷଣା ନିମନ୍ତେ ୨୦୧୧ ମସିହାରେ ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର ଏବଂ ୨୦୧୫ରେ ଇନ୍‌ଫୋସିସ୍ ପୁରସ୍କାର ପାଇଛନ୍ତି। ହାଇପରବଲିକ୍ ଜ୍ୟାମିତି, ଲୋ-ଡାଇମେନସିନାଲ୍ ଟପୋଲୋଜି ଆଦିରେ ଗବେଷଣା କରିଥିବା ଏହି ନିରଳସ ସାଧକଙ୍କୁ ଯେତେବେଳେ ତାଙ୍କର ଧର୍ମଧାରଣା ସମ୍ପର୍କରେ ପଚରାଗଲା, ସେ ଉତ୍ତର ଦେଇଥିଲେ- "I follow no organized religion. Science is the only religion I follow. Mathematics is a form of religion." ଗଣିତ ସହ ଆଧ୍ୟାତ୍ମିକତାର ଯେ ସମ୍ପର୍କ ରହିଛି, ତାହା ଏଥିରୁ ସ୍ପଷ୍ଟ ହେଉଛି।

ଭୋଗଡ଼ା, ଖୋର୍ଦ୍ଧା, ମୋ-୮୨୭୦୦୮୩୬୫୩

## ଏଇ ଭାରତରେ

କେତେକ ବ୍ୟକ୍ତି ପୁତ୍ରଲାଭ ନିମନ୍ତେ ଦିଅଁଦେବତା ପୂଜା କରନ୍ତି। କିନ୍ତୁ ରାଜସ୍ଥାନରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ପ୍ରଥମ ପତ୍ନୀଙ୍କ ପୁତ୍ର ନ ହେଲେ ସେହି ମହିଳାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରନ୍ତି। ଏଥିପାଇଁ ପ୍ରଥମ ପତ୍ନୀ କୌଣସି ଆପତ୍ତି କରନ୍ତି ନାହିଁ। ରାଜସ୍ଥାନ ୱାଡମେର ଜିଲା ଦେଶସର ଗାଁର ଲୋକେ କାହିଁ କେତେ ଦିନରୁ ଏହି ପ୍ରଥା ମାନି ଚଳିଆସୁଛନ୍ତି। ପତ୍ନୀ ଥାଇ ଦ୍ୱିତୀୟ ବିବାହ ପାଇଁ ସରକାରୀ କଟକଣା ରହିଛି। ଦ୍ୱିତୀୟ ବିବାହ କରିବାକୁ ହେଲେ ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ପଡେ। କିନ୍ତୁ ଏହି ଗାଁରେ ଦ୍ୱିତୀୟ ବିବାହ ପାଇଁ ସରକାରୀ କଟକଣାକୁ ଅବଜ୍ଞା କରାଯାଏ। ଲୋକ ପୁରାତନ ପ୍ରଥା ଓ ପରମ୍ପରାକୁ ସମ୍ମାନ ଦେଇ ପୁତ୍ର ପାଇଁ ଦ୍ୱିତୀୟ ବିବାହ କରିଥାଆନ୍ତି। ପ୍ରଥମ ସ୍ତ୍ରୀର ପୁତ୍ର ସନ୍ତାନ ନ ହେଲେ କିମ୍ବା କେବଳ କନ୍ୟା ସନ୍ତାନ ଜନ୍ମଦେଲେ ଏଠାରେ ପୁରୁଷମାନେ ଆଉଥରେ ବିବାହ କରିଥାଆନ୍ତି। ଦ୍ୱିତୀୟ ବିବାହରେ ସେମାନଙ୍କର ନିଶ୍ଚିତ ପୁତ୍ର ସନ୍ତାନ ଜନ୍ମ ହୋଇଥାଏ ବୋଲି ଏଠାକାର ଲୋକଙ୍କ ବିଶ୍ୱାସ ରହିଛି। ଏଭଳି ବିବାହକୁ ପ୍ରଥମ ସ୍ତ୍ରୀ ବିରୋଧ କରି ନ ଥାନ୍ତି। ଦୁଇ ସଉତୁଣୀଙ୍କ ମଧ୍ୟରେ ଆପୋସ ବୁଝାମଣାରେ ସଂସାର ଚାଲିଥାଏ ବୋଲି ସ୍ଥାନୀୟ ଲୋକେ କହନ୍ତି।

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ ଶ୍ରାନ୍ତ ପଦେ ଭ୍ରମି ?

(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଡିସେମ୍ବର ୧୯୯୩

- ଯୁଗୋସ୍ଲାଭିଆର ସର୍ବିୟା ପ୍ରଜାତନ୍ତ୍ରରେ ରବିବାର ହୋଇଥିବା ନିର୍ବାଚନରେ ଶାସକ ସମାଜବାଦୀ ପାର୍ଟିର ବିଜୟ।
- ସିକ୍ୟୁରିଟି ହେର୍‌ଫେର ଘଟଣାର ତଦନ୍ତ କରୁଥିବା ମିଳିତ ସଂସଦୀୟ କମିଟିର ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପିତ। ଏହି ରିପୋର୍ଟରେ ଆର୍‌ବିଆଇ ଅର୍ଥ ମନ୍ତ୍ରଣାଳୟ ଓ ୩ଜଣ ମନ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି।
- ଭାରତରୁ କୁଷ୍ଠ ନିରାକରଣ ପାଇଁ ବିଶ୍ୱବ୍ୟାଙ୍କର ୩୦୨ କୋଟି ଟଙ୍କା ସହାୟତା ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ଶ୍ରମିକ ପ୍ରଥାର ଅନ୍ତ କେବେ

ମହାଶୟ,

ଆମ ରାଜ୍ୟରେ ଶିଶୁଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ନିୟମ ପ୍ରଣୟନ କରାଯାଇଥିଲେ ମଧ ଏବେ ବି ୧୨ ବର୍ଷରୁ କମ୍ ବୟସର ବାଳକ, ବାଳିକାମାନଙ୍କୁ ଶିଶୁ ଶ୍ରମିକ ହିସାବରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ ଓ ବଡବଡିଆଙ୍କ ଗୃହରେ ଭୃତ୍ୟ ହିସାବରେ ନିୟୋଜିତ କରାଯାଉଛି। ପ୍ରତିଦିନ ମୁନିବମାନଙ୍କର ଦୌରାତ୍ମ୍ୟ ସେମାନଙ୍କୁ ସହ୍ୟ କରିବାକୁ ପଡୁଛି। ତେଣୁ ସରକାରଙ୍କର ବିଭିନ୍ନ ସାମାଜିକ ସଙ୍ଗଠନ ଶିଶୁମାନଙ୍କର ବିକାଶ ତଥା ଉପଯୁକ୍ତ ଥଇଥାନ ଦିଗରେ ଯତ୍ନବାନ ହେଲେ ଏହି କୁତ୍ସିତ ପ୍ରଥାର ଉଚ୍ଛେଦ ସମ୍ଭବ ହୋଇପାରିବ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ମୋ ବସ୍ ସେବା

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ମୋ ବସ୍ ସେବା ପ୍ରଶଂସନୀୟ । ମୁଁ ଜଣେ ପକ୍ଷାଘାତ ରୋଗୀ ଓ ୭୫ ବର୍ଷ ବୟସ୍କ ବୃଦ୍ଧ । ୨/୩ ଥର ମୋ ବସ୍‌ରେ ଯିବା ଦ୍ୱାରା ଯେଉଁ ଅସୁବିଧା/ସୁବିଧା ମିଳୁଛି ତାହା ଆପଣଙ୍କ ମାଧ୍ୟମରେ ଜଣାଇବାକୁ ଚାହୁଁଛି। ଡ୍ରାଇଭର ବାବୁ ବସ୍ ଚଳାଇଲା ବେଳେ ମୋବାଇଲରେ କଥା ହେଉଛନ୍ତି। ବସଗୁଡିକ ନିର୍ଦ୍ଦିଷ୍ଟ ଷ୍ଟପେଜରେ ଗତି କମାଇ ଯିବା ଦରକାର । କିନ୍ତୁ ଷ୍ଟପେଜ୍‌ରେ ହାତ ଦେଖାଇଲେ ମଧ ବସ୍ ରହୁନାହିଁ। ରୁଟଚାର୍ଟ ବସ୍ ଭିତରେ ଟଙ୍ଗାଯାଉ ଓ କେଉଁଠି ତାହା ଅଟକିବ ତା'ର ସୂଚନା ରହୁ। ସଜେଶନ ବକ୍ସ ରଖାଯାଉ। ନୂତନଭାବେ ଯୋଗ ଦେଇଥିବା କର୍ମଚାରୀଙ୍କୁ ଟ୍ରେନିଂ ଦିଆଯାଉ। ତା' ସହ ବସ୍ ଭିତରେ ଘୋଷଣା କରାଯାଉଥିବା ତଥ୍ୟର ସଂଶୋଧନ ଦରକାର।

ଭାଗବତ ପାଢ଼ୀ, ଆଇଆରସି ଭିଲେଜ, ଭୁବନେଶ୍ୱର

### ଶିଶୁଙ୍କୁ ଯୌନ ନିର୍ଯାତନା

ଢେଙ୍କାନାଳର ବେଲଟିକିରି ଡ୍ରିମ୍ ସେଣ୍ଟରକୁ ସିଲ୍ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ଖବର ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏଠାରେ ଶିଶୁମାନଙ୍କୁ ଯେପରି ପ୍ରଶାସନର ନାକ ତଳେ ଯୌନ ନିର୍ଯାତନା ଦିଆଯାଉଥିଲା ତାହା ଉତ୍ତରପ୍ରଦେଶର ଏକ ଶିଶୁ ସହାୟତା କେନ୍ଦ୍ର ଘଟଣାର ପୁନରାବୃତ୍ତି ବୋଲି କହିଲେ ଭୁଲ୍ ହେବନାହିଁ। ପୁଣି ଏ ସମସ୍ତ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲିଥିଲେ ମଧ ସ୍ଥାନୀୟ ପ୍ରଶାସନ ନୀରବ ରହିବା ଓ ଘଟଣା ପଦାକୁ ଆସିବା ପରେ ଜାଣି ନ ଜାଣିବା ପରି ଆଚରଣ କରିବା ଦୁଃଖଦାୟକ। କୁଆଡେ ଗଲେ ଶିଶୁ କଲ୍ୟାଣ ଅଧିକାରୀ ? ଶେଲ୍‌ଟର ହୋମ ସିଲ୍ କରିଦେବା ଖାଲି ଲୋକଦେଖାଣିଆ ବୋଲି ଚର୍ଚ୍ଚା ହେଉଛି। କେଉଁ ଅଦୃଶ୍ୟ ଶକ୍ତି ବଳରେ ଏସବୁ ବେଧଡକ ଚାଲିଥିଲା ଓ ସ୍ଥାନୀୟ ପ୍ରଶାସନ ମୂକଦ୍ରଷ୍ଟା ପାଲଟିଥିଲେ ତାହା ଭାବି ହେଉନାହିଁ। ଈଶ୍ୱର ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | 9 | C | | | | | | | 3 | | | |
| | 4 | 2 | 7 | | | | 5 | | | | 6 | | | E |
| | | | | 6 | E | C | A | 1 | | | | 0 | D | |
| | | | A | | 8 | | E | | | 1 | | 2 | 9 | 3 |
| | | | | | | | | | | 0 | | | 1 | |
| | | 3 | C | | 9 | | | | | | | | | |
| | | 4 | | D | 7 | | | | | C | | | | 1 |
| | D | | 3 | 5 | 6 | | | | | | 2 | 8 | | 4 |
| 0 | | | | 4 | A | E | | 8 | | | 7 | | | |
| | 7 | | | | | | | 4 | | | | B | | |
| | C | 8 | 4 | | | | | | 1 | | | 9 | E | A |
| E | 9 | | B | | | | | 7 | 4 | 6 | | | 2 | 5 |
| | | 1 | E | 8 | | 6 | | C | | A | | | | 7 |
| D | 2 | | | | | | | | | | | 3 | 8 | |
| | | | | A | | | | 0 | | 7 | | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 5 | E | 0 | 3 | 2 | B | C | 6 | A | D | 4 | 7 | 8 | 9 |
| 9 | 2 | 8 | D | 1 | 5 | E | 3 | 4 | B | 7 | 0 | A | 6 | C |
| 0 | 4 | C | B | 7 | A | D | 2 | 8 | 5 | 6 | 9 | 3 | 1 | E |
| 3 | 6 | B | 4 | C | 8 | 9 | A | 7 | 2 | E | 1 | 5 | D | 0 |
| 7 | A | D | 6 | E | 9 | 1 | 0 | 5 | C | 8 | 3 | 2 | B | 4 |
| 6 | 8 | 3 | 5 | 2 | 4 | 0 | 9 | B | D | A | E | C | 7 | 1 |
| C | 0 | A | E | 6 | 7 | 2 | 4 | 1 | 9 | B | 8 | D | 5 | 3 |
| D | 1 | 5 | A | 9 | B | C | 7 | 3 | 4 | 2 | 6 | 0 | E | 8 |
| 2 | E | 4 | C | 0 | 1 | 6 | 8 | D | 7 | 3 | 5 | 9 | A | B |
| B | 7 | 9 | 3 | 8 | D | A | 5 | E | 1 | 0 | C | 6 | 4 | 2 |
| A | B | 7 | 2 | 4 | E | 8 | 6 | 9 | 3 | C | D | 1 | 0 | 5 |
| 5 | 3 | 1 | 8 | A | 6 | 7 | E | 2 | 0 | 9 | B | 4 | C | D |
| 8 | C | 0 | 7 | 5 | 3 | 4 | D | A | E | 1 | 2 | B | 9 | 6 |
| 4 | 9 | 6 | 1 | D | 0 | 3 | B | C | 8 | 5 | A | E | 2 | 7 |
| E | D | 2 | 9 | B | C | 5 | 1 | 0 | 6 | 4 | 7 | 8 | 3 | A |

ଗତକାଲିର ଉତ୍ତର



ଖ୍ରୀଷ୍ଟମାସ ମୋ ପାଇଁ ଧର୍ମୀୟ ପ୍ରସଙ୍ଗ ହୋଇ ନ ଥିଲେ ହେଁ ଏହା ସ୍ୱତନ୍ତ୍ରତା ବହନ କରେ।
-ରଣଦୀପ ହୁଡା,
ବଲିଉଡ୍ ଅଭିନେତା



# ୭୮ ଖବରଦାତା ହତ୍ୟାର ଶିକାର




**ଭିଏନା:** ୨୦୧୮ରେ ବିଶ୍ୱରେ ୭୮ଜଣ ଖବରଦାତାଙ୍କୁ ହତ୍ୟା କରାଯାଇଛି। ସେମାନଙ୍କ ଉପରେ ଆକ୍ରମଣ ଯୋଗୁ ପ୍ରେସ ସ୍ୱାଧୀନତା କ୍ଷୁଣ୍ଣ ହୋଇଛି। ଖବରଦାତାଙ୍କୁ ଜେଲ୍ ପଠାଇବା ଏବଂ ଦୋଷୀ ସାବ୍ୟସ୍ତ କରିବା ଭଳି ଘଟଣାରେ ସେମାନଙ୍କର ବିଶ୍ୱସନୀୟତା ହ୍ରାସ ପାଉଛି। ଏହି ବିଷୟକୁ କେତେକ ଦେଶର ରାଷ୍ଟ୍ରମୁଖ୍ୟ ଅସ୍ୱୀକାର ଏବଂ ଅବହେଳା କରିଆସୁଥିବା ଇଣ୍ଟରନ୍ୟାଶନାଲ୍ ପ୍ରେସ୍ ଇନ୍‌ଷ୍ଟିଚ୍ୟୁଟ୍ (ଆଇପିଆଇ) ପକ୍ଷରୁ ଶୁକ୍ରବାର ଅଭିଯୋଗ କରାଯାଇଛି। ଭିଏନାସ୍ଥିତ 'ସମ୍ପାଦକ, ଖବରଦାତା ଏବଂ ଗଣମାଧ୍ୟମ କାର୍ଯ୍ୟନିର୍ବାହୀ ବିଶ୍ୱ ସଂଗଠନ'ର 'ଡେଥ୍ ୱାଚ୍'ରେ କୁହାଯାଇଛି ୨୦୧୮ରେ ୭୮ ଖବରଦାତାଙ୍କୁ ହତ୍ୟା କରାଯାଇଛି। ଆଇପିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବରବରା ଟ୍ରିଓନଫି କହନ୍ତି, ଯେଉଁ କେତେକ ଦେଶ ଜନତାଙ୍କ ମୌଳିକ ଅଧିକାରକୁ ସୁନିଶ୍ଚିତ କରାଉଥିଲା ସେ ସବୁ ଦେଶ ପ୍ରେସ ଭଳି ଏକ ଗଣତାନ୍ତ୍ରିକ ଅନୁଷ୍ଠାନକୁ ଧ୍ୱଂସ କରିଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସ୍ୱାଧୀନ ସାମ୍ବାଦିକତା ପାଇଁ ଅସହିଷ୍ଣୁ ପରିବେଶ ଖବରଦାତାଙ୍କ ଜୀବନ ଓ ସ୍ୱାଧୀନତାକୁ ବିପନ୍ନ କରିବା ସହିତ ଜନସାଧାରଣଙ୍କ ଅଧିକାର ପ୍ରତି ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି। ପ୍ରେସ୍ ସ୍ୱାଧୀନତା ଏବଂ ଖବରଦାତାଙ୍କ ନିରାପତ୍ତା କାର୍ଯ୍ୟକ୍ରମ ଅଂଶ ସ୍ୱରୂପ ଆଇପିଆଇ ୧୯୯୭ରୁ ଖବରଦାତାଙ୍କୁ ହତ୍ୟା ଘଟଣା ଉପରେ ବାର୍ଷିକ ସମୀକ୍ଷା କରିଆସୁଛି। ୨୦୧୮ ଡେଥ୍ ୱାଚ୍ ତଥ୍ୟରେ ଦର୍ଶାଯାଇଛି, ୨୮ ରିପୋର୍ଟର ଏବଂ ସାମ୍ବାଦିକଙ୍କୁ ଉଦ୍ଦେଶ୍ୟ ରଖି ହତ୍ୟା କରାଯାଇଥିବା ବେଳେ ୧୧ ଜଣ ସଂଘର୍ଷକାଳୀନ ଖବର ସଂଗ୍ରହ କରୁଥିବା ବେଳେ ନିହତ ହୋଇଛନ୍ତି। ମେକ୍ସିକୋ ଏବଂ ଆଫଗାନିସ୍ତାନ ଖବରଦାତାଙ୍କ ପାଇଁ ବିପଜ୍ଜନକ ଦେଶ ଭାବେ ବିବେଚନା କରାଯାଏ।

# ଶ୍ରୀଦେବୀଙ୍କୁ ମନେପକାଇଲେ କରିସ୍ମା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁର କିମ୍ବଦନ୍ତୀ ଅଭିନେତ୍ରୀ ଶ୍ରୀଦେବୀଙ୍କୁ ସ୍ମରଣକରି ଭାବପ୍ରବଣତା ପ୍ରକାଶ କରିଛନ୍ତି। ଶାହରୁଖ୍ ଖାନ୍‌ଙ୍କ ଅଭିନୀତ 'ଜିରୋ' ଶୁକ୍ରବାର ରିଲିଜ ହୋଇଛି। ଶ୍ରୀଦେବୀଙ୍କ ସହିତ ତାଙ୍କ ନିଜର ଏକ ଫଟୋକୁ କରିସ୍ମା 'ଜିରୋ' ସେଟ୍‌ରୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି, 'ସ୍କ୍ରିନ୍ ସ୍ପେସ୍ ପାଇଁ ସୁଯୋଗ ଦେଇଥିବାରୁ ଶାହରୁଖ୍ ଏବଂ ଜିରୋ ଟିମ୍‌କୁ ଧନ୍ୟବାଦ। ମୋର ସବୁ ସମୟର ପ୍ରିୟ ଶ୍ରୀଦେବୀଙ୍କୁ ମୁଁ ହରାଇଛି। ଏହି ମୁହୂର୍ତ୍ତରେ ଶ୍ରୀଦେବୀ ଥିଲେ ଖୁବ୍ ଖୁସି ହୋଇଥାଆନ୍ତେ।' ଶେଷଥର ଲାଗି ଶ୍ରୀଦେବୀ 'ଜିରୋ'ରେ ଅଭିନୟ କରିଥିଲେ। ଚଳିତବର୍ଷ ଫେବୃୟାରୀରେ ସେ ଦୁବାଇ ଗସ୍ତରେ ଥିବାବେଳେ ସୁଇମିଂ ପୁଲ୍‌ରେ ଅଚାନକ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ତାଙ୍କୁ ୫୪ବର୍ଷ ବୟସ ହୋଇଥିଲା। ଅଭିନେତ୍ରୀ ଅନୁଷ୍କା ଶର୍ମା ଏବଂ କ୍ୟାଟ୍ରିନା କୈଫ୍ ମଧ୍ୟ ଜିରୋରେ ଅଭିନୟ କରିଛନ୍ତି। ଆନନ୍ଦ ଏଲ୍. ରାଏଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଆର. ମାଧବନ୍ ଏବଂ ଅଭୟ ଦେଓଲଙ୍କ ସମେତ ବଲିଉଡ୍‌ର ଅନେକ କଳାକାର ସ୍ଥାନ ପାଇଛନ୍ତି।



## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୧୨.୧ |
| ଚାନ୍ଦବାଲି | ୨୫.୬ | ୧୩.୯ |
| କଟକ | ୨୫.୬ | ୧୨.୪ |
| ପାରାଦ୍ୱୀପ | ୨୬.୪ | ୧୪.୨ |
| ଭୁବନେଶ୍ୱର | ୨୭.୮ | ୧୩.୦ |
| ଗୋପାଳପୁର | ୨୭.୦ | ୧୬.୫ |
| ପୁରୀ | ୨୭.୨ | ୧୫.୨ |
| ଅନୁଗୋଳ | ୨୫.୭ | ୧୦.୦ |
| ବାରିପଦା | ୨୩.୬ | ୧୨.୬ |
| ଝାରସୁଗୁଡ଼ା | ୨୬.୦ | ୧୧.୦ |
| କେନ୍ଦୁଝର | ୨୩.୩ | ୧୦.୪ |
| ସମ୍ବଲପୁର | ୨୬.୪ | ୧୧.୨ |
| ସୁନ୍ଦରଗଡ଼ | ୨୪.୦ | ୧୦.୦ |
| ହୀରାକୁଦ | ୨୫.୫ | ୧୧.୬ |
| ତାଳଚେର | ୩୦.୧ | ୧୧.୮ |
| ଭବାନୀପାଟଣା | ୨୬.୦ | ୧୧.୦ |
| ବଲାଙ୍ଗୀର | ୨୬.୦ | ୧୧.୮ |
| କୋରାପୁଟ | ୨୪.୬ | ୧୨.୬ |
| ଫୁଲବାଣୀ | ୨୩.୮ | ୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୦ | ୧୬.୨ |
| ସୋନପୁର | ୨୬.୦ | ୧୦.୪ |
| ଦାରିଙ୍ଗିବାଡ଼ି | ୨୨.୦ | ୮.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ବିଲୁପ୍ତି ପଥରେ ସମୁଦ୍ର ଘୋଟକ

**ସିଡ୍‌ନୀ:** କିଛିବର୍ଷ ହେଲା ଶ୍ୱେତବର୍ଣ୍ଣର ସମୁଦ୍ର ଘୋଟକଙ୍କ ସଂଖ୍ୟା ଅତିମାତ୍ରାରେ ହ୍ରାସ ପାଇବାରେ ଲାଗିଛି। ସେଗୁଡ଼ିକର ବାସସ୍ଥଳୀ ନଷ୍ଟ ହେଉଥିବାରୁ କେତେକ ଅଞ୍ଚଳରେ ସେଗୁଡ଼ିକର ସଂଖ୍ୟା ପାଖାପାଖି ୯୦% ହ୍ରାସ ପାଇଗଲେଣି। ସିଡ୍‌ନୀ ପୋତାଶ୍ରୟ ନିକଟରେ ବିପନ୍ନ ସମୁଦ୍ରଘୋଟକ ପ୍ରଜାତିଙ୍କୁ ଦେଖିବାକୁ ମିଳିବା ପରେ ଜୀବ ବୈଜ୍ଞାନିକମାନେ ସେଗୁଡ଼ିକର ସ୍ଥିତି ବଜାୟ ରଖିବା ପାଇଁ ଉଦ୍ୟମ କରିଛନ୍ତି। ସେଠାରେ ପାଖାପାଖି ୪୦ଟି ଶ୍ୱେତ ସମୁଦ୍ରଘୋଟକ ଦେଖିବାକୁ ମିଳିଥିଲା। ବିଶ୍ୱରେ ଦୁଇଟି ପ୍ରଜାତିର ସମୁଦ୍ରଘୋଟକ ମଧ୍ୟରୁ ଏହା ଅନ୍ୟତମ। ତେବେ ଏଗୁଡିକର ସୁରକ୍ଷା ଓ ସଂରକ୍ଷଣ ପାଇଁ ବୈଜ୍ଞାନିକମାନେ ଉତ୍ସାହିତ ହୋଇ ପଡ଼ିଥିବା ଗବେଷକ ମାଇକେଲ ରିଗାନ୍ ପ୍ରକାଶ କରିଛନ୍ତି। ଅଧିକାଂଶ ସମୁଦ୍ର ଘୋଟକ ଗର୍ଭବତୀ ଅଛନ୍ତି। ଅଣ୍ଡିରା ସମୁଦ୍ରଘୋଟକ ଛୁଆ ଜନ୍ମ କରନ୍ତି।








## ସଂକ୍ଷେପରେ



### ବରିଷ୍ଠ ବିଜେଡି ନେତା ଏମ୍‌ବି ପ୍ୟାରିରାଜ୍‌ଙ୍କ ପରଲୋକ

**ରେଙ୍ଗାଲି,୨୧।୧୨(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍‌ର ବରିଷ୍ଠ ବିଜେଡି ନେତା ଏମ୍‌ବି ପ୍ୟାରିରାଜଙ୍କ ଶୁକ୍ରବାର ଭୋରରୁ ଗଣେଶନଗରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ସେ ଗତ କିଛିମାସ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଝାରସୁଗୁଡା, ସମ୍ବଲପୁର ସହ ଆଖପାଖ ଅଞ୍ଚଳରୁ ବହୁ ଦଳୀୟ ନେତା ଓ କର୍ମୀ ତାଙ୍କ ଶେଷ ଦର୍ଶନ କରିଥିଲେ। ପୂର୍ବତନ ଏମ୍‌ପି ରବି ପାଣି, ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ପ୍ରମୁଖ ପ୍ୟାରିରାଜ୍‌ଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ୧୯୫୭ ଏପ୍ରିଲ ୧୪ରେ ଏମବି ପ୍ୟାରିରାଜଙ୍କ ଜନ୍ମ। ସେ ପ୍ରଥମେ କମ୍ୟୁନିଷ୍ଟ ଦଳରେ ଯୋଗଦେଇ ରାଜନୀତିରେ ପ୍ରବେଶ କରିଥିଲେ। ୨୦୦୯ରେ ରେଙ୍ଗାଲି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ପରାଜୟ ବରଣ କରିଥିଲେ। ଏହାପରେ ସେ ବିଜେଡିରେ ଯୋଗ ଦେଇଥିଲେ।

■ ସହକାରୀ ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କେନ୍ଦ୍ରାପଡ଼ା ଅଫିସ୍/କଟକ ଅଫିସ, ୨୧।୧୨**

କେନ୍ଦ୍ରାପଡ଼ା ଜିଲା ଜଆଁପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୬୧ ଲକ୍ଷ ୮୬ହଜାର ୯୦୦ ଟଙ୍କା। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ରଞ୍ଜନଙ୍କ ବାସଭବନ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ହେଲା କେନ୍ଦ୍ରାପଡ଼ା ଜିଲା କଳପଡ଼ାସ୍ଥିତ ରଞ୍ଜନଙ୍କ ୩ ମହଲା ଆବାସିକ କୋଠା, ପାଟକୁରା ଥାନା ଅଧୀନ ମେହେନ୍ଦିନଗର ଗ୍ରାମରେ ଥିବା ଶ୍ୱଶୁର ଘର ଓ ଜମପଡ଼ା ସ୍କୁଲ ଅଫିସ ଘର। କଳପଡ଼ାସ୍ଥିତ କୋଠାର ମୂଲ୍ୟ ୨୮ ଲକ୍ଷ ୫ହଜାର ୯୦୦ ଟଙ୍କା। କେନ୍ଦ୍ରାପଡ଼ା ଓ ତତ୍‌ସଂଲଗ୍ନ ଅଞ୍ଚଳରେ ନାୟକଙ୍କର ୮ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୩ ଲକ୍ଷ ୯୭ହଜାର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀରେ ନାୟକ ୯ ଲକ୍ଷ ୨ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କର ୫ଟି ଟ୍ରକ ରହିଛି। ଉକ୍ତ ଟ୍ରକଗୁଡ଼ିକର ମୂଲ୍ୟ ୧ କୋଟି ୧୧ ଲକ୍ଷ ଟଙ୍କା। ଏହାବାଦ ନାୟକଙ୍କର ୨ ଲକ୍ଷ ୮୮ହଜାର ଟଙ୍କା ମୂଲ୍ୟର ଗୋଟିଏ ମାରୁତି ଅଲ୍‌ଟୋ କାର୍, ୩୭ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟରସାଇକେଲ ଓ ୫ ଲକ୍ଷ ୨୫ ହଜାର ଟଙ୍କା ମୂଲ୍ୟର ସୁନା ଗହଣା ଭିଜିଲାନ୍ସର ହସ୍ତଗତ ହୋଇଛି। ଘର ଯାଞ୍ଚ ସମୟରେ ନାୟକଙ୍କ ଘରୁ ନଗଦ ୨ହଜାର ଟଙ୍କା ଓ ୧ ଲକ୍ଷ ୩୦ହଜାର ମୂଲ୍ୟର ଆସବାବପତ୍ର ଠାବ କରାଯାଇଥିବା ଡିଏସପି ସୁରେନ୍ଦ୍ରନାଥ ରାୟଗୁରୁ ସୂଚନା ଦେଇଛନ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ରଞ୍ଜନ କହିଛନ୍ତି।



ରଞ୍ଜନଙ୍କ ଘରେ ଭିଜିଲାନ୍ସ ଚଢାଉ।

# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଭଦ୍ରକ ଅଫିସ, ୨୧।୧୨**

ଧାନ ଓଦା ଥିବା ଦର୍ଶାଇ ମିଲର ଫେରାଇ ଦେବାରୁ ଭଦ୍ରକ ଜିଲା ସଦର ବ୍ଲକ ଅନ୍ତର୍ଗତ ସାବରଙ୍ଗ ପଞ୍ଚାୟତ ବଡ଼ଗୋପାଳସାହିର ଚାଷୀ ହରମୋହନ ବାରିକ(୪୫) ସାବରଙ୍ଗ ସମବାୟ ସମିତି ପରିସରରେ ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପ୍ରଥମେ ସାବରଙ୍ଗସ୍ଥିତ ଏକ କ୍ଲିନିକରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, ହରମୋହନ ୪୫ ବସ୍ତା ଧାନ ବିକ୍ରି କରିବା ଲାଗି ଉକ୍ତ ସମବାୟ ସମିତିକୁ ଯାଇଥିଲେ। ସମିତି ପରାମର୍ଶ କ୍ରମେ ସେ ମଧାହ୍ନରେ ଧାନ ନେଇ ନିକଟସ୍ଥ ଏକ ମିଲ୍‌ରେ ପହଞ୍ଚିଥିଲେ। ଉକ୍ତ ଧାନରେ ୨୨ ପ୍ରତିଶତ ଆର୍ଦ୍ରତା ଥିବା ଦର୍ଶାଇ ମିଲର ଧାନ ଫେରାଇ ଦେଇଥିଲେ। ଏଥିରେ ହରମୋହନ ଭାଙ୍ଗିପଡ଼ି ଧାନ ଘରକୁ ଫେରାଇ ଆଣିଥିଲେ। ସେ ସମବାୟ ସମିତିରେ ପହଞ୍ଚି ଏ ସମ୍ପର୍କରେ ସମ୍ପାଦକଙ୍କୁ କହି ସମିତି ଗୃହ ପରିସରରେ ବିଷ ପିଇ ଦେଇଥିଲେ। ଉପଜିଲାପାଳଙ୍କ ନେତୃତ୍ୱରେ ଜିଲା ଯୋଗାଣ ଅଧିକାରୀ ଅଶୋକ ମାଝୀ, ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର ସମବାୟ ସମିତିରେ ପହଞ୍ଚି ସମ୍ପାଦକ ଚକ୍ରଧର ବେହେରାଙ୍କଠାରୁ ଘଟଣା ସମ୍ପର୍କରେ ଲିଖିତନାମା ସଂଗ୍ରହ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁହେଁ ମୁହେଁ ମୁହାଁସ**
**ପଛ କଲେ ନିରାଶ ।**

ମୁହଁ ଉପରେ ହସ ପଛରେ କଟୁଭାଷ। ଧୂର୍ତ୍ତ ପ୍ରକୃତିର ବ୍ୟକ୍ତି ମୁହଁ ସାମ୍ନାରେ ଭଲେଇ ହୋଇ କଥା କହିଥାନ୍ତି। ପରନ୍ତୁ ମୁହଁ ପଛରେ ନାନା ସମାଲୋଚନା କରିବା ସହ ବେଖାତିର କରିବାକୁ ପଛାଇ ନ ଥାନ୍ତି। ଯିଏ ସାମ୍ନାରେ ଭଲେଇ ହୋଇ ପଛରେ ନିନ୍ଦାଗାନ କରେ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ସୁବିଧାବାଦୀ ତଥା କୁଟଳୀ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଆ କୁଟୁଛି ଧାନ**
**ପୁଅ ଖାଉଛି ବଙ୍ଗଳା ପାନ ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ, କିନ୍ତୁ ବାହାରେ ଚାତୁରି କାହିଁରେ କେତେ। ଅଭାବ ଅନଟନରେ ପଡ଼ି ପର ଘରେ କାମ କରୁଥିବା ବ୍ୟକ୍ତିର ପୁଅ ନିଜ ଘରର ଆର୍ଥିକ ସ୍ଥିତି ପ୍ରତି ଦୃଷ୍ଟି ନ ଦେଇ ବାହାରେ ନିଜକୁ ଦେଖେଇହବାରେ ସଙ୍କୋଚ ନ କରିବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## 'ବିଦ୍ୟୁତ୍ ଶକ୍ତିର ସୁବିତରଣକୁ ଗୁରୁତ୍ୱ'

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

ରାଜ୍ୟରେ ଶକ୍ତି ଉତ୍ପାଦନ, ସଞ୍ଚରଣ, ବିଜୁଳି ଶକ୍ତି ବିତରଣ ସମ୍ବନ୍ଧୀୟ କାର୍ଯ୍ୟଶୈଳୀ ଓ ଉନ୍ନତୀକରଣ ଉପରେ ଶକ୍ତି ବିଭାଗ ଗୁରୁତ୍ୱ ଦେଇଛି। ସେହିପରି ମାଛକୁଣ୍ଡ ଜଳପ୍ରପାତ ଶକ୍ତିର ଉପଯୋଗ , ବାଲିମେଳା ଜଳପ୍ରପାତରୁ ଶକ୍ତି ଉତ୍ପାଦନ ଏବଂ ଓଡ଼ିଶା-ଆନ୍ଧ୍ରପ୍ରଦେଶ ମଧ୍ୟରେ ବିଦ୍ୟୁତ୍ ଶକ୍ତିର ସୁବିତରଣ ନେଇ ଆଲୋଚନା କରାଯାଇଛି। ଶକ୍ତି ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ବିଦ୍ୟୁତ୍ ସରବରାହ କେନ୍ଦ୍ରର ପଞ୍ଚଦଶ ସମନ୍ୱୟ ବୈଠକରେ ଉପରୋକ୍ତ ଆଲୋଚନା ହୋଇଛି। ବୈଠକରୁ ମିଳିଥିବା ସୂଚନାନୁଯାୟୀ ବର୍ତ୍ତମାନ ରାଜ୍ୟରେ ଗତବର୍ଷ ଡିସେମ୍ବରୁ ଚଳିତ ଡିସେମ୍ବର ମଧ୍ୟରେ ୨୪ ଲକ୍ଷ ନୂତନ ଘରୋଇ ବିଦ୍ୟୁତ୍ ସଂଯୋଗ ହୋଇଛି। ଆଗାମୀ ଗ୍ରୀଷ୍ମଋତୁର ପ୍ରଚଣ୍ଡ ରୌଦ୍ରର ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟୁତ୍ ସେବା ଅଧିକାରୀମାନଙ୍କୁ ସଜାଗ ରହିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମଋତୁରେ ଯେପରି କୌଣସି ବିଜୁଳିଜନିତ ସମସ୍ୟା ଘଟିବ ନାହିଁ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**e - Procurement Notice No.EE-CCD- 05 /2018-19**

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**CHHELIGADA CANAL DIVISION**
**Digapahandi, Dist: Ganjam**
e-mail– ccddig@gmail.com

**No. 994-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in

| | | |
|---|---|---|
| 1. | Type of the work | : Canal Structures & Road Work |
| 2. | No. of works | : 02 Nos. |
| 3. | Class of contractor | : "C"& "B" class |
| 4. | Bid identification No. | : e-CCD- 09 / 2018-19 & e-CCD -10/ 2018-19 |
| 5. | Estimated cost | : Rs.28.77 to 46.88 lakhs |
| 6. | Period of completion | : 03 (three) calendar months |
| 7. | Date & time of availability of bid documents in the portal | : From 24.12.2018, 10.00AM to 02.01.2019, upto 5.00PM |
| 8. | Last date / time for receipt of bids in the portal | : 02.01.2019 upto 5.00PM |
| 9. | Name of the officer inviting Bid | : Executive Engineer, Chheligada Canal Division, Digapahandi, Ganjam, Odisha. |

Any addendum / corrigendum / cancelation of tender can also be seen in the said Website.

Date of opening of the Bid: 03.01.2019 at 11.30AM

Further details can be seen from the Govt. website www.tendersorissa.gov.in

*Executive Engineer*
*Chheligada Canal Division*
*Digapahandi, Dist: Ganjam*

32169/11/0011/1819

**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-cum-District**
**Mission Director, NABARANGPUR**

Advt. No. 10815 Date: 21.12.18

**Tender Call Notice for hiring of Vehicle**

**No. 684-E:-** Sealed bids are invited from interested Travel Agency, Tour Operators and individuals for providing hired Vehicle under two different categories.

i. Mobile Vision Center under SUNETRA.
ii. Requirement under NHM, Nabarangpur

The bidder may send their complete bid document in double cover system (Technical & Financial) superscribing with "Tender for hiring of Vehicle under Category-I OR II)" to CDM&PHO, Nabarangpur Rangmatiguda, At/PO/District- Nabarangpur-764059 through Registered / Speed Post only. The bidders should apply separately for different categories. The detail terms and condition, Eligibility criteria for both the categories may be downloaded from the district website www.nabarangpur.nic.in. Last date of submission of tender is 03.01.2019 by 5PM. The tender will be opened on 04.01.2019 at 11AM in presence of the purchase committee and bidders / representative of bidders. Incomplete and delayed receipt of bids will not be considered. The undersigned reserves the right to accept or reject any or all bids without assigning any reason thereof.

*(Dr. Saroj Kumar Nayak)*
*CDM & PHO-cum-District Mission Director*
*Nabarangpur*

10081/11/0014/1819

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ବାବା ବଙ୍ଗାଲୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲି:
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗ୍ରୁପଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁୱାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି। (ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ଘରେ ବସି SMS JOB
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଡିସେମ୍ବର, ୨୦୧୮



କାହା ବିରୋଧରେ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନା ଅଭିଯୋଗ ଆସିଲେ କ୍ୟାଥୋଲିକ୍ ଚର୍ଚ୍ଚ ଅଣଦେଖା କରିବ ନାହିଁ। ଏଭଳି ଅପରାଧ ଘଟାଇଥିବା ବ୍ୟକ୍ତିଙ୍କୁ ଆଇନର କାଠଗଡ଼ାରେ ଛିଡ଼ାକରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

-ପୋପ୍ ଫ୍ରାନ୍ସିସ୍



## ସଂକ୍ଷେପରେ

### ମାଟିସ୍‌ଙ୍କ ଇସ୍ତଫା



**ୱାଶିଂଟନ,୨୧।୧୨(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ମତପାର୍ଥକ୍ୟ କାରଣରୁ ପ୍ରତିରକ୍ଷା ସଚିବ ଜେମ୍ସ ମାଟିସ୍ ଇସ୍ତଫା ଦେଇଛନ୍ତି। ସିରିଆରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ନେଇ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସେ ବିରୋଧ କରି ଇସ୍ତଫା ଦେଇଛନ୍ତି। ସେ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ବୋଲି ଟ୍ରମ୍ପ୍ କହିଛନ୍ତି।

### ଖଣିରେ ନିଆଁ: ୧୩ ଦଗ୍ଧ

**ପ୍ରାଗ୍,୨୧।୧୨:**ଚେକ୍ ଗଣରାଜ୍ୟର ଏକ କୋଇଲା ଖଣିରେ ନିଆଁ ଲାଗିଯିବାରୁ ୧୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୧ ପୋଲାଣ୍ଡ ଏବଂ ୨ ଚେକ୍ ବାସିନ୍ଦା। କାର୍ଭିନା ସହରରେ ଥିବା ସିଏସ୍‌ଏମ୍ ଖଣିର ୮୦୦ ମିଟର ଗଭୀରରେ ଏହି ଦୁର୍ଘଟଣା ଘଟିଛି। ଖଣିରୁ ନିର୍ଗତ ମିଥେନରେ ନିଆଁ ଲାଗିଯାଇଥିଲା। ଚେକ୍ ଏବଂ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

### ଅଟକିଲା ଭାଜପା ରଥଯାତ୍ରା

**କୋଲକାତା,୨୧।୧୨ (ପି.ଟି.):** ପଶ୍ଚିମବଙ୍ଗରେ ଭାଜପାର ରଥଯାତ୍ରାକୁ କୋଲକାତା ହାଇକୋର୍ଟର ଜଣକିଆ ଖଣ୍ଡପୀଠ ଅନୁମତି ଦେଇଥିବାବେଳେ ଶୁକ୍ରବାର ଡିଭିଜନ ବେଞ୍ଚ ଏହାକୁ ଖାରଜ କରିଦେଇଛନ୍ତି। ଫଳରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ଉକ୍ତ ମାମଲାର ପୁନଃ ଶୁଣାଣି କରିବା ସହ ଗୋଇନ୍ଦା ରିପୋର୍ଟକୁ ବିଚାରକୁ ନେବା ଲାଗି ଡିଭିଜନ ବେଞ୍ଚ କହିଛନ୍ତି। ଡିସେମ୍ବର ୭ରୁ ଭାଜପାର ରଥଯାତ୍ରା ଆରମ୍ଭ ହେବାକୁ ଥିଲା। ହେଲେ ରାଜ୍ୟ ସରକାର ଏଥିପାଇଁ ଅନୁମତି ଦେଇ ନ ଥିଲେ। ଫଳରେ ଭାଜପା କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଭାଜପାର ଆବେଦନ ଶୁଣାଣି କରି ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା କରିବା ଲାଗି ଜଣକିଆ ଖଣ୍ଡପୀଠ ଗୁରୁବାର ଅନୁମତି ଦେଇଥିଲେ। ପଶ୍ଚିମବଙ୍ଗ ସରକାର ଏହାକୁ ମୁଖ୍ୟ ବିଚାରପତିଙ୍କ ଡିଭିଜନ ବେଞ୍ଚରେ ଚାଲେଞ୍ଜ କରିଥିଲେ।

### ନକଲି କଲ୍ ସେଣ୍ଟରରୁ ୧୨୬ ଗିରଫ

**ନୋଇଡ଼ା,୨୧।୧୨(ପି.ଟି.):** ଆମେରିକୀୟଙ୍କୁ ଠକୁଥିବା ଏକ ନକଲି କଲ୍ ସେଣ୍ଟର ଉପରେ ନୋଇଡ଼ା ପୋଲିସ ଚଢ଼ାଉ କରି ୧୨୬ କର୍ମଚାରୀଙ୍କୁ ଗିରଫ କରିଛି। ସେଠାରେ ବିଭିନ୍ନ ଜାଲିଆତି ଚାଲିଥିବା ସୂଚନା ପାଇ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରିଥିଲା। କେତେକ ଟେଲିଫୋନ୍ ଅପରେଟରଙ୍କୁ ପଚରାଉଚରା ପରେ ଶୁକ୍ରବାର ସେମାନଙ୍କୁ ଗିରଫ କରାଯାଇଛି। ନକଲି କଲ୍ ସେଣ୍ଟର କର୍ମଚାରୀମାନେ ଆମେରିକା ନାଗରିକଙ୍କୁ ଫୋନ କରି ସେମାନଙ୍କ ସାମାଜିକ ସୁରକ୍ଷା ନମ୍ବରରେ ସମସ୍ୟା ଥିବା କହି ଧମକାଉଥିଲେ । ୯ ଅଙ୍କ ବିଶିଷ୍ଟ ଏକ ପରିଚୟ ନମ୍ବର ଇସ୍ୟୁ ପାଇଁ ସେମାନେ ଆମେରିକୀୟଙ୍କଠାରୁ ଅର୍ଥ ଦାବି କରୁଥିଲେ ବୋଲି ଏସ୍‌ପି ଅଜୟ ପାଲ୍ ସିଂ କହିଛନ୍ତି।

### ଭୂସ୍ଖଳନରେ ୮ ମୃତ

**ଡେରାଡୁନ,୨୧।୧୨(ପି.ଟି.):** ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲାରେ ଭୂସ୍ଖଳନ ଘଟି ୮ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ଋଷିକେଶ-କେଦାରନାଥ ଜାତୀୟ ରାଜପଥର ବଂଶୱାଦା ନିକଟରେ ରାସ୍ତା ନିର୍ମାଣ ଚାଲିଥିଲାବେଳେ ଭୂସ୍ଖଳନ ଘଟିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ■ କମ୍ପ୍ୟୁଟର ଜରିଆରେ ଗୁପ୍ତ ଅନୁସନ୍ଧାନ ନିର୍ଦ୍ଦେଶନାମା

# ଗୋପନୀୟତା ଅଧିକାରକୁ ଆକ୍ରମଣ

**ନୂଆଦିଲ୍ଲୀ,୨୧।୧୨(ପି.ଟି.)**

ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ ବଳରେ ଜନସାଧାରଣଙ୍କ ବ୍ୟକ୍ତିଗତ କମ୍ପ୍ୟୁଟର ଯାଞ୍ଚ କ୍ଷମତା ୧୦ କେନ୍ଦ୍ରୀୟ ସଂସ୍ଥାକୁ ପ୍ରଦାନ କରାଯିବା ପରେ ବିବାଦ ମୁଣ୍ଡ ଟେକିଛି। ଏହି ପ୍ରସଙ୍ଗକୁ ନେଇ ଉଭୟ ପାର୍ଲାମେଣ୍ଟ ଭିତରେ ଓ ବାହାରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଲୋକଙ୍କ କମ୍ପ୍ୟୁଟର ଯାଞ୍ଚ କରିବା ଅର୍ଥ ସେମାନଙ୍କ ଗୋପନୀୟତା ଅଧିକାର ଉପରେ ସରକାରଙ୍କ ଆକ୍ରମଣ ବୋଲି ବିରୋଧୀ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଥିବା କ୍ୟାବିନେଟ ମନ୍ତ୍ରୀମାନେ ସଫେଇ ଦେଇଛନ୍ତି। ହେଲେ ଏଭଳି କଟକଣାକୁ ଦେଶର ବୁଦ୍ଧିଜୀବୀ ମହଲ ଗ୍ରହଣ କରି ନ ପାରି କେନ୍ଦ୍ର ଉପରେ ବର୍ଷିଛନ୍ତି।

କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଲୋକଙ୍କ କମ୍ପ୍ୟୁଟର ଯାଞ୍ଚ ପାଇଁ କ୍ଷମତା ପ୍ରଦାନ ନେଇ ବିବାଦୀୟ ନିଷ୍ପତ୍ତି ଶୁକ୍ରବାର ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। କେନ୍ଦ୍ର ସରକାର ଅନ୍ୟମାନଙ୍କ ବ୍ୟକ୍ତିଗତ ବ୍ୟାପାର ସମ୍ପର୍କରେ ଜାଣିବା ପାଇଁ ଚୋରା ଚେଷ୍ଟା କରୁଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଏଥିସହ କମ୍ପ୍ୟୁଟରକୁ ନେଇ ଏହି ଗୁପ୍ତ ଅନୁସନ୍ଧାନ ନିର୍ଦ୍ଦେଶନାମା ନାଗରିକଙ୍କ ମୌଳିକ ଗୋପନୀୟତା ଅଧିକାରକୁ କ୍ଷୁଣ୍ଣ କରୁଥିବା ଦର୍ଶାଇ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। କଂଗ୍ରେସ ନେତା ଆନନ୍ଦ ଶର୍ମା କହିଛନ୍ତି, ଲୋକଙ୍କ କମ୍ପ୍ୟୁଟରରୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ତଥ୍ୟ ହାସଲ କରିବା ଅର୍ଥ ହେଉଛି ପ୍ରିଭେସିକୁ ନେଇ ସୁପ୍ରିମକୋର୍ଟଙ୍କ ରାୟର ଅବଜ୍ଞା। କେବଳ ଏତିକି ନୁହେଁ, ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିଙ୍କ ସମେତ କେତେଜଣ ରାଜନେତାଙ୍କ ଫୋନ୍ ମଧ୍ୟ ଟ୍ୟାପିଂ କରାଯାଉଛି। ଏହା ଏକ ଅତ୍ୟନ୍ତ ଗମ୍ଭୀର ଘଟଣାକ୍ରମ।



ଏଭଳି ପଦକ୍ଷେପ ସରକାରଙ୍କ କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେ ଅସୁରକ୍ଷିତ ଏକଛତ୍ରବାଦୀ ଏହା କେବଳ ୧୦୦ କୋଟି ଭାରତୀୟଙ୍କୁ ତା'ର ପ୍ରମାଣ ଦେବ।

**-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**



ଦେଶରେ ଜରୁରୀ ପରିସ୍ଥିତି ଜାରି କରି ରାଜନେତା ଓ ସାମ୍ବାଦିକଙ୍କୁ ଗିରଫ କରାଇଥିବା କଂଗ୍ରେସ ଏବେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି କହିବା ଅନୁଚିତ।

**-ରବିଶଙ୍କର ପ୍ରସାଦ, ଆଇଟି ଏବଂ ଆଇନ ମନ୍ତ୍ରୀ**

ମୋଦି ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରି ଭାରତକୁ ଏକ ସର୍ଭିଲାନ୍ସ ଷ୍ଟେଟ୍‌ରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି। କୌଣସି ଗଣତନ୍ତ୍ରରେ ଏହା ଗ୍ରହଣୀୟ ନୁହେଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଅତ୍ୟନ୍ତ ଖରାପ ଆଇନ ଭାବେ ଅଭିହିତ କରିବା ସହ ଟୁଇଟର୍‌ରେ ଏନେଇ ଜନସାଧାରଣଙ୍କ ମତାମତ ଲୋଡ଼ିଛନ୍ତି। ସେହିପରି ସମସ୍ତ ଭାରତୀୟଙ୍କୁ ଅପରାଧୀ ଭଳି ବ୍ୟବହାର କାହିଁକି କରାଯାଉଛି ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ୨୦୧୪ ମେ'ରେ କେନ୍ଦ୍ରରେ ଭାଜପା କ୍ଷମତାସୀନ ହେବା ପରଠୁ ଦେଶରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ନାଗରିକଙ୍କ କମ୍ପ୍ୟୁଟରକୁ ନିୟନ୍ତ୍ରଣ କରିବାକୁ ଯାଇ ସରକାର ସବୁ ସୀମା ଅତିକ୍ରମ କରିଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଏଭଳି କଟକଣାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ଟୁଇଟ କରିଛନ୍ତି। ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ କହିଛନ୍ତି, ୫ ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହେବା ପରେ ମୋଦି ସରକାର ଏଭଳି ଏକଛତ୍ରବାଦୀ ପଦକ୍ଷେପ ନେଇଛନ୍ତି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ଭାଜପା ଯେତେବେଳେ 'ଘର ଘର ମୋଦି' ସ୍ଲୋଗାନ ଦେଉଥିଲା ସେତେବେଳେ କେହି ବୁଝିପାରି ନ ଥିଲେ ଯେ, ମୋଦି ସରକାର କମ୍ପ୍ୟୁଟର ଯାଞ୍ଚ କରି ସମସ୍ତଙ୍କ ଘରେ ପହଞ୍ଚିବେ ବୋଲି। ସେହିପରି ସରକାରଙ୍କ କମ୍ପ୍ୟୁଟର ଯାଞ୍ଚ କ୍ଷମତା ଉପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ଦାବି କରିଛନ୍ତି। ହେଲେ ସରକାର ଏହାକୁ ୨୦୦୯ ଉପା ଅମଳ ନିୟମର ପୁନରାବୃତ୍ତି ବୋଲି ସଫେଇ ଦେଇଛନ୍ତି।

## ■ ସୋହରାବୁଦ୍ଦିନ ଏନ୍‌କାଉଣ୍ଟର ମାମଲା

# ୨୨ ଦୋଷମୁକ୍ତ

**ମୁମ୍ବାଇ,୨୧।୧୨(ପି.ଟି.)**



ସୋହରାବୁଦ୍ଦିନ ଶେଖ୍ କୌସର ବାଇ

ଗ୍ୟାଙ୍ଗଷ୍ଟର ସୋହରାବୁଦ୍ଦିନ ଶେଖ୍, ତାଙ୍କ ସ୍ତ୍ରୀ କୌସର ବାଇ ଏବଂ ସହଯୋଗୀ ତୁଳସୀ ପ୍ରଜାପତିଙ୍କୁ ମିଥ୍ୟା ଏନ୍‌କାଉଣ୍ଟରରେ ହତ୍ୟା ଅଭିଯୋଗ ମାମଲାର ବିଚାର କରି ସ୍ୱତନ୍ତ୍ର ସିବିଆଇ କୋର୍ଟ ଶୁକ୍ରବାର ୨୧ ପୋଲିସ କର୍ମଚାରୀଙ୍କ ସମେତ ସମସ୍ତ ୨୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ସ୍ୱତନ୍ତ୍ର ସିବିଆଇ ଜଜ୍ ଏସ.ଜେ. ଶର୍ମା ରାୟ ଦେବା ଅବସରରେ କହିଥିଲେ, କୋର୍ଟ ପ୍ରମାଣ ଆଧାରରେ ନ୍ୟାୟ ପ୍ରଦାନ କରିଥାନ୍ତି। ତେବେ ହତ୍ୟା ପଛର ଷଡ଼ଯନ୍ତ୍ର ଏବଂ ଅଭିଯୁକ୍ତମାନଙ୍କର ଏଥିରେ କୌଣସି ଭୂମିକା ଥିବା ନେଇ ଯଥେଷ୍ଟ ପ୍ରମାଣ ଦାଖଲ କରାଯାଇପାରି ନାହିଁ। ମିଳିଥିବା ତଥ୍ୟ ପ୍ରମାଣ ଆଧାରରେ କୋର୍ଟ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ହତ୍ୟା ମାମଲା ପଛର ଷଡ଼ଯନ୍ତ୍ର ପ୍ରମାଣିତ ହୋଇପାରି ନାହିଁ। ସେହିପରି ୨୨ଜଣ ଅଭିଯୁକ୍ତଙ୍କର ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ମଧ୍ୟ ପ୍ରମାଣିତ ହୋଇପାରି ନାହିଁ ବୋଲି ସ୍ୱତନ୍ତ୍ର ଜଜ୍ କହିଥିଲେ। ଏହି ମାମଲାର ଅଧିକାଂଶ ଅଭିଯୁକ୍ତ ଗୁଜରାଟ ଓ ରାଜସ୍ଥାନ ପୋଲିସ ଥିଲେ, ଯେଉଁମାନେ ଏବେ ଜାମିନରେ ଅଛନ୍ତି।

୨୦୦୫ ନଭେମ୍ବର ୨୨ ତାରିଖ ରାତିରେ ସୋହରାବୁଦ୍ଦିନ, ତାଙ୍କ ସ୍ତ୍ରୀ ଓ ସହଯୋଗୀ ହାଇଦ୍ରାବାଦରୁ ଏକ ବସ୍ ଯୋଗେ ମହାରାଷ୍ଟ୍ରର ସାଙ୍ଗ୍‌ଲି ଫେରୁଥିଲା ବେଳେ ପୋଲିସ ସେମାନଙ୍କୁ ଅପହରଣ କରି ନେଇଯାଇଥିଲା। ନଭେମ୍ବର ୨୬ରେ ସୋହରାବୁଦ୍ଦିନଙ୍କୁ ଓ ତିନି ଦିନ ପରେ କୌସର ବାଇଙ୍କୁ ହତ୍ୟା କରାଯାଇଥିଲା। ଉଦୟପୁର କେନ୍ଦ୍ରୀୟ ଜେଲ୍‌ରେ ବନ୍ଦୀ ଥିବା ପ୍ରଜାପତିଙ୍କୁ ୨୦୦୬ ଡିସେମ୍ବର ୨୭ରେ ଗୁଜରାଟ-ରାଜସ୍ଥାନ ସୀମାରେ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା। ୨୨ ଅଭିଯୁକ୍ତଙ୍କ ମଧ୍ୟରୁ ୨୧ ଜଣ ପୋଲିସ ହୋଇଥିଲାବେଳେ ଅନ୍ୟଜଣେ ଫାର୍ମ ହାଉସ୍ ମାଲିକ ଥିଲେ। ସୋହରାବୁଦ୍ଦିନ ଓ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ପୂର୍ବରୁ ଉକ୍ତ ଫାର୍ମ ହାଉସ୍‌ରେ ଅଟକ ରଖାଯାଇଥିଲା। ପୋଲିସ କହିବା ଅନୁଯାୟୀ ସୋହରାବୁଦ୍ଦିନ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ଏବଂ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟାକରିବା ଲାଗି ଷଡଯନ୍ତ୍ର କରିଥିଲା। ସିବିଆଇ ମାମଲା ହାତକୁ ନେବା ପରେ ତତ୍କାଳୀନ ଗୁଜରାଟ ଗୃହମନ୍ତ୍ରୀ ଅମିତ ଶାହ, ସେହି ସମୟର ରାଜସ୍ଥାନ ଗୃହମନ୍ତ୍ରୀ ଗୁଲାବଚାନ୍ଦ କଟାରିଆ, ବରିଷ୍ଠ ଆଇପିଏସ୍ ଅଫିସର ଡି.ଜି. ବଞ୍ଜାରାଙ୍କ ସମେତ ୩୮ ଜଣଙ୍କୁ ଅଭିଯୁକ୍ତ କରିଥିଲା।

# ପାର୍ଲାମେଣ୍ଟରେ ମୁହାଁମୁହିଁ



ଅରୁଣ ଜେଟ୍‌ଲୀ



ଗୁଲାମ ନବୀ ଆଜାଦ

**ନୂଆଦିଲ୍ଲୀ,୨୧।୧୨(ପି.ଟି.):** କମ୍ପ୍ୟୁଟର ଯାଞ୍ଚ ନିର୍ଦ୍ଦେଶନାମାକୁ ନେଇ ଶୁକ୍ରବାର ପାର୍ଲାମେଣ୍ଟ ସରଗରମ ହୋଇଛି। ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଉଭୟ ଗୃହରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଛନ୍ତି, ଦେଶ ପ୍ରତି କେବଳ ଭାଜପା ଓ ଏହାର ସରକାରଠାରୁ ବିପଦ ରହିଛି। ୧.୩ ବିଲିୟନ୍ ଲୋକଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ଆମ ଟେଲିଫୋନ ଓ କମ୍ପ୍ୟୁଟର ଯାଞ୍ଚ କରିବାକୁ ସରକାର ନିର୍ଦ୍ଦେଶ ଦେଇ ଭୁଲ କରିଛନ୍ତି। ଭାଜପା ଯେତେବେଳେ କ୍ଷମତାଚ୍ୟୁତ ହୁଏ ସେତେବେଳେ ଦେଶ ପ୍ରତି ବିପଦ ସୃଷ୍ଟି ହୋଇଥିବା ଦର୍ଶାଇ ଏଭଳି ପଦକ୍ଷେପ ନେଇଥାଏ। ବିରୋଧୀ ସଦସ୍ୟମାନେ ମଧ୍ୟ ଆଜାଦଙ୍କ ସହ ସ୍ୱର ମିଳାଇ କେନ୍ଦ୍ରର ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ବୋଲି ଅଭିହିତ କରିଥିଲେ। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାର ଜବାବରେ କହିଥିଲେ, ସରକାରଙ୍କ ବିରୋଧରେ କଂଗ୍ରେସ ଭୁଲ ତଥ୍ୟ ପ୍ରଦାନ କରି ଅପପ୍ରଚାର ଚଳାଇଛି। ଜାତୀୟ ନିରାପତ୍ତା ଦୃଷ୍ଟିରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ୨୦୦୯ରେ ମଧ୍ୟ ଉପା ସରକାର ଏଭଳି କରିଥିଲା। ଉଭୟ ଶାସକ ଏବଂ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଆର୍‌ଏସ୍‌ପି ନେତା ଏନ୍.କେ. ପ୍ରେମଚନ୍ଦ୍ରନ୍ ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇବା ପରେ ବିରୋଧୀ ସଦସ୍ୟମାନେ ସରକାରଙ୍କ ପଦକ୍ଷେପକୁ ନିନ୍ଦା କରିଥିଲେ। ଏହାବ୍ୟତୀତ ରାଫାଲ ଚୁକ୍ତିର ଜେପିସି ତଦନ୍ତ ଦାବି, କାବେରୀ ନଦୀରେ ପ୍ରସ୍ତାବିତ ଡ୍ୟାମ୍ ନିର୍ମାଣର ପ୍ରତିବାଦ ଓ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଆଦି ନେଇ ନିମ୍ନ ସଦନରେ ସ୍ଲୋଗାନ ଦିଆଯାଇଥିଲା। ଶେଷରେ ହୋହଲ୍ଲା ମଧ୍ୟରେ ବାଚସ୍ପତି ସୁମିତ୍ରା ମହାଜନ ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

# ଜେଲରୁ ମୁକୁଳିଲେ ସୁଶୀଲ

**ନୂଆଦିଲ୍ଲୀ,୨୧।୧୨(ପି.ଟି.)**

### ନୈନା ସାହାଣୀ ହତ୍ୟାକାଣ୍ଡ



ସ୍ତ୍ରୀ ନୈନା ସାହାଣୀ ହତ୍ୟା ମାମଲାରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ପୂର୍ବତନ ଯୁବ କଂଗ୍ରେସ ନେତା ସୁଶୀଲ ଶର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ମୁକ୍ତ କରିଦେଇଛନ୍ତି। ଶର୍ମା ୨୩ ବର୍ଷରୁ ଅଧିକ ସମୟ ଜେଲ୍‌ରେ କଟାଇସାରିଥିବାରୁ ତାଙ୍କୁ ମୁକ୍ତ କରିଦେବା ଲାଗି ଜଷ୍ଟିସ୍ ସିଦ୍ଧାର୍ଥ ମୃଦୁଳ ଏବଂ ସଙ୍ଗୀତା ଧିଙ୍ଗ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ରାୟ ଦେଇଛନ୍ତି। ପୁରୁଷ ବନ୍ଧୁ ସହ ସମ୍ପର୍କ ଅଭିଯୋଗରେ ନୈନାଙ୍କୁ ସୁଶୀଲ ୧୯୯୫ରେ ଗୁଳି କରି ହତ୍ୟା କରିଥିଲେ। ଏହା ପରେ ସେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଏକ ରେଷ୍ଟୁରାଣ୍ଟର ତନ୍ଦୁର ଚୁଲାରେ ପୋଡିବା ପାଇଁ ଉଦ୍ୟମ କରିଥିଲେ। ଏହି ଘଟଣା ସେତେବେଳେ ବହୁଚର୍ଚ୍ଚିତ ହୋଇଥିଲା ଏବଂ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ଲାଗି ଡିଏନ୍‌ଏ ପ୍ରମାଣ ଏବଂ ଦୁଇ ଥର ଶବ ବ୍ୟବଚ୍ଛେଦ କରିବାକୁ ପଡିଥିଲା।





ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଭାରତୀୟ କେନ୍ଦ୍ରରେ ଶୁକ୍ରବାର ଭାରତ-ଚାଇନା ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟଗୀତ ପରିବେଷଣ କରିଥିବା କଳାକାରଙ୍କ ସହ ଭାବ ବିନିମୟ କରୁଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ତାଙ୍କ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟି।

### ବସ୍ ଦୁର୍ଘଟଣାରେ ୧୬ ଛାତ୍ର ମୃତ

**କାଠମାଣ୍ଡୁ,୨୧।୧୨**

ନେପାଳର ଡାଙ୍ଗ ଜିଲାରେ ଶୁକ୍ରବାର ଏକ ବସ୍ ନାଳକୁ ଖସିପଡିବା ଫଳରେ ୧୬ ଜଣ ସ୍କୁଲ ପିଲାଙ୍କ ମୃତ୍ୟୁ ଘଟିଛି ଓ ୧୨ ଆହତ ହୋଇଛନ୍ତି। ଘୋରାହିସ୍ଥିତ କ୍ରିଷ୍ଟସେନ ଇଚ୍ଛୁକ ଟେକ୍ନିକାଲ ସ୍କୁଲର ୩୧ ଜଣ ପିଲା ଓ ସେମାନଙ୍କ ଶିକ୍ଷକ ସାଲ୍ୟାନଠାରେ ଥିବା ବଟାନିକାଲ ଗାର୍ଡେନକୁ ଶିକ୍ଷଣ ଟୁର୍‌ରେ ଯାଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସେମାନଙ୍କ ବସ୍‌ଟି ପାଖାପାଖି ୪୦୦ ମିଟର ଗଭୀର ନାଳକୁ ଖସିପଡିଥିଲା। ଉଦ୍ଧାର ହୋଇଥିବା ୧୨ ଜଣ ଆହତଙ୍କୁ ରାପ୍ତି ଜୋନାଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

# ଏଏପି ଛାଡ଼ିଲେ ଅଲ୍‌କା ଲାମ୍ବା

**ନୂଆଦିଲ୍ଲୀ,୨୧।୧୨**



ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟିକା ଅଲ୍‌କା ଲାମ୍ବା ଶୁକ୍ରବାର ଦଳ ଛାଡ଼ିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କଠାରୁ ଭାରତରତ୍ନ ଉପାଧି ପ୍ରତ୍ୟାହାର କରିବା ନେଇ ଦିଲ୍ଲୀ ବିଧାନସଭାରେ ଏକ ସଙ୍କଳ୍ପନାମା ଗୃହୀତ ହୋଇଛି। ଦଳୀୟ ବିଧାୟକ ଜର୍ନେଲ ସିଂଙ୍କ ଦ୍ୱାରା ଆଗତ ଏହି ସଂକଳ୍ପନାମା ଆଗତ ବେଳେ ସେ କକ୍ଷତ୍ୟାଗ କରିଥିଲେ। ଏହାକୁ ନେଇ ଏଏପି ସହିତ ଲାମ୍ବାଙ୍କ ମତଭେଦ ସୃଷ୍ଟି ହୋଇଥିଲା। ଫଳରେ ତାଙ୍କୁ ଦଳ ଛାଡ଼ିବାକୁ ଏଏପି ନେତୃବୃନ୍ଦ କହିଥିଲେ। ଏହାକୁ ନେଇ ସେ ଦଳତ୍ୟାଗ କରିଥିବା ଲାମ୍ବା ଟୁଇଟ୍ କରିଛନ୍ତି। ଲାମ୍ବାଙ୍କ ଇସ୍ତଫାପତ୍ର ଗୃହୀତ ହୋଇଥିବା ଏଏପି ସୂତ୍ରରୁ ପ୍ରକାଶ। ତାଙ୍କ ଇସ୍ତଫା ପରେ ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାରେ ଏଏପି ବିଧାୟକଙ୍କ ସଂଖ୍ୟା ୬୫କୁ ଖସିଆସିଛି।

## ■ ହାଇକୋର୍ଟରେ ନ୍ୟାଶନାଲ୍ ହେରାଲ୍ଡ ମାମଲା

# ଅଫିସ ଖାଲି କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୧।୧୨(ପି.ଟି.)**

କଂଗ୍ରେସ ମୁଖପାତ୍ର ନ୍ୟାଶନାଲ୍ ହେରାଲ୍ଡର ପ୍ରକାଶନ ସଂସ୍ଥା ଆସୋସିଏଟ୍ସ ଜର୍ନାଲ୍ସ ଲିଃ (ଏଜେଏଲ୍)କୁ ଦୁଇ ସପ୍ତାହ ମଧ୍ୟରେ ଅଫିସ୍ ଖାଲି କରିବାକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀସ୍ଥିତ ନ୍ୟାଶନାଲ ହେରାଲ୍ଡର ଉକ୍ତ ଜମିକୁ ଲିଜ୍ ନିୟମର ଉଲ୍ଲଂଘନ କରାଯାଇ ୧୦ ବର୍ଷ ହେଲା ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ଏହାକୁ ଖାଲି କରିବା ଲାଗି କେନ୍ଦ୍ର ସରକାର ଦେଇଥିବା ନିର୍ଦ୍ଦେଶକୁ ଏଜେଏଲ୍ ପକ୍ଷରୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଥିଲା। ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ତେବେ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଏଜେଏଲ୍ ସୁପ୍ରିମକୋର୍ଟ ଯିବ ବୋଲି କହିଛି। ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଉକ୍ତ କାର୍ଯ୍ୟାଳୟରେ ପ୍ରେସ୍ କାମ ଆଦୌ ହେଉ ନ ଥିଲା। ନ୍ୟାଶନାଲ ହେରାଲ୍ଡ ପ୍ରକାଶନ କାର୍ଯ୍ୟ ବାହାରୁ କରାଯାଉଥିବା ବେଳେ ସମ୍ପାଦକୀୟ ଟିମ୍‌ର ଜରୁରୀ ପ୍ରେସ୍ କାର୍ଯ୍ୟ ମଧ୍ୟ ସେଠାରେ ହେଉଥିବାର ତଦାରଖ ବେଳେ ଦେଖାଯାଇ ନ ଥିଲା। ଖବରକାଗଜ ପ୍ରକାଶନ ପାଇଁ ରାଜଧାନୀର କେନ୍ଦ୍ରସ୍ଥଳୀରେ ଜାଗା ଲିଜ୍ ଦିଆଯାଇଥିଲା। କିନ୍ତୁ ଏଜେଏଲ୍ ଏହାର ଅଧିକାଂଶ ଅଂଶକୁ ଭଡ଼ାରେ ଦେଇଥିଲା।ଖବରକାଗଜ କେତେ ଛପାହେଉଛି ଏବଂ ଅନ୍‌ଲାଇନରେ କେତେଜଣ ଦେଖୁଛନ୍ତି ତାହା ମଧ୍ୟ ଏଜେଏଲ୍ ଦର୍ଶାଇ ନ ଥିଲା। ନ୍ୟାଶନାଲ୍ ହେରାଲ୍ଡ ଅନ୍‌ଲାଇନ ପ୍ରକାଶନ ସମ୍ପର୍କରେ କୌଣସି ତଥ୍ୟ ମିଳି ନ ଥିଲା ।

### [ଇତିହାସର ଆଇନାରେ]

### ଡିସେମ୍ବର ୨୨ର ପ୍ରମୁଖ ଘଟଣା

୨୦୦୧ ଡିସେମ୍ବର ୨୨ରେ ବୁର୍‌ହାନୁଦ୍ଦିନ୍ ରବାନି ଆଫଗାନିସ୍ତାନରେ ରାଷ୍ଟ୍ରପତି ହମିଦ କାର୍ଜାଇଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ। ରବାନି ୧୯୪୦ ସେପ୍ଟେମ୍ବର ୨୦ରେ ଜନ୍ମଗ୍ରହଣ କରିଥିବା ବେଳେ ୨୦୧୧ ସେପ୍ଟେମ୍ବର ୨୦ରେ ମୃତ୍ୟୁବରଣ କରିଥିଲେ।

୧୯୯୦ ଡିସେମ୍ବର ୨୨ରେ ଲେଚ୍ ୱାଲେଶା ପୋଲାଣ୍ଡର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୪୩ ସେପ୍ଟେମ୍ବର ୨୯ରେ ଜନ୍ମଗ୍ରହଣ କରିଥିଲେ। ସେ ମଧ୍ୟ ଶ୍ରମିକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲେ।





ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୧୦୮ ହନୁମାନ ଚାଳିଶା ପାଠ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସର, ଶୈଳଶ୍ରୀ ବିହାର, ସକାଳ ୭ଟା।
- ସେଣ୍ଟ୍ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ, ଚନ୍ଦ୍ରଶେଖରପୁରର ବାର୍ଷିକ କ୍ରୀଡ଼ା ଉତ୍ସବ, ଇଷ୍ଟ୍ କୋଷ୍ଟ୍ ରେଲୱେ ଷ୍ଟାଡିୟମ୍, ମଞ୍ଚେଶ୍ୱର, ସକାଳ ୭ଟା ୩୦।
- ଦ ଇନ୍ଷ୍ଟିଚ୍ୟୁଟ ଅଫ୍ କଷ୍ଟ୍ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ, ଟ୍ୟାକ୍ସ ରିସର୍ଚ୍ଚ ଡିପାର୍ଟମେଣ୍ଟ ଏବଂ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ତିନିଦିନିଆ ଜାତୀୟ ସମ୍ମିଳନୀ, କିଟ୍ ଅଡିଟୋରିୟମ୍, କିଟ୍ ୟୁନିର୍ଭସିଟି କ୍ୟାମ୍ପସ୍, ସକାଳ ୯ଟା।
- ବିଂଶତମ ଗୀତା ଜୟନ୍ତୀ ଉତ୍ସବ ଉଦ୍‌ଯାପନ, ପ୍ଲଟ୍ ନଂ. ୧୫୭୬, ଏରୋଡ୍ରମ ଏରିଆ, ଗଳି ନଂ. ୫, ଚାମୁଣ୍ଡେଶ୍ୱର ଲେନ୍, ପୂର୍ବାହ୍ନ ୧୦ଟାରୁ ଆରମ୍ଭ। ପ୍ରବଚନ ଓ ଭଜନ ସମାରୋହ, ସନ୍ଧ୍ୟା ୬ଟା ୩୦।
- ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଗଣଧାରଣା, ରାଜଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ୨୧ତମ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ-୨୦୧୮, ସୂଚନା ଭବନ, ପୂର୍ବାହ୍ନ ୧୧ଟା। ଦ୍ୱିତୀୟ ଅଧିବେଶନ, ଅପରାହ୍ନ ୩ଟା।
- ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ, ସାମନ୍ତରାପୁର ପକ୍ଷରୁ ଖ୍ରୀଷ୍ଟମାସ୍ କାର୍ଯ୍ୟକ୍ରମ, ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।
- ସ୍କିମ୍ ୱାର୍କରଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର କ୍ୟାପିଟାଲ ପକ୍ଷରୁ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଦାରୁଠେଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ନିଖିଳ ଉତ୍କଳ ଗ୍ରାମସେବକ ଓ ଗ୍ରାମସେବିକା ସଂଘର ୨୯ତମ ବାର୍ଷିକ ଅଧିବେଶନ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।
- ଅଷ୍ଟମ ଏକାମ୍ର ପୁସ୍ତକ ମହୋତ୍ସବରେ କବିତା ପାଠୋତ୍ସବ, ଦୁର୍ଗାପୂଜା ପଡ଼ିଆ, ଡମଣା ଛକ, ଚନ୍ଦ୍ରଶେଖରପୁର, ଅପରାହ୍ନ ୩ଟା। ବାଜପେୟୀ ସାହିତ୍ୟ ସନ୍ଧ୍ୟା, ସନ୍ଧ୍ୟା ୬ଟା।
- ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ, ବିଦ୍ୟାଳୟ ପରିସର, ଅପରାହ୍ନ ୪ଟା।
- ସେଣ୍ଟ୍ ଆର୍‌ନୋଲ୍ଡସ୍ ସ୍କୁଲ, ଭୁବନେଶ୍ୱରର ବାର୍ଷିକ ଉତ୍ସବ 'ଆର୍‌ନୋଲ୍ଡସ୍ ଫିଏଷ୍ଟା-୨୦୧୮', ସ୍କୁଲ ପରିସର, ଏଚ୍‌ଆଇଜି-୪୮୯, କଳିଙ୍ଗ ବିହାର, ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳାଦ୍ରି ବିହାରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନ, ବିଦ୍ୟାଳୟ ପରିସର, ଚନ୍ଦ୍ରଶେଖରପୁର, ଅପରାହ୍ନ ୪ଟା ୩୦।
- ଢେଙ୍କାନାଳ ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ପକ୍ଷରୁ ଢେଙ୍କାନାଳ ଉତ୍ସବ-୨୦୧୮, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ୍-୩ର ୪୧ତମ ବାର୍ଷିକ ଉତ୍ସବ, ଉତ୍କଳ ମଣ୍ଡପ, ଅପରାହ୍ନ ୫ଟା।
- ସାହିତ୍ୟ ଓ ସଙ୍ଗୀତର ମିଳନ ମଞ୍ଚ 'ଗୀତି ଦରବାର', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**କଟକ**

- ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟନ, ଦରଘାବଜାର, ପୂର୍ବାହ୍ନ ୧୦ଟା।
- ମାଧ୍ୟମିକ ଶିକ୍ଷା ପରିଷଦର ୬୩ତମ ପ୍ରତିଷ୍ଠା ଦିବସ ପାଳନ, ପରିଷଦ କାର୍ଯ୍ୟାଳୟ, ବଜ୍ରକବାଟି ରୋଡ୍, ପୂର୍ବାହ୍ନ ୧୧ଟା।
- ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ୪୨ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ମଙ୍ଗଳାବାଗ, ଅପରାହ୍ନ ୪ଟା।
- ଗଣେଶଘାଟସ୍ଥିତ ଜୋହରିମଲ୍ଲ ହାଇସ୍କୁଲର ବାର୍ଷିକ ସାଂସ୍କୃତିକ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୪ଟା ୩୦।
- ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଅଭିନନ୍ଦନ ଉତ୍ସବ, ହୋଟେଲ ଶୀତଲ, ଲିଙ୍କ୍‌ରୋଡ୍, ସନ୍ଧ୍ୟା ୬ଟା ୩୦।
- ଆଇନଜୀବୀ ଭିକାରୀ ଚରଣ ପଣ୍ଡାଙ୍କ ୯୧ତମ ଜୟନ୍ତୀ ଉତ୍ସବ, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ରାମକୃଷ୍ଣ ମିଶନ ସମ୍ମିଳନୀ କକ୍ଷ ଉଦ୍‌ଘାଟନ, ଚକ୍ରତୀର୍ଥ ରୋଡ୍, ପୂର୍ବାହ୍ନ ୧୦ଟା।
- ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନ, ଏନ୍‌ଏନ୍‌ଏସି ସଂସ୍କୃତ କଲେଜ ପରିସର, ଲୋକାନାଥ ରୋଡ୍, ପୂର୍ବାହ୍ନ ୧୧ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ 'ଫିସ୍ ଅନ୍ ହ୍ୱିଲ୍' ଉଦ୍‌ଘାଟନ, ଜିଲାପାଳଙ୍କ କାର୍ଯ୍ୟାଳୟ, ଅପରାହ୍ନ ୫ଟା।
- ଶ୍ରୀଗୌରବିହାର ଆଶ୍ରମ ପକ୍ଷରୁ ଆଧାତ୍ମିକ ମହୋତ୍ସବ, ଆଶ୍ରମ ପରିସର, ବଳିଆପଣ୍ଡା, ଅପରାହ୍ନ ୫ଟା।
- ଟିନି ଟଟ୍‌ସ ପ୍ଲେ ସ୍କୁଲ ବାର୍ଷିକ ଉତ୍ସବ, ସେନାପତି ବଗିଚା, ଅପରାହ୍ନ ୫ଟା।
- ବୋଧିଚକ୍ର ପକ୍ଷରୁ ଆଲୋଚନାଚକ୍ର, ବୁଦ୍ଧମନ୍ଦିର, ଷ୍ଟେଶନ ରୋଡ୍, ସନ୍ଧ୍ୟା ୬ଟା।
- ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ଶରଧାବାଲି, ସନ୍ଧ୍ୟା ୬ଟା।

**କଟକ ସଦର**

- କଟକ ଜିଲା ଓଷ୍ଟା ଆନୁକୂଲ୍ୟରେ ଶିଶୁ ଉତ୍ସବ-୨୦୧୮, ବେଣ୍ଟକାର ଉଚ୍ଚ ବିଦ୍ୟାଳୟ, ବୟାଳିଶ ମୌଜା, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ହନୁମାନ ମନ୍ଦିର ପ୍ରାଙ୍ଗଣ, ବେଣ୍ଣପୁର ରାମଲୀଳା ପଡ଼ିଆ, ଅପରାହ୍ନ ୩ଟା।

**କଣ୍ଟାପଡ଼ା**

- ସୁନ୍ଦରଗ୍ରାମ ବାଳିକା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସୁନ୍ଦରଗ୍ରାମ, ସକାଳ ୯ଟା।

## କେନ୍ଦ୍ର ସରକାରଙ୍କ ନଜରରେ ଲୋକଙ୍କ କମ୍ପ୍ୟୁଟର

# ବ୍ୟକ୍ତିଗତ ଗୋପନୀୟତା ପ୍ରତି ବିପଦ

**ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟରକୁ ଯାଞ୍ଚ କରିବା ଓ ତଥ୍ୟ ହାସଲ ନିମନ୍ତେ ୧୦ କେନ୍ଦ୍ରୀୟ ସଂସ୍ଥାକୁ କେନ୍ଦ୍ର ସରକାର କ୍ଷମତା ଦେଇଛନ୍ତି। ଜାତୀୟ ନିରାପତ୍ତା ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିବା ସରକାର ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। କିନ୍ତୁ ଏହାକୁ କେନ୍ଦ୍ର ସରକାରଙ୍କ ଏକଚ୍ଛତ୍ରବାଦର ନମୁନା ବୋଲି ବିରୋଧୀ ଦଳଗୁଡ଼ିକ କହୁଛନ୍ତି। ସେହିପରି ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା(ପ୍ରିଭେସି) ଉପରେ ଏହା ସିଧା ହସ୍ତକ୍ଷେପ ବୋଲି ଅନେକେ ମନେକରିବା ସହ ସରକାରଙ୍କ ଉଦ୍ଦେଶ୍ୟକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଦେଶବ୍ୟାପୀ ଦେଖାଦେଇଛି ପ୍ରତିକ୍ରିୟା।**

### ସରକାରଙ୍କ ନିଷ୍ପତ୍ତି ଚକିତ କରିଛି



ଏହା ବ୍ୟକ୍ତିଗତ ଗୋପନୀୟତା ପ୍ରତି ବିପଦ। ୨୦୦୮ରେ କଂଗ୍ରେସ ମଧ୍ୟ ସମାନ ଧରଣର ଆଇନ ଆଣିଥିଲା, ଯାହାକୁ ଡିଫେଣ୍ଡ ଇଣ୍ଡିଆ କୁହାଯାଉଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏବେ ଭାଜପା ସମାନ ବାଟରେ ଯାଉଛି। ମୋତେ ଲାଗୁଛି ଆସନ୍ତା ନିର୍ବାଚନରେ କିଛି ତଥ୍ୟ ବା ସୂଚନା ହାତେଇବା ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏପରି କି ଶ୍ରୀକ୍ରିଷ୍ଣା କମିଶନ ନାଗରିକଙ୍କ ଅଧିକାର ସୁରକ୍ଷିତ ଉପରେ ଗୁରୁତ୍ୱ ଦେଇଥିଲେ ମଧ୍ୟ ସରକାର ଏଭଳି ନିଷ୍ପତ୍ତି ନେବା ମୋତେ ଚକିତ କରିଛି। ଏଭଳି ନିଷ୍ପତ୍ତିରୁ ସରକାର ଓହରିଯିବା ନିହାତି ଆବଶ୍ୟକ।

**- ସଚ୍ଚିଦାନନ୍ଦ ସ୍ୱାଇଁ, ଆଇଟି ଏକ୍ସପର୍ଟ, ହାଇଦ୍ରାବାଦ**

### ଅଜଣା ଉଦ୍ଦେଶ୍ୟ



ଏଭଳି ନିଷ୍ପତ୍ତି ପଛରେ ସରକାରଙ୍କ କିଛି ଅଜଣା ଉଦ୍ଦେଶ୍ୟ ରହିଛି। ଯେଉଁ ୧୦ଟି କେନ୍ଦ୍ରୀୟ ସଂସ୍ଥାକୁ ସରକାର ଏହି କ୍ଷମତା ଦେଇଛନ୍ତି ଉକ୍ତ ସଂସ୍ଥାଗୁଡ଼ିକ ହାତରେ ଆଗରୁ ଅନେକ କ୍ଷମତା ରହିଛି। ଏହି କ୍ଷମତା ଦେବା ଦ୍ୱାରା ସେମାନେ ଯେ ଏକ ବ୍ରହ୍ମାସ୍ତ୍ର ପାଇଗଲେ ତାହା କହିବା ଠିକ୍ ନୁହେଁ। ତାହାଛଡ଼ା ଏହି ନିଷ୍ପତ୍ତି ଦ୍ୱାରା ସାଧାରଣ ଲୋକେ ଭୟଭୀତ ହେବାର କୌଣସି କାରଣ ନାହିଁ। କମ୍ପ୍ୟୁଟରର ସବୁ ତଥ୍ୟ ପାଖରେ ସମସ୍ତେ ପହଞ୍ଚିବା ଏତେ ସହଜ ନୁହେଁ। ଅନେକ କ୍ଷେତ୍ରରେ ମାଇକ୍ରୋସଫ୍ଟ ଅନୁମତି ଦେଇ ନ ଥାଏ। ତେବେ ମୋତେ ଲାଗୁଛି ଏହା ପଛରେ ସରକାରଙ୍କ କିଛି ରାଜନୈତିକ ଚାଲ୍ ରହିଛି।

**- ସନ୍ତୋଷ ପ୍ରସାଦ, ଟେଲିକମ୍ ଏକ୍ସପର୍ଟ, ବାଙ୍ଗାଲୋର**

### ଉତ୍ତମ ପଦକ୍ଷେପ



କେନ୍ଦ୍ର ସରକାରଙ୍କ ଏହା ଏକ ଉତ୍ତମ ପଦକ୍ଷେପ। ଏହାଦ୍ୱାରା ଠକ ସଂସ୍ଥା ଯେଉଁମାନେ ଦୁର୍ନୀତି କରୁଛନ୍ତି ସେମାନଙ୍କର ଏକ ଭୟ ରହିବ। ଏହାଦ୍ୱାରା ସେମାନେ ଦୁର୍ନୀତି କରିବା ପୂର୍ବରୁ ଥରେ ଭାବିବେ। ହେଲେ ଏହା ଠିକ୍ ମାର୍ଗରେ ବିନିଯୋଗ ହେବା ଆବଶ୍ୟକ। ଯଦି ସରକାର ନିଜର ସ୍ୱାର୍ଥ ସାଧନ ଦିଗରେ ଏହାକୁ ବିନିଯୋଗ କରନ୍ତି ତେବେ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ।

**- ସଞ୍ଜୟ ଦାସ, ସାଇବର ଏକ୍ସପର୍ଟ**

### ଭାରତକୁ ବିଗ୍‌ବସ୍ କରିବାକୁ ଚାହୁଁଛନ୍ତି



ବିଗ୍‌ବସ୍ ଧାରାବାହିକ ଭଳି ଏବେ କେନ୍ଦ୍ର ସରକାର ସମଗ୍ର ଦେଶକୁ ବିଗ୍‌ବସ୍ ଘର କରିବାକୁ ଚାହୁଁଛନ୍ତି। ମୁଖ୍ୟତଃ ୩ଟି ରାଜ୍ୟରେ ପରାଜୟ ପରେ କେନ୍ଦ୍ରର ଭାଜପା ସରକାର ଆତ୍ମବିଶ୍ୱାସ ହରାଇ ବସିଛନ୍ତି। ପୂର୍ବରୁ କିଏ କ'ଣ ଖାଇବ, କିଏ କ'ଣ ପିନ୍ଧିବ ସେ ନିଷ୍ପତ୍ତି ସରକାର ନେବାକୁ ଚେଷ୍ଟା କରୁଥିଲେ। ଏବେ ଘର ଭିତରେ କିଏ କ'ଣ କରୁଛି ତାକୁ ଜାଣିବା ପାଇଁ ମଧ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି।

**- ଶୈଳେନ୍ଦ୍ର ରାଜ, ସାମାଜିକ କର୍ମୀ, କଳାହାଣ୍ଡି**

### ଆଇନର ପରିପନ୍ଥୀ



ଏହା ସମ୍ପୂର୍ଣ୍ଣ ଆଇନର ପରିପନ୍ଥୀ। ଏଭଳି ନିଷ୍ପତ୍ତି ମୋତେ ଚକିତ କରିଛି। ବ୍ୟକ୍ତି ଗୋପନୀୟତା ଓ ବ୍ୟକ୍ତି ସ୍ୱାଧୀନତା ଉପରେ ଏହା ଆକ୍ରମଣ। ପୂର୍ବରୁ ବ୍ରିଟେନରେ ସମାନ ଧରଣର ଆଇନ ଆଣିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ସେଠାକାର ନ୍ୟାୟାଳୟ ଏହାକୁ ଅନୁମତି ଦେଇ ନ ଥିଲା। ଏବେ ନରେନ୍ଦ୍ର ମୋଦିଙ୍କ ସରକାର ସମାନ ପନ୍ଥା ଆପଣାଇ ନିଜର ଉଦ୍ଦେଶ୍ୟ ସାଧିତ କରିବାକୁ ଚାହୁଁଛନ୍ତି ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଚ୍ଛତ୍ରବାଦର ନଗ୍ନ ନମୁନା।

**- ପରେଶ ଦାସ, ଆଡଭୋକେଟ, କଟକ**

### ନିଷ୍ପତ୍ତି ଠିକ୍



କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଠିକ୍ ଅଛି। ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ଏହାକୁ କରାଯାଇଛି ତାହା ପୂରଣ ହେବା ଆବଶ୍ୟକ। ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଉପରେ ନଜର ରଖିବା କିମ୍ବା ତଥ୍ୟ ଚୋରି କରିବା ସମ୍ପୂର୍ଣ୍ଣ ଭାବେ ଅନୁଚିତ୍। ଏମିତି ସେମିତି ଯାହାର ନାହିଁ ତାହାର କମ୍ପ୍ୟୁଟର ମନିଟର କରିବା ବା ନଜର ରଖିବା ପରିବର୍ତ୍ତେ ଉପଯୁକ୍ତ ଓ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁକରଣ କରିବା ଆବଶ୍ୟକ। ଯେମିତି ଟେଲିଫୋନ୍ ଟ୍ୟାପିଂ ପାଇଁ ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ଓ ପ୍ରକ୍ରିୟା ରହିଛି ସେଭଳି ଇଣ୍ଟରନେଟ୍ ଟ୍ୟାପିଂ କରିବା ପୂର୍ବରୁ ସମସ୍ତ ଦିଗ ଉପରେ ନଜର ରଖିବା ଉଚିତ। ସମ୍ପୃକ୍ତ ବ୍ୟକ୍ତି ଏବଂ ସଂସ୍ଥାର ଯଦି କୌଣସି କ୍ରାଇମ୍ ଆକ୍ଟିଭିଟି ଥାଏ, ତା'ହେଲେ ହିଁ ମନିଟର କରାଯିବା ଉଚିତ। କାହାର ଇଣ୍ଟରନେଟ୍ ଆକ୍ଟିଭିଟି ଉପରେ ନଜର ରଖିବା ନେଇ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ଏବେ ଯଦି ହେଉଛି ତାହାକୁ ଅପରାଧ ରୋକିବା ଦିଗରେ କାର୍ଯ୍ୟରେ ଲଗାଇବା ଆବଶ୍ୟକ।

**- ଚନ୍ଦ୍ରଶେଖର ବିଶ୍ୱାଳ, ଆଇଟି ଏକ୍ସପର୍ଟ**

### ବିନା ଅନୁମତିରେ ଘରେ ପଶିବା ଭଳି



କାହାର ବିନା ଅନୁମତିରେ ଘର ଭିତରେ ପଶିବା ଯେପରି କ୍ରାଇମ୍ ଠିକ୍ ସେମିତି କାହାର ବିନା ଅନୁମତିରେ ବ୍ୟକ୍ତିଗତ କମ୍ପ୍ୟୁଟର ଉପରେ ନଜର ରଖିବା ଏକ କ୍ରାଇମ୍। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଲୋକଙ୍କ ଗୋପନୀୟତା ଉପରେ ପ୍ରଭାବ ପକାଇବ। ବ୍ୟକ୍ତଗତ ତଥ୍ୟ ବୋଲି ଆଉକିଛି ରହିବନି। ଉଭୟ ପର୍ସନାଲ ଓ ପ୍ରଫେଶନାଲ କାମ ଏହାଦ୍ୱାରା ପ୍ରଭାବିତ ହେବ। ମୋ ମତରେ ଏଭଳି ହେବାକଥା ନୁହେଁ। ସରକାର ତୁରନ୍ତ ଏଥିରୁ ଓହରିଯିବା ଆବଶ୍ୟକ।

**- ସୁଶ୍ରୀ ଦାସ, ଇଞ୍ଜିନିୟର**

### ଭାରତ ପାକିସ୍ତାନରେ ପରିବର୍ତ୍ତନ ହେବ



ସୁରକ୍ଷା ନାଁରେ ଲୋକଙ୍କ ବ୍ୟକ୍ତଗତ ତଥ୍ୟ ଉପରେ ସରକାର ନଜର ରଖିବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ଆଧାର କାର୍ଡ ସହ ପାନ କାର୍ଡ୍‌କୁ ଲିଙ୍କ୍ କରି ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଉଦ୍ୟମ ସରକାର କରିସାରିଛନ୍ତି। ଏହାସହ କେନ୍ଦ୍ର ସରକାର ଅଧାରୁ ଅଧିକ ୱେବ୍‌ସାଇଟ୍ ବ୍ୟାନ୍ ମଧ୍ୟ କରିଛନ୍ତି। ଲୋକଙ୍କର ବ୍ୟକ୍ତିଗତ ବୋଲି ଆଉକିଛି ନାହିଁ। ଏବେ ପୁଣି ଏହି ନିଷ୍ପତ୍ତି ଆଉ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଯଦି ଏଭଳି ସ୍ଥିତି ଜାରିରୁହେ କିଛିଦିନ ମଧ୍ୟରେ ଭାରତ ପାକିସ୍ତାନରେ ପରିବର୍ତ୍ତନ ହେବ। ଏଥିରେ ସନ୍ଦେହ ନାହିଁ।

**- ଦୀପ୍ତିମୟୀ ଜେନା, ଆଇଟି ଅପରେଶନ୍‌ସ**

### ବିରୋଧ ହେବା ଜରୁରୀ



ଗୋପନୀୟତା ବ୍ୟକ୍ତିର ମୌଳିକ ଅଧିକାର। ୧୦ଟି ସଂସ୍ଥାକୁ କ୍ଷମତା ଦେଇ ସରକାର ସାଧାରଣ କମ୍ପ୍ୟୁଟର ବ୍ୟବହାରକାରୀଙ୍କ ଅନ୍‌ଲାଇନ ଗତିବିଧି ଏବଂ ତଥ୍ୟକୁ ସିଧା ଯାଞ୍ଚ କରିପାରିବେ। ଏହା ମୁକ୍ତ ସମାଜ ପାଇଁ ବଡ଼ ସତର୍କ ଘଣ୍ଟି। ଏହାର ବିରୋଧ ହେବା ଜରୁରୀ।

**- ଜ୍ଞାନ ସାହୁ, ଆଇଟି ଏକ୍ସପର୍ଟ**

### ଫାସିବାଦୀ ନିୟମ



ଆଗକୁ ସାଧାରଣ ନିର୍ବାଚନ ଆସୁଛି। କେନ୍ଦ୍ରରେ କ୍ଷମତାସୀନ ଥିବା ଭାଜପା ପରାଜୟ ଆଶଙ୍କା କରୁଛି। ତେଣୁ ନାଗରିକଙ୍କ ଗୋପନୀୟତାକୁ ନେଇ ଖେଳ ଖେଳିବାକୁ ଯୋଜନା କରୁଛି। କମ୍ପ୍ୟୁଟର ଉପରେ ନିୟନ୍ତ୍ରଣ କରି ବ୍ୟକ୍ତିର ରୁଚି, ଇଚ୍ଛା ଏବଂ ଆଦର୍ଶକୁ ଅନୁଧ୍ୟାନ କରାଯିବ। ଯଦି ଏସବୁ ସରକାରୀ ଦଳବିରୋଧୀ ହୋଇଥିବ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହଇରାଣ କରାଯିବ। କଥାରେ ଅଛି, ଯିଏ ଚୋର, ତାକୁ ଦୁନିଆସାରା ଚୋର ପରି ମନେହୁଅନ୍ତି। କେନ୍ଦ୍ର ସରକାରଙ୍କ ଅବସ୍ଥା ବର୍ତ୍ତମାନ ସେହିପରି ହୋଇଛି। କୌଣସିମତେ କ୍ଷମତାରେ ରହିବା ପାଇଁ ବ୍ୟକ୍ତି ସ୍ୱାଧୀନତା ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇଛି। ଏହା ଦେଶର ସାର୍ବଭୌମତ୍ୱ ଏବଂ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। ଏ ପ୍ରକାର ଫାସିବାଦୀ ନିୟମକୁ କାର୍ଯ୍ୟକାରୀ କରା ନ ଯାଉ।

**- ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ନେତା ତଥା ଆଠଗଡ଼ ବିଧାୟକ**

### ବ୍ୟକ୍ତି ସ୍ୱାଧୀନତା ଉପରେ ଆକ୍ରମଣ



ବର୍ତ୍ତମାନ ଶାସନ କ୍ଷମତାରେ ଥିବା ଭାଜପା ଅତୀତରେ ସାଧାରଣ ନାଗରିକଙ୍କ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରିଛି। ଆଗାମୀ ଦିନରେ ପରାଜୟର ଭୟ ହିଁ ଏଭଳି ନିଷ୍ପତ୍ତି ସେମାନଙ୍କୁ ବାଧ କରୁଛି। ବ୍ୟକ୍ତିର ରୁଚି ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ନଗ୍ନ ଆକ୍ରମଣ କରିବା ପାଇଁ ଏହା ଏକ ପ୍ରୟାସ। କିଛିବର୍ଷ ହେବ ସିବିଆଇ, ଇଡି, ପୋଲିସ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାକୁ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି, ତାହା ସମସ୍ତଙ୍କୁ ଜଣା। ଗଣତନ୍ତ୍ର ଏବଂ ବହୁମତରେ ବିଶ୍ୱାସ ରଖୁଥିବା ଜନତା ଏପରି ନିୟମ ବିପକ୍ଷରେ ଛିଡା ହେବାର ଆବଶ୍ୟକତା ରହିଛି।

**- ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ସମ୍ପାଦକ**

### ସୁରକ୍ଷା ଦୃଷ୍ଟିରୁ ଜରୁରୀ



ବାକ୍ ଏବଂ ବ୍ୟକ୍ତି ସ୍ୱାଧୀନତା ଉପରେ ଆକ୍ରମଣ ପାଇଁ ଏ ବ୍ୟବସ୍ଥା ହୋଇନାହିଁ। ବାକ୍ ଏବଂ ବ୍ୟକ୍ତି ସ୍ୱାଧୀନତା ଆଢୁଆଳରେ ଦେଶଦ୍ରୋହ, ନକ୍ସଲବାଦ, ଆଭ୍ୟନ୍ତରୀଣ ସୁରକ୍ଷାକୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିଙ୍କ ପାଇଁ ଏ ବ୍ୟବସ୍ଥା। ବିଭିନ୍ନ ସମୟରେ ବହୁ ସଂସ୍ଥା ଦେଶର ସୁରକ୍ଷା ଦୃଷ୍ଟିରୁ ଅନେକଙ୍କ ଉପରେ ନଜର ରଖିଥାନ୍ତି। ସେଥିପାଇଁ ସେମାନଙ୍କୁ ଅନୁମତି ଆବଶ୍ୟକ ହୋଇଥାଏ। ପୂର୍ବରୁ ମଧ୍ୟ ଏହି ନିୟମ ପ୍ରଚଳିତ ହୋଇଆସୁଛି। ସେଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ସରକାର ବିନା କାରଣରେ କାହାର ଗୋପନୀୟ ତଥ୍ୟ ନେଇ କାରବାର କରିବାର ପ୍ରଶ୍ନ ଉଠୁନାହିଁ। ଏହାଦ୍ୱାରା ବଡ଼ଧରଣର ସାଇବର ଅପରାଧକୁ ରୋକିହେବ।

**- ଲେଖାଶ୍ରୀ ସାମନ୍ତସିଂହାର, ଭାଜପା ନେତ୍ରୀ**

# ଶ୍ରୀକ୍ଷେତ୍ରରେ ପିଲା ଚୋରି

## ମା' ବାପାଙ୍କ କୋଳରୁ ଦେଢମାସର ପୁଅକୁ ନେଇଗଲେ

**ପୁରୀ ଅଫିସ,୨୧।୧୨**

ଶ୍ରୀକ୍ଷେତ୍ରରେ ପିଲା ଚୋରି। ମା' ବାପାଙ୍କ କୋଳରେ ଶୋଇଥିବା ଦେଢମାସର ଶିଶୁପୁତ୍ରକୁ କେହି ଦୁର୍ବୃତ୍ତ ନେଇଯାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟକର ଘଟଣା ହେଉଛି ସିଂହଦ୍ୱାର ଥାନା ନିକଟରେ ଘଟିଛି ଏହି ଦୁଃଖଦ ଘଟଣା। ପୁଅକୁ ନ ପାଇ ମା' ବାପା ଏକପ୍ରକାର ମାନସିକ ଭାରସାମ୍ୟ ହରାଇଛନ୍ତି। ପୁଅକୁ ଉଦ୍ଧାର କରିବା ଲାଗି ସିଂହଦ୍ୱାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଚୋରି ଶିଶୁପୁତ୍ର କିମ୍ବା ନେଇଯାଇଥିବା ଦୁର୍ବୃତ୍ତଙ୍କ ସୁରାକ୍ ପାଇନାହିଁ।

ଅଭିଯୋଗ ସମ୍ପର୍କରେ ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି, ସମ୍ପୃକ୍ତ ଦମ୍ପତିଙ୍କ ଘର କେନ୍ଦ୍ରାପଡ଼ା ଆଳି ଅଞ୍ଚଳରେ। ସେମାନେ ପୁରୀରେ ରହି ମଜୁରି ଲାଗି ଚଳୁଥିବା ବେଳେ ମଠ, ଧର୍ମଶାଳା ବାରଣ୍ଡାରେ ରାତି କାଟିଆନ୍ତି। ଗୁରୁବାର ରାତିରେ ଥାନା ସମ୍ମୁଖ ଏକ ମଠ ବାରଣ୍ଡାରେ ତାଙ୍କ ଶିଶୁପୁତ୍ରକୁ କୋଳରେ ଧରି ଶୋଇଥିଲେ। ସେମାନଙ୍କ ପାଖାପାଖି ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଶୋଇଥିଲେ। ରାତି ପ୍ରାୟ ୪ଟା ସମୟରେ ଏହି ଦମ୍ପତି ଉଠି ପାଖରେ ତାଙ୍କ ପୁଅ ନ ଥିବା ଦେଖିବାକୁ ପାଇଥିଲେ। ଶୁକ୍ରବାର ଥାନାକୁ ଆସି ଅଭିଯୋଗ କରିଥିଲେ। ସେମାନଙ୍କ କହିବା ମୁତାବକ, ରାତିରେ ଯେଉଁ ବ୍ୟକ୍ତି ତାଙ୍କ ପାଖରେ ଶୋଇଥିଲେ ତାଙ୍କୁ ଧରାଯାଇ ଥାନାକୁ ଅଣାଯାଇଥିଲା। ହେଲେ ସେ ତାଙ୍କ ପୁଅକୁ ନେଇ ନ ଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ଆଖପାଖ ବିଭିନ୍ନ ଲୋକଙ୍କୁ ପଚରାଉଚୁରା କରାଯାଇଛି। ହେଲେ ଶିଶୁପୁତ୍ର ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ। ଦମ୍ପତିଙ୍କ ଅଭିଯୋଗକ୍ରମେ ମାମଲା(୯୯/୧୮) ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି କହିଛନ୍ତି। ଶ୍ରୀମନ୍ଦିର ଏବଂ ସିଂହଦ୍ୱାର ଥାନା ନିକଟରୁ ପିଲା ଚୋରି ହେବା ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି।

# ୪ରେ ଚିଲିକାରେ ପକ୍ଷୀଗଣନା

**ବାଲୁଗାଁ,୨୧।୧୨(ଡି.ଏନ.ଏ.)**

ସମଗ୍ର ଚିଲିକା ତଥା ପକ୍ଷୀ ଅଭୟାରଣ୍ୟ ନଳବଣରେ ବର୍ତ୍ତମାନ ଲକ୍ଷାଧିକ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ଏହି ପକ୍ଷୀଙ୍କ ମୋଟ୍ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ ପାଇଁ ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଆସନ୍ତା ଜାନୁୟାରୀ ୪ରେ ଗଣନା କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗଣନା ସମୟରେ ଯେପରି ବାଧା ନ ଉପୁଜିବ ସେଥିପାଇଁ ୧୫ଦିନ ଆଗରୁ ନଳବଣ ଚତୁଃପାର୍ଶ୍ୱ, ଚିଲିକା ଅଞ୍ଚଳରେ ଯନ୍ତ୍ରଚାଳିତ ଡଙ୍ଗାର ବ୍ୟବହାରକୁ ବିଭାଗ ପକ୍ଷରୁ ନିଷିଦ୍ଧ କରାଯାଇଛି। ଏଥିଲାଗି ଚିଲିକାକୁ ଆସୁଥିବା ପର୍ଯ୍ୟଟକ, ମତ୍ସ୍ୟଜୀବୀ, ଡଙ୍ଗାଚାଳକ ତଥା ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଛି। ସମଗ୍ର ଚିଲିକା ଅଞ୍ଚଳରେ ୨୦ ଗୋଟି କ୍ୟାମ୍ପ୍ ଗଠନ କରାଯାଇ ଏହି ଗଣନା କାର୍ଯ୍ୟ କରାଯିବ। ଏଥିପାଇଁ ୨୦ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହେବେ।



ଖ୍ରୀଷ୍ଟମାସ ଉପଲକ୍ଷେ ଜୟଦେବ ବିହାର ରାସ୍ତାପାର୍ଶ୍ୱରେ ବିକ୍ରି ପାଇଁ ରଖାଯାଇଥିବା ସାଣ୍ଟାକ୍ଲଜ୍ ମୁଖାକୁ ଗ୍ରାହକ ଦେଖୁଛନ୍ତି।

# ଇ-ପେମେଣ୍ଟ ଆପ୍ ମାଧ୍ୟମରେ ଜରିମାନା ଆଦାୟ

**କଟକ ଅଫିସ୍, ୨୧।୧୨**

ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଇ-ପେମେଣ୍ଟ ସେବା ପ୍ରଦାନକାରୀ ମୋବାଇଲ ଫୋନ ଆପ୍ଲିକେଶନ(ଆପ୍) ମାଧ୍ୟମରେ ଜରିମାନା ଆଦାୟ ବ୍ୟବସ୍ଥା ହେବ। ଫଳରେ ସେମାନଙ୍କ ପାଖରେ ଟଙ୍କା, କ୍ରେଡିଟ୍ ଅବା ଡେବିଟ୍ କାର୍ଡ ନ ଥିଲେ ମଧ୍ୟ ଜରିମାନା ଆଦାୟ କରିବାରେ ସୁବିଧା ହେବ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏଭଳି ଯୋଜନା କରାଯାଉଥିବାବେଳେ ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ୬ ତାରିଖରୁ ପରିବହନ ବିଭାଗ ପକ୍ଷରୁ ରାଜ୍ୟରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଇ-ଚାଲାଣ ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ପରିବହନ ବିଭାଗ ପକ୍ଷରୁ ୫୦ଟି ଇ-ଚାଲାଣ ମେଶିନ ଜିଲାଗୁଡ଼ିକର ଟ୍ରାଫିକ୍ ପୋଲିସକୁ ଦିଆଯାଇଥିଲା। ଏବେ ସୁଦ୍ଧା ୨୩ହଜାର ୪୮୨ ଇ-ଚାଲାଣ କଟାଯାଇଛି। ସେଥିମଧ୍ୟରେ ସମ୍ବଲପୁର ଜିଲାରେ ସର୍ବାଧିକ ୧୬୬୭, ଭୁବନେଶ୍ୱରରେ ୧୫୮୧, ଗଞ୍ଜାମ ଜିଲାରେ ୧୫୫୧ ଇ-ଚାଲାଣ କଟାଯାଇଛି।

## ଫଟୋରେ ଖବର



ଫେଲୋଶିପ୍ ବୃଦ୍ଧି ଦାବିକୁ ସମର୍ଥନ ଜଣାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶୁକ୍ରବାର ବିକ୍ଷୋଭ କରାଯାଉଛି।



ବ୍ୟାଙ୍କ ଧର୍ମଘଟ ଅବସରରେ ଭୁବନେଶ୍ୱରର ଏକ ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଅତି କ୍ରୋଧ, କଟୁବାଣୀ, ଦରିଦ୍ରତା, ସ୍ୱଜନ ସହିତ ଶତ୍ରୁତା, ନୀଚମାନଙ୍କ ସହିତ ସଙ୍ଗ ଏବଂ ଅକୁଳୀନର ସେବା, ଏସବୁ ନରକଗାମୀ ଲୋକର ଲକ୍ଷଣ ଅଟେ।
- ଚାଣକ୍ୟ



## ଆସୁଛି ଖ୍ରୀଷ୍ଟମାସ

# ସିଜନ୍ ସେଣ୍ଟରରେ ଜମୁଛି ଭିଡ଼



**ଗିଫ୍ଟ, ଚକୋଲେଟ୍, ଖ୍ରୀଷ୍ଟମାସ ଟ୍ରି ମୁଖ୍ୟ ଆକର୍ଷଣ**

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଆରମ୍ଭ ହୋଇଗଲାଣି ଖ୍ରୀଷ୍ଟମାସ ପ୍ରସ୍ତୁତି। ବଡ଼ଦିନକୁ ଆଉମାତ୍ର ତିନିଦିନ ବାକି ଥିବାବେଳେ ସହରର ଚାରିଆଡ଼େ ଝଲସିଲାଣି ରଙ୍ଗିନ ଆଲୋକମାଳା। ଚର୍ଚ୍ଚଗୁଡ଼ିକରେ ଉତ୍ସବର ମାହୋଲ ସାଙ୍ଗକୁ ଆରମ୍ଭ ହେଲାଣି ସାଜସଜ୍ଜା। ଏପଟେ ରାଜଧାନୀ ଭୁବନେଶ୍ୱରରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସକୁ ପାଳନ କରିବା ତଥା ତାଙ୍କ ଜନ୍ମମୁହୂର୍ତ୍ତରେ ଉତ୍ସବ ମନାଇବା ପାଇଁ ସହରବାସୀ ପ୍ରସ୍ତୁତ ହେଲେଣି। ବିଭିନ୍ନ ଛକ, ବଜାରରେ ଖ୍ରୀଷ୍ଟମାସ ପାଇଁ ଆକର୍ଷଣୀୟ ସାମଗ୍ରୀକୁ ନେଇ ଖୋଲିଲାଣି ଏକାଧିକ ସିଜନ୍ ସେଣ୍ଟର। ବଡ଼ ବଡ଼ ଶପିଂମଲ୍‌ରେ ବି ଆକର୍ଷଣୀୟ ଉପହାର ସାମଗ୍ରୀ, ଦାମୀ ଚକୋଲେଟ୍ ଆଦି ଉପଲବ୍ଧ ହେଲାଣି।

ବିଭିନ୍ନ ଡିଜାଇନ୍‌ର ଖ୍ରୀଷ୍ଟମାସ୍ କାର୍ଡ ସହ କ୍ୟାଣ୍ଡେଲ, ସାଣ୍ଟା ଟୟ, ସ୍ନୋ ମ୍ୟାନ୍, ଖ୍ରୀଷ୍ଟମାସ ଲ୍ୟାମ୍ପ, ଖ୍ରୀଷ୍ଟମାସ ବେଲ୍, ଖ୍ରୀଷ୍ଟମାସ ଟ୍ରି, ଖ୍ରୀଷ୍ଟମାସ କେକ୍ ଗ୍ରାହକଙ୍କ ପାଇଁ ଆକର୍ଷଣ ସାଜୁଛି। ଖ୍ରୀଷ୍ଟମାସ୍‌କୁ ନେଇ ରାଜଧାନୀରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳୁଥିବା ବେଳେ ୟୁନିଟ୍-୧ ମାର୍କେଟ, ଜୟଦେବ ବିହାର ରୋଡ୍ ଓ ଚର୍ଚ୍ଚ ନିକଟରେ ଖୋଲିଥିବା ଖ୍ରୀଷ୍ଟମାସ ସିଜନ୍ ସେଣ୍ଟରଗୁଡ଼ିକରେ ଏବେଠାରୁ ପ୍ରବଳ ଭିଡ଼ ଦେଖାଯାଉଛି। କେବଳ ଖ୍ରୀଷ୍ଟ ଧର୍ମାବଲମ୍ବୀ ନୁହନ୍ତି, ଅନ୍ୟମାନେ ମଧ୍ୟ ଏହି ପର୍ବକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଏଥିପାଇଁ ସବୁବର୍ଗର ଓ ସବୁଧର୍ମର ଲୋକ ଖ୍ରୀଷ୍ଟମାସ ଶପିଂ କରୁଥିବା ଦେଖିବାକୁ ମିଳୁଛି। ଚଳିତବର୍ଷ ଖ୍ରୀଷ୍ଟମାସ ଟ୍ରି ପ୍ରସ୍ତୁତ କରିବା ପାଇଁ ଭଳିକି ଭଳି ପେପର ଅର୍ନାମେଣ୍ଟ ସହ ପାଇନ୍ ଟ୍ରି, ହ୍ୟାଙ୍ଗିଙ୍ଗ୍ ଲ୍ୟାମ୍ପ, ଗୋଲ୍ଡେନ ବଲ୍‌ବ, ରଙ୍ଗିନ ତାରାର ଅଧିକ ଡିମାଣ୍ଡ ରହିଛି। ସେହିପରି ଖ୍ରୀଷ୍ଟମାସ ମଗ୍, ପେଙ୍ଗୁଇନ୍, ପୋଲାର ବିୟର, ରଙ୍ଗିନ ଏଲ୍‌ଇଡି ଆଲୋକମାଳା, ଏଲ୍‌ଇଡି ବେଲୁନ୍ ଆଦି ନେବାକୁ ଦୋକାନରେ ଲୋକେ ଭିଡ଼ ଜମାଉଛନ୍ତି। ଆଗେ ବଜାରରେ ସାଧାରଣ ସାଣ୍ଟାକ୍ଲଜ୍ କଣ୍ଢେଇ ମିଳୁଥିବା ବେଳେ ଏବେ ବ୍ୟାଟେରିଚାଳିତ ଅତ୍ୟାଧୁନିକ ସାଣ୍ଟାକ୍ଲଜ୍ ଆସୁଛି। ବିଶେଷକରି ଛୋଟ ଛୋଟ ପିଲାଙ୍କ ମଧ୍ୟରେ ଏହାକୁ ନେଇ ଅଧିକ ଉତ୍କଣ୍ଠା ରହୁଛି। ବ୍ୟାଟେରିଚାଳିତ ଡ୍ୟାନ୍‌ସିଂ ସାଣ୍ଟା, ଟାଇୱାନ୍ ଖ୍ରୀଷ୍ଟମାସ ଟ୍ରି, ସାଣ୍ଟା ଲ୍ୟାଡର, ଖ୍ରୀଷ୍ଟମାସ କୁସନ୍ ଏବଂ ସେନ୍‌ସର କ୍ୟାଣ୍ଡେଲ ଭଳି ଭିନ୍ନ ଧରଣର ଉପହାର ନେବାକୁ ଲୋକେ ଆଗ୍ରହ ଦେଖାଉଛନ୍ତି। କେବଳ ସେତିକି ନୁହେଁ, 'ହେଲ୍‌ଦି ବାସ୍କେଟ୍ ଫ୍ରମ୍ ସାଣ୍ଟା'ରେ ବିଭିନ୍ନ ପ୍ରକାର ଡ୍ରାଏଫ୍ରୁଟ୍‌ସ, ଚକୋଲେଟ୍, ଫ୍ରୁଟ୍‌ସ ଭଳି ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟ ଏଥର ଖ୍ରୀଷ୍ଟମାସ ଗିଫ୍ଟରେ ସାମିଲ ହୋଇଛି।



ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ୍‌ରେ ପିଲାମାନେ ଖ୍ରୀଷ୍ଟମାସ ଟ୍ରି ଦେଖୁଛନ୍ତି।

# କୁନି ପିଲାଙ୍କ ସହ ସମୟ କାଟିଲେ ମୁଖ୍ୟମନ୍ତ୍ରୀ




ସତ୍ୟନଗରସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

## ଚର୍ଚ୍ଚରେ ଚୂଡ଼ାନ୍ତ ପ୍ରସ୍ତୁତି

ଖ୍ରୀଷ୍ଟମାସ୍ ପାଇଁ ରାଜଧାନୀର ଦୁଇ ପ୍ରମୁଖ ଚର୍ଚ୍ଚ ୟୁନିଟ୍-୪ ଓ ସତ୍ୟନଗରସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ବିଶେଷ ପ୍ରସ୍ତୁତି କରାଯାଇଛି। ଚର୍ଚ୍ଚଗୁଡ଼ିକରେ ସାଜସଜ୍ଜା ଓ ଖ୍ରୀଷ୍ଟମାସ ଟ୍ରି ନିର୍ମାଣ କାର୍ଯ୍ୟ ପ୍ରାୟତଃ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଡିସେମ୍ବର ୨୩ ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ କ୍ୟାଥୋଲିକ୍ ଚର୍ଚ୍ଚର ଜଣେ ସଦସ୍ୟା ଶ୍ରୁତିପ୍ରଭା ଡଙ୍ଗ୍ ଡଙ୍ଗ୍ କହିଛନ୍ତି, ଚର୍ଚ୍ଚରେ ସାଜସଜ୍ଜା କାମ ଶେଷ ହୋଇଆସୁଛି। ଏବେ ପିଲାମାନଙ୍କୁ ନେଇ ଖ୍ରୀଷ୍ଟମାସ୍ କ୍ୟାରୋଲ ଏବଂ ନୃତ୍ୟ ଅଭ୍ୟାସ କରାଯାଉଛି। ଏଥିରେ ସମସ୍ତେ ଖୁସିରେ ଯୋଗଦେଉଛନ୍ତି। ସେପଟେ ଖ୍ରୀଷ୍ଟମାସ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ସତ୍ୟନଗର ଚର୍ଚ୍ଚ ଯାଇ ସେଠାରେ କେକ୍ କାଟିବା ସହ କୁନି କୁନି ପିଲାଙ୍କ ଗହଣରେ ସମୟ ଅତିବାହିତ କରିଥିଲେ।






ଦୀପ୍ତିରଞ୍ଜନ



ବିଶ୍ୱଭୂଷଣ



ସୁଚିସ୍ମିତା



ରାକେଶ



ଆଲୋକ



ପପିଶ୍ରୀ



କେଦାରନାଥ



ଦୀପକ

## ଚିଟ୍‌ଫଣ୍ଡ ଠକେଇ ମାମଲା

# ୩ ଦିନିଆ ରିମାଣ୍ଡରେ ସାମ୍ବାଦିକ ସୁମନ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)- ଆଇକୋର ଚିଟ୍‌ଫଣ୍ଡ ମାମଲାରେ ଗୁରୁବାର ଗିରଫ ହୋଇଥିବା ବରିଷ୍ଠ ସାମ୍ବାଦିକ ସୁମନ ଚଟ୍ଟୋପାଧ୍ୟାୟଙ୍କୁ ୩ ଦିନିଆ ରିମାଣ୍ଡରେ ନେଇଛି ସିବିଆଇ। ତାଙ୍କୁ ରିମାଣ୍ଡରେ ନେବା ପାଇଁ ସିବିଆଇ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟରେ ଆବେଦନ କରିଥିଲା। କୋର୍ଟ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ରିମାଣ୍ଡ ସମୟରେ ସିବିଆଇ ଅଧିକାରୀମାନେ ତାଙ୍କଠାରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଆଶା ରଖିଛନ୍ତି। ଆଇକୋର ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା ସୁମନ କେତେ ଲାଭବାନ ହୋଇଛନ୍ତି ସେନେଇ ସିବିଆଇ ଅଧିକାରୀମାନେ ତାଙ୍କୁ ପଚରାଉଚରା କରିବେ।

# ଓଏଏସ୍ ପରୀକ୍ଷାରେ ବଣିକ୍ ଆଇଏଏସ୍‌ର ସଫଳତା

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)




ପୂନମ୍ ମହାପାତ୍ର

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷା ୨୦୧୭ରେ ବଣିକ୍ ଆଇଏଏସ୍‌ର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଛାତ୍ରୀ ପୂନମ୍ ମହାପାତ୍ର ତୃତୀୟ, ପ୍ରୟାସୀ ପ୍ରଧାନ ଷଷ୍ଠ, ଅଭିଷେକ ପାଣିଗ୍ରାହୀ ଅଷ୍ଟମ, ଶେଖ ସାଗିର ଦଶମ ସ୍ଥାନ ହାସଲ କରିଥିବାବେଳେ ଅନ୍ୟ ୨୩ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିବାରେ ସଫଳ ହୋଇଛନ୍ତି। ବଣିକ୍ ଆଇଏଏସ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇଙ୍କ କହିବା ଅନୁସାରେ, ପ୍ରତିଷ୍ଠା ହେବାର ସ୍ୱଳ୍ପ ସମୟ ମଧ୍ୟରେ ଏହି ଅନୁଷ୍ଠାନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବଣିକ୍ ଆଇଏଏସ୍‌ର ବିଭାଗୀୟ ମୁଖ୍ୟ ପ୍ରମୋଦ ପାଢ଼ୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ରୁ ଅଧିକ ନିଜସ୍ୱ ଶିକ୍ଷକ ଏବଂ ଭାରତର ସୁନାମ ଧନ୍ୟ ପ୍ରଶାସନିକ ସେବା ପ୍ରଶିକ୍ଷକମାନଙ୍କ ସହଯୋଗରେ ଭୁବନେଶ୍ୱରରେ ଦିଲ୍ଲୀ ଢାଞ୍ଚାରେ ପ୍ରସ୍ତୁତ ହୋଇଥିବା ଶିକ୍ଷାଦାନ ପ୍ରଣାଳୀ, ପାଠ୍ୟ ପୁସ୍ତିକା, ପରୀକ୍ଷା ଏବଂ ପାଠାଗାର ବ୍ୟବସ୍ଥା ଅନୁଷ୍ଠାନର ବିଶେଷତ୍ୱ ଅଟେ। ସଦ୍ୟ ପ୍ରକାଶିତ ଓସିଏସ୍-୧୭ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତି ୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଜଣେ ବଣିକ୍ ଆଇଏଏସ୍‌ର ଦ୍ୱାରା ଶିକ୍ଷା ପାଇଥିବା ଏହାର ବିଶେଷତ୍ୱକୁ ପ୍ରମାଣ କରୁଛି। ଏହି ସଫଳତାର ଶ୍ରେୟ ଛାତ୍ରୀଛାତ୍ରମାନଙ୍କ ପରିଶ୍ରମ, ଅଧ୍ୟାପକ ମଣ୍ଡଳୀଙ୍କ ପ୍ରଚେଷ୍ଟା ଯୋଗୁ ସମ୍ଭବ ବୋଲି ଛାଟୋଇ ପ୍ରକାଶ କରିଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ନୂଆପାଟଣା ଶାଖା / ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନଦାରଙ୍କ ନାମ ଓ ଠିକଣା/ ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀନିବାସ ଧଳ, ପିତା: ୰ ଲିଙ୍ଗରାଜ ବିକ୍ରମସିଂହ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ | ଜାମିନ୍‌ଦାର: ଶ୍ରୀ ମନୋଜ କୁମାର ବିକ୍ରମସିଂହ, ପିତା: ଶ୍ରୀନିବାସ ଧଳ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ / ସମ୍ପତ୍ତିର ମାଲିକ: ଶ୍ରୀନିବାସ ଧଳ | ଶ୍ରୀନିବାସ ଧଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖୁଣ୍ଟକଟା, ଖାତା ନଂ.: ୭୯୭, ପ୍ଲଟ୍ ନଂ.: ୧୫୦୬/୫୬୩୧, ୧୫୦୬/୫୬୩୬ ଏବଂ ୧୫୦୬/୫୬୩୩, ଯଥାକ୍ରମେ କ୍ଷେତ୍ର: ଏକର୦.୦୩ଡିସିମିଲି, ଏକର୦.୦୨ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରୀ। | ୧୧.୦୯.୨୦୧୮ | ୧୭.୧୨.୨୦୧୮ | ୨୬.୦୭.୨୦୧୮ ସୁଦ୍ଧା ଟ.୫,୬୨,୯୦୬/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୨୦.୧୨.୨୦୧୮, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



“ ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା’ର କିଛି କରିପାରେ ନାହିଁ ।
– ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ଅଭିଭାବକ ମହାସଂଘର ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): କୋଚିଂ ସେଣ୍ଟରଗୁଡିକରେ ସୁଧାର ଆଣିବା ପାଇଁ ଏଥିରେ ଲଗାମ ଲଗାଇବା ନିହାତି ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନିୟମ ପ୍ରଣୟନ କରିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ମହାସଂଘର ସହ ଅଧକ୍ଷ ପ୍ରସନ୍ନ ବିଶୋଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟରମାନ ଖୋଲାଯାଇଛି। ମେଧାବୀ ଛାତ୍ରୀଛାତ୍ରଙ୍କୁ ବହୁ ଲୋଭନୀୟ ବିଜ୍ଞାପନ ଏବଂ ସଫଳତାର ଫଟୋ ଦେଖାଇ ଆକର୍ଷିତ କରି ଏକପ୍ରକାର ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠା କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କୋଚିଂ ସେଣ୍ଟର ଉପରେ କୌଣସି ସରକାରୀ ଲଗାମ ନ ଥିବାରୁ ସେମାନେ ଇଚ୍ଛା ମୁତାବକ ଫି’ ନେଇ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଅସୁବିଧାରେ ପକାଉଛନ୍ତି। ଏହି ଅନୁଷ୍ଠାନଗୁଡିକ ଦିନରେ କ୍ଲାସ୍ କରୁଥିବାରୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ କ୍ଲାସ୍ ସମୟରେ ଅନେକ ଛାତ୍ରୀଛାତ୍ର ଅନୁପସ୍ଥିତ ରହୁଛନ୍ତି। ଏହାର ଫଳସ୍ୱରୂପ ଅନେକ ଛାତ୍ରୀଛାତ୍ର ଉପସ୍ଥାନ ଅଭାବରୁ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହି ବିଷୟକୁ ଅତି ଗୁରୁତ୍ୱର ସହ ନେଇ ରାଜ୍ୟ ସରକାର କୋଚିଂ ସେଣ୍ଟରଗୁଡିକ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିବାକୁ ସଂଘ ଦାବି କରିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଜରିଆରେ ସଂଘ ଦାବି ଜଣାଇବା ସହ ଏହାର ନକଲ ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ପ୍ରଦାନ କରିଛି।

### ଦଣ୍ଡିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ

ବାଲିଅନ୍ତା,୨୧।୧୨(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଦଣ୍ଡିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ସମାରୋହକୁ ଉଦ୍‌ଘାଟନ କରିବା ସହ ଓଡ଼ିଆ ମାଧମ ବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ଆଦର୍ଶ କରି ଗଢ଼ିବାରେ ସମର୍ଥ ହୋଇଛନ୍ତି ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ପ୍ରଯୁକ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରୀତି ପ୍ରତିଭା ଭୋଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ଜିଲାପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟନାରାୟଣ ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଗ୍ମା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗତ ବାର୍ଷିକ କମିଟି ସମ୍ପାଦକ ପ୍ରଭାକର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାକୁ ବୀଣାପାଣି ଦାସ ପରିଚାଳନା କରିଥିଲେ। ଶତବାର୍ଷିକ କମିଟି ଆବାହକ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ମରଣିକା ‘ସ୍ମୃତିସୁଧା’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଭା ପୂର୍ବରୁ ମନ୍ତ୍ରୀ ବେହେରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହ ଏକ ବିଦ୍ୟାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ।

### ବାଲିପାଟଣାର ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଦେହାନ୍ତ

ବାଲିପାଟଣା,୨୧।୧୨(ଡି.ଏନ.ଏ.): ବାଲିପାଟଣା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ରାମଚନ୍ଦ୍ର ସାହୁଙ୍କର ଶୁକ୍ରବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି।



ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ବାଲିପାଟଣା ବ୍ୟବସାୟୀ ସଂଘର ସଦସ୍ୟ ଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି।

■ ଅପରାଧୀ ନିୟନ୍ତ୍ରଣ ବୈଠକରେ ନିର୍ଦ୍ଦେଶ

# ଜିରୋ ନାଇଟ୍ ପୂର୍ବରୁ ଅପରାଧୀ ଦମନ କର

**ଜାମିନରେ ଆସୁଥିବା ଅପରାଧୀଙ୍କ ଉପରେ ନଜର ରଖିବ ପୋଲିସ**

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଜିରୋ ନାଇଟ୍ ପୂର୍ବରୁ ଅପରାଧୀ ଦମନ କରିବା ଲାଗି କମିଶନରେଟ ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରିଛି। ଟ୍ୱିନ୍ ସିଟିରେ ବ୍ରାଉନସୁଗାର ବ୍ୟବସାୟୀ ଏବଂ ଲୁଟେରାଙ୍କୁ ସାବାଡ଼ କରିବାକୁ ପୋଲିସ ଯୋଜନା ପ୍ରସ୍ତୁତ କରିଛି। ଏ ନେଇ ପୋଲିସ କମିଶନରେଟ୍ ମୁଖ୍ୟାଳୟରେ ଆୟୋଜିତ ହୋଇଥିବା ତୃତୀୟ ଅପରାଧୀ ନିୟନ୍ତ୍ରଣ ବୈଠକରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ୱିନ୍ ସିଟିରେ ହେଉଥିବା ଚୋରି ଓ ଲୁଟ୍‌ପାଟ୍ ପଛର ମୁଖ୍ୟ କାରଣ ହେଲା ବ୍ରାଉନ୍‌ସୁଗାର। ଅନେକ ଯୁବକ ଏହି ନିଶା ଦ୍ୱାରା କବଳିତ ହେବା ପରେ ଅର୍ଥାଭାବ ଯୋଗୁ ବ୍ରାଉନସୁଗାର ଖାଇବା ପାଇଁ ଲୁଟ୍‌ପାଟ କରୁଛନ୍ତି। ତେଣୁ ଚୋରି ଓ ଲୁଟପାଟକୁ ରୋକିବା ଲାଗି ବ୍ରାଉନସୁଗାର ବ୍ୟବସାୟୀଙ୍କ ଉପରେ ଲଗାମ ଲଗାଇବା ପାଇଁ କମିଶନର ଟ୍ୱିନ୍‌ସିଟିର ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ନିଜ ଥାନା ଅଞ୍ଚଳରେ ଖୋଜି ଖୋଜି ନିଶା ବେପାରୀଙ୍କୁ ଗିରଫ କରିବା ପାଇଁ ଅପରାଧୀ ନିୟନ୍ତ୍ରଣ ବୈଠକରେ କମିଶନର ଥାନା ଅଧିକାରୀମାନଙ୍କୁ କହିଛନ୍ତି। ଏନ୍‌ବିଡବ୍ଲ୍ୟୁରେ ଫେରାର ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ଜାମିନ୍‌ରେ ଜେଲରୁ ବାହାରୁଥିବା ଅପରାଧୀଙ୍କ ଉପରେ କଡା ନଜର ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ଆଉ କିଛି ଦିନ ପରେ ସରିବ। ତେଣୁ ଥାନାଗୁଡିକରେ ପଡି ରହିଥିବା ମାମଲାକୁ ସମାଧାନ କରିବା, ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ଚାଲୁଥିବା ସ୍ପେଶାଲ ଡ୍ରାଇଭକୁ ଚାଲୁ ରଖି ବର୍ଷ ଶେଷରେ ଏହାର ଏକ ହିସାବ କମିଶନରେଟ ଅଫିସରେ ଦାଖଲ କରିବା ପାଇଁ ପୋଲିସ କମିଶନର ପୋଲିସ ଅଫିସରମାନଙ୍କୁ କହିଛନ୍ତି। ଆଗକୁ ଜିରୋ ନାଇଟ୍ ଥିବାରୁ ରାଜଧାନୀରେ ଦେହ ବ୍ୟବସାୟ ବୃଦ୍ଧି ପାଇଲାଣି। ଏହାକୁ ରୋକିବା ପାଇଁ ପୋଲିସ କମିଶନର ସମସ୍ତ ଥାନା, କ୍ୟୁଏଟି ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

କମିଶନର ମହାନ୍ତି କହିଛନ୍ତି, ଜିରୋ ନାଇଟ ପୂର୍ବରୁ ରାହାଜାନି ଓ ଲୁଟ ରୋକିବା ସହ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଧରିବା ପାଇଁ ସବୁ ଥାନାକୁ ନିର୍ଦ୍ଦେଶ ଦେଇଛି। ଏନ୍‌ବିଡବ୍ଲ୍ୟୁ ଓ ସ୍ପେଶାଲ ଡ୍ରାଇଭକୁ ଚାଲୁ ରଖିବା ପାଇଁ କହିଛନ୍ତି।

## ପାତ୍ରପଡ଼ାରେ ଡିଏନ୍ ରେଗାଲିଆ ମଲ୍



ଭୁବନେଶ୍ୱର,୨୧।୧୨

ରିୟଲିଟି ସଂସ୍ଥା ଡିଏନ୍ ହୋମ୍ସ ପକ୍ଷରୁ ପାତ୍ରପଡାଠାରେ ଡିଏନ୍ ରେଗାଲିଆ ବ୍ୟବସାୟିକ ପ୍ରତିଷ୍ଠାନ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମଲ୍‌କୁ ଉନ୍ମୋଚନ କରିଛନ୍ତି। ଏହା ୬ ଲକ୍ଷ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଏଠାରେ ଶପିଂ ମଲ୍, ମଲ୍ଟିପ୍ଲେକ୍ସ, ହୋଟେଲ ଏବଂ ଫୁଡ ହବ ରହିଛି। ଗ୍ରାହକମାନେ ଏଠାରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଫ୍ୟାଶନ ସମ୍ଭାର ଲାଭ କରିପାରିବେ। ଆଇନକ୍ସର ମିଳିତ ସହଯୋଗରେ ଏଠାରେ ଏକ ୮୦୦ ସିଟ୍ ବିଶିଷ୍ଟ ମଲ୍ଟି ପ୍ଲେକ୍ସ ଖୋଲିଛି। ଏଠାରେ ମ୍ୟାକ୍ସ, ସ୍ମାସ, ଜୁଡ଼ିଓ,ଇଜିବାଏ, ବିଗ୍ ବଜାର ଭଳି ପ୍ରମୁଖ ଷ୍ଟୋର ରହିଛି। ସେହିଭଳି ଫୁଡ ଶୃଙ୍ଖଳାରେ ବର୍ଗର କିଙ୍ଗ, ପିଜା ହଟ୍, ସବୱେ, ଏସିଆ ସେଭେନ, ଷ୍ଟ୍ରିଟ ଫୁଡ, ପଞ୍ଜାବ ଗ୍ରୀଲ ଏବଂ ୱାଓ ମୋମୋ ଭଳି ଷ୍ଟୋର ଖୋଲିଥିବା ସଂସ୍ଥା ପକ୍ଷରୁ ସୂଚନା ରହିଛି।

# ୧୩୨ ଛାତ୍ରୀଛାତ୍ର, ୫୦ ହାଇସ୍କୁଲ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

**ସରିଲା ‘ସର୍‌ଗିଫୁଲ୍’**



‘ସର୍‌ଗିଫୁଲ୍’ରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ଚାଲିଥିବା ‘ସର୍‌ଗିଫୁଲ୍’ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ସମସ୍ତ ଆବାସିକ ବିଦ୍ୟାଳୟରେ ‘ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ’କୁ ଆହୁରି ସରସସୁନ୍ଦର କରିବା ପାଇଁ ଏହି ବିଭାଗ, ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ), ଅଜିମ ପ୍ରେମ୍‌ଜୀ ଫିଲାନ୍ଥ୍ରୋପିକ୍ ଇନିସିଏଟିଭ (ଏପିପିଆଇ) ଏବଂ ଏସ୍‌ସିଏସ୍‌ଟିଆରଟିଆଇର ମିଳିତ ସହଭାଗିତାରେ ବିଭିନ୍ନ ପ୍ରକାରର ଶିକ୍ଷା ଉପକରଣ ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତକଗୁଡ଼ିକୁ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ‘ସର୍‌ଗିଫୁଲ୍’ର ଅନ୍ତିମ ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମର ଶ୍ରେଣୀକକ୍ଷକୁ ଅଧିକ ମନଛୁଆଁ କରିବା ପାଇଁ ତଥା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶିକ୍ଷାଭିତ୍ତିକ ବାର୍ତ୍ତାକୁ ହୃଦୟଙ୍ଗମ କରାଇବା ଉଦ୍ଦେଶ୍ୟରେ ଏହି ଶିକ୍ଷା ଉପକରଣଗୁଡ଼ିକର ଅନେକ ଆନିମେଟେଡ୍ ଭିଡିଓ, କମିକ୍ସ ବହି, ଖେଳ, ପୁସ୍ତକ, କାର୍ଯ୍ୟପୁସ୍ତିକା ଆଦିକୁ ସ୍ଥାନ ଦିଆଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଅଖିଳ ବିହାରୀ ଓତା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତିକାକୁ ଉନ୍ମୋଚନ କରି ଏହି ଶିକ୍ଷା ଉପକରଣଗୁଡ଼ିକ ପିଲାମାନଙ୍କୁ ଆମୋଦ ପ୍ରଦାନ କରିବା ସହ ଜୀବନରେ ଉଚିତ ନିଷ୍ପତ୍ତି ନେବାରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ୧୩୨ ଛାତ୍ରୀଛାତ୍ରଙ୍କ ସମେତ ୫୦ଟି ହାଇସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ବାଲିପାଟଣା,୨୧।୧୨(ଡି.ଏନ୍.ଏ.): ରାଜ୍ୟ ସାହିତ୍ୟ ଏକାଡେମୀ ଓ ଶିଶୁଅନନ୍ତ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶୁକ୍ରବାର ବାଲିପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ କହିଥିଲେ, ଶିଶୁଅନନ୍ତ ଦାସ ଏକଧାରରେ ଜଣେ ସାଧକ, ସାହିତ୍ୟିକ, ବିଚାରକ ଓ ସାମାଜିକ କର୍ମୀ ଥିଲେ। ବକ୍ତାଭାବେ ଗବେଷକ ବାବାଜୀ ଚରଣ ପଟ୍ଟନାୟକ ଓ ସ୍ତମ୍ଭକାର ଭାଗୀରଥି ମହାସୁଆର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧକ୍ଷା ସୁମିତ୍ରା ରାଉତରାୟ, ସାହିତ୍ୟ ଏକାଡେମୀ ପ୍ରଶାସିକା ଜୟନ୍ତୀ ରଥ, ସରପଞ୍ଚ ସୌମ୍ୟରଞ୍ଜନ ମହାନ୍ତି ଓ ମନ୍ଦୋଦରି ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଧାନକୁଦ ମଠାଧୀଶ ବାବା ଅରକ୍ଷିତ ଦାସ ଓ ଖବରଦାତା ଶ୍ରୀପତି ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ତନୟା ଦାସ ଗୋସ୍ୱାମୀ ବିବରଣୀ ପାଠ କରିଥିଲେ।

■ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

# ଜଗିବେ ୩୦ ପ୍ଲାଟୁନ ଫୋର୍ସ, ୧୫୦ ଅଫିସର

**ବ୍ଲୁ ବୁକ୍ ଅନୁଯାୟୀ ଯୋଗାଯିବ ସୁରକ୍ଷା: କମିଶନର**

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଆସନ୍ତା ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଗସ୍ତରେ ଆସିବେ। ସେ ସ୍ୱତନ୍ତ୍ର ବିମାନଯୋଗେ ଆସି ଅପରାହ୍ନ ୧ଟା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇବେ। ଏହାପରେ ସେ ଅରଗୁଳ ଆଇଆଇଟି କ୍ୟାମ୍ପସକୁ ଯିବେ। ପ୍ରଧାନମନ୍ତ୍ରୀ ସେଠାରେ କ୍ୟାମ୍ପସ ଉଦ୍‌ଘାଟନ କରିବା ପରେ ସିଧା ଖୋର୍ଦ୍ଧାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଜୁ ପଟ୍ଟନାୟକ ବିମାନବନ୍ଦରଠାରୁ ଆରମ୍ଭ କରି ଆଇଆଇଟି କ୍ୟାମ୍ପସ ଏବଂ ସଭାସ୍ଥଳୀରେ କିଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ସେନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ପ୍ରାୟ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ଲାଗି ୧୫୦ ପୋଲିସ ଅଫିସର, ଡିଏସ୍‌ପି ର୍‍ୟାଙ୍କ୍‌ର ୨୦ ଅଫିସର, ୪ ଅତିରିକ୍ତ ଡିସିପି ଓ ୨ ଏସ୍‌ପି ଦାୟିତ୍ୱରେ ରହିବେ। ସେମାନଙ୍କ ନେତୃତ୍ୱ ନେବେ ଭୁବନେଶ୍ୱର ଡିସିପି। ଏହାସହ ବ୍ଲୁ ବୁକ୍ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ଗସ୍ତ ସମୟରେ କାର୍‌କେଡ୍ ବ୍ୟବସ୍ଥାକୁ କଡାକଡି କରାଯିବ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଆଇଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭୁବନେଶ୍ୱର ଡିସିପି ଅନୁପ ସାହୁ ଓ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଆଇଜି ଅରଗୁଳ ଏବଂ ଖୋର୍ଦ୍ଧାସ୍ଥିତ ସଭାସ୍ଥଳକୁ ଯାଇ ଯାଞ୍ଚ କରିଛନ୍ତି। ଶନିବାରଠାରୁ ପ୍ରଧାନମନ୍ତ୍ରୀଙ୍କ ସଭାମଞ୍ଚକୁ ପୋଲିସ ନିଜ ହେପାଜତକୁ ନେବ। ବିମାନବନ୍ଦରରେ ମଧ୍ୟ ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସିପି କହିଛନ୍ତି।

■ ଓଡ଼ିଶା ପରିବେଶ କଂଗ୍ରେସ ଉଦ୍‌ଯାପିତ

# ବିକାଶ ସହ ପରିବେଶ ସୁରକ୍ଷା ଜରୁରୀ

**ଗୌରାଙ୍ଗ ରାଉତଙ୍କୁ ‘ପରିବେଶ ଦୂତ ପୁରସ୍କାର’**

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଚଳିତ ଶତାବ୍ଦୀର ଶେଷଆଡ଼କୁ ପୃଥିବୀର ତାପମାତ୍ରା ୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଗ୍ଲୋବାଲ୍ ୱାର୍ମିଂ କ୍ରମଶଃ ବୃଦ୍ଧି ପାଉଥିବା ବେଳେ ଏହାର କୁପ୍ରଭାବ ଏବେଠାରୁ ଦେଖିବାକୁ ମିଳୁଛି। ଓଡ଼ିଶା, କେରଳ ଭଳି ରାଜ୍ୟରେ ଲୋକେ ସାଇକ୍ଲୋନ୍, ସୁପର୍ ସାଇକ୍ଲୋନ୍‌ର ତାଣ୍ଡବକୁ ସାମ୍ନା କରୁଛନ୍ତି। ଏହି ସ୍ଥିତିକୁ ଦେଖିଲେ ୨୦୫୦ ବେଳକୁ ପରିବେଶର ଅବସ୍ଥା କ’ଣ ହେବ, ତାହା ସ୍ପଷ୍ଟ ଅନୁମେୟ। ତେଣୁ ସାମାଜିକ ଓ ଅର୍ଥନୈତିକ ବିକାଶ ସହ ପରିବେଶ କିଭଳି ସୁରକ୍ଷିତ ରହିପାରିବ, ସେ ନେଇ ଭାବିବା ବର୍ତ୍ତମାନ ସମୟରେ ସବୁଠାରୁ ଜରୁରୀ ବୋଲି ଦୁଇଦିନିଆ ଓଡ଼ିଶା ପରିବେଶ କଂଗ୍ରେସରେ ପରିବେଶବିତ୍ ଏବଂ ଗବେଷକମାନେ ମତବ୍ୟକ୍ତ କରିଛନ୍ତି।

ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟ ପରିସରରେ ଚାଲିଥିବା ୯ମ ପରିବେଶ କଂଗ୍ରେସର ଶୁକ୍ରବାର ଥିଲା ଉଦ୍‌ଯାପନୀ ସମାରୋହ। ଏଥିରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ପୂର୍ବତନ ପରିବାର କଲ୍ୟାଣ ସଚିବ ଅମୂଲ୍ୟ ନନ୍ଦ ଯୋଗଦେଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ, ସିୱାଇଏସ୍‌ଡି ଅଧକ୍ଷ ପିକେ ସାହୁ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ କୁଳପତି ଡ. ହରିବନ୍ଧୁ ପଣ୍ଡା, ପୂର୍ବତନ ସୂଚନା ଅଧିକାର କମିଶନର ଜଗଦାନନ୍ଦ, ଡ. ରିନା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଉଦ୍‌ଯାପନୀ ଉତ୍ସବରେ ସିଇଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବାବୁ ଅମ୍ବାଟ୍ ପରିବେଶ କଂଗ୍ରେସ ୨୦୧୯ର ପ୍ରସଙ୍ଗ ‘ଓଡ଼ିଶାର ଖଣିଜ ସମ୍ପଦ ଓ ପରିବେଶ’ ଘୋଷଣା କରିଥିଲେ। ପରିବେଶ ପ୍ରତି ପ୍ରତିବଦ୍ଧତା ପାଇଁ ରାୟଗଡ଼ା ଜିଲା ମୁନିଗୁଡ଼ାର ଡ. ଗୌରାଙ୍ଗ ରାଉତଙ୍କୁ ‘ପରିବେଶ ଦୂତ ପୁରସ୍କାର’ ପ୍ରଦାନ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ କାମ କରୁଥିବା କମ୍ପାନୀ ‘ନାଲ୍‌କୋ’କୁ ‘ଏସ୍‌ବି ମିଶ୍ର ଗ୍ରୀନ୍ କର୍ପୋରେଟ୍ ପୁରସ୍କାର’ ଏବଂ ଡ. ଶ୍ରାବଣୀ ବସୁ ଓ ୟୁନିଟ୍-୮ ଡିଏଭି ସ୍କୁଲର ୧୦ମ ଶ୍ରେଣୀ ଛାତ୍ର ନୈସର୍ଗିକଙ୍କୁ ଯୁବ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଷ୍ଟେଶନରେ ପରୀକ୍ଷାର୍ଥୀଙ୍କୁ ଲୁଟ୍, ୩ ଗିରଫ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ସେନାରେ ନିଯୁକ୍ତି ଲାଗି ପରୀକ୍ଷା ଦେବାକୁ ଭୁବନେଶ୍ୱର ୧୨୦ ବାଟାଲିୟନ ଆସିଥିବା ବିହାରର ଜଣେ ପରୀକ୍ଷାର୍ଥୀ ରେଳ ଷ୍ଟେଶନରେ ଲୁଟ୍‌ର ଶିକାର ହୋଇଛନ୍ତି। ଏହି ଘଟଣାରେ ପୋଲିସ ଖଣ୍ଡଗିରି ଥାନା ବେଗୁନିଆସାହି ଅଞ୍ଚଳର ଶେଖ ଆବିଜ, ଲିଙ୍ଗରାଜ ଥାନା ଅଧୀନ ପାଟଣାସାହି ଅଞ୍ଚଳର ସଞ୍ଜୟ ରାଉତ ଏବଂ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳର ପ୍ରଭାତ ଦାସଙ୍କୁ ଗିରଫ କରିଛି। ବିହାର ଔରଙ୍ଗାବାଦ୍ ଜିଲା ବରୁଣ ଥାନା ଅଞ୍ଚଳର ବ୍ରିଜ୍‌ମୋହନ ମିଶ୍ର ସେନାରେ ନିଯୁକ୍ତି ନେଇ ଇଣ୍ଟରଭ୍ୟୁ ଦେବାକୁ ୧୨୦ ବାଟାଲିୟନକୁ ବୁଧବାର ଆସିଥିଲେ। ଗୁରୁବାର ଅପରାହ୍ନ ୫ଟା ବେଳକୁ ଇଣ୍ଟର୍‌ଭ୍ୟୁ ସାରି ରେଳ ଷ୍ଟେଶନକୁ ଫେରୁଥିଲେ। ଗୋଟିଏ କଳା ପଲସରରେ ୩ ଯୁବକ ଆସି ତାଙ୍କ ହାତରୁ ବ୍ୟାଗ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଜିଆରପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିଥିଲା। ପୋଲିସ ବ୍ରିଜ୍‌ମୋହନଙ୍କୁ ସାଙ୍ଗରେ ଧରି ଅଭିଯୁକ୍ତଙ୍କୁ ଖୋଜାଖୋଜି କରିବା ବେଳେ ସେ ଜଣଙ୍କୁ ଚିହ୍ନଟ କରିଥିଲେ। ପୋଲିସ ତାଙ୍କୁ ଥାନାକୁ ଆଣି ପଚରା ଉଚରା ପରେ ଅନ୍ୟ ୨ ଜଣଙ୍କୁ ଗିରଫ କରିଥିଲା।

## ଧାନମଣ୍ଡି ଖୋଲିଲା

ବାଲିଅନ୍ତା,୨୧।୧୨(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ପଞ୍ଚବଟୀ ମେଳଣ ପଡ଼ିଆରେ ଶୁକ୍ରବାର ଏକ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ପାହାଳ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଏହି ମଣ୍ଡିରେ ପ୍ରଥମ ଦିନରେ ୨୦ଜଣ ଚାଷୀଙ୍କଠାରୁ ୮୦୦ କୁଇଣ୍ଟାଲ ଧାନ ସରକାରୀ ମୂଲ୍ୟରେ କ୍ରୟ କରାଯାଇଥିଲା।

# ଇଞ୍ଜେକ୍ସନ ନେଇ ରୋଗୀ ଚେତାଶୂନ୍ୟ

■ ଏସ୍‌ସିବିରେ ଉଚ୍ଚସ୍ତରୀୟ ବୈଠକ
■ ପରୀକ୍ଷା ପାଇଁ ପଠାଯିବ ସାମ୍ପଲ

କଟକ ଅଫିସ, ୨୧।୧୨

ସରକାର ଯୋଗାଉଥିବା ମାଗଣା ଇଞ୍ଜେକଶନକୁ ନେଇ ଏସ୍‌ସିବି ମେଡିକାଲରେ ଘଟିଛି ଅଘଟଣ। ଇଞ୍ଜେକଶନଟି ଜଣେ ରୋଗୀଙ୍କୁ ଦିଆଯିବା ମାତ୍ରେ ସେ ସେଠାରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏହାକୁ ନେଇ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଚହଳ ପଡ଼ି ଯାଇଥିଲା। କିଛି ସମୟ ପରେ ରୋଗୀଙ୍କ ଚେତା ଫେରିଥିଲା। କ’ଣ ପାଇଁ ରୋଗୀଙ୍କ କ୍ଷେତ୍ରରେ ଏଭଳି ପ୍ରତିକ୍ରିୟା ଦେଖାଦେଲା ତାହାକୁ ନେଇ ଏସ୍‌ସିବିରେ ଘଣ୍ଟାଚକଟା ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ଉକ୍ତ ଘଟଣାକୁ ନେଇ ମେଡିକାଲ ଅଧୀକ୍ଷକଙ୍କ ଚାମ୍ବରରେ ବୈଠକ ବସିଥିଲା। ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଅନ୍ନଦା ପଟ୍ଟନାୟକ, କମ୍ୟୁନିଟି ମେଡିସିନର ମୁଖ୍ୟ ପ୍ରଫେସର ଡା. ରାମଚନ୍ଦ୍ର ଗିରି, ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ବିରଞ୍ଚି ମହାପାତ୍ର ଓ ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ସ୍ଥଳକୁ ମେଡିକାଲ ଷ୍ଟୋରର କର୍ମଚାରୀମାନଙ୍କୁ ଡକାଯାଇଥିଲା। ଏହି ଇଞ୍ଜେକଶନର ବ୍ୟାଚ୍ ଓ କେତେ ପରିମାଣର ଇଞ୍ଜେକଶନ ଆସିଥିଲା, ସେଥିରୁ କେତେ ରୋଗୀଙ୍କୁ ଦିଆସରିଲାଣି ସେ ନେଇ ଆଲୋଚନା ହୋଇଥିଲା। ଶେଷରେ ଉକ୍ତ ବ୍ୟାଚ୍‌ର ସାମ୍ପଲ ପରୀକ୍ଷା ପାଇଁ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏମିତି ଘଟଣା ଅନେକ ସମୟରେ ଘଟିଥାଏ। ହୁଏତ ରୋଗୀ ଜଣକ ଇଞ୍ଜେକଶନ ଦେଖି ଭୟଭୀତ ହୋଇ ପଡ଼ି ଯାଇଥିବା କହିଛନ୍ତି ଜରୁରିକାଳୀନ ଅଧିକାରୀ ଡା. ମହାରଣା। ତେବେ ଏହା ଉପରେ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉକି, ଭଗବାନ ମହାରଣା ନାମକ ଜଣେ ରୋଗୀ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇ ଏସ୍‌ସିବିକୁ ଆସିଥିଲେ। କମ୍ୟୁନିଟି ମେଡିସିନ ବିଭାଗ ଅଧୀନରେ ଥିବା ଜଳାତଙ୍କ ନିରୋଧ ୱାର୍ଡରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ଭଗବାନଙ୍କୁ ଏଥିପାଇଁ ଉଦ୍ଦିଷ୍ଟ ଇକ୍ୱିନାଇନ ରାବିସ ଇମ୍ୟୁନୋଗ୍ଲୋବିନ ନାମକ ଇଞ୍ଜେକଶନ ଦିଆଯାଇଥିଲା। ଏହି ଇଞ୍ଜେକଶନ ନେବା ପରେ ଭଗବାନଙ୍କ କ୍ଷେତ୍ରରେ ପ୍ରତିକ୍ରିୟା ଦେଖାଦେଇଥିଲା। ଏହା ପ୍ରଥମ ଘଟଣା ନୁହେଁ। ଏଥିପୂର୍ବରୁ ମେଡିକାଲରେ ଫେନାରଗନ୍ ଇଞ୍ଜେକଶନକୁ ନେଇ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି। ଏପରି କି ଇଞ୍ଜେକଶନ ନେବା ପରେ ରୋଗୀଙ୍କ ମୃତ୍ୟୁ ଘଟିବା ଭଳି ଅଭିଯୋଗ ମଧ୍ୟ ଏସ୍‌ସିବି ବିରୋଧରେ ରହିଛି। ୨୦୧୭ ମେ’ରେ କେନ୍ଦ୍ରାପଡ଼ା ଗରାପୁର ଅଞ୍ଚଳର ମିନତୀ ମଲିକ ନାମ୍ନୀ ମହିଳା ଇଞ୍ଜେକଶନ ନେବା ପରେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା।





ଭୁବନେଶ୍ୱର ପୋଖରୀପୁଟସ୍ଥିତ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ‘ଜସନ’ରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# କୁକୁର ଛୁଆଙ୍କ ଏକୋଇଶିଆ ଭୋଜି



ପୁରୀ ଅଫିସ, ୨୧।୧୨

ପୂର୍ବରୁ ଘର ଜଗିବା ପାଇଁ ଲୋକେ କୁକୁର ପାଳୁଥିଲେ। ଏବେ କିନ୍ତୁ ଏହି ଧାରା ବଦଳିଯାଇଛି। ଘରର ସୁରକ୍ଷା ଅପେକ୍ଷା ଅଧିକାଂଶ ଲୋକ ସଉକରେ କୁକୁର ପାଳୁଛନ୍ତି। ନିଜ ସନ୍ତାନ ଭଳି ସେମାନଙ୍କ ପ୍ରତି ସ୍ନେହଶ୍ରଦ୍ଧା ଅଜାଡି ଦେଉଛନ୍ତି। ସ୍ୱାଦିଷ୍ଟ ଖାଦ୍ୟପେୟ ଦେବାଠୁ ଆରମ୍ଭ କରି ସେମାନଙ୍କ ଚିକିତ୍ସା ଏବଂ ଶୋଇବା ପ୍ରତି ଯତ୍ନ ନେଉଛନ୍ତି। ଏଭଳି ଆଗ୍ରହ ସାଧାରଣତଃ ବିଦେଶୀ କୁକୁରଙ୍କ ପ୍ରତି ଦେଖିବାକୁ ମିଳେ। କିନ୍ତୁ ଏକ୍ଷେତ୍ରରେ ପୁରୀର ପ୍ରେମାନନ୍ଦ ନାୟକ ଦୁଇପାଦ ଆଗରେ ଓ ଭିନ୍ନ ମଧ୍ୟ। କାରଣ ସେ ୪ ଦେଶୀ କୁକୁର ଛୁଆଙ୍କ ଏକୋଇଶିଆ ପାଳିବା ସହ ୧୫୦ରୁ ଊର୍ଦ୍ଧ୍ୱ ଅତିଥିଙ୍କୁ ଦେଇଛନ୍ତି ଭୋଜି। କେବଳ ସେତିକି ନୁହେଁ, ଏକୋଇଶିଆ ପାଇଁ ନିମନ୍ତ୍ରଣପତ୍ର ଛାପି ଆମ ଗୃହପାଳିତ ପଶୁ କାଳୀର ପୁତ୍ର ଓ କନ୍ୟାଙ୍କ ଏକୋଇଶିଆ ଉତ୍ସବ ଅନୁଷ୍ଠିତ ହେବ ବୋଲି ଲେଖିଛନ୍ତି। ସେଥିରେ କୁକୁର ଛୁଆଙ୍କ ନାମ କୁନୁ, ମୁନୁ, ପିଙ୍କି, ରିଙ୍କି ବୋଲି ଉଲ୍ଲେଖ କରିଛନ୍ତି। ଗତ ୧୪ ତାରିଖରେ ପୁରୀ ରେଲୱେ ଷ୍ଟେଶନ ପାର୍ସଲ ଅଫିସ ପରିସରରେ ଆୟୋଜିତ ଉତ୍ସବରେ କୁକୁର ଛୁଆଙ୍କ ଏକୋଇଶିଆ ସହ କେକ୍ କାଟି ମା’ କୁକୁର କାଳୀର ଜନ୍ମଦିନ ମଧ୍ୟ ପାଳିଛନ୍ତି। ନିମନ୍ତ୍ରିତ ଅତିଥିମାନେ ସାଙ୍ଗରେ ନେଇ ଆସିଥିଲେ ପେଡିଗ୍ରୀ, ବିସ୍କୁଟ ଆଦି ଉପହାର।



ଉକ୍ତ ପାର୍ସଲ ଅଫିସରେ କାମ କରୁଥିବା ପ୍ରେମାନନ୍ଦ କୁହନ୍ତି, ‘ପିଲାଟିଦିନରୁ ପଶୁପକ୍ଷୀଙ୍କ ପ୍ରତି ଭଲପାଇବା ରହିଛି। ପଶୁପକ୍ଷୀ ଯନ୍ତ୍ରଣା ପାଉଥିବା ଆଖିରେ ପଡ଼ିଲେ କଷ୍ଟ ଲାଗେ। ଯଥାସାଧ୍ୟ ସେମାନଙ୍କ ସେବା କରିବାକୁ ଚେଷ୍ଟା କରେ। ଦିନେ ଅଫିସ୍‌ରୁ ଏକ ମାଈ କୁକୁର ଛୁଆକୁ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଉଦ୍ଧାର କରି ସେବା କଲି। ତା’ର ନାଁ ରଖିଲି କାଳୀ। ୨ ବର୍ଷ ପରେ ସେ ୪ଟି ଛୁଆ ଜନ୍ମ ଦେବା ପରେ ଖୁସି ଲାଗିଲା। କୁକୁର ଛୁଆଙ୍କ ଏକୋଇଶିଆ ପାଳିବାକୁ ନିଷ୍ପତ୍ତି ନେଲି। ମୋ ସହକର୍ମୀମାନେ ବି ଏଥିରେ ସହମତ ହୋଇଥିଲେ।’

# ଯୋଗ ପୂର୍ବରୁ ବିୟୋଗ



ଦେଶରେ ବଢ଼ିବ ବାଘ ସଂଖ୍ୟା। ସାତକୋଶିଆ ହେବ ବାଘଙ୍କ ନୂଆ ସାମ୍ରାଜ୍ୟ। ଭବିଷ୍ୟତର ବଂଶବୃଦ୍ଧିକୁ ଦୃଷ୍ଟିରେ ରଖି ୨୦୧୬ରେ ଏପରି ଯୋଜନା ରଚନା କରିଥିଲେ ରାଜ୍ୟ ଓ କେନ୍ଦ୍ର ସରକାର। ୨୦୧୭ରେ ସରକାରୀ ମୋହର ପରେ ୨୦୧୮ରେ ପ୍ରକଳ୍ପ ପରିସୀମାକୁ ୯୬୮.୩୫ ବର୍ଗ କି.ମି.କୁ ବଢ଼ାଇ ଦିଆଯାଇଥିଲା। ମଧ୍ୟପ୍ରଦେଶରୁ ୬ଟି ବାଘ ବାଘୁଣୀ ଅଣାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପରୁ ଜୁନ ୨୧ରେ ଯୁବ ମହାବଳ 'ମହାବୀର'କୁ ଅଣାଯାଇଥିଲା। ସେହି ମାସ ୨୮ରେ ବାନ୍ଧବଗଡ଼ରୁ ବାଘୁଣୀ 'ସୁନ୍ଦରୀ'କୁ ଆଣି ଏନ୍‌କ୍ଲୋଜରରେ ରଖାଯାଇଥିଲା। ଜୁଲାଇ ୬ରେ ପ୍ରଥମେ ମହାବୀର ଓ ଅଗଷ୍ଟ ୧୭ରେ ସୁନ୍ଦରୀକୁ ଜଙ୍ଗଲ ମଧ୍ୟକୁ ଛଡ଼ାଯାଇଥିଲା। ଯୁବ ମହାବଳ ଅଭୟାରଣ୍ୟ ମଧ୍ୟରେ ବେଶ୍ ସ୍ୱାଭାବିକ ଥିବାବେଳେ ବାଘୁଣୀ ଜନବସତି ନିକଟରେ ପଇଁତରା ମାରି ଆତଙ୍କ ସୃଷ୍ଟି କରିଥିଲା। ସେପ୍ଟେମ୍ବର ୧୨ ସକାଳେ ସୁନ୍ଦରୀ ହାତୀବାରି ଗ୍ରାମର ମହିଳା କୈଳାସ ସାଇଅଙ୍କ ଜୀବନ ନେଇଥିଲା। ପ୍ରତିବାଦରେ ଲୋକେ ପୂରା ରେଞ୍ଜରେ ଲଙ୍କାକାଣ୍ଡ ଘଟାଇଥିଲେ। ପୋଡ଼ାଜଳା କରି ପ୍ରାୟ ୫ କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ କରିଦେଇଥିଲେ। ଏହାପରେ ବାଘୁଣୀ ଅକ୍ଟୋବର ୨୧ରେ ଟାଇଁସି ଗ୍ରାମର ତ୍ରିନାଥ ସାହୁଙ୍କ ମୃତ୍ୟୁର କାରଣ ହୋଇଥିଲା। ଘଟଣାକୁ ନେଇ କଞ୍ଚରା ମୁଣ୍ଡାସାହି ଠାରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ପୋଲିସ ସହ ଜନତାଙ୍କ ଖଣ୍ଡଯୁଦ୍ଧ ହୋଇଥିଲା। ଦୁଇ ଦୁଇଟି ମଣିଷ ଜୀବନ ଯିବା ପରେ ବନ ବିଭାଗ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବାକୁ ଉଦ୍ୟମ କରିଥିଲା। କିଛି ଦିନର ଲୁଚକାଳି ଖେଳ ପରେ ନଭେମ୍ବର ୬ରେ ବାଘୁଣୀ ସୁନ୍ଦରୀକୁ କାବୁ କରାଯାଇ ଏନ୍‌କ୍ଲୋଜରକୁ ଫେରାଇ ଅଣାଯାଇଥିଲା। ଏହି ଆତଙ୍କର ଅବସାନ ପରେ ସାତକୋଶିଆକୁ ନେଇ ନୂଆ ସମ୍ଭାବନା ସୃଷ୍ଟିର ଆଭାସ ମିଳିଥିଲା। ମହାବୀର ଓ ପୁରୁଣା ବାଘୁଣୀ ମଧ୍ୟରେ ମିଳନ ହୋଇଥିବାରୁ ପ୍ରକଳ୍ପ ଉଦ୍ଦେଶ୍ୟ ପୂରଣର ନୂତନ କିରଣ ଜାନୁୟାରୀ ୨୦୧୯ରେ ଅଭୟାରଣ୍ୟ କୋଳରେ ପଡ଼ିବ ବୋଲି କୁହାଯାଇଥିଲା। ହେଲେ ସାତକୋଶିଆ ବାଘ ଗଣତିରେ ନୂଆ ମୁହଁ ଯୋଗ ପୂର୍ବରୁ ନଭେମ୍ବର ୧୪ରେ ମହାବୀରର ମୃତ୍ୟୁ ସଂଖ୍ୟାରେ ଏକ ବିୟୋଗ ଆଣିଦେଲା।

ଅଠର ଆଇନାରେ ଅଛି ଢେଙ୍କାନାଳ-ଅନୁଗୋଳର ଅନେକ କିଛି । ବିଦାୟୀ ବର୍ଷରେ ହୋଇଛି ଘନ ଘନ ବନ୍ଦ ପାଳନ। ଦୁଇ ଦୁଇଟି ବ୍ୟାଙ୍କରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। କୋର୍ଟ ହାଜତ ଛାତ ଭାଙ୍ଗି ଛୁ ମାରିଛନ୍ତି ୪ ହତ୍ୟାକାଣ୍ଡର ଏକମାତ୍ର ଅଭିଯୁକ୍ତ ଦୁର୍ଦ୍ଦାନ୍ତ ଝସକେତନ। ତିତ୍‌ଲି ତାଣ୍ଡବ ଛାତିରେ ଛନକା ଭରିବା ପରି ଅପରାଧୀଙ୍କୁ ଆତଙ୍କିତ କରିଦେଇଛି ଅନୁଗୋଳ ପୋଲିସର ଏନ୍‌କାଉଣ୍ଟର। ଦେଶକୁ ଦିଗ୍‌ଦର୍ଶନ ଦେବାକୁ ତାଳଚେର ଫର୍ଟିଲାଇଜର୍ସ ତୟାର ହେଉଥିବା ବେଳେ ବହୁ ଚର୍ଚ୍ଚିତ ସୁନ୍ଦରୀ ଆତଙ୍କରେ ଅଥୟ ହୋଇପଡ଼ିଥିବା ଦୀର୍ଘ ବର୍ଷର ଡ୍ରିମ୍ ପ୍ରୋଜେକ୍ଟ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଆଶା ମହାବୀର ମୃତ୍ୟୁ ପରେ ମଉଳି ମଉଳି ଯାଉଛି। ବାଘ ପରି ବିଦ୍ୟୁତ୍ ଆଘାତରେ ୭ ହାତୀମୃତ୍ୟୁ ଦୁଃଖ ଯେତିକି ଉଦ୍‌ବେଗ ଆଣିଥିଲା ଯଶୋବନ୍ତଙ୍କୁ ଗୁଳି ଓ ବଳରାମପୁରରେ ଗଛ ପାଇଁ ଲଢ଼େଇ ରାଜ୍ୟ ରାଜନୀତିକୁ ସେତିକି ଖୋରାକ ଯୋଗାଇଥିଲା। ଶେଷରେ ଶେଲଟର ହୋମ୍‌ରେ ଶୋଷଣ କିନ୍ତୁ ବର୍ଷର ଶେଷଭାଗକୁ ସରଗରମ କରିଦେଇଥିଲା।

ସେପ୍ଟେମ୍ବର ୨୨ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁ ପ୍ରତୀକ୍ଷିତ ତାଳଚେର ସାର କାରଖାନା (ନୂତନ ନାମ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍) ପୁନରୁଦ୍ଧାରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ବିଦାୟୀ ବର୍ଷର ସବୁଠାରୁ ଉଲ୍ଲେଖନୀୟ ଘଟଣା। ଦେଶକୁ ନୂତନ ଦିଗ ଦେଖାଇବ ବୋଲି

## ଆଶା ସୃଷ୍ଟିକଲା ଫର୍ଟିଲାଇଜର୍ସ

କୁହାଯାଉଥିବା ଏହି ପ୍ରକଳ୍ପରେ ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। କୋଇଲାରୁ ବାଷ୍ପୀକରଣ ମାଧ୍ୟମରେ ଏଠାରେ ବାର୍ଷିକ ୧.୨୭ ମେଟ୍ରିକ ଟନ୍ ୟୁରିଆ ଉତ୍ପାଦନ ହେବ। ୩୬ ମାସରେ ଏହାକୁ କାର୍ଯ୍ୟକ୍ଷମ କରାଯିବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପୂରଣ ହେଲେ ତାଳଚେର ଅଞ୍ଚଳର ଚାଷୀ, ବେକାର ଯୁବତୀଯୁବକଙ୍କ ସହ ସିଧାସଳଖ ସାଢ଼େ ଚାରି ହଜାର ଲୋକ ନିଯୁକ୍ତି ପାଇପାରିବେ। ଗ୍ୟାସ୍ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍), କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ୍ ଫର୍ଟିଲାଇଜର ଲିମିଟେଡ (ଆର୍‌ସିଏଫ୍ଏଲ୍) ଏବଂ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ଏଫ୍‌ସିଆଇଏଲ୍)ର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ସ୍ଥାପନ ହେବ।



## ଏନ୍‌କାଉଣ୍ଟର

୨୦୧୮ ନଭେମ୍ବର ୧୮ ପୂର୍ବରୁ ଅନୁଗୋଳ ପୋଲିସ କେବେ ବି କୌଣସି ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରି ନ ଥିଲା। ହେଲେ ସହର ସହ ଜିଲାରେ ଲୁଟେରାଙ୍କ ଆତଙ୍କକୁ ଦମନ କରିବା ପାଇଁ ପ୍ରଥମ କରି ପୋଲିସ ବନ୍ଧୁକରୁ ଗୁଳି ଚାଳନା କରିଥିଲା। ଡେରଜାଙ୍ଗ ଡ୍ୟାମ୍ ନିକଟରେ ୧୮ ତାରିଖ ରାତିରେ ହୋଇଥିବା ଏହି ପ୍ରଥମ ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ବିଲୁ ଖାଁ ଆହତ ହୋଇଥିଲେ। ଏହାର କିଛି ଦିନ ପରେ ବିଲୁଙ୍କ ଅନ୍ୟତମ ସହଯୋଗୀଙ୍କୁ ମଧ୍ୟ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଏହା ଅନୁଗୋଳ ପୋଲିସ ପାଇଁ ବିଦାୟୀ ବର୍ଷର ବେଶ୍ ଚର୍ଚ୍ଚିତ ଘଟଣା ଥିଲା।



## ତିତ୍‌ଲି ତାଣ୍ଡବ

ମା'ଙ୍କ ଦଶହରା ପୂଜାକୁ ଆଉ ମାତ୍ର ଦିନ କେଇଟା ଥିବା ବେଳେ ତାଣ୍ଡବ ରଚିଥିଲା ତିତ୍‌ଲି। ଏହାର ପ୍ରଭାବ ଏପରି ଥିଲା ଯେ ମାତ୍ର କେଇଘଣ୍ଟା ମଧ୍ୟରେ



ଅନୁଗୋଳ ଜିଲାରେ ମୋଟ୍ ୬୩୧ ମିଲିମିଟର ବର୍ଷା ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି କରିଥିଲା। ୫୫ନଂ. ଜାତୀୟ ରାଜପଥ ଉପରେ ପାଣି ଯୋଗୁ ଅନେକ ସ୍ଥାନରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

## ଲକ୍ଷେରେ ୭

ଅନୁଗୋଳ ପୂର୍ତ୍ତ ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀ ନାରାୟଣ ଦେହୁରୀଙ୍କ ପୁଅ ନରେନ୍ଦ୍ର ଦେହୁରୀଙ୍କୁ ନେଇ ଅନୁଗୋଳ ଜିଲା ବିଦାୟୀ ବର୍ଷରେ ବେଶ୍ ଗର୍ବ ଅନୁଭବ କରିଥିଲା। ମେଧାବୀ ନରେନ୍ଦ୍ର ଗତ ଅଗଷ୍ଟ ୩୦ରେ ପ୍ରକାଶିତ ଇସ୍ରୋ ପରୀକ୍ଷା ଫଳରେ ଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୭ମ ସ୍ଥାନରେ ରହି ରାଜ୍ୟ ତଥା ଅନୁଗୋଳ ପାଇଁ ଗୌରବ ପାଲଟିଥିଲେ।



## ଶେଲ୍‌ଟର୍ ହୋମ୍‌ରେ ଶୋଷଣ



ଶେଲ୍‌ଟର ହୋମ୍‌ରେ ନାବାଳିକାଙ୍କୁ ଯୌନଶୋଷଣ, ଅକଥନୀୟ ନିର୍ଯାତନା ସାଙ୍ଗକୁ ଧର୍ମାନ୍ତରୀକରଣ। ଅନ୍ତେବାସୀ ଆଣିଥିବା ଏପରି ସଙ୍ଗିନ ଅଭିଯୋଗ ପରେ ବିବାଦରେ ଛନ୍ଦି ହୋଇ ପଡ଼ିଥିଲା ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍‌ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଅନୁଷ୍ଠାନକୁ ସିଲ୍ କରିଦେଇଥିଲା ପ୍ରଶାସନ। ଅନ୍ତେବାସୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଗିରଫ ହୋଇଥିଲେ ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ ରେହମାନ, ସହଯୋଗୀ ଅଧିକାରୀ ଉଦିତ କୁମାର ଲିମା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ। ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା ଏହି ଘଟଣା। ଖୋଳତାଡ଼ ବେଳେ ଏହାର ଚେର ବିଦେଶକୁ ଲମ୍ବିଥିବା ଜଣାପଡ଼ିଥିଲା। ଏପରି ସ୍ପର୍ଶକାତର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ। ଏହାପରେ ବେଲଟିକିରି ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଥିବା ସଂସ୍ଥା ଶିଶୁଗୃହଗୁଡ଼ିକୁ ଯାଞ୍ଚ କରିଥିଲେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଟିମ୍।

## ଛାତ ଭାଙ୍ଗି ଝସକେତନ ଛୁ

ବହୁଚର୍ଚ୍ଚିତ କୁଶକିଳା ଡବଲ ମର୍ଡର ଓ କୁକୁରପେଟା ମାଉସୀ-ପୁତୁରା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଝସକେତନ ରାଉତ ମେ ୧୮ରେ ଅନୁଗୋଳ କୋର୍ଟ ହାଜତ ଶୌଚାଳୟ ଆଜବେଷ୍ଟସ ଛାତ ଭାଙ୍ଗି ଫେରାର ହୋଇଯାଇଥିଲେ। ଏହି ଘଟଣା ଜିଲାରେ ଯେତିକି ଚର୍ଚ୍ଚାର ବିଷୟ ହୋଇଥିଲା ଅନୁଗୋଳ ପୋଲିସର ଅପାରଗପଣିଆ ନେଇ ସେତିକି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସୁରକ୍ଷାରେ ଅବହେଳା ପାଇଁ ୩ ପୋଲିସଙ୍କୁ ନିଲମ୍ବିତ କରାଯାଇଥିଲା। ଫେରାର ଝସକେତନଙ୍କୁ ଧରିବାକୁ ପୋଲିସ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ ବି ଏଯାଏ ଧରାପଡ଼ିନାହାନ୍ତି ୪ଟି ହତ୍ୟାକାଣ୍ଡର ଏକମାତ୍ର ଅଭିଯୁକ୍ତ।

## ବ୍ୟାଙ୍କରେ ବୁଲାଇଲେ କଳାକନା



ଅନୁଗୋଳ ସହରର ଦୁଇଟି ବ୍ୟାଙ୍କରେ ବଡ଼ ଧରଣର ଡକାୟତି ଜିଲାରେ ହଇଚଇ ସୃଷ୍ଟି କରିଥିଲା। ଏପ୍ରିଲ ୬ରେ ଶଙ୍କର ସିନେମା ହଲ୍ ରାସ୍ତାରେ ଥିବା ଆନ୍ଧ୍ର ବ୍ୟାଙ୍କରୁ ୭ରୁ ୮ଜଣ ବନ୍ଧୁକଧାରୀ ଦୁର୍ବୃତ୍ତ ୨୩ ଲକ୍ଷ ଟଙ୍କା ସହ ବନ୍ଧକ ଥିବା ୩ କେଜି ସୁନା ଲୁଟି ଫେରାର ହୋଇଯାଇଥିଲେ। ସେହିପରି ଜୁଲାଇ ୭ରେ ଜନଗହଳିପୂର୍ଣ୍ଣ ହରିମହୁରୀ ଛକରେ ଥିବା ଇଣ୍ଡିଆନ ବ୍ୟାଙ୍କରୁ ୫ରୁ ୬ ଦୁର୍ବୃତ୍ତ ମ୍ୟାନେଜରଙ୍କୁ ମାଡ଼ ମାରିବା ସହ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନା ଲୁଟ୍ କରିଥିଲେ। ଏହି ଘଟଣାରେ ବିହାରୀ ଲୁଟେରା ଗ୍ୟାଙ୍ଗର ହାତ ଥିବା ପୋଲିସ ତଦନ୍ତ ପରେ ଜାଣିପାରିଥିଲା। ଏପରିକି ୩ ଡକାୟତଙ୍କୁ ଗିରଫ କରିବା ସହ ପରେ ମାଷ୍ଟରମାଇଣ୍ଡ ମାଧବ ରବି ଦାସଙ୍କୁ ମଧ୍ୟ ଗିରଫ କରି ଜେଲ୍ ପଠାଇଥିଲା। ହେଲେ ଡକାୟତି ହୋଇଥିବା ଟଙ୍କା ଓ ସୁନା ଉଦ୍ଧାର କରିବାରେ ଅନୁଗୋଳ ପୋଲିସ ବିଫଳ ହୋଇଥିଲା।

## ଯଶୋବନ୍ତଙ୍କୁ ଗୁଳି

ମାର୍ଚ୍ଚ ୨୯। ସିନ୍ଦୂରା ଫାଟିବା ବେଳକୁ କାମାକ୍ଷାନଗରରେ ଖେଳିଯାଇଥିଲା ଚାଞ୍ଚଲ୍ୟ। ଗୁଳିମାଡ଼ର ଶିକାର ହୋଇ ପ୍ରାଣ ହରାଇଥିଲେ ଢେଙ୍କାନାଳ ଜିଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଯଶୋବନ୍ତ ପରିଡ଼ା। ଯଶୋବନ୍ତ ବାଲିଘାଟଠାରୁ ଆରମ୍ଭ କରି ବହୁ ଲାଭଜନକ ବ୍ୟବସାୟରେ ସମ୍ପୃକ୍ତ ଥିଲେ। ତାଙ୍କର ବ୍ୟବସାୟିକ ସଫଳତା ସୃଷ୍ଟି କରିଥିଲା ଅନେକ ଶତ୍ରୁ। ଏହା ହିଁ ପାଲଟିଥିଲା ହତ୍ୟାକାଣ୍ଡର କାରଣ। ଏହି ମାମଲାରେ ବିଭିନ୍ନ ପର୍ଯ୍ୟାୟରେ ଗିରଫ ହୋଇଛନ୍ତି ୮ ଅଭିଯୁକ୍ତ। ଅନ୍ୟ ୨ ଜଣଙ୍କୁ ଏଯାଏ ଧରିପାରିନି ପୋଲିସ।

## ଗଛ ପାଇଁ ଲଢ଼େଇ

ବିୟର ବଟ୍‌ଲିଂ ପ୍ଲାଣ୍ଟ ପାଇଁ ଗଛକଟା, ଆଉ ଏହାକୁ ନେଇ ସୃଷ୍ଟି ହୋଇଥିବା ବିରୋଧାଭାସରେ ଅଶାନ୍ତ ହୋଇଉଠିଥିଲା ଓଡ଼ାପଡ଼ା ବ୍ଲକର ବଳରାମପୁର। ଅଞ୍ଚଳବାସୀଙ୍କ ଭାବାବେଗ ସହିତ ଜଡ଼ିତ ଗଛଗୁଡ଼ିକ ଭୂଲୁଣ୍ଠିତ କରାଯିବାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଅଞ୍ଚଳବାସୀ। ଗଛ ପାଇଁ ଆରମ୍ଭ ହୋଇଥିଲା ଲଢ଼େଇ। ଫଳସ୍ୱରୂପ ପ୍ରସ୍ତାବିତ ପ୍ଲାଣ୍ଟ ଉପରେ ନଭେମ୍ବର ୧୮ରେ ରୋକ୍ ଲଗାଇଥିଲେ ରାଜ୍ୟ ସରକାର।



## ହାତୀମୃତ୍ୟୁ ଦୁଃଖ







ଢେଙ୍କାନାଳ ଜିଲା କମଳାଙ୍ଗ ହାତୀମୃତ୍ୟୁ ବିଦାୟୀ ବର୍ଷର ଚର୍ଚ୍ଚିତ ଘଟଣା ଭିତରୁ ଗୋଟିଏ। ବନ ବିଭାଗ ଏବଂ ସେସୁର ଚରମ ଦାୟିତ୍ୱହୀନତାରୁ ବିଦ୍ୟୁତ୍ ତାରରେ ଛନ୍ଦିହୋଇ ପ୍ରାଣ ହରାଇଥିଲେ ୭ ହାତୀ। ଅକ୍ଟୋବର ୨୭ରେ ଘଟିଥିବା ଏପରି ଅଭାବନୀୟ ଘଟଣା ଜାତୀୟସ୍ତରରେ ସୃଷ୍ଟି କରିଥିଲା ଆଲୋଡ଼ନ। ଢେଙ୍କାନାଳ ସଦର ବନାଞ୍ଚଳ କମଳାଙ୍ଗ ଗ୍ରାମ ନିକଟରେ ଏକ ବେସରକାରୀ ନିର୍ମାଣକାରୀ ସଂସ୍ଥାକୁ ଟଣାଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଫାଶରେ ପଡ଼ିଥିଲେ ୭ ହାତୀ। ସେମାନଙ୍କ ମଧ୍ୟରେ ଥିଲେ ୫ ମାଈ, ଗୋଟିଏ ଅଣ୍ଡିରା ଏବଂ ଗୋଟିଏ ଶାବକ। ଛୁଆ ହାତୀକୁ ବାଦ୍ ଦେଲେ ଅନ୍ୟମାନଙ୍କ ଆନୁମାନିକ ବୟସ ୧୩ରୁ ୧୫ବର୍ଷ ମଧ୍ୟରେ ଥିଲା। ଭୂମିଠାରୁ ୧୭ ଫୁଟ ଉଚ୍ଚତାରେ ୧୧ କେଭି ତାର ଟଣାଯିବା କଥା। ହେଲେ ହାତୀଙ୍କ ମୃତ୍ୟୁ ସ୍ଥାନରେ ତାରର ଉଚ୍ଚତା ମାତ୍ର ୫ ଫୁଟ ଥିଲା। ବନ ବିଭାଗ ଓ ସେସୁ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ହିଁ ଏତେସଂଖ୍ୟକ ହାତୀମୃତ୍ୟୁର କାରଣ ବୋଲି ପରିବେଶବିତ୍‌ମାନେ ଅଭିଯୋଗ ଆଣିଥିଲେ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଚାଇଁପାଳ ଡିଭିଜନ୍ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ସହକାରୀଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, ସେସୁ ଲାଇନମ୍ୟାନ୍ ଫିରୋଜ ପଣ୍ଡା, ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ, ମେରାମଣ୍ଡଳୀ ସେକ୍ସନ ଫରେଷ୍ଟର ପ୍ରଭାକର ରଣା ଏବଂ ମେରାମଣ୍ଡଳୀ ବିଟ୍ ଫରେଷ୍ଟ ଗାର୍ଡ ଗିରୀଶ ଚନ୍ଦ୍ର ଦେହୁରୀଙ୍କୁ ନିଲମ୍ବନ କରାଯାଇଥିଲା। ନଭେମ୍ବର ୩ରେ ସଞ୍ଜୟ, ପ୍ରଭାକର, ଗିରୀଶଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପରେ ସେମାନଙ୍କୁ ମିଳିଥିଲା ସର୍ତ୍ତମୂଳକ ଜାମିନ।

## ଟାଟା ହାତରେ ଭୂଷଣ

ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଟି)ଙ୍କ ମଞ୍ଜୁରୀ ପରେ ମେ ୧୫ରେ ଟାଟା କମ୍ପାନୀ ହାତକୁ ଆସଥିଲା ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆସ୍ଥିତ ଭୂଷଣ ଷ୍ଟିଲ ଲିମିଟେଡ୍। ଏଥିଲାଗି ଟାଟା କମ୍ପାନୀକୁ ବିନିଯୋଗ କରିବାକୁ ପଡ଼ିଥିଲା ୩୨, ୫୦୦ କୋଟି ଟଙ୍କା। ଏଥିସହ ଭୂଷଣ ଷ୍ଟିଲର ୧୨.୨୭% ଇକ୍ୟୁଟି ଦେବା ଲାଗି କମିଟି ଅଫ୍ କ୍ରେଡିଟର୍ସ (ସିଓସି)ଙ୍କୁ ଦିଆଯାଇଥିବା ପ୍ରସ୍ତାବକୁ ଟ୍ରିବ୍ୟୁନାଲ ପାରିତ କରିଥିଲେ।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

## MOCK TEST PAPER # 3

### CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

***i. The question paper comprises two sections, A and B. You are to attempt both the section.***

***ii. All questions are compulsory. However, an internal choice will be provided in two questions of 3 marks each and one question of 5 marks.***

***iii. Question numbers 1 to 2 in Section A are one-mark questions. These are to be answered in one word or in one sentence.***

***iv. Question numbers 3 to 5 in Section A are two marks questions. These are to be answered in about 30 words each.***

***v. Question numbers 6 to 15 in Section A are three marks questions. These are to be answered in about 50 words each.***

***vi. Questions number 16 to 21 in Section A are five marks questions. These are to be answered in about 70 words***

***vii. Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** Give an example of a flower which contains both stamens and carpels.

**2.** Mention any one point of different between Pepsin and Trypsin.

**3.** An element 'X' has mass number 35 and the number of neutrons is 18. Identify the group number and period of 'X'.

**4.** An object of height 1.2 m is placed before a concave mirror of focal length 20 cm so that a real image is formed at a distance of 60 cm from it. Find the position of an object. What will be the height of the image formed ?

**5.** Why is there a need to harness non-conventional sources of energy ? Give two main reasons.

**6.** Name the electric device that converts mechanical energy into electrical energy. Draw the labelled diagram and explain the principle involved in this device.

**OR**

i. What is the function of earth wire in electrical instruments ?

ii. Explain what is short circulating in an electric supply.

iii. What is the usual current rating of the fuse wire in the line to feed.

a. Lights and fans ?

b. Appliances of 2kW or more power ?

**7.** Draw a circuit diagram of an electric circuit containing a cell, a key, an ammeter, a resistor of 4W in series with a combination of two resistors (8W each) in parallel and a voltmeter across parallel combination. Each of them dissipate maximum energy and can withstand a maximum power of 16 W without melting. Find the maximum current that can flow through the three resistors.

**8.** In the electrolysis of water.

a. Name the gas collected at anode and cathode.

b. Why is the volume of gas collected at one electrode double than the other ?

c. What would happen if dil. $H_2SO_4$ is not added to water ?

**9.** Differentiate between the arrangement of elements in Mendeleev's periodic table and Modern periodic table ?

**10.** Explain the ways in which glucose is broken down in absence of oxygen.

**OR**

List three differences between arteries and veins.

**11.** How do Mendel's experiments show that traits may be dominant of recessive ?

**12.** Rohit focussed the image of a candle flame on a white screen using a convex lens. He noted down the position of the candle, screen and lens as under.

| | | |
|---|---|---|
| Position of candle | = | 26.0 cm |
| Position of convex lens | = | 50.0 cm |
| Position of screen | = | 74.0 cm |

i. What is the focal length of the convex lens ?

ii. Where will the image be formed if he shifts the candle towards the lens at a position of 38 cm?

iii. Draw a ray diagram to show the formation of the image in case (ii) as said above ?

**13.** "pH has a great importance in our daily life" explain by giving three examples.

**OR**

A compound which is prepared from gypsum has the property of hardening when mixed with a proper quantity of water. Identify the compound and write its chemical formula. Write the chemical equation for its preparation. Mention any one use of the compound.

**14.** Why are fossils considered important in the study of evolution ? Explain two ways by which age of fossils can be estimated ?

**15.** Out government launches campaigns to provide information about AIDS prevention, testing and treatment by putting posters, conducting radio shows and using other agencies of advertisements.

a. To which category of diseases AIDS belong ? Name its causative organism.

b. Which kind of value is government trying to develop in the citizens by conducting the above kind of programs ?

**16.** With the help of a labelled circuit diagram describe an activity to illustrate the pattern of the magnetic field lines around a straight current carrying long conducting wire.

i. Name the rule that is used to find the direction of magnetic field associated with a current carrying conductor.

ii. Is there a similar magnetic field produced around a thin beam of moving (a) alpha particles (b) neutrons ? Justify your answer.

**17.** You are given balls and stick model of six carbon atoms and fourteen hydrogen atoms and sufficient number of sticks. In how many ways one can join the models of six carbon atoms and fourteen hydrogen atoms to form different molecules of $C_6H_{14}$.

**OR**

Draw the structural formulae of all the possible isomers of the compound with the molecular formula; $C_3H_6O$ and also give their electron dot structures.

**18.** a. i. Draw a neat diagram of human brain and

ii. Label medulla and cerebellum.

iii. Write the function of the above mentioned parts.

b. Both overproduction and under production of growth hormone leads to disorders in the body. Explain.

**19.** Noopur needs a lens of power –4.5 D for correction of her vision.

a. What kind of defect in vision is the suffering from ?

b. What is the focal length and nature of the corrective lens ?

c. Draw ray diagrams showing the (i) defected eye and (ii) correction for this defect.

d. What are the causes of this defect ?

**20.** a. What is reactivity series ? How does the reactivity series of metals help in predicting the relative activities of various metals ?

b. Suggest different chemical processes used for obtaining a metal from its oxides for metals in the middle of the reactivity series and metals towards the top of the reactivity series. Support your answer with one example each.

**21.** a. "Improvements in our lifestyle have resulted in greater amounts of waste generation". Give two examples to support the given statement. Suggest one change that we can incorporate in out lifestyle in order to reduce non-biodegradable waste.

b. The following organisms form a food chain. Insect, Hawk, Grass, Snake, Frog. Which of these will have highest concentration of non-biodegradable chemicals ? Name the phenomenon.

**OR**

a. What do you understand by "Watershed Management" ? List any two advantages of watershed management.

b. "Human beings occupy the top level in any food chain". What are the consequences of this on out body ?

### SECTION-B

**22.** What do you observe when you drop a few drops of acetic acid to a test tube containing

a. phenolphthalein b. universal indicator

c. distilled water d. sodium hydrogen carbonate ?

**23.** Riya performs two set of experiments to study the length of the form formed which are as follows:

**Set I:** She takes 10 mL of distilled water in test tube 'A' and adds 5–6 drops of liquid soap in it and shakes the test tube vigorously.

**Set II:** She takes 10 mL of distilled water in a test tube 'A' and adds 5–6 drops of liquid soap with half spoonful of $CaSO_4$ in it and shakes the test tube. Write your observation and reason.

**24.** A student observed a permanent slide showing asexual reproduction in yeast. Draw diagrams of the observations he must have made from the slide. Name the process also.

**25.** A student conducted an experiment to show $CO_2$ is released during respiration. List two precautions that he/she must take for obtaining correct observations.

**26.** The values of current I flowing in a given resistor for the corresponding values of potential difference V across the resistor are given below:

| I (ampere) | 0.5 | 1.0 | 2.0 | 3.0 | 4.0 |
|---|---|---|---|---|---|
| V (volt) | 1.6 | 3.4 | 6.7 | 10.2 | 13.2 |

Plot a graph between V and I and calculate the resistance of the resistor.

**OR**

In a given ammeter, a student sees that needle indicates 17th division in ammeter while performing an experiment to verify Ohm's law. If ammeter has 10 divisions between 0 and 0.5A, then what is the value corresponding to 17th division ?

**27.** Draw a path of light ray passing through a prism. Label angle of incidence and angle of deviation in the ray diagram.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଏନ୍‌ଡିଏ ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ଶୁକ୍ରବାର ବରିଷ୍ଠ ଭାଜପା ନେତା ତଥା ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଭେଟି ବିହାରରେ ଆସନ ଭାଗବଣ୍ଟା ନେଇ ଆଲୋଚନା କରିଛନ୍ତି। ରାମବିଳାସ ପାଶ୍ୱାନଙ୍କ ପୁଅ ଚିରାଗ ପାଶ୍ୱାନ ନିଜ ଦଳ ପାଇଁ ୬ ଲୋକ ସଭା ସହ ରାଜ୍ୟ ସଭାର ଗୋଟିଏ ଆସନ ଦାବି କରୁଛନ୍ତି। ଏଥିରେ ଭାଜପା ରାଜି ହୋଇଥିବା ଜଣାପଡ଼ିଛି। ଶନିବାର ଏନେଇ ଆନୁଷ୍ଠାନିକ ଘୋଷଣା କରାଯିବ।



## ସଂକ୍ଷେପରେ

### କଳିଙ୍ଗନଗର ମହୋତ୍ସବ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**କଳିଙ୍ଗନଗର,୨୧।୧୨(ଡି.ଏନ୍.ଏ.):** ଦ୍ୱିତୀୟ ବାର୍ଷିକ କଳିଙ୍ଗନଗର ମହୋତ୍ସବ ଶନିବାର ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ମହୋତ୍ସବ ପଡ଼ିଆ ସଜେଇ ହୋଇ ଉଠିଥିବାବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ଅପରାହ୍ନ ୩.୩୫ରେ ମୁଖ୍ୟମନ୍ତ୍ରୀ ଜଖପୁରାଠାରେ ପହଞ୍ଚିବେ। ସେଠାରେ ବିଜୁ ବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ୟ ଇସ୍ପାତ କାରଖାନା ପାଇଁ ଶୁଭ ଦେଇଥିବା କଦମ୍ବଗଛ ନିକଟରେ ପ୍ରସ୍ତାବିତ କଳିଙ୍ଗନଗର ପାର୍କର ଶିଳାନ୍ୟାସ କରିବେ। ଖରଡିଠାରେ ଆୟୋଜିତ କଳିଙ୍ଗନଗର ମହୋତ୍ସବରେ ଯୋଗଦେଇ ଅପରାହ୍ନ ୪.୩୫ରେ କଳିଙ୍ଗନଗର ଛାଡିବାର କାର୍ଯ୍ୟକ୍ରମ ରହିଛି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ଯାଜପୁର ଏସ୍‌ପି ଚରଣ ସିଂ ମିନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଳିଙ୍ଗନଗର ଏସ୍‌ପି ରାଜ କିଶୋର ଦୋରା, ୪ ଜଣ ଡିଏସ୍‌ପି ଓ ୮ ଜଣ ଇନ୍‌ସ୍ପେକ୍ଟରଙ୍କ ସମେତ ୧୭ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

## ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ବିଫଳ

# ବ୍ରାଞ୍ଚ ମ୍ୟାନେଜରଙ୍କୁ ଗୁଳିମାଡ

- ୩ ଲୁଟେରା ଫେରାର
- ଆହତ ବ୍ୟାଙ୍କ ମ୍ୟାନେଜରଙ୍କ ଅବସ୍ଥା ସଙ୍କଟାପନ୍ନ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୨୧।୧୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ନିକଟସ୍ଥ ବିଜେପୁର ଗ୍ରାମରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି)ରେ ଶୁକ୍ରବାର ଅପରାହ୍ନରେ ଲୁଟ୍ ଉଦ୍ୟମ ହୋଇଛି। ୩ ଲୁଟେରା ୟୁଜିବି ବ୍ରାଞ୍ଚ ମ୍ୟାନେଜର କୋଶଳ ଚନ୍ଦ୍ର ଦୋରାଙ୍କୁ ଗୁଳି କରି ଲୁଟ୍ ଉଦ୍ୟମ କରିଥିଲେ। ଗୁଳିକାଣ୍ଡ ପରେ ଲୁଟ୍ କରି ନ ପାରି ଲୁଟେରାମାନେ ସେଠାରୁ ଫେରାର ହୋଇଯାଇଛନ୍ତି। ଆହତ ବ୍ରାଞ୍ଚ ମ୍ୟାନେଜର ଦୋରାଙ୍କ ଦେହରେ ୩ଟି ଗୁଳି ବାଜିଛି। ଗୁଳିକାଣ୍ଡ ପରେ ଗ୍ରାମବାସୀ ଆହତ ବ୍ୟାଙ୍କ ମ୍ୟାନେଜର ଦୋରାଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ ଓ ପରେ ବଲାଙ୍ଗୀର ସନ୍ଥ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ବୁର୍ଲାସ୍ଥିତ ଭୀମ୍‌ସାର ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏସପି କେ. ସିବା. ସୁବ୍ରମଣି ବିଜେପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ବ୍ୟାଙ୍କର ସିସିଟିଭି କ୍ୟାମେରା ଯାଞ୍ଚ ସହ ପାଖଆଖ ଲୋକଙ୍କୁ ପଚାରଉଚୁରା ଜାରି ରଖିଛି।

ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ୩ଜଣ ଅପରିଚିତ ଯୁବକ ବାଇକରେ ବ୍ୟାଙ୍କକୁ ଆସି ନୂଆ ଆକାଉଣ୍ଟ ଖୋଲିବାର ଅଛି ବୋଲି କହିଥିଲେ। ଏବେ ଆକାଉଣ୍ଟ ଖୋଲିହେବ ନାହିଁ ବୋଲି ମ୍ୟାନେଜର ଦୋରା କହିବା ପରେ ସୁନାରଣ ନେଇ ହେବ କି ବୋଲି ପ୍ରଶ୍ନ କରିଥିଲେ। ସୁନାରଣ ଏବେ ହୋଇପାରିବ ନାହିଁ ବୋଲି କହିବାରୁ ଏ ସଂକ୍ରାନ୍ତୀୟ ଏକ ଫର୍ମ ଦେବାକୁ ଯୁବକମାନେ କହିଥିଲେ। ମ୍ୟାନେଜର ଦୋରା ଫର୍ମ ବାହାର କରୁଥିବାବେଳେ ତିନି ଯୁବକଙ୍କ ଭିତରୁ ଜଣେ ଏକ ବନ୍ଧୁକ ଆଣି ମ୍ୟାନେଜର ଦୋରାଙ୍କ ମୁଣ୍ଡରେ ଲଗାଇ ଦେଇଥିଲେ। ଏହାଦେଖି ଦୋରା ସମ୍ପୃକ୍ତ ଯୁବକଙ୍କୁ ଧକ୍କା ଦେବାକୁ ଚେଷ୍ଟା କରିବାରୁ ଯୁବକ ଜଣକ ତାଙ୍କ ଉପରକୁ ତିନିରାଉଣ୍ଡ ଗୁଳିଚାଳନା କରିଥିଲେ। ୨ଟି ଗୁଳି ଦୋରାଙ୍କ ପେଟରେ ବାଜିଥିବାବେଳେ ଅନ୍ୟ ଏକ ଗୁଳି ବାମଜଂଘରେ ବାଜିଥିଲା। ଗୁଳି ଫୁଟାଇବା ପରେ ତିନିଜଣ ଯୁବକ ବ୍ୟାଙ୍କ ଭିତରୁ ଫେରାର ହୋଇଯାଇଥିଲେ। ବ୍ୟାଙ୍କ ଭିତରେ ଗୁଳିକାଣ୍ଡ ଶବ୍ଦ ଶୁଣିବା ପରେ ଗ୍ରାମବାସୀ ବ୍ୟାଙ୍କ ନିକଟକୁ ଦୌଡି ଆସିଥିଲେ। ତେବେ ସେତେବେଳକୁ ତିନି ଲୁଟେରା ସେଠାରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ଏହାପରେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାମବାସୀ ଆହତ ବ୍ୟାଙ୍କ ମ୍ୟାନେଜର ଦୋରାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରିଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।



ଗୁଳିମାଡରେ ଗୁରୁତର ୟୁଜିବି ବ୍ରାଞ୍ଚ ମ୍ୟାନେଜର କୋଶଳ ଚନ୍ଦ୍ର ଦୋରାଙ୍କୁ ବଲାଙ୍ଗୀର ମେଡିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

## ୨୩ରେ କଂଗ୍ରେସର

# ଦଳିତ ସମାବେଶ

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

ଓଡ଼ିଶାରେ ଦଳିତମାନଙ୍କ ଉପରେ ହିଂସା ବୃଦ୍ଧି ପାଉଥିବାର କଂଗ୍ରେସ ଅଭିଯୋଗ କରିଛି। ଦଳିତ, ମହିଳା ଓ ଆଶ୍ରମ ସ୍କୁଲରେ ପଢୁଥିବା ନାବାଳିକାମାନେ ଯୌନ ନିର୍ଯାତନା ଓ ବଳାତ୍କାରର ଶିକାର ହେଉଛନ୍ତି। ଦଳିତ ଓ ଆଦିବାସୀମାନଙ୍କ ପାଇଁ ରହିଥିବା ନିର୍ଯାତନା ନିବାରଣ ଆଇନ ପୋଲିସ ପ୍ରଶାସନ ଦ୍ୱାରା ଠିକଣା ଭାବେ କାର୍ଯ୍ୟକାରୀ ହେଉନାହିଁ। ରାଜ୍ୟରେ ପ୍ରାୟ ୩ଲକ୍ଷ ଦଳିତ ପରିବାର ଘରଡିହ ଅଭାବରୁ ସରକାରଙ୍କ ବାସଗୃହ ଯୋଜନାର ସୁଫଳ ପାଉନାହାନ୍ତି। ଦଳିତ ଓ ଆଦିବାସୀମାନଙ୍କ ପାଇଁ ରାସ୍ତା, ପିଇବା ପାଣି, ବିଜୁଳି ଓ ପାଇଖାନା ପରି ମୌଳିକ ସୁବିଧା ଯୋଗାଇଦେବାରେ ରାଜ୍ୟ ସରକାର ବ୍ୟର୍ଥ ହୋଇଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ସରକାର ଦଳିତମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ହେଲେ ଯୋଜନା କଲେନାହିଁ। କୁନ୍ଦୁଲିର ୧୪ବର୍ଷର ନାବାଳିକା ନ୍ୟାୟ ନ ପାଇ ଶେଷରେ ଆତ୍ମହତ୍ୟା କଲେ। ଚିଲିକା କଲଟି ଆଇନ୍‌ରେ ପରିଣତ ନ ହେବାରୁ ହଜାର ହଜାର ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକା ଦୁର୍ବିଷହ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଅନୁସୂଚିତ ଜାତି ବିଭାଗ ରାଜ୍ୟରେ ଘରଡିହ ନ ଥିବା ଦଳିତମାନଙ୍କୁ ସର୍ବନିମ୍ନ ୪ଡିସିମିଲ୍ ଜମି, ଦଳିତ ଗ୍ରାମକୁ ସର୍ବନିମ୍ନ ମୌଳିକ ସୁବିଧା, ନିର୍ଯାତନା ନିବାରଣ ଆଇନ୍‌କୁ କଡାକଡି ଭାବରେ ପାଳନ କରିବା, ଦଳିତ ଓ ଆଦିବାସୀମାନଙ୍କ ସାମଗ୍ରିକ ବିକାଶ ପାଇଁ ଉପଯୋଜନାରେ ଉଦ୍ଦିଷ୍ଟ ଅର୍ଥରାଶିକୁ ପରିଣତ କରିବା ଆଦି ପ୍ରସଙ୍ଗ ନେଇ ରାଜ୍ୟର ପ୍ରତି ଜିଲାରେ ଦଳିତ ସମାବେଶ ଓ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ଆସନ୍ତା ୨୩ରେ ବାଲେଶ୍ୱରର ଗାନ୍ଧୀସ୍ମୃତି ଭବନଠାରେ ଏକ ବିରାଟ ଦଳିତ ସମାବେଶ ଅନୁଷ୍ଠିତ ହେବ ବୋଲି ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ଅଳ୍ପକେ ବର୍ତ୍ତିଲା...

ଅନ୍ୟ ଏକ ଘରୋଇ ହେଲିକପ୍ଟର ଉଡିବା ପାଇଁ ଅନୁମତି ଦିଆଯାଇଥିଲା କି ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଝାରସୁଗୁଡ଼ାକୁ ଏକ ଚାର୍ଟର୍ଡ ପ୍ଲେନ୍ ଯୋଗେ ଆସିଥିଲେ। ଝାରସୁଗୁଡା ବିମାନବନ୍ଦରରେ ଅବତରଣ କରିବା ପରେ ମୁଖ୍ୟମନ୍ତ୍ରୀ ସେଠାରୁ କୋଲାବିରା ହେଲିକପ୍ଟରରେ ଯିବାର ଥିଲା। ଏହି ସମୟରେ ଝାରସୁଗୁଡ଼ା ବିମାନବନ୍ଦରରେ ବିଧାୟକ ନବ କିଶୋର ଦାସ, ବିଧାୟିକା ରାଧାରାଣୀ ପଣ୍ଡା, ଜିଲାପାଳ ଏବଂ ଅନ୍ୟ ବିଜେଡି କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ଥିଲେ। ସ୍ୱାଗତ ପରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ କୋଲାବିରା ଅଭିମୁଖେ ବାହାରିଲେ। ହେଲେ ସମାନ ସମୟରେ ଏକ ଘରୋଇ ହେଲିକପ୍ଟର ବିଧାୟକ ନବ ଦାସଙ୍କୁ ନେଇ ଭୁବନେଶ୍ୱର ଯିବାକୁ ପ୍ରସ୍ତୁତ ହେଉଥିଲା। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଉଡିବା କ୍ଷଣି ବିଧାୟକ ନବ ଦାସଙ୍କୁ ନେଇ ଅନ୍ୟ ଏକ ହେଲିକପ୍ଟର ଉଡାଣ ଆରମ୍ଭ କରିଥିଲା। ହେଲେ ଘରୋଇ ହେଲିକପ୍ଟର ୫୦ ରୁ ୧୦୦ ମିଟର ଉଡିବା ପରେ ପୁଣିଥରେ ଫେରିଆସିଥିଲା। ଆଉ ଅଳ୍ପ କିଛି ସମୟ ପରେ ହୁଏତ ଦୁଇ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତା। କିନ୍ତୁ ଦୁର୍ଘଟଣା ଆଶଙ୍କାରେ ପାଇଲଟ୍ ଫେରାଇ ଆଣିଥିଲେ କିମ୍ବା ଏଟିସିର ତାଗିଦ୍ ହୋଇଥିବା ଅନୁମାନ କରାଯାଉଛି।



ଏକାସଙ୍ଗେ ଉଡୁଥିବା ଦୁଇଟି ହେଲିକପ୍ଟର।



ଅଚାନକ ଘରୋଇ ହେଲିକପ୍ଟର ଫେରିଆସୁଥିବାର ଦୃଶ୍ୟ।

## ଚାଷୀଙ୍କ ପାଇଁ ...

ଦ୍ୱାରା ୧୦ ଲକ୍ଷ ଭୂମିହୀନ ପରିବାର ଉପକୃତ ହେବେ। ଛେଳି ପାଳନ, ଅଣ୍ଡା ଉତ୍ପାଦନ, ବତକ ଚାଷ, ମାଛଚାଷ, ଛତୁଚାଷ ଏବଂ ମହୁଚାଷ ଭଳି ଆନୁଷଙ୍ଗିକ କୃଷିକାର୍ଯ୍ୟ ପାଇଁ ପ୍ରତି ପରିବାରକୁ ୧୨ ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଭୂମିହୀନ ପରିବାରଗୁଡିକ ଉପରୋକ୍ତ ୭ଟି ଆନୁଷଙ୍ଗିକ କୃଷିକାର୍ଯ୍ୟ ମଧ୍ୟରୁ ଯେକୌଣସି ଗୋଟିଏକୁ ସେମାନଙ୍କ ଜୀବିକା ଭାବେ ପସନ୍ଦ କରିପାରିବେ। ଏଥିପାଇଁ ଆସନ୍ତା ୩ ବର୍ଷରେ ସରକାର ୧୨୫୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ଯୋଜନାରେ ଭୂମିହୀନ ଶ୍ରମିକମାନଙ୍କୁ ମଧ୍ୟ ସହାୟତା ବ୍ୟବସ୍ଥା କରାଯାଇଛି। ଅନେକ ସମୟରେ ବୃଦ୍ଧାବସ୍ଥା, ଅକ୍ଷମତା, ରୋଗ ତଥା ବିଭିନ୍ନ କାରଣରୁ ଚାଷୀ ଚାଷକାର୍ଯ୍ୟ କରିବାକୁ ସକ୍ଷମ ହୋଇ ପାରେନାହିଁ। ଏଥିଯୋଗୁ ଭୂମିହୀନ ଶ୍ରମିକମାନେ ରୋଜଗାର ହରାଇଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କ ପରିବାରକୁ ଚାଷକାର୍ଯ୍ୟ ଓ ଜୀବିକା ଜାରି ରଖିବା ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସହାୟତା ପାଇବା ପାଇଁ ଗ୍ରାମପଞ୍ଚାୟତ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ମନୋନୀତ କରାଯିବ। ରାଜ୍ୟରେ ଥିବା ଏଭଳି ୧୦ ଲକ୍ଷ ପରିବାର ପାଇଁ କାଳିଆ ଯୋଜନାରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡ଼ା ଏହି ଯୋଜନାରେ ଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ୨ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହେଲେ ଅତିରିକ୍ତ ୨ ଲକ୍ଷ ଟଙ୍କାର ବୀମା ସୁରକ୍ଷା ଯୋଗାଇ ଦିଆଯିବ। ଏହାଦ୍ୱାରା ୫୭ ଲକ୍ଷ ପରିବାର ଉପକୃତ ହେବେ।

ଚାଷୀମାନଙ୍କୁ ଏହି ଯୋଜନାରେ ୫୦ ହଜାର ପର୍ଯ୍ୟନ୍ତ ଶସ୍ୟଋଣ ବିନା ସୁଧରେ ଯୋଗାଇ ଦିଆଯିବ। ଏଥିପାଇଁ ଆଗାମୀ ୩ ବର୍ଷରେ ୧୦ ହଜାର ୨୮୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୧ରେ କାଳିଆ ଯୋଜନାର ସମୀକ୍ଷା କରାଯାଇ ଆବଶ୍ୟକ ପରିବର୍ତ୍ତନ କରାଯିବ।

ରାଜ୍ୟରେ ୩୨ ଲକ୍ଷ ଚାଷୀ ପରିବାର ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଲକ୍ଷ ପରିବାର ଫସଲ ପାଇଁ ଋଣ ନେଇଥାଆନ୍ତି। ୧୨ ଲକ୍ଷ ଚାଷୀ ପରିବାର ଫସଲ ଋଣ ସୁବିଧା ନେଉନାହାନ୍ତି। ଶସ୍ୟଋଣ ନେଉଥିବା ୨୦ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ନିୟମିତ ଭାବେ ଋଣ ପରିଶୋଧ କରୁଛନ୍ତି। ତେଣୁ ଋଣ ଛାଡ଼ ଦ୍ୱାରା ମାତ୍ର ୮ ଲକ୍ଷ ଚାଷୀ ଉପକାର ପାଇଥାଆନ୍ତେ। କୌଣସି ଭାଗଚାଷୀ କି ଭୂମିହୀନ କୃଷି ଶ୍ରମିକ ଉପକୃତ ହୋଇ ନ ଥାନ୍ତେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ଗ୍ରାମ ପଞ୍ଚାୟତର ବିପଦଗ୍ରସ୍ତ ଚାଷୀ ପରିବାର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। କାଳିଆ ଏକ ପ୍ରଗତିଶୀଳ ଯୋଜନା। ଏହା ଜରିଆରେ ହେଉଥିବା ବ୍ୟୟବରାଦ ଦାରିଦ୍ର୍ୟକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିବ। ସବୁବର୍ଗର କୃଷିଜୀବୀମାନଙ୍କୁ ସହାୟତା ରାଶି ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ମାଧ୍ୟମରେ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ସାରା ଦେଶରେ ଦାରିଦ୍ର୍ୟ ହାରରେ ସର୍ବାଧିକ ହ୍ରାସ ଓଡ଼ିଶାରେ ହୋଇଛି। ପ୍ରାୟ ୮୦ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ଓଡିଶା ଖାଦ୍ୟଶସ୍ୟ ଉତ୍ପାଦନରେ ଏକ ନିଅଣ୍ଟିଆ ରାଜ୍ୟରୁ ବଳକା ରାଜ୍ୟରେ ପରିଣତ ହୋଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣ କ୍ଷେତ୍ରରେ ଓଡ଼ିଶା ତୃତୀୟ ସ୍ଥାନ ଦଖଲ କରିଛି। ୫ଥର କୃଷି କର୍ମଣ ପୁରସ୍କାର ପାଇ ରେକର୍ଡ କରିଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠି ଚାଷୀମାନଙ୍କ ଆୟ ଦ୍ୱିଗୁଣିତ ହୋଇଛି। ୨୦୧୪ରେ ଅତିରିକ୍ତ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ। ଆମେ ବର୍ତ୍ତମାନ ଏହି ଲକ୍ଷ୍ୟର ନିକଟତର ହୋଇପାରିଛୁ। ୨୦୧୯ ମାର୍ଚ୍ଚ ସୁଦ୍ଧା ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଚ୍ଚସ୍ଥାନରେ ରହୁଥିବା ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମିଲେଟ ମିଶନ ଆରମ୍ଭ କରାଯାଇଛି। କଂଗ୍ରେସ ଓ ଭାଜପାଶାସିତ ରାଜ୍ୟଗୁଡିକର କୃଷିଋଣ ଛାଡ଼ ଘୋଷଣା ପରେ ରାଜ୍ୟ ସରକାରଙ୍କ ଉପରେ ଚାପ ପଡିଥିଲା। କାଳିଆ ଯୋଜନା ଘୋଷଣା କରି ବିରୋଧୀ ଦଳଙ୍କ ମୁହଁ ତୁପ୍ କରିବାକୁ ରାଜ୍ୟ ସରକାର ଉଦ୍ୟମ କରିଛନ୍ତି ବୋଲି ଆଲୋଚନା ହେଉଛି।

## କମ୍ପ୍ୟୁଟର ଉପରେ...

ସେଥିରେ ଥିବା ତଥ୍ୟ ନେଇପାରିବେ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ର ଧାରା ୬୯ ବଳରେ ଏହି କ୍ଷମତା ପାଇବା ପରେ ଏବେ ଉକ୍ତ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଦେଶର ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚ କରିପାରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ସାଇବର ଓ ସୂଚନା ନିରାପତ୍ତା ବିଭାଗ ପକ୍ଷରୁ ଜାରି ବିବୃତିରେ ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବାଙ୍କ ସ୍ୱାକ୍ଷର ରହିଛି। ଏହାକୁ ପ୍ରିଭେସି ଉପରେ ହସ୍ତକ୍ଷେପ ବୋଲି ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଭାଜପା ସରକାର ଭାରତକୁ ଏକ ସର୍ଭିଲାନ୍ସ ଷ୍ଟେଟ୍ ବା ନାଗରିକଙ୍କ କାର୍ଯ୍ୟପଳାପ ଉପରେ ଗୋଇନ୍ଦା ନଜର ରଖୁଥିବା ରାଷ୍ଟ୍ରରେ ପରିଣତ କରିବାକୁ ଉଦ୍ୟମ କରୁଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଫଳରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ଆଇଟି ଆଇନରେ ବ୍ୟକ୍ତିଙ୍କ ପ୍ରିଭେସି ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇଛି। ପୂର୍ବରୁ ମଧ୍ୟ ସମାନ ଧରଣର ନିୟମ ଓ ପ୍ରକ୍ରିୟା ଟେଲିଗ୍ରାଫ୍ ଆକ୍ଟରେ ରହିଛି। ୨୦୦୯ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଯେଉଁ କ୍ଷମତା ପ୍ରଦାନ କରିଥିଲା ସଦ୍ୟ ନିର୍ଦ୍ଦେଶନାମା କେବଳ ତା'ର ପୁନରାବୃତ୍ତି। ତେଣୁ ଏହାକୁ ନେଇ ନାଗରିକମାନେ ଚିନ୍ତିତ ହେବା ଅନୁଚିତ। ସେହିପରି ରାଜ୍ୟ ସଭାରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି, କେନ୍ଦ୍ର ସରକାର ଜାତୀୟ ନିରାପତ୍ତା ଦୃଷ୍ଟିରୁ ଏଭଳି ପଦକ୍ଷେପ ନେଇଛନ୍ତି। କଂଗ୍ରେସ ଦେଶର ନିରାପତ୍ତାକୁ ନେଇ ଖେଳ ଖେଳୁଛି। ଯେଉଁଠି ଗୋଟିଏ ହେଲେ ଚୁଡ଼ୁନ୍ଦା ନାହିଁ, ସେଠାରେ କଂଗ୍ରେସ ଏକ ପାହାଡ଼ ତିଆରି କରୁଛି ବୋଲି ଜେଟ୍‌ଲୀ ଜବାବ ରଖିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ହଟ୍ଟଗୋଳ ହୋଇଛି। ଲୋକ ସଭାରେ ବିଜେଡି ମୁଖ୍ୟ ସଚେତକ ତଥାଗତ ସଥପଥୀ କହିଛନ୍ତି, ଏହା କେନ୍ଦ୍ର ସରକାରଙ୍କ ଜଘନ୍ୟ ନିଷ୍ପତ୍ତି। ସରକାର ଏପରି ନିୟମ କରି ଏକ ବଡ଼ ଭୁଲ କରିଛନ୍ତି। ସେ ଏହାକୁ କଠୋର ନିନ୍ଦା କରୁଛନ୍ତି। ଟୁଇଟ୍ ଜରିଆରେ ସେ ଆହୁରି କହିଛନ୍ତି ଯେ, ଷୋଡ଼ଶ ଲୋକ ସଭାର ଶେଷ ଆଡ଼କୁ ସରକାର ଗୁପ୍ତଚର ପ୍ରତି ଦେଖାଉଥିବା ପ୍ରେମ ବିସ୍ମିତ କରୁଛି। ଏଭଳି କାର୍ଯ୍ୟ ଲାଗି କରଦାତାଙ୍କ ଅର୍ଥ କରଦାତାଙ୍କ ଅନ୍ତରଙ୍ଗ ତଥ୍ୟ ଜାଣିବା ପାଇଁ ଖର୍ଚ୍ଚ କରାଯିବା ଆଶ୍ଚର୍ଯ୍ୟଜନକ। ଫଳରେ ଗୋଇନ୍ଦା ବ୍ୟବସ୍ଥା ବିଫଳ ହେଉଛି। ତାକୁ ନେଇ କାହାର ଚିନ୍ତା ନାହିଁ।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

Exp. PGT Chem. / Physics / Maths / Eng. for CBSE / ICSE Resi. Schools in UP, Bihar, Haryana, Rajasthan (Rs. 45,000/- + Accdm. + meals). Fluency in Eng.
Mob: 9748058193
Email: stxc@rediffmail.com

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

WANTED
3 Nos. of ACCOUNTANT (Minimum 3 years of experience in Tally) in SHREE CEMENT Stockiest in Bhubaneswar. 173, Cuttack Road, Bomikhal, BBSR.
Email: logisticsaikrupa@gmail.com
Contact: 9040096740, 9040096747

ନିଯୁକ୍ତି! ନିଯୁକ୍ତି! ନିଯୁକ୍ତି
ଘରକାମ, ରୋଷେଇ, ପିଲାଯତ୍ନ, ପେସେଣ୍ଟ କେୟାର ପାଇଁ ଝିଅ ଓ ମହିଳା ଆବଶ୍ୟକ।
ଯୋଗାଯୋଗ: 8114721727

WANTED
A reputed Real Estate Company Sahid Nagar, Bhubaneswar required
DEPUTY MANAGER - 6Nos., MARKETING EXECUTIVE - 10Nos.(M/F), ACCOUNTANT - 2, PEON - 2
(Fixed salary + Incentive)
Contact: 9090419636

REQUIRED
Requirement for an JCB operator (skid steer Robot 155). Contact: Eminence Network Solutions
M.: 9777531003
Paikanagar, Plot No.- 192(p), Lane-1, Bhubaneswar
Walk-in on 24th-25th & 28th-29th Dec. 2018, Time: 11.30 AM - 2.30 PM

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। ପରମାନେଣ୍ଟ ଲାଇସେନ୍ସ ଥିବ। ରହିବା ବ୍ୟବସ୍ଥା ଅଛି।
7750899392, 8249431114

ରୋଷେୟା ଓ ସେବିକା ଆବଶ୍ୟକ
ଛୋଟ ପରିବାର ପାଇଁ ରୋଷେଇ ସହିତ ବୃଦ୍ଧ ଓ ବୃଦ୍ଧାଙ୍କ ସେବା କରିବା ଲାଗି ମହିଳା ଓ ବୟସ୍କା ବାଳିକା ଆବଶ୍ୟକ। ରହିବା ଖାଇବା ସହିତ ମାସିକ ଦରମା ୫୦୦୦ ଟଙ୍କାରୁ ୭୦୦୦ ଟଙ୍କା।
ଯୋଗାଯୋଗ ମୋ ନଂ: 9583848660, 9776992297

URGENTLY REQUIRED
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

WALK-IN-INTERVIEW
KHURANA BROTHER (A HOUSE OF FURNISHINGS)
1. SALES MANAGER : Male/Female
2. SALES EXECUTIVE : Male / Female
3. SHOWROOM SERVICE STAFF : M/F
4. EXP. ACCOUNTANT : Male / Female
5. 3 PHASE ELECTRICIAN : Male
SALARY BEST IN INDUSTRY
39-B, Ashok Nagar, BBSR, M : 7809061111

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଶିପିଂ କମ୍ପାନୀରେ ସୁବର୍ଣ୍ଣ ସୁଯୋଗ
10ମ/ଦ୍ୱାଦଶ/ଗ୍ରାଜୁଏଟ୍ ପ୍ରାର୍ଥୀଙ୍କ ପାଇଁ ବୟସ 17ରୁ 24 ବର୍ଷ
ଅନୁମୋଦିତ ପ୍ରଶିକ୍ଷଣ ପରେ ଚାକିରି ପାଆନ୍ତୁ ଜାହାଜ ଓ କମ୍ପାନୀରେ
ବେତନ 25000 ରୁ 45000 + ସୁବିଧା
ଇ: careerpoint821@gmail.com
08766655532

URGENTLY REQUIRED
PRINCIPAL and LECTURER in a Diploma Pharmacy College.
Jajpur Pharmacy College
7978915845, 8763813222
Send CV to sabyasachi171@gmail.com

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 07303520928

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on 011 30017619

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
GISS ଆବଶ୍ୟକ କରୁଛି ୧୦୦ ଜଣ ସିକ୍ୟୁରିଟି ଗାର୍ଡ। ଶିକ୍ଷାଗତ ଯୋଗ୍ୟତା: ୧୦ମ ପାସ୍ ଏବଂ ତଦୂର୍ଦ୍ଧ୍ୱ, ଉଚ୍ଚତା: ୫ ଫୁଟ ୬ ଇଞ୍ଚ ଏବଂ ତଦୂର୍ଦ୍ଧ୍ୱ। ବୟସ: ୨୫ରୁ ୪୫ ବର୍ଷ।
Contact: 9861744455
GISS SECURITY SERVICES PVT LTD, Gopalpur, Cuttack

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

PATLIPUTRA LAW COLLEGE
PO+PS-Beur, Patna-2
WANTED
1. Principal - L.L.M, Ph.D, NET/SLET/SET with 10 yrs. teaching exp. in Law College.
2. Asst. Prof. - L.L.M., NET/SLET/ SET with 5 yrs. teaching Exp. in Law College.
Send Resume with copy of certificates at :
I.T.C. Anisabad, Behind Surya Mandir, Anisabad, Patna-02, Bihar
Ph. : 9709966626, 8210320047

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Asst., Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ୩ ବ୍ୟାଙ୍କ ମିଶ୍ରଣକୁ ଅର୍ଥମନ୍ତ୍ରଣାଳୟର ମଞ୍ଜୁରୀ

ନୂଆଦିଲ୍ଲୀ,୨୧-୧୨: ବ୍ୟାଙ୍କ ଅଫ୍ ବରୋଦା, ଦେନା ଏବଂ ବିଜୟା ବ୍ୟାଙ୍କ ମିଶ୍ରଣକୁ ଅର୍ଥ ମନ୍ତ୍ରଣାଳୟର ଅଲଟରନେଟିଭ ମେକାନିଜମ ପକ୍ଷରୁ ଶୁକ୍ରବାର ନୀତିଗତ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏକ ରେଗୁଲେଟୋରୀ ଫାଇଲିଂରେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଅଧକ୍ଷତାରେ ଗଠିତ ଅଲଟରନେଟିଭ୍ ମେକାନିଜମ ଉକ୍ତ ନିଷ୍ପତ୍ତି ଉପରେ ମୋହର ଲଗାଇଛନ୍ତି। ଏକ ବିଶ୍ୱ ସ୍ତରୀୟ ତଥା ବୃହତ୍ ବ୍ୟାଙ୍କ ଗଠନ ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସରକାର କହିଛନ୍ତି। ଏହି ପ୍ରସ୍ତାବକୁ ବ୍ୟାଙ୍କ ଅଫ ବରୋଦାର ବୋର୍ଡ ଅଫ୍ ଡାଇରେକ୍ଟର୍ସ ପକ୍ଷରୁ ନିକଟରେ ମଞ୍ଜୁରୀ ମିଳିଥିବା ବେଳେ ଅନ୍ୟ ଦୁଇ ବ୍ୟାଙ୍କ ମଧ ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି।

### ବିଗ୍‌ବଜାର ପକ୍ଷରୁ ପ୍ରଥମ କୁକ୍ ଆଲଙ୍ଗ୍ ଚ୍ୟାନେଲ ଆରମ୍ଭ

cook along LIVE

ଭୁବନେଶ୍ୱର,୨୧-୧୨: ପ୍ରମୁଖ ରିଟେଲ ଚେନ୍ ବିଗ୍‌ବଜାର ପକ୍ଷରୁ ପ୍ରଥମ କରି କୁକ୍ ଆଲଙ୍ଗ ଚ୍ୟାନେଲ ଆରମ୍ଭ ହୋଇଛି। ଏହାକୁ କମ୍ପାନୀ ୟୁଟ୍ୟୁବ ପ୍ଲାଟଫର୍ମରେ ଆରମ୍ଭ କରିଛି। ଏହା ଏକ ଲାଇଭ୍ ଚ୍ୟାନେଲ ହୋଇଥିବାବେଳେ ରୋଷେଇ ପ୍ରେମୀଙ୍କ ଲାଗି ବିଶେଷ ଭାବେ ସୁବିଧା ପ୍ରଦାନ କରିବ। ଏଥିରେ ରୋଷେଇ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିବାର ସୁଯୋଗ ମିଳିବ। ବିଭିନ୍ନ ପର୍ବପର୍ବାଣିରେ ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ଏଠାରେ ପରାମର୍ଶ ପ୍ରଦାନ କରାଯିବ। ରୋଷେଇ ପ୍ରକ୍ରିୟାକୁ ଆହୁରି ସହଜ କରିବା ପାଇଁ ବିଗ୍‌ବଜାର ପକ୍ଷରୁ ରେସିପ୍ କିଟ୍ ଆରମ୍ଭ କରାଯିବ। ଦେଶରେ କୁକ୍ ଆଲଙ୍ଗ ଚ୍ୟାନେଲ ଶୁଭାରମ୍ଭ କରି ଆନନ୍ଦିତ ବୋଲି ବିଗ୍‌ବଜାର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

> ଅନ୍‌ଲାଇନ ବାଣିଜ୍ୟରେ ସ୍ୱଚ୍ଛତା ଆଣିବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ସରକାର ଧ୍ୟାନ ରଖିଛନ୍ତି ।
> – ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



> ମିଥାନଲ୍ ଅର୍ଥନୀତିକୁ ଆଗାମୀ ୫ ବର୍ଷ ମଧ୍ୟରେ ଦୁଇଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ସରକାର ଯୋଜନା ରଖିଛନ୍ତି ।
> – ନୀତିନ ଗଡ଼କରି, କେନ୍ଦ୍ର ପରିବହନ ମନ୍ତ୍ରୀ



# ପାରାଦୀପ-ହାଇଦ୍ରାବାଦ, ବୋକାରୋ-ଅନୁଗୋଳ ପାଇପଲାଇନର ଶିଳାନ୍ୟାସ ୨୪ରେ

ଭୁବନେଶ୍ୱର,୨୧-୧୨




ପାରାଦୀପ-ହାଇଦ୍ରାବାଦ ଏବଂ ବୋକାରୋ-ଅନୁଗୋଳ ପାଇପ୍ ଲାଇନର ଶିଳାନ୍ୟାସ ଡିସେମ୍ବର ୨୪ରେ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଗସ୍ତରେ ଆସୁଥିବା ବେଳେ ଏହି ପ୍ରକଳ୍ପଗୁଡ଼ିକୁ ଭିତ୍ତିପ୍ରସ୍ତର ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ପାଇପ୍ ଲାଇନ ପ୍ରକଳ୍ପରେ ମୋଟ ୭,୨୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ନିର୍ମାଣ କାର୍ଯ୍ୟ ୨ ବର୍ଷରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ଇଣ୍ଡିଆନ୍ ଅଏଲର ଏସ୍‌ଇଆର୍‌ପିଏଲ୍ ଇଡ଼ି ପି.ସି ଚୌବେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପାରାଦୀପ-ହାଇଦ୍ରାବାଦ ପାଇପ୍‌ଲାଇନ ଇଣ୍ଡିଆନ ଅଏଲ ଲିମିଟେଡ ପକ୍ଷରୁ ହାତକୁ ନିଆଯାଉଥିବାବେଳେ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଅନ୍ତର୍ଗତ ବୋକାରୋ-ଅନୁଗୋଳ ପାଇପ୍ ଲାଇନ କାର୍ଯ୍ୟ ଗେଲ୍ ଇଣ୍ଡିଆ ଅଧୀନରେ ରହିଛି।

ଚୌବେ କହିଛନ୍ତି ଯେ, ପ୍ରମୁଖ ପେଟ୍ରୋଲିୟମ କେନ୍ଦ୍ରଗୁଡ଼ିକୁ ପେଟ୍ରୋଲିୟମଜାତ ଉତ୍ପାଦର ଯୋଗାଣକୁ ତ୍ୱରାନ୍ୱିତ କରିବାରେ ଇଣ୍ଡିଆନ ଅଏଲର ଏହି ପାଇପ୍ ଲାଇନ ସହାୟକ ହେବ। ଉକ୍ତ ପ୍ରକଳ୍ପକୁ ଇଣ୍ଡିଆନ ଅଏଲ ବୋର୍ଡ ମଞ୍ଜୁରୀ ପ୍ରଦାନ କରିଛି। ଏଥିରେ ୩,୩୩୮ କୋଟି ଟଙ୍କା ବିନିଯୋଗ ହେବ। ଓଡ଼ିଶାରେ ୯୨୩ କୋଟି, ଆନ୍ଧ୍ରପ୍ରଦେଶରେ ୧୯୮୩ କୋଟି ଏବଂ ତେଲେଙ୍ଗାନାରେ ୪୩୨ କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସେ ସୂଚନା ଦେଇଛନ୍ତି। ଉକ୍ତ ପ୍ରକଳ୍ପରେ ପାଇପ୍ ଲାଇନ ବିଛାଇବା ଲାଗି ମୋଟ ୩,୩୩୮ କୋଟି, ମାର୍କେଟିଂ ଫାସିଲିଟି ଲାଗି ୩୨୯ କୋଟି ଏବଂ ରିଫାଇନେରୀ ଫାସିଲିଟି ପାଇଁ ୧୪୧ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି।

- ଭିତ୍ତିପ୍ରସ୍ତର ଦେବେ ପ୍ରଧାନମନ୍ତ୍ରୀ ମୋଦି
- ବିନିଯୋଗ ହେବ ୭,୨୦୦ କୋଟି
- ୨ ବର୍ଷରେ ସମ୍ପୂର୍ଣ୍ଣ ହେବ ନିର୍ମାଣ କାର୍ଯ୍ୟ

ପାଇପ୍‌ଲାଇନ ପ୍ରକଳ୍ପ ୧୨୧୨ କିମିର ହୋଇଥିବା ବେଳେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାର ୧୬ ଜିଲା ଦେଇ ଯିବ। ଏହା ମଧ୍ୟରେ ଓଡ଼ିଶାରେ ୩୩୦ କିମି ପାଇପଲାଇନ ଥିବାବେଳେ ଆନ୍ଧ୍ରପ୍ରଦେଶରେ ୭୨୨ କିମି ଏବଂ ତେଲେଙ୍ଗାନାରେ ୧୬୦ କିମି ରହିଛି। ପ୍ରକଳ୍ପରେ ସ୍ଥାୟୀ ଭିତ୍ତିରେ ୨୫୦ ଏବଂ ମୋଟ ୧୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ସେ ସ୍ପଷ୍ଟ କରିଛନ୍ତି।

ସେହିଭଳି ଗେଲ୍ ଇଣ୍ଡିଆର ବୋକାରୋ-ଅନୁଗୋଳ ସେକ୍ସନରେ ମୋଟ ୬୬୭ କିମି ବିଶିଷ୍ଟ ପାଇପ୍ ଲାଇନ ବିଛାଯିବ ବୋଲି କମ୍ପାନୀର ନିର୍ମାଣ ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ. ପାଠକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଇଣ୍ଡିଆନ ଅଏଲ ସିଜିଏମ୍ ପ୍ରତିଶ ଭରତ ପ୍ରମୁଖ ଉପସ୍ଥିତ ଥିଲେ।

## ଓରିଏଣ୍ଟ ଇଲେକ୍ଟ୍ରିକର ପୋର୍ଟେବଲ୍ ଫ୍ୟାନ୍

ଭୁବନେଶ୍ୱର,୨୧-୧୨

ସିକେ ବିର୍ଲା ଗ୍ରୁପର ଅଂଶବିଶେଷ ଓରିଏଣ୍ଟ ଇଲେକ୍ଟ୍ରିକ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ରେଞ୍ଜର ଲାଇଫ ଷ୍ଟାଇଲ ପୋର୍ଟେବଲ ଫ୍ୟାନ ବଜାର ପ୍ରବେଶ କରାଯାଇଛି। ପରିବର୍ତ୍ତିତ ପାଣିପାଗରେ ପର୍ସନାଲାଇଜ କୁଲିଂ ସଲ୍ୟୁଶନ ପ୍ରଦାନ ଦିଗରେ ଏହା ବିଶେଷ ଭାବେ ସହାୟକ ହୋଇପାରିବ। ପାରମ୍ପରିକ ସିଲିଂ ଏବଂ ଟେବୁଲ ଫ୍ୟାନ ବଦଳରେ ଏହା ଏକ ଉନ୍ନତ ସମାଧାନ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି ପ୍ରଡକ୍ଟ ଡିଜାଇନ କରାଯାଇଛି। ଏହି ବର୍ଗରେ ଆସନ୍ତା ଗୋଟିଏ ବର୍ଷରେ ଉନ୍ନତ ବଜାର ଅଂଶ ହାସଲ କରିବାକୁ ଲକ୍ଷ୍ୟ ରହିଥିବା କମ୍ପାନୀର ଉପସଭାପତି ତଥା ବାଣିଜ୍ୟ ମୁଖ୍ୟ ଅତୁଲ ଜୈନ ସୂଚନା ଦେଇଛନ୍ତି।




## ରାଜ୍ୟର କୃଷି କ୍ଷେତ୍ରରେ ନିବେଶ ଲାଗି ୧୦ ସଂସ୍ଥା ଆଗ୍ରହୀ

ଭୁବନେଶ୍ୱର,୨୧-୧୨

ରାଜ୍ୟର ୬୧.୮୦ ଲକ୍ଷ ହେକ୍ଟର ଜମିରେ କୃଷିକାର୍ଯ୍ୟ ହେଉଛି। ରାଜ୍ୟର ମୋଟ ଚାଷୀଙ୍କ ମଧ୍ୟରୁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଅଂଶ ୯୦%। କୃଷି କ୍ଷେତ୍ରର ଉନ୍ନତୀକରଣ ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମଧ ଉପସ୍ଥାପନ ହେଉଛି। ୨୦୧୩-୧୪ରେ ରାଜ୍ୟ କୃଷି ବଜେଟ ପରିମାଣ ୭୧୬୧ କୋଟି ଟଙ୍କା ରହିଥିବାବେଳେ ଏହା ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ସାମଲ କହିଛନ୍ତି ଯେ, ଏହି ଏକ୍ସପୋରେ ଅନୁଷ୍ଠିତ ହୋଇଥିବା ବି୨ବି ନିବେଶକ ସମ୍ମିଳନୀରେ ଏହି ନିବେଶ ନେଇ ସଂସ୍ଥାଗୁଡ଼ିକ ଆଗ୍ରହ ଦେଖାଇଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଆୟୋଜନ କରାଯାଉଥିବା କୃଷି ମେଳାଗୁଡ଼ିକୁ ଅଧିକ ଆକର୍ଷଣ କରାଯିବା ଉପରେ ସାମଲ ଗୁରୁତ୍ୱାରୋପ କରିଛନ୍ତି। ମେଳାଗୁଡ଼ିକରେ କୃଷି ବିଶେଷଜ୍ଞମାନେ ଯୋଗଦେବା




୨୦୧୭-୧୮ରେ ୧୪,୯୩୦ କୋଟି ଟଙ୍କାକୁ ବୃଦ୍ଧିଘଟିଛି। ରାଜ୍ୟରେ କୃଷି କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ୧୦ ସଂସ୍ଥା ଆଗ୍ରହ ଦେଖାଇଥିବା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଟପ୍ ଏକ୍ସପୋ ତଥା ଆବଶ୍ୟକ ବୋଲି ସେ କହିଛନ୍ତି। ସବୁ ଋତୁରେ ଫସଲ ଉତ୍ପାଦନ, ରପ୍ତାନି ଲକ୍ଷ୍ୟ ନେଇ କୃଷି କରିବା ଉପରେ ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଚାଷ ସହ ବଜାର ସଂଯୋଗୀକରଣ ବିଷୟରେ କୃଷି ମାର୍କେଟିଂ ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରତାପ ସିଂ ମତ ଦେଇଥିଲେ।

## ୟୁସିସିଆଇର ଏସ୍‌ଏମ୍‌ଇ ଟ୍ରାନ୍ସଫର୍ମେଶନ ଶିବିର

ଭୁବନେଶ୍ୱର,୨୧-୧୨

ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇ) ପକ୍ଷରୁ ଭୁବନେଶ୍ୱରଠାରେ ଏସ୍‌ଏମ୍‌ଇ ଟ୍ରାନ୍ସଫରମେଶନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମଏସ୍‌ଏମ୍‌ଇ)ଗୁଡ଼ିକର ପରିଚାଳନା ଦକ୍ଷତା ବୃଦ୍ଧିକୁ ଧ୍ୟାନରେ ରଖି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏମଏସ୍‌ଏମ୍‌ଇଗୁଡ଼ିକ ପାଇଁ ପ୍ରଥମ ବାଯିଂ କ୍ଲବ ଭାବେ ଜଣାଶୁଣା ପାୱାର ୨ ଏସ୍‌ଏମ୍‌ଇ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାର୍ଯ୍ୟକ୍ରମରେ ଇପିକଲ୍‌ର ପୂର୍ବତନ ଏମ୍‌ଡି ବିବେକ ପଟ୍ଟନାୟକ,ପାୱାର ଟୁ ଏସ୍‌ଏମ୍‌ଇର ବହିର୍ବ୍ୟାପାର ନିର୍ଦ୍ଦେଶକ ଡ.ଏଚ୍.ପି. କୁମାର, ୟୁସିସିଆଇ ସଭାପତି ରମେଶ ମହାପାତ୍ର ଉପସ୍ଥିତ ରହି ପ୍ରାୟ ୯୦ ଏମ୍‌ଏସ୍‌ଏମ୍‌ଇଙ୍କୁ ସମ୍ମାନିତ କରିଥିଲେ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ସମସ୍ୟା ସମାଧାନକୁ ଧ୍ୟାନରେ




ରଖାଯାଉଛି ବୋଲି ପାୱାର ୨ ଏସ୍‌ଏମ୍‌ଇର ପ୍ରତିଷ୍ଠାତା ଆର୍ ନାରାୟଣ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ଏଭଳି ଏକ ଶିବିର ଆୟୋଜନ ଦ୍ୱାରା ଏସ୍‌ଏମ୍‌ଇଗୁଡ଼ିକ ଲାଗି ଲାଭକାରୀ ହେବ ବୋଲି ରମେଶ ମହାପାତ୍ର କହିଛନ୍ତି। ପାୱାର ଟୁ ଏସ୍‌ଏମ୍‌ଇ ସଂସ୍ଥାଗୁଡ଼ିକର କଞ୍ଚାମାଲ ସମସ୍ୟା, ଏମ୍‌ଏସ୍‌ଏମ୍‌ଇ ଫାଇନାନ୍ସ, ମେଣ୍ଟେନାନ୍ସ ଏବଂ ରିପେୟାର ଭଳି ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ସୂଚନା ଦେଇଛି।

## ସେନ୍‌ସେକ୍ସରେ ୬୯୦ ପଏଣ୍ଟ ହ୍ରାସ

ମୁମ୍ବାଇ,୨୧-୧୨

ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଶୁକ୍ରବାର ସୂଚକାଙ୍କ ୬୯୦ ପଏଣ୍ଟ ହ୍ରାସ ଘଟିଛି। ସେନସେକ୍ସରେ ୬୮୯.୬୦ ପଏଣ୍ଟ (୧.୮୯%) ହ୍ରାସ ଘଟି କାରବାର ୩୫,୭୪୨.୦୭ ସ୍ତରରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୧୯୭.୭୦ (୧.୮୧%) ହ୍ରାସ ଘଟି ୧୦,୭୫୪ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସପ୍ତାହରେ ସେନସେକ୍ସ ୫୨୭.୯୩ ପଏଣ୍ଟ ନିମ୍ନରେ ରହି ଥିବା ବେଳେ ନିଫ୍ଟି ୧୩୪ ପଏଣ୍ଟ ନିମ୍ନରେ ରହିଛି। ଆଗାମୀ ଦିନରେ ବିଶ୍ୱସ୍ତରର ନିମ୍ନ ଅଭିବୃଦ୍ଧି ଭୟ ଶେୟାର ବଜାରରେ ଦେଖାଯିବାରୁ ଏଭଳି ସ୍ଥିତି ଦେଖା ଯାଇଥିଲା।

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, website : www.rprcbbsr.com

Advt. No. 2835 / RPRC **QUOTATION CALL NOTICE** Date : 21.12.2018

Sealed quotations are invited from interested Custom clearing Agents having customs license for Custom clearance of consignments both Sea and Air Import from customs at Kolkata, New Delhi, Chennai and Mumbai. The Agency should submit the detailed information on the status of the firm, charges of freight by Air and Sea import, transportation and other charges in details, tax component, mode of payment etc. The firm must have branch office at Bhubaneswar. Interested parties may send their request through e-mail (rprcbbsr@gmail.com) for sending the details and format as email attachments or may collect from RPRC Office and Notice Board during Office hour in working days. The last date of receipt of quotations by post / courier is **10th January, 2019 (5.00 PM).**

Sd/-
Administrative Officer

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, website : www.rprcbbsr.com

Advt. No. 2829 / RPRC Date : 21.12.2018

**"QUOTATION CALL NOTICE FOR PRINTING OF BOOK"**

Sealed quotations are invited in two-bid systems from reputed printing houses / printers based at Bhubaneswar for printing of **Book** to be **published by RPRC**. The detailed specification and terms and conditions can be obtained from RPRC office / notice board or by email on request. The last date of receipt of the quotations is **31/12/2018 (3.00 pm.)**

Sd/-
Administrative Officer

**OFFICE OF THE ADMO(PH),**
**CITY PROGRAMME MANAGEMENT UNIT**
**NATIONAL URBAN HEALTH MISSION, ROURKELA**
**ROURKELA MUNICIPAL CORPORATION, ROURKELA**

Sealed tenders in double cover are invited from the intending bonafide outsourcing agency for supply of manpower for the post of Support Staff for CPMU NUHM, Rourkela. Interested bidders may obtain details terms & conditions from the website-**www.sundargarh.nic.in**. The tender papers will be in two parts i.e. technical (Cover-A) & Financial Bid (Cover-B).The bidders should give their technical & financial proposal separately in two envelopes and should put into another cover completed in all respect with superscription of Tender for applied, must reach to the undersigned on or before **05.01.2019 at 5 PM through Registered/Speed Post/Courier at Sub-Divisional Hospital. UCHC Panposh. Near Pannosh Railway Station-769004**. The tenders will be opened on Dtd.07.01.2019 at 11.30 AM in presence of the bidders or their authorized representatives at Rourkela Municipal Corporation, Rourkela. The authority is having discretion to open the tender with or without the presence of the representatives of the concerned bidders for said purpose. The authority reserves the right to reject or cancel the tenders without assigning any reason thereof.

**Sd./- Additional District Urban Public Health Officer, Rourkela**

**Government of Odisha**
**Tourist Office, Puri**
**Express of Interest**

Email: touristofficepuri@gmail.com,
Tel. No.06752 - 222664

No. 1098 & 1101/TO, Puri Dt.21.12.18

On behalf of Beach Development Committee, Tourist Office, Puri invites Express of Interest for Installation of **"Awareness Signages & Fixed Fibre Umbrella in palm leaf log"** in the Sea Beach, Puri. The details of the E.O.I documents are available at District website **www.puri.nic.in**.

**Sd./- Asst. Director, Tourism, Puri-cum-Convener, BDC, Puri**

**OFFICE OF THE**
**MUNICIPAL COUNCIL, RAIRANGPUR**
Phone No.: 06794-222054
E-mail ID: rairangpurn.hud@ori.nic.in / rrpurnac@gmail.com

**"e" PROCUREMENT NOTICE**
**TENDER CALL NOTICE NO.: 287 / 17.12.2018**
**BID IDENTIFICATION NO.: T8RRP2018-19**

Bid documents consisting of specification the schedule of quantities and the set of terms & conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Nature of the Works | : | Civil Works 2 (Two) Nos. |
| 2. | No. of Works | : | Bid Identification No. T8RRP2018-19 |
| 3. | Date & Time availability of the Bid documents in portal | : | From 10.00 hours of 20.12.2018 to 17.00 hours of 31.12.2018 |
| 4. | Last date/time receipt of bids in E-Tender portal | : | 31.12.2018 / 17.00 hours |
| 5. | Seek Clarification end date | : | 30.12.2018 / 17.00 hours |
| 6. | Tender paper Cost, EMD, GST, PAN etc. as per DTCN in Office Tender Box | : | 02.01.2019 / 17.00 hours |
| 7. | Bids received Online shall be opened on | : | 03.01.2019 / 11.00 hours (If any problem arises for Opening of the bid will be opened on next working day) |
| 8. | If all the tender work will be not completed within fixed period mention in the tender schedule the work agreement and work order authomatically cancelled. | | |
| 9. | The autority reserves the right to reject any or all tender without assigning any reason thereof. | | |
| 10. | Further the details can be seen from the procurement portal: **www.tendersorissa.gov.in**. | | |

**Sd./- Executive Officer**
**Rairangpur Municipality**

**OFFICE OF THE MUNICIPAL COUNCIL, SUNDARGARH**
No.: 5649 Dt.: 20.12.2018

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No.: SNGM-13/2018-19/Dt.20.12.2018**

On behlaf of the Sundargarh Municipality, Online e-tender **Item Rate Bid** are invited by the Executive Officer, Sundargarh Municipality under two bid systems (Technical and Financial) in prescribed formats from the reputed & experienced Manufacturers/ Authorized Dealers/Suppliers for **"Supply of 5 (Five) Seater Mobile Toilet Van with a Water Storage Tank and a Sludge Storage Tank to Sundargarh Municipality"** in conformity with the Detailed Tender Call Notice as indicated below and mentioned in the DTCN.

1. Material/Asset for which tenders invited : **Mobile Toilet Van**
2. Place of Supply: At Sundargarh Municipality
3. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
4. The bid documents will be available in the above website from **11 A.M. on 21.12.2018 to 5 P.M. on 28.12.2018** for online bidding.
5. Bids received online will be opened at **11 A.M. on 31.12.2018**.
6. The bidder must possess valid and compatible **Digital Signature Certificate (DSC)**
7. The DTCN for 01 No. of material shall be available in the e-procurement portal **https://www.tendersodisha.gov.in** for Online bidding.

**Sd./- Executive Officer, Sundargarh Municipality**

**GOVT. OF ODISHA** No.: 1235-O
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BHAWANIPATNA**
**Bid Identification No.: BPT/Online-08/2018-19 Date: 18.12.2018**
**NOTIFCE INVITING TENDERS FOR BRIDGE WORK IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of H.L. Bridge over Pipal Nallah on Kamthana to Ghusurigudi under Biju Setu Yojana in the District of Kalahandi
2. No. of Works : 1 No.
3. Location Details : Kalahandi District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/-
7. Other details :

| Availability of tender of Online Bidding | | Last date & time for seeking tender Clarification | Date and time of Opening of Technical Bid |
|---|---|---|---|
| From | To | | |
| 26.12.2018 11.00 A.M. | 12.01.2019 5.00 P.M. | 10.01.2019 | 14.01.2019 |

Further details can be seen from the website **"www.tendersorissa.gov.in"**.

25102/11/0012/1819 **Sd./- Superintending Engineer**

**OFFICE OF THE EXECUTIVE ENGINEER**
**RURAL WATER SUPPLY AND SANITATION DIVISION, CUTTACK**
MAHANADIBIHAR, CUTTACK - 753004
Telephone: 0671-2441619, E-mail: eerws_ctc1@nic.in

**Govt. of Odisha e-Procurement Notice**
**Bid Identification No. rwssctc-18/2018-19**

No.: 1223-O: The Executive Engineer, RWS&S Division, Cuttack on behalf of Governor of Odisha invites lumpsum bid through e-procurement in Single Cover System according to norm of e-procurement.

| | | | |
|---|---|---|---|
| 1. | Nature of Work | : | Construction of ESR |
| 2. | No. of Tenders | : | 3 Nos. |
| 3. | Tender Paper Cost | : | Rs.6,000/- |
| 4. | Value of Work | : | Rs.18.00 Lakhs to Rs.26.37 Lakhs |
| 5. | Class of Contractor | : | "D", "C" & "B" Class |
| 6. | Date and time of availability of bid document in portal | : | 11 hour of 26.12.2018 to 04.01.2019 upto 17 hours |
| 7. | Date & time of seeking tender clarification | : | 02.01.2019 upto 17 hours |
| 8. | Date & time of opening of tender | : | 05.01.2019 at 11.30 hours in the Office of the Executive Engineer, RWS&S Division, Cuttack |
| 9. | Time of Completion | : | 120 days |
| 10. | The bidders have to participate in online bidding only. Further details can be seen from the website **https://www.tendersorissa.gov.in**. | | |

25022/11/0047/1819 **Sd./- Executive Engineer**
**RWSS Division, Cuttack**

**GOVERNMENT OF ODISHA** No.1038-B
**OFFICE OF THE EXECUTIVE ENGINEER**
**BALANGIR (R&B) DIVISION, BALANGIR**
Email- eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374

**e - Procurement Notice**
**BID IDENTIFICATION No: BGR R&B/ 19/2018-19**

No.4985 Dtd.19.12.2018

1. The **Executive Engineer, Bolangir (R&B) Division, Bolangir** on behalf of Governor of Odisha invites percentage rate bid in **Double** cover system in **ONLINE MODE** for the construction of works detailed in the table below from **B / A** Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work: 03 Nos.
4. Tender Cost : Rs.10,000/-
5. Class of Contractor : "B" Class & "A" Class
6. Date & Time of sale & Receipt of Bids : From Dt.02.01.2019, 11.00 A.M. to Dt.14.01.2019 up to 05.00 P.M.
7. Date of opening of Bid : Dt.16.01.2019 at 11.30 AM
8. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendums will be available on ONLINE MODE only.

34028/11/0046/1819 **Sd./- Executive Engineer**
**Balangir (R&B) Division, Balangir**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଡିସେମ୍ବର, ୨୦୧୮



“ଆସନ୍ତା ବର୍ଷ ବିଶ୍ୱକପ୍ ଦୃଷ୍ଟିରୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦୃଢ ପ୍ରଦର୍ଶନ ସହ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ ମୋର ଲକ୍ଷ୍ୟ ।

– ଷ୍ଟିଭ୍ ସ୍ମିଥ୍, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



“ଇଡେନ ଗାର୍ଡେନ୍ସଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭିଭିଏସ ଲକ୍ଷ୍ମଣଙ୍କ ୨୮୧ ରନ ଜଣେ ଭାରତୀୟ ଖେଳାଳି ଭାବେ ଏହା ଏକ ଶ୍ରେଷ୍ଠ ଇନିଂସ ।

– ରାହୁଲ ଦ୍ରାବିଡ, ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଫାଇନାଲରେ କିଶୋର କ୍ଲବ

ପାତ୍ରପଡ଼ା,୨୧ା୧୨(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ମଦନପୁରଠାରେ ଚାଲିଥିବା ୭ମ ମଦନପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲରେ ଭୁବନେଶ୍ୱରର କିଶୋର କ୍ଲବ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କିଶୋର କ୍ଲବ ୨-୦ ଗୋଲରେ ଓଡ଼ିଶା ପୋଲିସ ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ମ୍ୟାଚ୍‌ର ୨୦ତମ ମିନିଟ୍‌ରେ ଜୟନ୍ତ ରାଉତ ପ୍ରଥମ ଗୋଲ ଦେଇଥିବାବେଳେ ଦ୍ୱିତୀୟାର୍ଦ୍ଧ ସଞ୍ଜିତ ପାଣ୍ଡା (୪୮ତମ ମିନିଟ୍) ୨ୟ ଗୋଲ ସ୍କୋର କରିଥିଲେ। ରେଫରି ଭାବେ ସୁଜିତ ପାତ୍ର, ସୁଶାନ୍ତ ମିଶ୍ର, ରମେଶ ଚନ୍ଦ୍ର ପାଇକରାୟ ଓ ଶିବଶଙ୍କର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ଭଲ ଖେଳ ପ୍ରଦର୍ଶନ କରିଥିବା କିଶୋର କ୍ଲବର ଜୟନ୍ତ ରାଉତ ଓ ଓଡ଼ିଶା ପୋଲିସ ଦଳର ସଞ୍ଜିତ ଗଡ଼ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ ଓ ବିଜୟ କୁମାର ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ରବିବାର ଫ୍ରେଣ୍ଡ୍ସ ପାରାଡାଇଜ ଓ କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

### ଜାତୀୟ ସିନିୟର ଟେନିସ ବଲ୍ କ୍ରିକେଟରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୧ା୧୨(କ୍ରୀଡ଼ା ପ୍ରତିନିଧି): ବିଜୟୱାଡାଠାରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ୨୯ତମ ଜାତୀୟ ସିନିୟର ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ୧୫ ଜଣିଆ ଦଳ ଶୁକ୍ରବାର ଆନ୍ଧ୍ର ପ୍ରଦେଶ ଯାତ୍ରା କରିଛି। ପ୍ରତିଯୋଗିତାରେ ମୋଟ ୨୮ଟି ରାଜ୍ୟର ଦଳ ଭାଗନେବେ। କୋଚ୍ ଚକ୍ରଧର ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ପରେ ଓଡ଼ିଶା ଦଳ ଘୋଷଣା କରାଯାଇଥିଲା। ଓଡ଼ିଶା ଟେନିସ ବଲ୍ କ୍ରିକେଟ ଆସୋସିଏଶନ ଅଧକ୍ଷ ମନୋରଞ୍ଜନ ମହାପାତ୍ର, ସଭାପତି ସୁରଜ ମିଶ୍ର, ସମ୍ପାଦକ ଶିଥିଲ କୁମାର ପଣ୍ଡା, ସହ ସମ୍ପାଦକ ସୋମନାଥ ପରିଡ଼ା ପ୍ରମୁଖ ଓଡ଼ିଶା ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଓପନ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

କଟକ ଅଫିସ,୨୧ା୧୨: ଶିଖରପୁରସ୍ଥିତ ନୃସିଂହ ମଲ୍ଲ ଅଡିଟୋରିୟମ ହଲରେ ନୃସିଂହ ମଲ୍ଲ ଓ ସୁରେଶ ସ୍ମାରକୀ ରାଜ୍ୟ ଓପନ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଇଷ୍ଟର୍ନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୧୮ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ ସମ୍ପାଦକ ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଜୟନ୍ତ କୁମାର ପ୍ରଧାନ, ପ୍ରଳୟା ବେଉରା, ତ୍ରୈଲୋକ୍ୟ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଇଷ୍ଟର୍ନ କ୍ଲବ ସଭାପତି ଯୁଗଳ ଚରଣ ଦାସ, ସମ୍ପାଦକ ସରୋଜ କୁମାର ମହାନ୍ତି, ସହ ସମ୍ପାଦକ ଆରତ ଚନ୍ଦ୍ର ଗୋଚ୍ଛାୟତ, ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ଲକ୍ଷ୍ମୀସାଗର କ୍ରିକେଟ ଟୁର୍ନାମେଣ୍ଟ ୨୫ରୁ

କଟକ ରୋଡ,୨୧ା୧୨(ଡି.ଏନ୍.ଏ.): ଲକ୍ଷ୍ମୀସାଗର ହାଇସ୍କୁଲ ପଡିଆରେ ଡିସେମ୍ବର ୨୫ରୁ ଦଶମ ଲକ୍ଷ୍ମୀସାଗର ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ତାଳଖାଇ ମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାର ୧୬ଟି ଟିମ ଏଥିରେ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଟିମ ପାଇଁ ଟ୍ରଫି ସହ ୫୦ହଜାର ଟଙ୍କା, ରନର୍ସ ଅପ ପାଇଁ ଟ୍ରଫି ସହ ୩୦ହଜାର ଟଙ୍କା ପୁରସ୍କାର ରଖାଯାଇଛି। ପ୍ରତ୍ୟେକ ନକଆଉଟ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଏବଂ ବେଷ୍ଟ ସିକ୍ସରଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହି ଟୁର୍ନାମେଣ୍ଟ ୬ଦିନ ଧରି ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ କ୍ରିକେଟ କ୍ଲବ କର୍ମକର୍ତ୍ତା ରାକେଶ ପାତ୍ର, ପ୍ରମୋଦ ନାୟକ, କରୁଣାକର ରାଉତ, ହେମନ୍ତ ସାହୁ, ଅଜିତ ଶର୍ମା, ଲିଙ୍ଗରାଜ ସାହୁ, କିଶୋର ନାୟକ ଓ ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆରୋଜ୍‌ର ଦ୍ୱିତୀୟ ବିଜୟ

**ଆଇ-ଲିଗ୍ ଫୁଟବଲ୍**

କଟକ ଅଫିସ,୨୧ା୧୨

ଚଳିତ ଆଇ-ଲିଗ୍ ସିଜନରେ ବାରବାଟୀ ଷ୍ଟାଡିୟମକୁ ଘରୋଇ ଭେନ୍ୟୁ କରିଥିବା ଇଣ୍ଡିଆନ ଆରୋଜ ଦଳ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ୧-୦ ଗୋଲରେ ଗୋକୁଲମ କେରଳ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧର ୬୬ତମ ମିନିଟରେ ମିଳିଥିବା ଏକ ପେନାଲ୍ଟି କିକ୍‌ର ଫାଇଦା ଉଠାଇ ଆରୋଜ ଏହି ବିଜୟ ସୂଚକ ଗୋଲ ସ୍କୋର କରିଥିଲା। ଆରୋଜ ଦଳର ସେଣ୍ଟର ମିଡଫିଲ୍ଡର ତଥା ଅଧିନାୟକ ଅମରଜିତ ସିଂ କିୟାମ ଗୋଲପୋଷ୍ଟର ନିମ୍ନ ଭାଗର କର୍ନରରେ ବଲକୁ ଭର୍ତ୍ତି କରି ଏହି ଗୋଲଟି ଦେଇଥିଲେ। ବାରବାଟୀ ଷ୍ଟାଡିୟମରେ ଏହା ଚଳିତ ଆଇ-ଲିଗ୍ ସିଜନର ଶେଷ ମ୍ୟାଚ୍। ଚଳିତ ସିଜନରେ ଆରୋଜ ମୋଟ ୨ଟି ବିଜୟ ପଏଣ୍ଟ ହାସଲ କରିଥିବା ବେଳେ ଦୁଇଟିଯାକ ବାରବାଟୀ ଷ୍ଟାଡିୟମରୁ ହିଁ ମିଳିଛି। ଇଣ୍ଡିଆନ ଆରୋଜ ଦଳ ଏଠାରେ ମୋଟ୍ ୪ଟି ମ୍ୟାଚ୍ ଖେଳିଛି। ଗତ ନଭେମ୍ବର ୫ ତାରିଖରେ ଆରୋଜ ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳିବା ସହ ୧-୦ ଗୋଲରେ ସିଲଂ ଲାଜଂକୁ ପରାସ୍ତ କରିଥିଲା। ୯ ତାରିଖରେ ପରବର୍ତ୍ତୀ ମ୍ୟାଚ୍‌ରେ ୦-୨ ଗୋଲରେ ମୋହନବାଗାନଠାରୁ ହାରିଥିଲା। ଚଳିତ ମାସ ୧୪ ତାରିଖରେ ଆରୋଜ ଓ ଆଇଜଲ ଏଫସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ବିଜୟୀ ହୋଇଛି। ଆରୋଜ ମୋଟ୍ ୮ଟି ମ୍ୟାଚ୍ ଖେଳି ୨ ବିଜୟ, ଗୋଟିଏ ଡ୍ର ଓ ୫ ପରାଜୟ ସହ ୭ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି।



ଇଣ୍ଡିଆନ୍ ଆରୋଜ୍ ଓ ଗୋକୁଳମ କେରଳ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଫିଫା ବିଶ୍ୱକପ୍ ଦର୍ଶକ ୩.୫ ବିଲିୟନ

ଜୁରିଚ୍, ୨୧ା୧୨ (ଏପି)

୨୦୧୮ ଫୁଟ୍‌ବଲ ବିଶ୍ୱକପ୍ ୩.୫ ବିଲିୟନ ଲୋକ ଦେଖିଛନ୍ତି। ଫ୍ରାନ୍ସ-କ୍ରୋଏସିଆ ଫାଇନାଲକୁ ୧.୧୨ ବିଲିୟନ ଅତିକମ୍‌ରେ ୧ ମିନିଟ୍ ପାଇଁ ଦେଖିଛନ୍ତି। ବିଶ୍ୱ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟବଲ ଆସୋସିଏଶନ୍ସ (ଫିଫା) ତରଫରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଅଧିକାଂଶ ଡିଜିଟାଲ ଡିଭାଇସ୍ ଜରିଆରେ ଦେଖିଛନ୍ତି। ଏହାଛଡ଼ା ଟେଲିଭିଜନ, ସର୍ବସାଧାରଣ ସ୍ଥାନରେ ବଡ଼ ବଡ଼ ସ୍କ୍ରିନ୍, ବାର୍ ଏବଂ ରେସ୍ତୋରାଁରେ ମଧ୍ୟ ଦର୍ଶକ ଉପଭୋଗ କରିଛନ୍ତି। ରୁଷିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୬୪ଟି ଗେମ୍ ଖେଳାଯାଇଥିଲା। ବିଶ୍ୱବ୍ୟାପୀ ଟିଭି ଜରିଆରେ ଗେମ୍ ପିଛା ୧୯୧ ନିୟୁତ ଲୋକ ଉପଭୋଗ କରିଛନ୍ତି। ସେ ତୁଳନାରେ ବ୍ରାଜିଲରେ ଅନୁଷ୍ଠିତ ୨୦୧୪ ସଂସ୍କରଣରେ ଦର୍ଶକ ସଂଖ୍ୟା ୧୮୭ ନିୟୁତ ରହିଥିଲା। ଫିଫା ତରଫରୁ ହୋଇଥିବା ଗବେଷଣାରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଚାରିବର୍ଷ ତୁଳନାରେ ରୁଷିଆ ବିଶ୍ୱକପ୍‌କୁ ଦର୍ଶକମାନେ ଅଧିକ ସମୟ ଧରି ଦେଖିଛନ୍ତି।


**BERHAMPUR MUNICIPAL CORPORATION**

**TENDER CALL NOTICE** No.381-C

NIB No.20678/XVIII.E6.29/18 Dt.20.12.18

| | | |
|---|---|---|
| 1 | Procurement Officer - Publisher / Officer Inviting the Tender / Bids (OIT) | The Commissioner Berhampur Municipal Corporation |
| 2 | Name of the works | Electrical Works |
| 3 | Nos. of works | 2 Nos. |
| 4 | Period of availability of the bid documents / tenders | From 15.00 hrs of Dt.21.12.18 to 17.00 hrs of Dt.28.12.18 |
| 5 | Last date & time for submission of the sealed envelopes containing the EMD, Cost of the bid documents, ABS (if reqd.), documents as asked for to fulfill the eligibility criteria of the bidders for each work as per DTCN | 17.00 hrs. of Dt.29.12.18 |
| 6 | Date & time of opening of the bids | 11.30 hrs. onwards on Dt.31.12.18 |

Further details can be seen in the notice board.

**Sd./- Commissioner**

13035/11/0170/1819 **Berhampur Municipal Corporation**


# ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ରୀମାଲକ୍ଷ୍ମୀ, ସୁଶ୍ରୀ

କଟକ ଅଫିସ,୨୧ା୧୨

ଆନ୍ଧ୍ରପ୍ରଦେଶ ବିଜୟୱାଡା ସ୍ଥିତ ମୁଲାପଡୁଠାରେ ଆସନ୍ତା ଜାନୁୟାରୀ ୩ ତାରିଖରୁ ସିନିୟର ମହିଳା କ୍ରିକେଟ ଚ୍ୟାଲେଞ୍ଜର ଟ୍ରଫି ଆରମ୍ଭ ହେବ । ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ୨ଜଣ ଖେଳାଳି ସାମିଲ ହୋଇଛନ୍ତି । ଇଣ୍ଡିଆ ବ୍ଲୁ ପକ୍ଷରୁ ରୀମାଲକ୍ଷ୍ମୀ ଏକ୍କା ଓ ଇଣ୍ଡିଆ ଗ୍ରୀନ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରତିନିଧିତ୍ୱ କରିବେ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି । ପେସ ବୋଲର ରୀମାଲକ୍ଷ୍ମୀ ଓ ଅଲରାଉଣ୍ଡର ସୁଶ୍ରୀ ରାଜ୍ୟ ମହିଳା କ୍ରିକେଟର ଜଣେ ଜଣେ ପ୍ରତିଭାବାନ ଖେଳାଳି। ଉଭୟ ପୂର୍ବରୁ ଭାରତ-ଏ ଦଳରୁ ଖେଳିବାର ମଧ୍ୟ ସୁଯୋଗ ପାଇଛନ୍ତି ।



ରୀମାଲକ୍ଷ୍ମୀ ଏକ୍କା



ସୁଶ୍ରୀ ଦିବ୍ୟଦର୍ଶିନୀ

## ବେଙ୍ଗଲ ୱାରିୟର୍ସ ବିଜୟୀ

କୋଲକାତା,୨୧ା୧୨(ପି.ଟି.)

ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ)ରେ ବେଙ୍ଗଲ ୱାରିୟର୍ସ ଦଳ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ତାମିଲ ଥଲାଇଭାସକୁ ୨୭-୨୪ ପଏଣ୍ଟରେ ହରାଇ ଦେଇଛି। ଏହା ଥିଲା ପିକେଏଲ ଇତିହାସର ୫୦୦ତମ ମ୍ୟାଚ୍। ମନଜୋତ ଚିଲରଙ୍କ ବିନା ଖେଳୁଥିବା ତାମିଲ ଥଲାଇଭାସ ଡିଫେନ୍ସ ଭାଗ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଥିଲା। ଏହି ବିଜୟ ସହ ବେଙ୍ଗଲ ୱାରିୟର୍ସ ପ୍ଲେ-ଅଫ୍ ଖେଳିବା ଆଶା ବଜାୟ ରଖିଛି। ଅନ୍ୟପକ୍ଷରେ ତାମିଲ ଦଳ ପୂର୍ବରୁ ପ୍ଲେ- ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି।

## ବିଶ୍ୱକପ୍ ପୂର୍ବରୁ ଫର୍ମ ଫେରିପାଇବା ଲକ୍ଷ୍ୟରେ ସ୍ମିଥ୍

ସିଡ୍‌ନୀ,୨୧ା୧୨(ପି.ଟି.)

ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଫର୍ମ ଫେରିପାଇବାକୁ ଲକ୍ଷ୍ୟ ରଖିଛନ୍ତି ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ଷ୍ଟିଭ ସ୍ମିଥ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଦଳରେ ପୁଣି ନିଜ ସ୍ଥାନ ହାସଲ କରିବେ। ‘‘ବର୍ତ୍ତମାନ ଦିନିକିଆ ମ୍ୟାଚ୍ ଟି୨୦ର ବଡ଼ ଫର୍ମାଟ୍ ଭଳି ଖେଳାଯାଉଛି। ଏଣୁ ମୁଁ ଟି୨୦ କ୍ରିକେଟ ଖେଳି ନିଜକୁ ପ୍ରସ୍ତୁତ କରିବି। କ୍ରିକେଟର ଛୋଟିଆ ଫର୍ମାଟରେ ଆଇପିଏଲ ହେଉଛି ବିଶ୍ୱର ଶ୍ରେଷ୍ଠ ଟୁର୍ନାମେଣ୍ଟ। ପ୍ରଥମେ ପାକିସ୍ତାନ ଲିଗ୍ ଓ ପରେ ଆଇପିଏଲରେ ଖେଳିବି।


**PARADIP PORT TRUST**

**Corrigendum-I to E-Tender Call Notice No.EM/MM/P/IOHP-26/2018/1811 TDR215, Dt. 17.11.2018 for Supply of Suspension Electro Magnet.** The due date of submission of Tender & opening of EMD Bid is hereby further extended as below. (1) Last Date of submission of tender upto 5.00 PM of Dt. 07.01.2019. (2) Opening of EMD Bid at 3.30 PM of Dt. 09.01.2019. All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

Sd/-
Sr. Dy. Materials Manager

PPT/PR/541/18-19 Dt. 21.12.2018



ODISHA HYDRO POWER CORPORATION LIMITED.

OHPC

**BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051**

Phones; 06861-232581 (O)/ 232641 (R), FAX - 06861-232541, E mail- <unit.head_balimela@yahoo.com>

**Bid Identification No. 6393** **Dated. 20.12.2018**

No.CAD-1151: Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at **https://tendersodisha.gov.in** by eligible class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Group | Name of Work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| A | Supply and fixing of paver block at open area of Valve House including repair work | 16,16,431/- | 16200/- | 6000/- + GST @ 18% = 7080/- | 120 days |
| B | Replacement of GCI sheet by new metal roofing sheet of General store | 7,89,965/- | 7900/- | 4000/- + GST @ 18% = 4720/- | 60 days |

Date & Time of availability of bid document in the portal: **From 11.00 Hrs of 24.12.2018 to 04.01.2019 (up to 16.00 Hrs)**
The date & Time of opening of the bid: **12.30 Hrs onwards of 05.01.2019** (Only Technical bid)
Further details can be seen from the e-procurement portal **https://tendersodisha.gov.in**.
04019/11/0088/1819 **Sd./- SENIOR GENERAL MANAGER**


■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ୍ ଟେନିସ୍

# ଫାଇନାଲରେ ଅଂଶୁ

ଭୁବନେଶ୍ୱର, ୨୧ା୧୨(କ୍ରୀଡ଼ା ପ୍ରତିନିଧି)

ପୁରୀରେ ଚାଲିଥିବା ଦୁଶାନ ଦେଓ ମେମୋରିଆଲ ସର୍ବଭାରତୀୟ ପୁରୁଷ ର୍‍ୟାଙ୍କିଙ୍ଗ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସେ ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ରୟ ଚୌଧୁରୀଙ୍କୁ ୬-୦, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ତେଲେଙ୍ଗାନାର ଲଙ୍କା ସୁନୀଥ ରେଡ୍ଡୀଙ୍କ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଚିନ୍ମୟ ପ୍ରଧାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ସୁନୀଥ ପ୍ରଥମ ସେମିଫାଇନାଲରେ ହରିୟାଣାର ଓମିନ୍ଦର ବୈସୋୟାଙ୍କଠାରୁ ୦-୬, ୨-୬ ସେଟ୍‌ରେ ହାରି ଯାଇଛନ୍ତି। ଅଂଶୁ ଓ ବୈସୋୟାଙ୍କ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ପୁରୁଷ ଡବଲ୍ସରେ କିନ୍ତୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ରାଜସ୍ଥାନର ଅଭିଭୀର ସିଂ ଶେଖାୱତଙ୍କୁ ସାଥିକରି ଖେଳୁଥିବା ଅଂଶୁ ପ୍ରଥମ ସେମିଫାଇନାଲରେ ଆନ୍ଧ୍ରପ୍ରଦେଶର ବାଲ୍‌ଜି ଶିବା ଆଙ୍ଗରୁ ଓ ତେଲେଙ୍ଗାନାର ସାଜିଦ୍ ଉର୍ ରହମାନ ଯୋଡ଼ିଙ୍କଠାରୁ ୫-୭, ୪-୬ ସେଟ୍‌ରେ ହାରି ଯାଇଛନ୍ତି। ସେହିପରି ଓଡ଼ିଶାର ଅମୃତଜୟ ମହାନ୍ତି ଓ ଅଭିଷେକ ମହାପାତ୍ର ଯୋଡ଼ି ଦ୍ୱିତୀୟ ସେମିଫାଇନାଲରେ ପଶ୍ଚିମବଙ୍ଗ ଯୋଡ଼ି ଆଦିତ୍ୟ ବର୍ଦ୍ଧନ ରୟ ଚୌଧୁରୀ ଓ ରୋହିତ ରାମପୁରିଆଙ୍କ ନିକଟରୁ ୨-୬, ୩-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଶନିବାର ସକାଳ ୧୦ଟାରେ ପୁରୁଷ ଡବଲ୍ସ ଏବଂ ୧୧ଟା ୪୫ରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।



ଶୁକ୍ରବାର ସେମିଫାଇନାଲ ଅବସରରେ ଅଂଶୁ କୁମାର ଭୂୟାଁ।


ଓଡ଼ିଶା ସରକାର

**କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

(ଭୂ-ଅର୍ଜନ ବିଭାଗ)

**ଘୋଷଣା**

**No. (SPLLAORLY)-LAA-KPD-16/2018/933** **Dtd.: 9.11.18**

No.: XX-20: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R ACT, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଗୁଆଳସିଂ, ଥାନା- କେନ୍ଦ୍ରାପଡ଼ା ନଂ.୧୧୦, ତହସିଲ- ଡେରାବିଶ୍, ଜିଲ୍ଲା- କେନ୍ଦ୍ରାପଡ଼ାରେ ନିମ୍ନ ସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ହରିଦାସପୁର-ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, ୨୦୧୩)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୪୦୦୩୮/ରା.ବି.ପ୍ର. ତା୨୫ା୧୧ା୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉ ଅଛି ଯେ, ମୌଜା- ଗୁଆଳସିଂ, ଥାନା- କେନ୍ଦ୍ରାପଡ଼ା ନଂ. ୧୧୦, ତହସିଲ- ଡେରାବିଶ୍, ଜିଲ୍ଲା- କେନ୍ଦ୍ରାପଡ଼ାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପ ରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kendrapara.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା- କେନ୍ଦ୍ରାପଡ଼ା, ତହସିଲ- ଡେରାବିଶ୍**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁଆଳସିଂ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨.୩୪୦ | ଏ.୧.୪୨୦ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା- କେନ୍ଦ୍ରାପଡ଼ା, ତହସିଲ- ଡେରାବିଶ୍**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁଆଳସିଂ | ଗ୍ରାମାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

ଅଧିସୂଚନାର ବୈଧ ତାରିଖ – ୧୦ା୦୩ା୨୦୧୮

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

**ଭୂମି ଅନୁସୂଚୀ**
**ମୌଜା- ଗୁଆଳସିଂ, ଥାନା- କେନ୍ଦ୍ରାପଡ଼ା, ଥାନା ନଂ.- ୧୧୦, ତହସିଲ- ଡେରାବିଶ୍, ଜିଲ୍ଲା- କେନ୍ଦ୍ରାପଡ଼ା**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬୯୮ | ୩୫୮୫ | ୧.୦୦୦ | ୦.୮୪୦ | ଶାରଦ ଜଳ ଦୋଫସଲ-୨ | ନଳିନୀକାନ୍ତ ସାହୁ, ପ୍ରମୋଦ କୁମାର ସାହୁ, ସରୋଜକାନ୍ତ ସାହୁ, ଶରତକାନ୍ତ ସାହୁ, ଶଶୀକାନ୍ତ ସାହୁ, କମଳାକାନ୍ତ ସାହୁ, ମଞ୍ଜୁଲତା ସାହୁ, ପି.- ଘନଶ୍ୟାମ ସାହୁ, ଜା: ତେଲି, ସା: ଭ୍ରମରଦିଆପାଟଣା |
| | ୩୫୮୫/ ୪୩୯୩ | ୧.୦୨୦ | ୦.୩୮୦ | ଘରବାରି | |
| ୧୦୦୧ | ୩୩୮୦ | ୦.୧୯୦ | ୦.୧୯୦ | ଘରବାରି | ପ୍ରଶାନ୍ତ କୁମାର ରାଉତ, ପି.- ନୃସିଂହ ଚରଣ ରାଉତ, ଜା: ଖଣ୍ଡାୟତ, ସା: କଂସାର, ହାଲ: ନିଜଗାଁ |
| ୭୨୮ | ୨୨୩୦ | ୦.୧୩୦ | ୦.୦୧୦ | ଶାରଦ-୨ | ଜନାର୍ଦ୍ଦନ ବେହେରା, ପି.- ପଦନ ବେହେରା, ଜା: କୁମ୍ଭାର, ସା: ନିଜଗାଁ |
| | | ମୋଟ | ୧.୪୨୦ | | |

**ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ**
**ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡ଼ା**

24040/14/0023/1819

## ସଂକ୍ଷେପରେ

### ନଳିନୀକାନ୍ତ ମହାନ୍ତି ସ୍ମାରକୀ କ୍ରିକେଟ ଆରମ୍ଭ

କଟକ ଅଫିସ,୨୧।୧୨: ତୃତୀୟ ନଳିନୀକାନ୍ତ ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ସ୍ଥାନୀୟ ଦି ଲ' କଲେଜ ଖେଳପଡିଆରେ ଆରମ୍ଭ ହୋଇଛି। ଅଧକ୍ଷ ଏସ୍.କେ. ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ସହରର ପ୍ରମୁଖ ୧୨ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଛନ୍ତି। ତେବେ ଗତ ଦୁଇବର୍ଷର ଫାଇନାଲିଷ୍ଟ ଦଳ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବା ସୁଯୋଗ ପାଇବେ। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ମା' ମଙ୍ଗଳା କ୍ଲବ, ଲ' ଲାୟନ୍ସ ଓ ବ୍ଲୁ ମୁନ୍ ବିଜୟୀ ହୋଇଛନ୍ତି ।

### ଓସ୍କାର କପ୍ କ୍ରିକେଟ: ସେମିରେ ପାରାମାଉଣ୍ଟ



ଭୁବନେଶ୍ୱର,୨୧।୧୨(ସ୍ପୋର୍ଟ୍ସ ବ୍ୟୁରୋ): ଓସ୍କାର ଖେଳପଡ଼ିଆରେ ଚାଲିଥିବା ୧୦ମ ନିରୋଜ ସ୍ମାରକୀ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ପାରାମାଉଣ୍ଟ କ୍ଲବ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ କ୍ଲବ ୧୦୦ ରନ୍‌ରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ଧାର୍ଯ୍ୟ ୨୦ ଓଭରରେ ଦୁଇ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ମହନ୍ତ ୬୦ ରନ୍ କରିଥିଲେ। ବୋଲିଂରେ ରାମେଶ୍ୱର ତରଫରୁ ପ୍ରତୀକ ସ୍ୱାଇଁ ଏକମାତ୍ର ସଫଳତା ପାଇଥିଲେ। ପରେ ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ ଆରମ୍ଭ କରି ମାତ୍ର ୪୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ପ୍ରତ୍ୟୁଶ ପ୍ରକାଶ ସାହୁ ୪ ଓ ଯୋଗେଶ ସିଂ ୩ଟି ଉଇକେଟ ନେଇଥିଲେ। ବିଜୟୀ ଦଳ ଲାଗି ସର୍ବାଧିକ ଉଇକେଟ ନେଇଥିବା ପ୍ରତ୍ୟୁଶ ପ୍ରକାଶ ସାହୁଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟବସାୟୀ ସଙ୍କେତ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦେଇଥିଲେ।

### ରାଜୀବ ମେହେଟାଙ୍କୁ ନୂଆ ନିଯୁକ୍ତି



ନୂଆଦିଲ୍ଲୀ, ୨୧।୧୨ (ପି.ଟି.): ଫେନ୍ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଫଏଆଇ) ସଭାପତି ରାଜୀବ ମେହେଟା ସାଉଥ୍ ଏସିଆନ ଫେନ୍‌ସିଂ ଫେଡେରେଶନ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ଏଫ୍‌ଏଆଇ ସାଧାରଣ ସମ୍ପାଦକ ବଶିର ଅହମ୍ମଦ ଖାଁ ମଧ ଫେଡେରେଶନର ଅନୁରୂପ ପଦବୀରେ ଅଧିଷ୍ଠିତ ହେବେ। ମେହେଟା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସାଧାରଣ ସମ୍ପାଦକ ଅଛନ୍ତି। ସେ ଓ ଖାଁ ନିକଟରେ ହାଇଦ୍ରାବାଦଠାରେ ଅନୁଷ୍ଠିତ ସାଫ୍ ବୈଠକରେ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ମେହେଟା ସୂଚନା ଦେଇଥିଲେ ଯେ ଆସନ୍ତା ବର୍ଷ ଅଗଷ୍ଟରେ ନେପାଳରେ ହେବାକୁଥିବା ସାଉଥ୍ ଏସିଆନ ଗେମ୍ସ ପାଇଁ ଇଭେଣ୍ଟ ତାଲିକାରେ ଫେନ୍‌ସିଂକୁ ସାମିଲ କରାଯାଇଛି। ଏହାଛଡ଼ା ଏଣିକି ପ୍ରତିବର୍ଷ ସାଉଥ ଏସିଆନ ଫେନ୍‌ସିଂ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହାର ପ୍ରଥମ ସଂସ୍କରଣ ୨୦୧୯ରେ ଚଣ୍ଡିଗଡ଼ରେ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



“ମେଲବୋର୍ନର ପରିବେଶ ଯାହା କହୁଛି, ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଖେଳାଇଲେ ଭାରତ ଉପକୃତ ହେବ ।

– ମାଇକେଲ ହସି, ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ



“ଅଷ୍ଟ୍ରେଲିଆ ଟୁର୍ ପୂର୍ବରୁ ମୁଁ ଅଭ୍ୟାସ ମ୍ୟାଚ ଖେଳିନାହିଁ ସତ, ହେଲେ ଏନେଇ ମୁଁ ଆଦୌ ଚିନ୍ତିତ ନୁହେଁ ।

– ଅମ୍ବାତି ରାୟୁଡୁ, ଭାରତୀୟ ବ୍ୟାଟ୍ସମ୍ୟାନ

# ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ ଆଜିଠାରୁ

ମୁମ୍ବାଇ,୨୧।୧୨(ପି.ଟି.)

ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ (ପିବିଏଲ)ର ଚତୁର୍ଥ ସଂସ୍କରଣ। ଟାଇଟଲ ପାଇଁ ୯ଟି ଦଳ ତଥା ଫ୍ରାଞ୍ଚାଇଜ୍ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ସ୍ପେନ୍‌ର କାରୋଲିନା ମାରିନଙ୍କ ସହ ରିଓ ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ, କିଦାମ୍ବୀ ଶ୍ରୀକାନ୍ତଙ୍କ ସମେତ ବିଶ୍ୱର କେତେକ ଆଗଧାଡିର ତାରକା ଖେଳାଳି ଏହି ହାଇପ୍ରୋଫାଇଲ ଲିଗ୍‌ରେ ବିଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଏହି ଲିଗ୍‌ରେ ୧୭ଟି ଦେଶର ୯୦ ଖେଳାଳି ଅଂଶଗ୍ରହଣ କରିବେ। ଜାନୁୟାରୀ ୧୩ ତାରିଖରେ ଶେଷହେବାକୁ ଥିବା ଏହି ଲିଗ୍‌ରେ ଭାରତର ଶ୍ରୀକାନ୍ତ, ଏଚ୍.ଏସ୍. ପ୍ରଣୟ ଓ ସାଇନା ନେହ୍ୱାଲଙ୍କ ସମେତ କୋରିଆର ଲି ୟଙ୍ଗ୍ ଡାଏ, ଡେନ୍‌ମାର୍କର ଭିକ୍ଟର ଆକ୍ସେଲସେନଙ୍କ ଭଳି ଖେଳାଳି ନିଜର ଭାଗ୍ୟ ପରୀକ୍ଷା କରିବେ।

ମୋଟ୍ ୬ କୋଟି ଟଙ୍କାର ପୁରସ୍କାର ପାଇଁ ୯ଟି ଦଳ ଯଥା ଦିଲ୍ଲୀ ଡାସର୍ସ, ଅହମ୍ମଦାବାଦ ସ୍ମାଶ୍ ମାଷ୍ଟର୍ସ, ଅୱଧ୍ ୱାରିୟର୍ସ, ବେଙ୍ଗାଲୁରୁ ରାପ୍ଟର୍ସ, ମୁମ୍ବାଇ ରକେଟ୍ସ, ହାଇଦ୍ରାବାଦ ହଣ୍ଟର୍ସ, ଚେନ୍ନାଇ ସ୍ମାସର୍ସ, ନର୍ଥ ଇଷ୍ଟର୍ନ ୱାରିୟର୍ସ ଓ ପଦାର୍ପଣ କରିବାକୁ ଥିବା ପୁନେ ୭ ଏସେସ୍ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଲିଗ୍‌ର ଚାମ୍ପିୟନ ଦଳ ୩ କୋଟି ଟଙ୍କା ପୁରସ୍କାର ହାସଲ କରିବ। ସେହିପରି ରନର୍ସଅପ ଦଳ ଦେଢ଼କୋଟି, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିବାକୁଥିବା ଦଳ ପ୍ରତ୍ୟେକ ୭୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପାଇବେ।

ଲିଗ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ସ୍ଥାନୀୟ ୱର୍ଲି ଇନ୍‌ଡୋର ଷ୍ଟାଡିୟମରେ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ସେହିପରି ସେମିଫାଇନାଲ ଓ ଫାଇନାଲ ରାଉଣ୍ଡ ବେଙ୍ଗାଲୁରୁରେ ଆୟୋଜନ ହେବ।

ମୁଁ ଏଥର ହାଇଦ୍ରାବାଦ ହଣ୍ଟର୍ସ ତରଫରୁ ପ୍ରତିନିଧିତ୍ୱ କରିବି ଏବଂ ଭଲ ପ୍ରଦର୍ଶନ କରି ଦଳକୁ ଜିତାଇବାକୁ ଚେଷ୍ଟା କରିବି ବୋଲି ସିନ୍ଧୁ କହିଛନ୍ତି। ସିନ୍ଧୁ ଗତ ଶୁକ୍ରବାର ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଚାମ୍ପିୟନ ହୋଇ ତାଙ୍କର ପ୍ରଥମ ମହିଳା ସିଙ୍ଗଲ୍ସ ମେଜର ଟାଇଟଲ ଜିତିଥିଲେ। ବିଶ୍ୱର ଶ୍ରେଷ୍ଠ ତଥା ଆଗଧାଡିର ଖେଳାଳିମାନେ ପିବିଏଲରେ ଅଂଶଗ୍ରହଣ କରୁଛନ୍ତି, ଏହା ଏକ ବଡ଼ କଥା। ଏହା ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଶୁଭଙ୍କର ବୋଲି ସାଇନା କହିଛନ୍ତି। ମୁଁ ଏଥର ନର୍ଥ ଇଷ୍ଟର୍ନ ୱାରିୟର୍ସ ତରଫରୁ ଖେଳିବି। ଆମେ ଭଲ ଖେଳିବୁ ବୋଲି ସାଇନା ଆଶା ପ୍ରକାଶ କରିଛନ୍ତି। ସାଥୀ ପୁରୁଷ ଖେଳାଳି ପାରୁପଲ୍ଲୀ କାଶ୍ୟପଙ୍କୁ ବିବାହ କରିବା ପରେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ପ୍ରଥମଥର ପାଇଁ କୌଣସି ଟୁର୍ନାମେଣ୍ଟ ଖେଳିବାକୁ ଯାଉଛନ୍ତି। କାଶ୍ୟପ ଚେନ୍ନାଇ ସ୍ମାସର୍ସ ତରଫରୁ ଏହି ଲିଗ୍‌ରେ ଅବତୀର୍ଣ୍ଣ ହେବେ। ସେହିପରି ନୂଆ ଦଳ ପୁନେର ଅଧିନାୟିକା ନିଯୁକ୍ତ ହୋଇଥିବା କାରୋଲିନା ମାରିନ ମଧ ବ୍ୟକ୍ତିଗତ ତଥା ଦଳୀୟ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି। ମାରିନ୍ ଓ ସିନ୍ଧୁଙ୍କ ସମ୍ଭାବ୍ୟ ମୁକାବିଲା ନେଇ ବେଶ୍ କ୍ରେଜ୍ ସୃଷ୍ଟି ହୋଇଛି। ପୁନେ ଦଳରେ ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ସେନ, ଡବଲ୍ସ ସ୍ପେଶାଲିଷ୍ଟ ମାଥିଆସ ବୋଏ, ଅଜୟ ଜୟରାମ ଓ ପ୍ରଜକ୍ତା ସାୱନ୍ତ ସାମିଲ ହୋଇଛନ୍ତି। ଲିଗ୍‌ରେ ଚାଇନା ଖେଳାଳିଙ୍କ ପ୍ରଭାବ ଦେଖିବାକୁ ମିଳିବ। ୩ ଚାଇନା ଖେଳାଳିଙ୍କ ସମେତ ଭାରତୀୟ ଜୁନିୟର ଖେଳାଳିମାନେ ମଧ ଏହି ଲିଗ୍‌ରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି।



ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ ଟ୍ରଫି ଓ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଦଳର ଅଧିନାୟକ।

**ଭାଗନେବେ ୯ ଦଳ**

| ଦଳ | ଅଧିନାୟକ |
|---|---|
| ହାଇଦ୍ରାବାଦ ହଣ୍ଟର୍ସ | ପି.ଭି. ସିନ୍ଧୁ |
| ମୁମ୍ବାଇ ରକେଟ୍ସ | ଲି ୟଙ୍ଗ ଡାଏ |
| ନର୍ଥ ଇଷ୍ଟର୍ନ ୱାରିୟର୍ସ | ସାଇନା ନେହ୍ୱାଲ |
| ପୁନେ ୭ ଏସେସ୍ | କାରୋଲିନା ମାରିନ |
| ଚେନ୍ନାଇ ସ୍ମାସର୍ସ | ସଙ୍ଗ୍ ଜି ହ୍ୟୁନ୍ |
| ଅହମ୍ମଦାବାଦ ମାଷ୍ଟର୍ସ | ଭିକ୍ଟର ଆକ୍ସେଲସେନ |
| ଅୱଧ ୱାରିୟର୍ସ | ସନ ୱାନ ହୋ |
| ବେଙ୍ଗାଲୁରୁ ରାପ୍ଟର୍ସ | କିଦାମ୍ବୀ ଶ୍ରୀକାନ୍ତ |
| ଦିଲ୍ଲୀ ଡାସର୍ସ | ଏଚ୍‌ଏସ୍ ପ୍ରଣୟ |

### ରାୟଗଡ଼ାର ରୋମାଞ୍ଚକ ବିଜୟ

କଟକ ଅଫିସ,୨୧।୧୨

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍ ନାଲକୋ କପ୍‌ର ୩ୟ ଦିବସ ଖେଳ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକର ମ୍ୟାଚ୍‌ରେ ରାୟଗଡ଼ା ୪୧–୪୦ ପଏଣ୍ଟରେ ଏମ୍‌ୱାଇସିକୁ ହରାଇଦେଇଛି। ଖେଳାଯାଇଥିବା ଅନ୍ୟ ପୁରୁଷ ବର୍ଗର ମ୍ୟାଚ୍‌ଗୁଡ଼ିକରେ ବିଏସ୍‌ଏନ୍‌ଏଲ ୭୦–୫୧ ପଏଣ୍ଟରେ ସୁପ୍ରିମକୁ, ଆରଏସ୍‌ପି ୪୪–୨୦ ପଏଣ୍ଟରେ ଗଜପତିକୁ, ରୋଭର୍ସ ୫୭–୩୭ ପଏଣ୍ଟରେ ପୁରୀକୁ, ଏସ୍‌ସିଏସସି ୪୯–୨୯ ପଏଣ୍ଟରେ ଏଣ୍ଟରଟେନରକୁ, କିଟ୍ ୪୧–୩୨ ପଏଣ୍ଟରେ ସମ୍ବଲପୁରକୁ ପରାସ୍ତ କରିଛି। ମହିଳା ବର୍ଗର ମ୍ୟାଚ୍‌ରେ କେନ୍ଦୁଝର ୨୮–୮ ପଏଣ୍ଟରେ ଜଗତ୍‌ସିଂହପୁରକୁ, କେଡ଼ିବିଏ ୧୯–୫ ପଏଣ୍ଟରେ ସୁପ୍ରିମକୁ, ସିଡ଼ିଏଏ ୩୩–୨୬ ପଏଣ୍ଟରେ ସୁପ୍ରିମକୁ ହରାଇଛି ।

### 'ଭାରତ ଏବେ ବି ସିରିଜ୍ ଜିତିପାରିବ'

କୋଲକାତା,୨୧।୧୨(ପି.ଟି.)

ଭାରତୀୟ ଦଳକୁ ଦ୍ୱିତୀୟ ଟେଷ୍ଟରେ ପରାସ୍ତ କରିଥିବାରୁ ଘରୋଇ ଅଷ୍ଟ୍ରେଲିଆ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। କିନ୍ତୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୪ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଏବେ ବି ଜିତିପାରିବ ବୋଲି ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି କହିଛନ୍ତି। ପର୍ଥଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳ ୧୪୬ ରନ୍‌ରେ ଭାରତକୁ ହରାଇ ସିରିଜକୁ ୧–୧ର ବରାବର ସ୍ଥିତିକୁ ଆଣିଛି।

# ପର୍ଥ ପିଚ୍ ସାଧାରଣ: ଆଇସିସି

ମେଲବୋର୍ନ,୨୧।୧୨(ପି.ଟି.)

ନୂଆ ପର୍ଥ ଷ୍ଟାଡିୟମର ପିଚ୍‌ରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଏହି ପିଚ୍ ଆଭରେଜ ବା ନିହାତି ସାଧାରଣ ବୋଲି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ତରଫରୁ ସ୍ପଷ୍ଟ କରାଯାଇଛି। ରିପୋର୍ଟ ଅନୁସାରେ ଏହି ପିଚ୍ ସାଧାରଣ ତଥା ମଧ୍ୟମଧରଣର ବୋଲି ଆଇସିସି ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେ କହିଛନ୍ତି। ଏ ସଂକ୍ରାନ୍ତରେ କ୍ରିକେଟ ଅଷ୍ଟ୍ରେଲିଆ ୱେବସାଇଟ୍‌ରେ ଉଲ୍ଲେଖ କରାଯାଇଛି। ଏହି ପିଚ୍‌ରେ ଭାରତ ବୃହତ୍ ୧୪୬ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଫଳରେ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧–୧ ସମାନସ୍ତରରେ ପହଞ୍ଚିଛି।

ମ୍ୟାଚ୍ ଅବସରରେ ପର୍ଥର ଏହି ନୂଆ ପିଚ୍‌ରେ ବଲ୍ ଅନଈଭିନ ବାଉନ୍ସ ବା ଠିକ୍ ଭାବେ ବାଉନ୍ସ କରୁ ନ ଥିଲା। ଯାହା ଫଳରେ କେତେଜଣ ବ୍ୟାଟ୍ସମ୍ୟାନ ଅସ୍ୱାଭାବିକ୍ ଭାବେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେବେଠାରୁ ପିଚ୍‌ର ମାନ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

ଉଲ୍ଲେଖଥାଉ କି, ଆଇସିସି ବର୍ଷ ଆରମ୍ଭରେ ଟେଷ୍ଟ ଖେଳାଯାଉଥିବା ପିଚ୍‌ଗୁଡିକର ମାନ ନିର୍ଦ୍ଧାରଣ କରି ରେଟିଂ ସିଷ୍ଟମ ଲାଗୁ କରିଥିଲା। ଏଥିରେ ପିଚ୍ ଗୁଡିକୁ ଅତି ଭଲ, ଭଲ, ସାଧାରଣ ଓ ନିମ୍ନ ଓ ଅତି ନିମ୍ନ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଉଥିଲା। ତେବେ ପ୍ରଥମ ଟେଷ୍ଟ ଖେଳାଯାଇଥିବା ଆଡିଲେଡ୍ ପିଚ୍‌କୁ ଅତି ଭଲ ବୋଲି ୱେବ୍‌ସାଇଟ୍‌ରେ କୁହାଯାଇଛି। ସେହିପରି ଏମ୍‌ସିଜି ପିଚ୍‌ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଗତ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଏହି ପିଚ୍ ମଧ ନମ୍ନ ମାନର ବୋଲି ମଦୁଗଲେ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଚଳିତ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍‌ରେ ମଦୁଗଲେ ମ୍ୟାଚ୍ ରେଫରି ଦାୟିତ୍ୱରେ ରହିଛନ୍ତି। ତେବେ ସିରିଜରେ ମେଲବୋର୍ନ ଓ ସିଡନୀରେ ଖେଳାଯିବାକୁ ଥିବା ବାକି ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ଜମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ରେଫରି ଦାୟିତ୍ୱରେ ରହିବେ।

# ଓଡ଼ିଶା-ଜମ୍ମୁ କଶ୍ମୀର ମ୍ୟାଚ୍ ଆଜିଠାରୁ

**ରଣଜୀ ଟ୍ରଫି**

କଟକ ଅଫିସ,୨୧।୧୨

ଜମ୍ମୁସ୍ଥିତ ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡରେ ଶନିବାରଠାରୁ ଓଡ଼ିଶା–ଜମ୍ମୁ କଶ୍ମୀର ରଣଜୀ ମ୍ୟାଚ୍ ଆରମ୍ଭ ହେବ। ଏଲିଟ୍ ଗ୍ରୁପ୍–ସି'ରେ ସ୍ଥାନ ପାଇଥିବା ଉଭୟ ଦଳ ୬ଟି ଲେଖାଏ ମ୍ୟାଚ୍ ଖେଳି ୨ଟି ବିଜୟ, ୩ଟି ପରାଜୟ ଓ ଗୋଟିଏ ଡ୍ର ବଳରେ ୧୩ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ରନ୍‌ରେଟ ଭିତ୍ତିରେ ଜମ୍ମୁ କଶ୍ମୀର ୭ମ ଏବଂ ଓଡ଼ିଶା ୮ମ ସ୍ଥାନରେ ରହିଛି। ଏଣୁ ଶନିବାରଠାରୁ ଆରମ୍ଭ ହେଉଥିବା ମ୍ୟାଚ୍ ଉଭୟ ଦଳ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । ପରଭେଜ ରସୁଲଙ୍କ ନେତୃତ୍ୱାଧୀନ ଜମ୍ମୁ କଶ୍ମୀର ଚଳିତ ସିଜନ୍‌ର ଅନ୍ତିମ ମ୍ୟାଚ୍ ଶକ୍ତିଶାଳୀ ହରିୟାଣା ବିପକ୍ଷରେ ଖେଳିଥିବା ବେଳେ ମ୍ୟାଚ୍‌କୁ ୧୩୦ ରନ୍‌ରେ ଜିତିଛି। ହରିୟାଣାର ଘରୋଇ ମାଟିରେ ଜମ୍ମୁ ଓ କଶ୍ମୀର ପେସ୍ ବୋଲରମାନେ ଚମତ୍କାର ବୋଲିଂ କରି ଦଳକୁ ବିଜୟୀ କରାଇଥିଲେ। ଅନ୍ୟପକ୍ଷରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଗତ ମ୍ୟାଚ୍‌ରେ ୩୫ ରନ୍‌ରେ ରାଜସ୍ଥାନଠାରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ଟିର ରୋମାଞ୍ଚକ ପରିସମାପ୍ତି ଘଟିଥିଲା। ଏଥିରେ ଓଡ଼ିଶାର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ଦଳରେ ସୁଯୋଗ ପାଇଥିବା ନବାଗତ ଦେବାଶିଷ ସାମନ୍ତରାୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ପେସ୍ ବୋଲର ବସନ୍ତ ମହାନ୍ତି ପ୍ରଥମ ଇନିଂସ୍‌ରେ ୬ଟି ଓ ଦ୍ୱିତୀୟ ଇନିଂସ୍‌ରେ ୫ଟି ଉଇକେଟ ଦଖଲ କରିଥିଲେ। ଚଳିତ ସିଜନରେ ଦମଦାର ଫର୍ମରେ ଥିବା ଶୁଭ୍ରାଂଶୁ ସେନାପତି ଏଯାବତ ୬ଟି ମ୍ୟାଚ୍‌ରୁ ୫୧୩ ରନ୍ ସଂଗ୍ରହ କରିସାରିଲେଣି। ଅନ୍ୟପକ୍ଷରେ ୫ଟି ମ୍ୟାଚ୍ ଖେଳି ୩୧ଟି ଉଇକେଟ ନେବା ସହ ବସନ୍ତ ଶ୍ରେଷ୍ଠ ୧୦ଜଣ ବୋଲରଙ୍କ ମଧ୍ୟରେ ରହିଛନ୍ତି। ତେବେ ଓଡ଼ିଶା ଏବେବି ଓପନିଂ ଯୋଡ଼ି ବିଫଳତାକୁ ନେଇ ଚିନ୍ତାରେ ରହିଛି। ଓପନିଂ ଯୋଡ଼ିରେ ପରିବର୍ତ୍ତନ ଅଣାଯାଇଥିଲେ ମଧ ଦଳ ଓପନିଂ ଭାଗୀଦାରିରେ ଅଧିକ ରନ ସଂଗ୍ରହ କରିବାରେ ବିଫଳ ହେଉଛି । ଓଡ଼ିଶାର ଅପରିବର୍ତ୍ତିତ ଦଳ ଜମ୍ମୁ ଯାତ୍ରା କରିଛି ।

# ପ୍ରଗତିକୁ ହରାଇଲା ରାମେଶ୍ୱର ସ୍ପୋର୍ଟିଂ

ଭୁବନେଶ୍ୱର, ୨୧।୧୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଜୁନିୟର କ୍ରିକେଟ ଲିଗ୍(୧୬ ବର୍ଷରୁ କମ୍)ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୪୨ ରନରେ ଆୟୋଜକ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୧୮୦ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ସର୍ବାଧିକ ୬୭ ଓ ତନ୍ମୟ ବିଶ୍ୱାଳ ୩୩ ରନ ସ୍କୋର କରିଥିଲେ। ପ୍ରଗତି ପକ୍ଷରୁ ସାର୍ଥକ କୁମାର ୨ଟି ଓ ଆୟୁଷ ସୂତାର ଗୋଟିଏ ଉଇକେଟ ନେଇଥିଲେ। ୧୮୧ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ପ୍ରଗତି ସ୍ପୋର୍ଟିଂ ପୂରା ୪୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୩୮ ରନ କରିବାକୁ ସକ୍ଷମ ହୋଇଥିଲା। ରାମେଶ୍ୱର ପକ୍ଷରୁ ତନ୍ମୟ ବିଶ୍ୱାଳ ଓ ଆଶୁତୋଷ ସାହୁ ୩ଟି ଲେଖାଏ ଉଇକେଟ ନେଇ ପ୍ରଗତିର ରନ ହାରରେ ଅଙ୍କୁଶ ଲଗାଇଥିଲେ। ଟୁକୁନା ସାହୁ ଅତିଥିଭାବେ ଯୋଗଦେଇ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ରାମେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଆଶୁତୋଷ ସାହୁ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଭାରତୀୟ ଦିନିକିଆ, ଟି୨୦ ମହିଳା ଦଳ ଘୋଷିତ

# ମିଥାଲି, ହରମନପ୍ରୀତ୍‌ଙ୍କୁ ନେତୃତ୍ୱ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ଆସନ୍ତା ମାସରେ ନ୍ୟୁଜିଲାଣ୍ଡରେ ଆରମ୍ଭ ହେବାକୁ ଥିବା ମ୍ୟାଚ୍ ପାଇଁ ଶୁକ୍ରବାର ଭାରତୀୟ ଦିନିକିଆ ଓ ଟି୨୦ ମହିଳା ଦଳ ଘୋଷିତ ହୋଇଛି। ଦିନିକିଆରେ ଅଭିଜ୍ଞା ମିଥାଲି ରାଜ ଓ ଟି୨୦ରେ ହରମନପ୍ରୀତଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଖରାପ ଫର୍ମ ଦେଇ ଗତିକରୁଥିବା ବେଦା କ୍ରିଷ୍ଣମୂର୍ତ୍ତିଙ୍କୁ ଏହି ଦୁଇ ଦଳରୁ ବାଦ ଦିଆଯାଇଛି।

ଏହି ଗସ୍ତରେ ଭାରତ ୩ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବ। ଜାନୁୟାରୀ ୨୪ରୁ ଦିନିକିଆ ସିରିଜ ଆରମ୍ଭ ହେବ। ଏହି ସିରିଜ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ ହେବ।

ଟି୨୦ ବିଶ୍ୱକପ୍‌ରେ ଭାରତ ଭଲ ଆରମ୍ଭ କରିଥିଲେ ମଧ ବିବାଦୀୟ ଢଙ୍ଗରେ ଭାରତ ସେମିଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। ସେମିଫାଇନାଲ ମ୍ୟାଚ୍‌ରେ ଅଧିନାୟିକା ହରମନପ୍ରୀତ ମିଥାଲିଙ୍କୁ ବାଦ୍ ଦେବା ଫଳରେ ବିବାଦ ସୃଷ୍ଟି ହୋଇଥିଲା। ଏହା ପରେ ଭାରତ ତା'ର ପ୍ରଥମ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ମହିଳା ଦଳର ନୂଆ କୋଚ୍ ଡବ୍ଲ୍ୟୁ.ଭି. ରମଣ ନିଯୁକ୍ତି ପାଇବା ପରେ ଏହି ଦୁଇଟି ଫର୍ମାଟ ପାଇଁ ୧୫ଜଣିଆ ଦଳ ଘୋଷଣା କରାଯାଇଛି।

କୋଚ୍ ପଦ ଦୌଡରେ ଗ୍ୟାରି କର୍ଷ୍ଟେନ ସବୁଠାରୁ ଆଗରେ ଥିଲେ ମଧ ସେ ଆଇପିଏଲ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କୋଚ୍ ପଦ ଛାଡିବାକୁ ନାରାଜ ଥିଲେ। ତେଣେ କୋଚ୍ ରମେଶ ପାୱାରଙ୍କ କାର୍ଯ୍ୟକାଳ ନଭେମ୍ବର ୩୦ ତାରିଖରେ ଶେଷ ହୋଇଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୋଚ୍ ପଦ ପାଇଁ ନୂଆ ଆବେଦନ ଆହ୍ୱାନ କରିଥିଲା।

ଚୟନ କମିଟି ମୁଖ୍ୟ ହେମଲତା କାଲା ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଓ କାର୍ଯ୍ୟକାରୀ ସଚିବ ଅମିତାଭ ଚୌଧୁରୀଙ୍କ ଉପସ୍ଥିତିରେ ଏହି ଦୁଇ ଦଳ ଘୋଷଣା କରିଥିଲେ। ଖରାପ ଫର୍ମ ପାଇଁ ବେଦାଙ୍କୁ ଦଳରୁ ବାଦ ଦିଆଯାଇଛି ଓ ତାଙ୍କ ବଦଳରେ ଦିନିକିଆ ଦଳରେ ମୋନା ମେଶରାମଙ୍କୁ ସାମିଲ କରାଯାଇଛି ବୋଲି ହେମଲତା କହିଛନ୍ତି। ସେହିପରି ଟି୨୦ ଦଳରେ ଆହତ ପୂଜା ବସ୍ତ୍ରକାରଙ୍କ ବଦଳରେ ଶିଖା ପାଣ୍ଡେଙ୍କୁ ଖେଳିବା ପାଇଁ ସୁଯୋଗ ପ୍ରଦାନ କରାଯାଇଛି ଓ ବେଦାଙ୍କ ବଦଳରେ ନବାଗତା ପ୍ରିୟା ପୁନିଆଙ୍କୁ ସାମିଲ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

ଦିନିକିଆ ଦଳ: ମିଥାଲି ରାଜ (ଅଧିନାୟକ), ପୁନମ ରାଉତ, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ, ହରମନପ୍ରୀତ କୌର, ଦୀପ୍ତି ଶର୍ମା, ତାନ୍ୟା ଭାଟିଆ (ଉଇକେଟ କିପର), ମୋନା ମେଶ୍ରାମ, ଏକତା ବିସ୍ତ, ମାନସୀ ଜୋଷୀ, ଦାୟାଲାନ ହେମଲାତା, ପୁନମ ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଝୁଲଣ ଗୋସ୍ୱାମୀ ଓ ଶିଖା ପାଣ୍ଡେ।

ଟି୨୦ ଦଳ: ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ- ଅଧିନାୟିକା), ମିଥାଲି ରାଜ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ଅନୁଜା ପାଟିଲ, ଦୟାଲାନ ହେମଲତା, ମାନସୀ ଜୋଷୀ, ଶିଖା ପାଣ୍ଡେ, ତାନ୍ୟା ଭାଟିଆ (ଉଇକେଟ କିପର), ପୁନମ ଯାଦବ, ଏକତା ବିଷ୍ଟ, ରାଧା ଯାଦବ, ଅରୁନ୍ଧତୀ ରେଡ୍ଡୀ ଓ ପ୍ରିୟା ପୁନିଆ।



ମିଥାଲି ରାଜ



ହରମନପ୍ରୀତ କୌର

# ଭୋଜି ପାଇଁ ପର୍ଯ୍ୟଟକଙ୍କୁ ଯୋଗାଯିବ ଖଲିପତ୍ର

**ପୁରୀ ଅଫିସ, ୨୧।୧୨**

■ ୨୦ ହଜାର ଖଲିପତ୍ର, ଦନା ଆଣିଛି ବନ ବିଭାଗ
■ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ, ପଲିଥିନ ମନା

ଦିନକୁ ଦିନ ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ହେଉଥିବାରୁ ରାଜ୍ୟ ସରକାର ଏହା ଉପରେ କଟକଣା ଲଗାଇଛନ୍ତି। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୫ଟି ମହାନଗର ନିଗମ ସମେତ ଐତିହ୍ୟ ସହର ପୁରୀରେ ଏହି କଟକଣା ଲାଗୁ କରାଯାଇଛି। ପୁରୀ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କିପରି ବନ୍ଦ କରାଯିବ ସେ ନେଇ ଜିଲା ପ୍ରଶାସନ ସଜାଗ ରହିଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ କିପରି ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ସେ ନେଇ ଉଦ୍ୟମ ଆରମ୍ଭ କରିଛି ପୁରୀ ବନ ବିଭାଗ। ବିଶେଷକରି ବଣଭୋଜି କରାଯାଉଥିବା ପର୍ଯ୍ୟଟନସ୍ଥଳୀରେ ବହୁଳ ମାତ୍ରାରେ ଥର୍ମୋକୁଲ ଥାଳି, ଦନା ଏବଂ ପ୍ଲାଷ୍ଟିକ ଗ୍ଲାସ ବ୍ୟବହାର କରାଯାଉଛି। ତେଣୁ ଭୋଜି ପାଇଁ ଅପରିହାର୍ଯ୍ୟ ଏହିସବୁ ସାମଗ୍ରୀର ବିକଳ୍ପ ଖଲିପତ୍ର ଥାଳି, ଦନା ଏବଂ କାଗଜ ଗ୍ଲାସ ପର୍ଯ୍ୟଟକଙ୍କ ହାତ ପାହାନ୍ତାରେ ପହଞ୍ଚାଇବା ଲାଗି ନିଷ୍ପତ୍ତି ନେଇଛି ବନ ବିଭାଗ।

ପୁରୀ ଜିଲାରେ ବହୁ ପର୍ଯ୍ୟଟନସ୍ଥଳୀ ରହିଛି। ଏଥିମଧ୍ୟରୁ ରାମଚଣ୍ଡୀ, ଜାହାନିଆଁ, ଗଙ୍ଗାଦେବୀ, ବାଲିହରଚଣ୍ଡୀ ପ୍ରଭୃତି ସ୍ଥାନରେ ପ୍ରତ୍ୟହ ଏକାଧିକ ପର୍ଯ୍ୟଟକ ଦଳ ବଣଭୋଜି କରିଥାନ୍ତି। ଖାଇବା ପାଇଁ ଏମାନେ ସାଥୀରେ ଥର୍ମୋକୁଲ ଥାଳି, ଦନା ଏବଂ ପ୍ଲାଷ୍ଟିକ ଗ୍ଲାସ ଆଣି ଆସିଥାନ୍ତି। ଭୋଜି ପରେ ଏଗୁଡ଼ିକ ଏଣେତେଣେ ପକାଇଥାନ୍ତି। ପବନରେ ଏସବୁ ଉଡ଼ି ପରିବେଶକୁ ପ୍ରଦୂଷିତ କରିଥାନ୍ତି। ତେଣୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ କିପରି ପଲିଥିନ ଏବଂ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରା ନ ଯିବ ସେଥିଲାଗି ବନ ବିଭାଗ ପଦକ୍ଷେପ ଆରମ୍ଭ କରିଛି।

ଏ ସମ୍ପର୍କରେ ପୁରୀ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ୨୦ ହଜାର ଖଲିପତ୍ର ଏବଂ ଦନା ଆସିଛି। ଏଗୁଡ଼ିକୁ ବଣଭୋଜି କରାଯାଉଥିବା ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପଠାଯିବ। ସମ୍ପୃକ୍ତ ପର୍ଯ୍ୟଟନସ୍ଥଳୀ ବୁଝାଶୁଝା କରୁଥିବା କମିଟିକୁ ଏହି ଖଲିପତ୍ର ଏବଂ ଦନା ଦିଆଯିବ। ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକମାନେ କମିଟିଠାରୁ ଏହି ଖଲିପତ୍ର, ଦନା ଏବଂ କାଗଜ ଗ୍ଲାସ କିଣିବେ। କମିଟି ସଦସ୍ୟମାନେ ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ ଦେବେ। ଏହାଦ୍ୱାରା ପର୍ଯ୍ୟଟକ ମଧ୍ୟ ସଚେତନ ହେବେ ଏବଂ ପରବର୍ତ୍ତୀ ସମୟରେ ଭୋଜି ପାଇଁ ଆସିବା ବେଳେ ସାଥୀରେ ପ୍ଲାଷ୍ଟିକ ଏବଂ ପଲିଥିନର କୌଣସି ସାମଗ୍ରୀ ଆଣିବେ ନାହିଁ। କେବଳ ପର୍ଯ୍ୟଟକ ନୁହଁନ୍ତି ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଏହାଦ୍ୱାରା ସଚେତନ ହୋଇପାରିବେ ବୋଲି ମହାପାତ୍ର କହିଛନ୍ତି।




ଇଞ୍ଜିନିୟରିଂ ଛାତ୍ରଙ୍କଠାରୁ ଲୁଟ୍

## ହାବିଲଦାରଙ୍କ ପୁଅ ସମେତ ୩ ଗିରଫ

**କଟକ ରୋଡ୍, ୨୧।୧୨(ଡି.ଏନ୍.ଏ.):** ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ଠାରୁ ଟଙ୍କା ଓ ମୋବାଇଲ ଫୋନ ଲୁଟ୍ ଅଭିଯୋଗରେ ବଡଗଡ଼ ଥାନା ପୋଲିସ ଶୁକ୍ରବାର ଜଣେ ହାବିଲଦାର ପୁଅଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ମାଣିକଗୋଡା ଗ୍ରାମର ରଜନୀକାନ୍ତ ପଟ୍ଟନାୟକ, କ୍ୟାପିଟାଲ ଥାନା ଅଧୀନ ଏକ ନମ୍ବର ହାଟ ପଛରେ ଥିବା ସରକାରୀ କ୍ୱାର୍ଟରରେ ରହୁଥିବା ଅଭିଷେକ ପ୍ରଧାନ ଓ ବଡ଼ଗଡ ଥାନା ଚିଲିପୋଖରୀ ତାରିଣୀ ବସ୍ତିର ରବୀନ୍ଦ୍ର ଦଳେଇ। ରଜନୀକାନ୍ତ କମିଶନରେଟ ପୋଲିସ ଭୁବନେଶ୍ୱରର ଏକ ଥାନାରେ କାର୍ଯ୍ୟରତ ଥିବା ଜଣେ ହାବିଲଦାରଙ୍କ ପୁଅ ବୋଲି ଜଣାପଡିଛି। ଲୁଟ୍‌ର ଶିକାର ହୋଇଥିବା ଛାତ୍ର ସଂଗ୍ରାମ ନାୟକଙ୍କ ଘର କୋରାପୁଟ ଜିଲାରେ। ଘଟଣା ସଂକ୍ରାନ୍ତରେ ଏକ ମାମଲା (୩୫୬/୧୮)ରୁଜୁ ହୋଇଛି।

ଖୋର୍ଦ୍ଧାରେ ବେଆଇନ ମାଙ୍କଡ଼ାପଥର ଖନନ

## ଏନ୍‌ଜିଟିରେ ମାମଲା

**କଟକ ଅଫିସ, ୨୧।୧୨**

ଖୋର୍ଦ୍ଧା ଜିଲା ତାପଙ୍ଗ ଅଞ୍ଚଳରେ ବେଆଇନ ମାଙ୍କଡ଼ାପଥର ଖନନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଗତ ୧୯ ତାରିଖରେ ଖୋର୍ଦ୍ଧା ଅଞ୍ଚଳର ବିଦ୍ୟୁଭୂଷଣ ହରିଚନ୍ଦନ ଓ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଉଭୟ ପିଟିଶନରେ ଦର୍ଶାଇଛନ୍ତି ଯେ, ତାପଙ୍ଗ ପଞ୍ଚାୟତ ଅଧୀନ ପ୍ରାୟ ୪୦ ସ୍ଥାନ ଯଥା ଅଣ୍ଡା, ଝିଙ୍କିଝାରି ଓ ନିଜିଗଡ଼ ତାପଙ୍ଗ ମୌଜାରେ ପାଖାପାଖି ୫୦୦ ଏକର ପରିମିତ ଅଞ୍ଚଳରେ ଏହି ବେଆଇନ ମାଙ୍କଡା ପଥର ଖନନ କରାଯାଉଛି। ଉକ୍ତ ଜମିର କିସମ କେଉଁଠି ଗ୍ରାମ୍ୟ ଜଙ୍ଗଲ ତ କେଉଁଠି ଗୋଚର ଆଉ କାଜୁ ଜଙ୍ଗଲ। ଉକ୍ତ ଜାଗାକୁ ପଞ୍ଚାୟତର ଚାରଣ ଭୂମି ଭାବେ ବ୍ୟବହାର କରାଯାଉଥିଲା। ମାତ୍ର ପଥର ମାଫିଆମାନେ ବେଆଇନ ଭାବେ ଏହି ଜାଗାରୁ ମାଙ୍କଡା ଖନନ କରୁଛନ୍ତି। ଏପରିକି ମାଙ୍କଡା ଖନନ ନିମନ୍ତେ ପରିବେଶ ପ୍ରଦୂଷଣ ବୋର୍ଡରୁ କୌଣସି ଅନୁମତି ମିଳି ନ ଥିବା ସୂଚନା ଅଧିକାର ଆଇନ ବଳରେ ଆବେଦନକାରୀ ଜାଣିବାକୁ ପାଇଛନ୍ତି। ସେହିପରି ଖନନ ହେଉଥିବା ଅଧିକାଂଶ ଜମି ପୁରୀ ଶ୍ରୀଜଗନ୍ନାଥଙ୍କ ନାମରେ ରହିଛି। ପଥର ଖନନ ଯୋଗୁ ସେଠାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ମଣିଷ ଏବଂ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଏହାବ୍ୟତୀତ ପଥର ଖନନ ନିଶାରେ ଉକ୍ତ ଜମି ଉପରେ ଥିବା ଗଛଗୁଡ଼ିକୁ ମଧ୍ୟ କାଟି ଦିଆଯାଉଛି। ବେଆଇନ ଖନନ ପଛରେ ଜିଲା ପ୍ରଶାସନର କେତେଜଣ ଅଧିକାରୀ ଓ କର୍ମଚାରୀ ସାମିଲ ଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ପିଟିଶନରେ ଖୋର୍ଦ୍ଧା ଜିଲାପାଳଙ୍କ ସମେତ ରାଜସ୍ୱ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ଶ୍ରୀମନ୍ଦିର ପ୍ରଶାସନର ପ୍ରଶାସକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଓ ଖୋର୍ଦ୍ଧା ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଦୁର୍ନୀତି ବିରୋଧରେ ସିପିଆଇର ଜନଜାଗରଣ

**ସାଲେପୁର,୨୧।୧୨(ଡି.ଏନ.ଏ.):** ସାଲେପୁର ବ୍ଲକ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତି ବିରୋଧରେ ଶୁକ୍ରବାର ସିପିଆଇ ଜନଜାଗରଣ ସୃଷ୍ଟି କରିଛି। ପାଗା ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରୁ କର୍ମୀ ଏହି ଜନଜାଗରଣ ଯାତ୍ରା ଆରମ୍ଭ କରିଥିଲେ। ଏହାକୁ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ତ୍ରୈଲୋକ୍ୟନାଥ ଉଦ୍‌ଘାଟନ କରିଥିଲେ। ଉଦୟକେଶରୀ ବର୍ମାଙ୍କ ପୌରୋହିତ୍ୟରେ କାଜିବଜାର ଓ ଉର୍ଦ୍ଧ୍ୱବଜାରଠାରେ ଦୁଇଟି ସଭା ହୋଇଥିଲା। ଏଥିରେ ସିପିଆଇର ଜାତୀୟ ନେତ୍ରୀ ସୁବାସିନୀ ଭଦ୍ର, ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ନଗର ସମ୍ପାଦକ ବିନୋଦ ବେହେରା, ରାମଚନ୍ଦ୍ର ବେହେରା, ଆୟୁବ୍ ଅହମ୍ମଦ୍, ଅସଲମ୍ ଖାଁ, ସୁବ୍ରତ ମଲ୍ଲିକ୍ ପ୍ରମୁଖ ଯୋଗଦେଇ ଦୁର୍ନୀତି ବିରୋଧରେ ଜନଜାଗରଣ ସୃଷ୍ଟି କରିଥିଲେ। ପରେ ଦଳ ପକ୍ଷରୁ ମୁତାରିଫା ପଞ୍ଚାୟତର ଆଠମାଣିଆ ଗ୍ରାମ୍ୟରାସ୍ତା, ଭୟରପୁର ଥୋରିଆ ସାହିଠାରୁ ଅନନ୍ତପୁର ଦଳିତ ସାହି ରାସ୍ତା, ୧ନଂ. ୱାର୍ଡର ପାଟରା ସାହି ରାସ୍ତାର ଦୂରାବସ୍ଥା, ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଏହାର ସମାଧାନ ପାଇଁ ଦାବି କରାଯାଇଥିଲା।

### ସରସ୍ୱତୀ ଶିଶୁ ମନ୍ଦିର ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ

**ଆଠଗଡ଼,୨୧।୧୨(ସ୍ୱ.ପ୍ର.):** ଆଠଗଡ଼ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ କଳସ ଶୋଭାଯାତ୍ରା ସହ ଗାୟତ୍ରୀ ଯଜ୍ଞ ହୋଇଥିଲା। ପ୍ରଜ୍ଞାନ ମିଶନର ମୁଖ୍ୟ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀ ମହାରାଜ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ସ୍କୁଲ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୁତିଧର ପ୍ରଧାନଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥିଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ଯୁଗ୍ମ ସମ୍ପାଦକ ହେମନ୍ତ ପାଣିଗ୍ରାହୀ ଓ ଉତ୍ତରପୂର୍ବ ସମ୍ବାଗ ସମ୍ପାଦକ କମଳାକାନ୍ତ ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଶଶିଭୂଷଣ ଦାସ ବିଦ୍ୟାଳୟର ଐତିହ୍ୟ ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମାୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଦୀପିକା ଦୀପାଞ୍ଜଳି ମହାପାତ୍ର ଏବଂ ଶୀତଳ ସୁମନ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ର ଭାନିଆ ସାହାଣୀଙ୍କ ସଂଗୀତ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସ୍କୁଲ ପରିଚାଳନା କମିଟିର ପୂର୍ବତନ ସଦସ୍ୟ ବିଦ୍ୟାଧର ପରିଡ଼ା, ପୁରାତନ ଛାତ୍ରୀ ଡା. ସମୀକ୍ଷା ମହାପାତ୍ର, ଦେଶସେବକ ପ୍ରସନ୍ନ ପଣ୍ଡା, ସାମାଜିକ କର୍ମୀ ନଳିନୀପ୍ରଭା ପଟ୍ଟନାୟକ, ଶିକ୍ଷାବିତ ହେମନ୍ତ ତ୍ରିପାଠୀ, କ୍ରୀଡ଼ାବିତ ଗୋବର୍ଦ୍ଧନ ରଣା ପ୍ରମୁଖଙ୍କ ସମେତ ଶିକ୍ଷା ବିକାଶ ସମିତି କମକର୍ତ୍ତା, ପରିଚାଳନା ସମିତି କର୍ମକର୍ତ୍ତା ଏବଂ ଆମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨ ଜୋନରେ ୱାର୍ଡ କମିଟି ବୈଠକ

**ମାହାଙ୍ଗା,୨୧।୧୨(ସ୍ୱ.ପ୍ର.):** ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଜୋନ ୩୯ ଓ ୪୧ରେ ଶୁକ୍ରବାର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। କୁଣ୍ଡି ପଞ୍ଚାୟତ ଜଗନ୍ନାଥପୁର ହାଇସ୍କୁଲ ପଡିଆ ନିକଟରେ ୩୯ନଂ ଜୋନର ବୈଠକ ହୋଇଥିଲା। ଏଥିରେ ଜୋନ ଅଧୀନ ୯ ପଞ୍ଚାୟତର ୧୩୩ ୱାର୍ଡ କମିଟି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ଶରତ ନାୟକ, ଭିକାରୀ ଚରଣ ସ୍ୱାଇଁ, ରଶିଦା ବେଗମ, ଜିଲା ପରିଷଦସଭ୍ୟା ମୋନାଲିସା ଦାଶ ଓ ଭ୍ରମରବର ରାଉତରାୟଙ୍କ ସମେତ ବହୁ କର୍ମୀ, ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ ଆଲୋଚନା କରିଥିଲେ। ପଣସପୁରଠାରେ ୪୧ନଂ ଜୋନ ପାଇଁ ବୈଠକ ହୋଇଥିଲା। ଏଥିରେ ୯ ପଞ୍ଚାୟତରୁ ୧୨୯ ୱାର୍ଡର କର୍ମକର୍ତ୍ତା ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ଅଧକ୍ଷତାରେ ମୁଖ୍ୟଅତିଥିଭାବେ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ନିତ୍ୟାନନ୍ଦ ସାମନ୍ତରାୟ, ମୁଖ୍ୟବକ୍ତା ବ୍ଲକ ଅଧକ୍ଷ ଶରତ ନାୟକ, ସମ୍ମାନିତ ଅତିଥି ଶରତ ମହାପାତ୍ର, ଅନ୍ନପୂର୍ଣ୍ଣା ବେହେରା, ରଶ୍ମିତା ବେହେରା ଓ ଯୁବନେତା କେଶବ ବେହେରା ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଇଞ୍ଜେକ୍ସନ ନେଇ ରୋଗୀ ଚେତାଶୂନ୍ୟ

■ଏସ୍‌ସିବିରେ ଉଚ୍ଚସ୍ତରୀୟ ବୈଠକ
■ପରୀକ୍ଷା ପାଇଁ ପଠାଯିବ ସାମ୍ପଲ

**କଟକ ଅଫିସ, ୨୧।୧୨**

ସରକାର ଯୋଗାଉଥିବା ମାଗଣା ଇଞ୍ଜେକ୍ସନକୁ ନେଇ ଏସ୍‌ସିବି ମେଡିକାଲରେ ଘଟିଛି ଅଘଟଣ। ଇଞ୍ଜେକ୍ସନଟି ଜଣେ ରୋଗୀଙ୍କୁ ଦିଆଯିବା ମାତ୍ରେ ସେ ସେଠାରେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ଏହାକୁ ନେଇ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଚହଳ ପଡ଼ି ଯାଇଥିଲା। କିଛି ସମୟ ପରେ ରୋଗୀଙ୍କ ଚେତା ଫେରିଥିଲା। ତେବେ କ'ଣ ପାଇଁ ରୋଗୀଙ୍କ କ୍ଷେତ୍ରରେ ଏଭଳି ପ୍ରତିକ୍ରିୟା ଦେଖାଦେଲା ତାହାକୁ ନେଇ ଏସ୍‌ସିବିରେ ଘଣ୍ଟାଚକଟା ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ଉକ୍ତ ଘଟଣାକୁ ନେଇ ମେଡିକାଲ ଅଧୀକ୍ଷକଙ୍କ ଚାମ୍ବରରେ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଅନନ୍ଦା ପଟ୍ଟନାୟକ, କମ୍ୟୁନିଟି ମେଡିସିନର ମୁଖ୍ୟ ପ୍ରଫେସର ଡା. ରାମଚନ୍ଦ୍ର ଗିରି, ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ବିରଞ୍ଚି ମହାପାତ୍ର ଓ ମେଡିକାଲର ଜରୁରୀକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ସ୍ଥଳକୁ ମେଡିକାଲ ଷ୍ଟୋରର କର୍ମଚାରୀମାନଙ୍କୁ ଡକାଯାଇଥିଲା। ଏହି ଇଞ୍ଜେକ୍ସନର ବ୍ୟାଚ୍ ଓ କେତେ ପରିମାଣର ଇଞ୍ଜେକ୍ସନ ଆସିଥିଲା, ସେଥିରୁ କେତେ ରୋଗୀଙ୍କୁ ଦିଆସରିଲାଣି ସେ ନେଇ ଆଲୋଚନା ହୋଇଥିଲା। ଶେଷରେ ଉକ୍ତ ବ୍ୟାଚ୍‌ର ସାମ୍ପଲ ପରୀକ୍ଷା ପାଇଁ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ମାତ୍ର ଏମିତି ଘଟଣା ଅନେକ ସମୟରେ ଘଟିଥାଏ। ହୁଏତ ରୋଗୀ ଜଣକ ଇଞ୍ଜେକ୍ସନ ଦେଖି ଭୟଭୀତ ହୋଇ ପଡ଼ି ଯାଇଥିବା କହିଛନ୍ତି ଜରୁରିକାଳୀନ ଅଧିକାରୀ ଡା. ମହାରଣା। ତେବେ ଏହା ଉପରେ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଭଗବାନ ମହାରଣା(୪୨) ନାମକ ଜଣେ ରୋଗୀ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇ ଏସ୍‌ସିବିକୁ ଆସିଥିଲେ। କମ୍ୟୁନିଟି ମେଡିସିନ ବିଭାଗ ଅଧୀନରେ ଥିବା ଜଳାତଙ୍କ ନିରୋଧ ୱାର୍ଡରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ଭଗବାନଙ୍କୁ ଏଥିପାଇଁ ଉଦ୍ଦିଷ୍ଟ ଇକ୍ୱିନାଇନ ରାବିସ ଇମ୍ୟୁନୋଗ୍ଲୋବିନ ନାମକ ଇଞ୍ଜେକ୍ସନ ଦିଆଯାଇଥିଲା। ଏହି ଇଞ୍ଜେକ୍ସନ ନେବା ପରେ ଭଗବାନଙ୍କ କ୍ଷେତ୍ରରେ ପ୍ରତିକ୍ରିୟା ଦେଖାଦେଇଥିଲା। ତେବେ ଏହା ପ୍ରଥମ ଘଟଣା ନୁହେଁ। ଏଥିପୂର୍ବରୁ ମେଡିକାଲରେ ଫେନାରଗନ୍ ଇଞ୍ଜେକ୍ସନକୁ ନେଇ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି। ଏପରି କି ଇଞ୍ଜେକ୍ସନ ନେବା ପରେ ରୋଗୀଙ୍କ ମୃତ୍ୟୁ ଘଟିବା ଭଳି ଅଭିଯୋଗ ମଧ୍ୟ ଏସ୍‌ସିବି ବିରୋଧରେ ରହିଛି। ଉଦାହରଣ ସ୍ୱରୂପ ୨୦୧୭ ମେ' ମାସରେ କେନ୍ଦ୍ରାପଡ଼ା ଗରାପୁର ଅଞ୍ଚଳର ମିନତୀ ମଲିକ ନାମ୍ନୀ ମହିଳା ଇଞ୍ଜେକ୍ସନ ନେବା ପରେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା।



ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବେକାରଙ୍କୁ ନିଯୁକ୍ତି, ପିସି କାରବାର ବନ୍ଦ ଦାବିରେ ବିକ୍ଷୋଭ

**ଆଠଗଡ଼,୨୧।୧୨(ସ୍ୱ.ପ୍ର.)**

ଆଠଗଡ଼ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଓ ପିସି କାରବାର ବନ୍ଦ ଦାବିରେ ବିଭିନ୍ନ ସରକାରୀ ଯାନ୍ତ୍ରିକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ଆହ୍ୱାନ ଓ କଟକ ଜିଲା ସମ୍ପାଦକ ତପନ ଲେଙ୍କାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବାହ୍ନରେ ଶତାଧିକ କର୍ମୀ ସ୍ଥାନୀୟ ରଥଗଡ଼ାଠାରେ ସମବେତ ହୋଇଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି କ୍ଷୁଦ୍ର ଜଳସେଚନ ବିଭାଗ ଆଗରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାରେ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବ୍ରଜେନ୍ଦ୍ର ରାଏ, ବିଚିତ୍ରାନନ୍ଦ ଜେନା, ସନ୍ତୋଷ ବେଉରା, ନିମାଇଁ ପରିଡ଼ା, ଉମେଶ ସାମଲ, ସତ୍ୟଜିତ୍ ମଲିକ, ଶୁଭମ୍ ପ୍ରିୟଦର୍ଶୀ, ବରୁଣ ନାଏକ, ତାରାକାନ୍ତ ସାହୁ, ଅଶୋକ ନାଏକ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଅନେକ ଠିକାଦାର କାର୍ଯ୍ୟରୁ ବଞ୍ଚିତ ହେଉଥିଲା ବେଳେ ଅନ୍ୟ ଅଞ୍ଚଳ ଠିକାଦାର ପିସି ଦେଇ କାର୍ଯ୍ୟାଦେଶ ନେଉଥିବା ଅଭିଯୋଗ କରିଥିଲେ। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଉ ନ ଥିବାରୁ ବେକାର ସଂଖ୍ୟା ବଢୁଥିବା କର୍ମୀ ଅଭିଯୋଗ କରିଥିଲେ। ତେଣୁ ଆଗାମୀ ଦିନରେ ଏହି ଦାବି ପୂରଣ କରିବାକୁ ସେମାନେ ଦାବି କରିଥିଲେ। ପରେ ପୂର୍ତ୍ତ, ଗୃହ ବିଭାଗ, ଜଳସେଚନ ଓ ଗ୍ରାମୀଣ ଉନ୍ନୟନ ବିଭାଗ ଆଦି କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ମ୍ୟୁଜିୟମ୍ ଫାଟକ ଆଗରେ ସ୍ଥାନୀୟ ଲୋକେ ପ୍ରତିବାଦ କରୁଛନ୍ତି।

■ ଲଳିତଗିରି ବୌଦ୍ଧବିହାର ସମ୍ପର୍କରେ ଭୁଲ ତଥ୍ୟ ପ୍ରଚାର

## ପ୍ରତିବାଦ ଜଣାଇଲେ ସ୍ଥାନୀୟ ଲୋକେ

**ମାହାଙ୍ଗା,୨୧।୧୨(ସ୍ୱ.ପ୍ର.)**

ବିଶ୍ୱ ପ୍ରସିଦ୍ଧ ବୌଦ୍ଧବିହାର ଲଳିତଗିରିଠାରେ ନିର୍ମିତ ହୋଇଥିବା ମ୍ୟୁଜିୟମ୍‌କୁ ଆସନ୍ତା ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିବେ। ଏ ନେଇ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର କରାଯାଉଛି। ତେବେ ଏହି ସ୍ଥାନ କଟକ ଜିଲା ମାହାଙ୍ଗା ଅଞ୍ଚଳରେ ହୋଇଥିବାବେଳେ କେତେକ ବୈଦ୍ୟୁତିକ ଗଣମାଧ୍ୟମରେ ଏହାକୁ ଯାଜପୁର ଜିଲା ଅନ୍ତର୍ଗତ ବୋଲି ବିଜ୍ଞାପନ ମାଧ୍ୟମରେ ପ୍ରଚାର କରାଯାଉଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ଶୁକ୍ରବାର ମ୍ୟୁଜିୟମ ମୁଖ୍ୟ ଫାଟକ ସମ୍ମୁଖରେ ସ୍ଥାନୀୟ ଗ୍ରାମବାସୀ ଏହାର ପ୍ରତିବାଦ କରିଛନ୍ତି। ତୁରନ୍ତ ଲଳିତଗିରିକୁ କଟକ ଜିଲାର ବୋଲି ପ୍ରଚାର କରିବା ଓ ଭିଡିଓ କନଫରେନ୍ସିଂ ବଦଳରେ ବ୍ୟକ୍ତିଗତଭାବେ ପ୍ରଧାନମନ୍ତ୍ରୀ ଆସି ଏହି ବୁଲେଟ ପ୍ରୁଫ ମ୍ୟୁଜିୟମକୁ ଉଦ୍‌ଘାଟନ କରିବାକୁ ଦାବି କରିଛନ୍ତି। ଏଥି ସହିତ ଏହି ମ୍ୟୁଜିୟମରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଲୋକଙ୍କ ପାଇଁ ନିଶୁଳ୍କ ପ୍ରବେଶ ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ଏଥିରେ ପ୍ରଦୀପ୍ତ ସିଂହ, ତପନ ସିଂହ, ଅନିଲ ଭୂୟାଁ, ନିରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ସିଂହ, ନିରଞ୍ଜନ ରଣା, ଉର୍ମିଳା ସାହୁ, ନୟନା ବାରିକ, ବସନ୍ତ ମଞ୍ଜରୀ ବିଶ୍ୱାଳ, ପ୍ରଜ୍ଞାନୀ ମହାପାତ୍ର ଓ ଅଶୋକ ମଲିକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ତ୍ରୁଟି ସଂଶୋଧନ ହୋଇଛି: ସାରଦା

**ମାହାଙ୍ଗା,୨୧।୧୨(ଡି.ଏନ.ଏ.)**

ମାହାଙ୍ଗା ବ୍ଲକ ପୋଡ଼ାମରାଇଠାରେ ଶୁକ୍ରବାର ଭାଜପା ନେତା ଶାରଦା ପ୍ରଧାନଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଆସନ୍ତା ୨୪ରେ ଲଳିତଗିରି ବୌଦ୍ଧ କୀର୍ତ୍ତିରାଜି ପରିସରରେ ନବନିର୍ମିତ ବୁଲେଟ ପ୍ରୁଫ୍ ମ୍ୟୁଜିୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମହେଶ ଶର୍ମା ପ୍ରମୁଖ ଭିଡିଓ କନଫରେନସିଂ ମାଧ୍ୟମରେ ଉଦ୍‌ଘାଟନ କରିବେ ବୋଲି ସୂଚନା ଦିଆଯାଇଛି। ଏଥିସହିତ ଲଳିତଗିରି ସମ୍ପର୍କରେ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର କରାଯାଇଥିବା ଭୁଲ୍ୟ ବିଜ୍ଞାପନର ତ୍ରୁଟି ସଂଶୋଧନ ମଧ୍ୟ କରାଯାଇଥିବା କୁହାଯାଇଛି। ଶାରଦା ଅଧକ୍ଷତା କରି କହିଛନ୍ତି, ବିଭାଗୀୟ ତ୍ରୁଟି ବିଚ୍ୟୁତି ଯୋଗୁ ଲଳିତଗିରିକୁ ଯାଜପୁର ଜିଲା ଅଞ୍ଚଳର ଦର୍ଶାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ଯୋଗୁ ତାହା ସଂଶୋଧନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିତେନ୍ଦ୍ର ଶତପଥୀ, ବିଶ୍ୱନାଥ ଜେନା, ଦେବଦତ୍ତ କର, ମନୋରଞ୍ଜନ ନାୟକ, ପ୍ରତାପ ସିଂହ, ରମାକାନ୍ତ ସିଂହ, ବିଶ୍ୱନାଥ ପରିଡା ଓ ବିଦୁର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବାଙ୍କୀ,୨୧।୧୨(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ତାଳବସ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ଅରାଚଣ୍ଡୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୈଳେନ୍ଦ୍ର ନାରାୟଣ ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଫକୀର ମୋହନ ମିଶ୍ର ଛାତ୍ରୀଛାତ୍ରଙ୍କୁ ଖେଳକୁଦ ଦ୍ୱାରା ଶାରୀରିକ ସ୍ଥିତି ସନ୍ତୁଳନ ରହିବା ସହିତ କର୍ମତତ୍ପରତା ବୃଦ୍ଧି ପାଇଥାଏ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ରୀତାଞ୍ଜଳି ସେଠୀ ଓ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ବଲ୍ଲଭ ଲେଙ୍କା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଏବଂ ବରିଷ୍ଠ ବର୍ଗ ଭିତ୍ତିରେ ପ୍ରଥମ ଦିବସରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ସହକାରୀ ଶିକ୍ଷକ ପ୍ରଦୀପ୍ତ ପୋଥାଳ, ସନ୍ତୋଷ ପ୍ରଧାନ, ଗୋବିନ୍ଦ ମିଶ୍ର, ସଞ୍ଜୟ ଦାସ, ଡମ୍ବରୁଧର ବସ୍ତି, ନିରଞ୍ଜନ ତ୍ରିପାଠୀ, ଜଗନ୍ନାଥ ପ୍ରସାଦ, ସୁକନ୍ୟା ମଙ୍ଗୁଆଳ, ବଳଭଦ୍ର ଜେନା, ରାଜନନ୍ଦିନୀ ଦାସ, ଲକ୍ଷ୍ମୀପ୍ରିୟା ରଥ, ପ୍ରଫୁଲ୍ଲ ପାଳ, ରତିରଞ୍ଜନ ପାଣିଗ୍ରାହୀ ଓ ପ୍ରଦୀପ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ପୁଣ୍ୟତିଥି



ସୁରେନ୍ଦ୍ର ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ଅତିଥି।

**ସାଲେପୁର,୨୧।୧୨(ଡି.ଏନ.ଏ.)**

ସାଲେପୁର ବ୍ଲକ ପୁରୁଷୋତ୍ତମପୁର ଗ୍ରାମରେ ଶୁକ୍ରବାର କଥା ସମ୍ରାଟ ତଥା ପଦ୍ମଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ପୁଣ୍ୟତିଥି ପାଳିତ ହୋଇଛି। ପ୍ରତ୍ୟୁଷରୁ ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, କର୍ମଚାରୀ ଓ ସୁରେନ୍ଦ୍ର ପ୍ରେମୀ ପୁରୁଷୋତ୍ତମପୁରଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଲକ୍ଷ୍ମୀନାରାୟଣପୁରସ୍ଥିତ ତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଗୋଲଖଚନ୍ଦ୍ର ଦାସ, ସୀତାରାମ ମାର୍ଣ୍ଡି ଯୋଗ ଦେଇଥିଲେ। ଦେବେନ୍ଦ୍ରନାଥ ସ୍ୱାଇଁ, ବିଶ୍ୱରଞ୍ଜନ ସାହୁ, ପାର୍ଥସାରଥୀ ଦାସ, ଆଦିତ୍ୟ ନାରାୟଣ ଭୋଇ, ଶ୍ରଦ୍ଧାଞ୍ଜଳି ପଣ୍ଡା, କଳ୍ପନା ଦାଶ, ରୀତାଞ୍ଜଳି ମହାନ୍ତି, ନିର୍ମଳ ଦାସ, ରାକେଶ ଦାଶ, ମନୋଜ ମହାନ୍ତି, ନିରଞ୍ଜନ ସ୍ୱାଇଁ, ବଶ୍ୱଜିତ୍ ମହାନ୍ତିଙ୍କ ସମେତ ବହୁ ସୁରେନ୍ଦ୍ର ପ୍ରେମୀ ଉପସ୍ଥିତ ଥିଲେ।

## ସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଆଠଗଡ଼,୨୧।୧୨(ସ୍ୱ.ପ୍ର.)**

ଆଠଗଡ଼ ଏନଏସି ରାସରସିକପୁର ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ତିନି ଦିନ ଧରି ଅନୁଷ୍ଠିତ ଉତ୍ସବରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ୩୧ଟି କ୍ରୀଡ଼ାରେ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଥାନା ଆଇଆଇସି ପଦାରବିନ୍ଦ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ଶତପଥୀ ଏଥିରେ ଅଧକ୍ଷତା କରିଥିଲେ। ଶିକ୍ଷକ ଶଶଧର ମହାରଣା, ସସ୍ମିତା ଦଳେଇ, ପୁଷ୍ପାଞ୍ଜଳି ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶତପଥୀଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମିହିର ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ

**ରଘୁନାଥପୁର, ୨୧।୧୨ (ଡି.ଏନ୍.ଏ.)**




ରଘୁନାଥପୁର ବ୍ଲକ ଓଷ୍ଟା ପକ୍ଷରୁ ଆୟୋଜିତ ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥି।

ରଘୁନାଥପୁର ବ୍ଲକ ଓଷ୍ଟା ପକ୍ଷରୁ ଗୁଆଳିପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ଶିଶୁ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାଳିବର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର ନାୟକଙ୍କ ସଭାପତିତ୍ୱରେ ସୁଲେଖକ ନିକୁଞ୍ଜ କିଶୋର ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଶିକ୍ଷାବିତ୍ କ୍ଷେତ୍ରମୋହନ ସ୍ୱାଇଁ, ଏନ୍‌ସିସି ଅଫିସର ରାଜକିଶୋର ସାହୁ, ପ୍ରତିଷ୍ଠାତା ସଭ୍ୟ ନିରଞ୍ଜନ ପଟ୍ଟନାୟକ, ଅଭୟ ପାଣି, ପବିତ୍ର ସ୍ୱାଇଁ, ସୁଧୀର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶରତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ୍ ଓଷ୍ଟା ସମ୍ପାଦକ ରଞ୍ଜନ ମିଶ୍ର ବିବରଣୀ ପାଠ କରିଥିଲେ। ୧୮ ବିଦ୍ୟାଳୟରୁ ୧୮୦ ଛାତ୍ରୀଛାତ୍ର ୧୦ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ବିଭାଗରେ ୧ମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲା ଓଷ୍ଟା ଶିଶୁ ଉତ୍ସବରେ ଯୋଗଦେବାକୁ ମନୋନୀତ ହୋଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ୍ ଓଷ୍ଟା ସଭାପତି ବିଜୁନାଥ ପରିଡାଙ୍କ ସଭାପତିତ୍ୱରେ ବିଇଓ ରାଜ୍ୟଶ୍ରୀ ସାହୁ, ଏବିଇଓ ନରହରି ମିଶ୍ର, ଶିକ୍ଷାବିତ୍ ଇଲାବନ୍ତ ନାୟକ, ସୁଧାକର ରାଉତରାୟ, ଜାହାଙ୍ଗୀର ହୋସେନ ଖାନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସ୍କୁଲ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ନାଥ ଦାସ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

ବୃଦ୍ଧଙ୍କୁ ହାଇୱା ଚାପିଦେବା ଘଟଣା: ସମାଧାନରେ ସନ୍ତୁଷ୍ଟ ହେଲେନି ଗ୍ରାମବାସୀ

## ପୁଣି ୪ ଘଣ୍ଟା ରାସ୍ତାରୋକୋ

**ବାଙ୍କୀ,୨୧।୧୨(ସ୍ୱ.ପ୍ର.)**

ବାଙ୍କୀ ଆଦିମାତା ଛକରେ ଗୁରୁବାର ହାଇୱା ଧକ୍କାରେ ଗୋପାଳପୁର ଗ୍ରାମର ବୃଦ୍ଧ ହାଡୁ ସାମଲଙ୍କ ମୃତ୍ୟୁ ଘଟିଥିଲା। ପରେ ଗ୍ରାମବାସୀ ହାଡୁଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ନଦୀକୁଣ୍ଡଠାରେ ରାସ୍ତାରୋକୋ କରିଥିଲେ। ବାଙ୍କୀ ଥାନା ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଥାନାକୁ ଡାକି ଘଟଣାର ସମାଧାନ କରିଥିଲେ। ହେଲେ ଏଥିରେ ଗ୍ରାମବାସୀ ରାଜି ହୋଇ ନ ଥିଲେ। ଶୁକ୍ରବାର ପୁଣି ଶତାଧିକ ଗ୍ରାମବାସୀ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ହରିହର ଭେଟ ଛକ ନିକଟରେ ରାସ୍ତାରୋକୋ କରିଥିଲେ। ଦୀର୍ଘ ୪ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଯାତାୟାତ ଠପ୍ ହୋଇ ଯାଇଥିଲା। ଖବର ପାଇ ବାଙ୍କୀ ଅତିରିକ୍ତ ତହସିଲଦାର କିଶୋରଚନ୍ଦ୍ର ଦାସ, ଥାନା ଅଧିକାରୀ ସମୀର ପଣ୍ଡା, ଏସଆଇ ସ୍ନିଗ୍ଧାମୟୀ ବରାଳ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ରାସ୍ତାରୋକୋ ଆନ୍ଦୋଳନରୁ ଓହରି ଯାଇଥିଲେ।

■ ଯୋଡୁମୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି

## ୨ ସପ୍ତାହରୁ ଊର୍ଦ୍ଧ୍ୱ ହେବ ରୋଗୀ ସେବା ଠପ୍

**ନରସିଂହପୁର,୨୧।୧୨(ସ୍ୱ.ପ୍ର.)**




ଯୋଡୁମୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

■ଜ୍ୱର, ଥଣ୍ଡା ପାଇଁ ଔଷଧ ଲେଖୁଛନ୍ତି ଫାର୍ମାସିଷ୍ଟ
■୬ ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ
■୧୦୮ ଆମ୍ବୁଲାନ୍ସ ସେବା ମଧ୍ୟ ମିଳୁନାହିଁ

ନରସିଂହପୁର ବ୍ଲକ ଅଧୀନ ଜିଲିଣ୍ଡାଠାରେ ଥିବା ଯୋଡୁମୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଡାକ୍ତର ନାହାନ୍ତି। ଫଳରେ ରୋଗୀସେବା ଠପ୍ ହୋଇଯାଇଛି। ଏଥିଯୋଗୁ ପଶ୍ଚିମାଞ୍ଚଳର ୬ ପଞ୍ଚାୟତ ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ଅଭାବ ଯୋଗୁ ଉପଯୁକ୍ତ ଚିକିତ୍ସା ସେବା ନ ପାଇ ମହିଗଡ଼ ଗ୍ରାମର ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ଦୀନ ହେବ ଏଠାରେ ଆବଶ୍ୟକ ଡାକ୍ତର ନ ଥିବାବେଳେ ଗତ ନଭେମ୍ବରରେ ଜଣେ ଦନ୍ତ ଚିକିତ୍ସକଙ୍କୁ ଅବସ୍ଥାପିତ କରାଯାଇଥିଲା। ପରେ ସେ ତାଙ୍କ ଟ୍ରେନିଂ ପାଇଁ ଚାଲିଯିବା ପରେ ଅନ୍ୟ କୌଣସି ଡାକ୍ତର ନିଯୁକ୍ତି ହୋଇ ନାହାନ୍ତି। ସାଧାରଣ ଜ୍ୱର, କାଶ ଓ ଅନ୍ୟ ରୋଗ ପାଇଁ ଆସୁଥିବା ରୋଗୀଙ୍କୁ ଫାର୍ମାସିଷ୍ଟ ଔଷଧ ଲେଖୁଛନ୍ତି। ସେହିପରି ଆମ୍ବୁଲାନ୍ସ ସେବା ଏଠାରେ ବିଫଳ ହୋଇଛି। ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ରଭାବେ ଏକ ୧୦୮ ଆମ୍ବୁଲାନ୍ସ ରହୁଥିଲା। ଏବେ ବର୍ଷେ ହେଲା ସେହି ଆମ୍ବୁଲାନ୍ସ ଆଉ ରହୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ଗରିବ ରୋଗୀ ବହୁ ଦୁର୍ଦ୍ଦଶା ଭୋଗ କରୁଛନ୍ତି ଓ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଜିଲିଣ୍ଡା ଗ୍ରାମର ମହୋନ ପ୍ରଧାନ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ଗୁରୁତର ରୋଗୀଙ୍କୁ ନରସିଂହପୁରପଠାଇ ସାଧାରଣ ରୋଗୀଙ୍କ ପାଇଁ ଔଷଧ ଚିଠା ଦେଉଛି ବୋଲି ଫାର୍ମାସିଷ୍ଟ ସମୀର କୁମାର ବେହେରା କହିଛନ୍ତି। ଡାକ୍ତର ସମସ୍ୟା ସମ୍ପର୍କରେ କାନପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଦେବାଶିଷ ଜେଠୀ କହିଛନ୍ତି, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଡାକ୍ତର ନିଯୁକ୍ତି ହେବ। ଅନ୍ୟପକ୍ଷରେ ଶୀଘ୍ର ଡାକ୍ତର ନିଯୁକ୍ତି ନ ହେଲେ ଜନଆନ୍ଦୋଳନ କରାଯିବ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଇଂ ତ୍ରିପୁରା ଦେହୁରି ଚେତବାନୀ ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା, କେବେ ଡାକ୍ତର ନିଯୁକ୍ତି କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଡିସେମ୍ବର, ୨୦୧୮



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଦାଦାବଟି ମାଗି ଯୁବକ ଗିରଫ

**କଟକ ଅଫିସ୍, ୨୧।୧୨:** ଦାଦାବଟି ମାଗିବା ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ଶଙ୍କରପୁର ଉପରସାହି ଅଞ୍ଚଳର ଗୁଡୁ ସେଠୀ(୨୬)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନାମରେ ବାଦାମବାଡି ଥାନାରେ ବହୁ ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ, ଶଙ୍କରପୁର ଅଞ୍ଚଳର ଦୋକାନୀମାନଙ୍କ ଠାରୁ ଗୁଡୁ ଦାଦାବଟି ଆକାରରେ ମାସିକିଆ ଟଙ୍କା ଆଦାୟ କରନ୍ତି। ଗୁରୁବାର ଉକ୍ତ ଅଞ୍ଚଳରେ ପରିବା ବିକ୍ରି କରୁଥିବା ଦିଲୀପ ରାଉତଙ୍କୁ ଗୁଡୁ ଟଙ୍କା ମାଗିଥିଲେ। ଦିଲୀପ ଏହାର ବିରୋଧ କରିବାରୁ ଗୁଡୁ ତାଙ୍କୁ ମାଡ ମାରିଥିଲେ। ଏ ନେଇ ଦିଲୀପ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୯/୧୮) ରୁଜୁ କରିଥିଲା।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ନିଆଳି, ୨୧।୧୨ (ଡି.ଏନ୍.ଏ.) :** ୨୦୧୭-୧୮ ବର୍ଷରେ ନିଆଳି ବ୍ଲକରେ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବିଭିନ୍ନ ସ୍କୁଲର ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ତୃତୀୟ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ନିଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ତପସ୍ୟା ସିଂହ ପ୍ରଥମ, ଚନ୍ଦନ ସ୍ୱାଇଁ ଦ୍ୱିତୀୟ, ଜ୍ଞାନଗୌତମ ଷଡଙ୍ଗୀ ଚତୁର୍ଥ, ଓମ୍ ପ୍ରକାଶ ପ୍ରଧାନ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପଞ୍ଚମ ଶ୍ରେଣୀରେ ନିଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଂଶୁମାନ ମହାପାତ୍ର ପ୍ରଥମ, ଯଶୋଲିନ୍ ଷଡଙ୍ଗୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତୃତୀୟ ଶ୍ରେଣୀ ବୃତ୍ତି ପାଇଥିବା ବଡ଼ିଆ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଭୁଦତ୍ତ ମହାପାତ୍ର, ରୁଦ୍ରପ୍ରସାଦ ପ୍ରଧାନ, ସେଫାଳି ଜେନା, ତିତୀକ୍ଷା ସାମନ୍ତରାୟ, ସାଇସାଗର ବିଶ୍ୱାଳକୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ପୋଦନା ଗୁରୁକୃପା ସରସ୍ୱତୀ ବିଦ୍ୟାମନ୍ଦିରର ଅଲିଭା ପ୍ରଧାନ, ଆର୍ଯ୍ୟ କୁମାର ଲେଙ୍କା, ଷୋଳମଙ୍ଗା ପ୍ରାଥମିକ ବିଦ୍ୟାଳୟର ଆଦିତ୍ୟ ବିଶ୍ୱପ୍ରକାଶ ବସ୍ତିଆ, ଜୁଆଙ୍ଗ ବିବେକାନନ୍ଦ ପବ୍ଲିକ ସ୍କୁଲର ସ୍ୱୟଂଶକ୍ତି ରାଉତ, ପହଙ୍ଗା ବିବେକାନନ୍ଦ ଶିଶୁ ଶିକ୍ଷାକେନ୍ଦ୍ରର ସୋମନାଥ ନାୟକ, କୃଷ୍ଣପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ପୀୟୁଷ ରଞ୍ଜନ ରାଉତ, ସ୍ୱାତୀ ସୁମନ ମହାନ୍ତି, କସର୍ଦ୍ଦା ଲକ୍ଷ୍ମୀନାରାୟଣ ନୋଡାଲ ବିଦ୍ୟାପୀଠର ସସ୍ମିତା ପୁହାଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

### ପରିମଳ ବ୍ୟବସ୍ଥା ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

**କଟକ ଅଫିସ, ୨୧।୧୨:** ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଏବଂ ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜର ମିଳିତ ସହଯୋଗରେ କଟକ ସହରର ୱାର୍ଡ ଅଫିସର (କମ୍ୟୁନିଟି ଅର୍ଗାନାଇଜର)ମାନଙ୍କୁ ନେଇ ବିକାଶ ଭବନସ୍ଥିତ କନଫରେନ୍ସ ହଲ୍‌ଠାରେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଧୁନିକ ଜ୍ଞାନକୌଶଳରେ ନବନିର୍ମିତ ସ୍ୱେରେଜ୍ ସିଷ୍ଟମ, ସ୍ୱେରେଜ ପମ୍ପିଂ ଷ୍ଟେଶନ, ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ଗୃହର ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱେରେଜ ସିଷ୍ଟମ ସହିତ ସଂଯୋଗ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦ୍ୱାରା ସମସ୍ତେ ଲାଭବାନ ହୋଇପାରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅମିୟ ଭୂଷଣ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୧ରୁ ୫୯ନଂ. ୱାର୍ଡ ମଧ୍ୟରେ ଥିବା ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭାଜପାର ଜନପରାମର୍ଶ ପଦଯାତ୍ରା

**ଚୌଦ୍ୱାର, ୨୧।୧୨ (ଡି.ଏନ୍.ଏ.) :** ଚୌଦ୍ୱାର ପୌରପାଳିକାର ୧୦,୧୬ ଓ ୧୮ ନଂ. ୱାର୍ଡରେ ଭାଜପାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାରବାଟିଆ ସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଭାଜପା ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ପଦଯାତ୍ରାରେ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ପରେ ଆୟୋଜିତ ପଥପ୍ରାନ୍ତ ସଭାରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଜନସାଧାରଣଙ୍କ ନିକଟରୁ ପରାମର୍ଶ ପତ୍ର ଗ୍ରହଣ କରାଯାଇଥିଲା।

# ଇଞ୍ଜେକ୍ସନ ନେଇ ରୋଗୀ ଚେତାଶୂନ୍ୟ

**କଟକ ଅଫିସ, ୨୧।୧୨**

■ ଏସ୍‌ସିବିରେ ଉଚ୍ଚସ୍ତରୀୟ ବୈଠକ
■ ପରୀକ୍ଷା ପାଇଁ ପଠାଯିବ ସାମ୍ପଲ

ସରକାର ଯୋଗାଉଥିବା ମାଗଣା ଇଞ୍ଜେକ୍ସନକୁ ନେଇ ଏସ୍‌ସିବି ମେଡିକାଲରେ ଘଟିଛି ଅଘଟଣ। ଇଞ୍ଜେକ୍ସନଟି ଜଣେ ରୋଗୀଙ୍କୁ ଦିଆଯିବା ମାତ୍ରେ ସେ ସେଠାରେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ଏହାକୁ ନେଇ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଚହଳ ପଡ଼ି ଯାଇଥିଲା। କିଛି ସମୟ ପରେ ରୋଗୀଙ୍କ ଚେତା ଫେରିଥିଲା। ତେବେ କ'ଣ ପାଇଁ ରୋଗୀଙ୍କ କ୍ଷେତ୍ରରେ ଏଭଳି ପ୍ରତିକ୍ରିୟା ଦେଖାଦେଲା ତାହାକୁ ନେଇ ଏସ୍‌ସିବିରେ ଘଣ୍ଟାଚକଟା ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ଉକ୍ତ ଘଟଣାକୁ ନେଇ ମେଡିକାଲ ଅଧୀକ୍ଷକଙ୍କ ଚାମ୍ବରରେ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଅନ୍ନଦା ପଟ୍ଟନାୟକ, କମ୍ୟୁନିଟି ମେଡିସିନର ମୁଖ୍ୟ ପ୍ରଫେସର ଡା. ରାମଚନ୍ଦ୍ର ଗିରି, ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ବିରଞ୍ଚି ମହାପାତ୍ର ଓ ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ସ୍ଥଳକୁ ମେଡିକାଲ ଷ୍ଟୋରର କର୍ମଚାରୀମାନଙ୍କୁ ଡକାଯାଇଥିଲା। ଏହି ଇଞ୍ଜେକ୍ସନର ବ୍ୟାଚ୍ ଓ କେତେ ପରିମାଣର ଇଞ୍ଜେକ୍ସନ ଆସିଥିଲା, ସେଥିରୁ କେତେ ରୋଗୀଙ୍କୁ ଦିଆସରିଲାଣି ସେ ନେଇ ଆଲୋଚନା ହୋଇଥିଲା। ଶେଷରେ ଉକ୍ତ ବ୍ୟାଚ୍‌ର ସାମ୍ପଲ ପରୀକ୍ଷା ପାଇଁ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ମାତ୍ର ଏମିତି ଘଟଣା ଅନେକ ସମୟରେ ଘଟିଥାଏ। ହୁଏତ ରୋଗୀ ଜଣକ ଇଞ୍ଜେକ୍ସନ ଦେଖି ଭୟଭୀତ ହୋଇ ପଡ଼ି ଯାଇଥିବା କହିଛନ୍ତି ଜରୁରିକାଳୀନ ଅଧିକାରୀ ଡା. ମହାରଣା। ତେବେ ଏହା ଉପରେ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଭଗବାନ ମହାରଣା(୪୨) ନାମକ ଜଣେ ରୋଗୀ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇ ଏସ୍‌ସିବିକୁ ଆସିଥିଲେ। କମ୍ୟୁନିଟି ମେଡିସିନ ବିଭାଗ ଅଧୀନରେ ଥିବା ଜଳାତଙ୍କ ନିରୋଧ ୱାର୍ଡରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ଭଗବାନଙ୍କୁ ଏଥିପାଇଁ ଉଦ୍ଦିଷ୍ଟ ଇକ୍ୱିନାଇନ ରାବିସ ଇମ୍ୟୁନୋଗ୍ଲୋବିନ ନାମକ ଇଞ୍ଜେକ୍ସନ ଦିଆଯାଇଥିଲା। ଏହି ଇଞ୍ଜେକ୍ସନ ନେବା ପରେ ଭଗବାନଙ୍କ କ୍ଷେତ୍ରରେ ପ୍ରତିକ୍ରିୟା ଦେଖାଦେଇଥିଲା। ତେବେ ଏହା ପ୍ରଥମ ଘଟଣା ନୁହେଁ। ଏଥିପୂର୍ବରୁ ମେଡିକାଲରେ ଫେନାରଗନ୍ ଇଞ୍ଜେକ୍ସନକୁ ନେଇ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି। ଏପରି କି ଇଞ୍ଜେକ୍ସନ ନେବା ପରେ ରୋଗୀଙ୍କ ମୃତ୍ୟୁ ଘଟିବା ଭଳି ଅଭିଯୋଗ ମଧ୍ୟ ଏସ୍‌ସିବି ବିରୋଧରେ ରହିଛି। ଉଦାହରଣ ସ୍ୱରୂପ ୨୦୧୭ ମେ' ମାସରେ କେନ୍ଦ୍ରାପଡ଼ା ଗରାପୁର ଅଞ୍ଚଳର ମିନତୀ ମଲ୍ଲିକ ନାମ୍ନୀ ମହିଳା ଇଞ୍ଜେକ୍ସନ ନେବା ପରେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା।




ପ୍ରଥମ ଶ୍ରେଣୀରୁ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରିବା ଦାବିରେ ଶୁକ୍ରବାର କଟକ କଲେଜ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରତିମୂର୍ତ୍ତି ନିକଟରେ ଏଆଇଡିଏସ୍ଓ ପକ୍ଷରୁ ବିକ୍ଷୋଭ।




ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫିସର୍ସ ସଂଘ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ଡାକରା ଫଳରେ କଟକ କଚେରି ରୋଡସ୍ଥିତ ଏସ୍‌ବିଆଇ କଟକ ବ୍ରାଞ୍ଚ ସମ୍ମୁଖରେ ଶୁକ୍ରବାର ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟ ଚଳାଇଛନ୍ତି।

# ବେସିନ୍, ପ୍ୟାନ୍ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୨୧।୧୨**

**ନକଲି ଚାବିରେ ଚୋରି କରିଥିଲେ**

ଚୋରି ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ଅଞ୍ଚଳର ବେଦ ପ୍ରକାଶ କାଣ୍ଡି(୩୦)। ତାଙ୍କ ଠାରୁ ଦୁଇଟି ବେସିନ୍, ୩ଟି ପ୍ୟାନ୍, ୨ କମୋଡ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳରେ ଶିତିକଣ୍ଠ ମହାପାତ୍ରଙ୍କର ଏକ ହାଡୱାର ଦୋକାନ ଅଛି। ସେଠାରେ ବେଦ ୧ ବର୍ଷ ହେବ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ଦୋକାନ ମାଲିକଙ୍କ ଅଜାଣତରେ ଦୋକାନର ଏକ ନକଲି ଚାବି ତିଆରି କରିଥିଲେ। ପରେ ସୁବିଧାସୁଯୋଗ ଦେଖି ଉକ୍ତ ଚାବି ଦ୍ୱାରା ଦୋକାନରୁ ଜିନିଷ ଚୋରି କରି ବାହାରେ ବିକ୍ରି କରି ଦେଉଥିଲେ। ଦୋକାନରୁ ଜିନିଷ ସରି ଯାଉଥିବାବେଳେ ଟଙ୍କା ଆସୁ ନ ଥିବାରୁ ମାଲିକଙ୍କ ସନ୍ଦେହ ହୋଇଥିଲା। ପରେ ମାଲିକ ବେଦ ଚୋରି କରିଥିବା ସନ୍ଦେହ କରି ଗତ ୧୩ ତାରିଖରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୩୧୪/୧୮) ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେ ଚୋରି କରିଥିବା ସମ୍ପର୍କରେ ମାନିବା ସହ ଚୋରି ସାମଗ୍ରୀ ସମ୍ପର୍କରେ ସୂଚନା ଦେଇଥିଲା। ପରେ ପୋଲିସ ଚଢାଉ କରି ଉକ୍ତ ସାମଗ୍ରୀ ଜବତ କରିଥିଲା।

# ନିର୍ବାଚନୀ ପ୍ରସ୍ତୁତି ବୈଠକ

**କଣ୍ଟାପଡା, ୨୧।୧୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ୮ନଂ. ଜିଲା ପରିଷଦ ଜୋନ୍ ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ ବ୍ରାହ୍ମଣସାଇଲୋ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ମୋହନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ଡା. ପ୍ରମୋଦ ମଲ୍ଲିକ ଯୋଗଦେଇ ଆସନ୍ତା ନିର୍ବାଚନ ପୂର୍ବରୁ ରାଜ୍ୟ ପ୍ରତି କେନ୍ଦ୍ର ସରକାର ଚଳାଇଥିବା ବୈମାତୃକ ମନୋଭାବ ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ୱାର୍ଡର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ କହିଥିଲେ। କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ଦାସ, ରାଜ୍ୟ ଓମ୍‌ଫେଡ ଅଧ୍ୟକ୍ଷା ସରୋଜିନୀ ମିଶ୍ର, ସରପଞ୍ଚ ସ୍ୱର୍ଣ୍ଣଲତା ଭୋଇ, ପ୍ରଗତି ଦଳବେହେରା, ବିଜେଡି ନେତା ଜ୍ଞାନପୂର୍ଣ୍ଣ ବେହେରା, ନକୁଳ ରାଉତ ପ୍ରମୁଖ ଯୋଗଦେଇ ୱାର୍ଡ କମିଟି ସଦସ୍ୟଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୮ନଂ. ଜୋନ୍‌ର ୧୦୧ ୱାର୍ଡରୁ ୨ହଜାର କମିଟି ସଦସ୍ୟ ପ୍ରଶିକ୍ଷଣ ନେଇଥିଲେ।

# କ୍ୟାନ୍‌ସର ରୋଗୀଙ୍କଠାରୁ ୮ ହଜାର ଲୁଟ୍

**କଟକ ଅଫିସ, ୨୧।୧୨**

ତୁମର ବିଜୁ କୃଷକ କଲ୍ୟାଣ ଯୋଜନାରେ କାର୍ଡ ଅଛି। ଏହି କାର୍ଡ ବଳରେ ତୁମେ ୩୫ହଜାର ଟଙ୍କା ପାଇବ। ଚିକିତ୍ସା ପାଇଁ ଆଉ କିଛି ଅସୁବିଧା ହେବ ନାହିଁ। ଏଭଳି କଥା କହି ଜଣେ କ୍ୟାନସର ରୋଗୀଙ୍କଠାରୁ ୮ହଜାର ଟଙ୍କା ଲୁଟି ନେଇଛନ୍ତି ଜନୈକ ଦଲାଲ। ଲୁଟ୍‌ର ଶିକାର ହେବା ପରେ ରୋଗୀ ଜଣକ ରାସ୍ତା ଉପରେ ବସି କାନ୍ଦୁଥିଲେ। କେତେଜଣ ସାମାଜିକ କର୍ମୀ ତାଙ୍କୁ ଧରି ଥାନାକୁ ନେଇଥିଲେ। ପୋଲିସ ଏ ସମ୍ପର୍କରେ ଖୋଳତାଡ଼ ଜାରି ରଖିଛି। ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଧୀନ ଶ୍ରୀରାମପୁର ଗ୍ରାମର ରବି ସାହୁ(୬୫) କ୍ୟାନସରରେ ଆକ୍ରାନ୍ତ। ଗତ ୩ ମାସ ହେବ ସେ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ରବିଙ୍କ ଦେଖାଶୁଣା ପାଇଁ ସ୍ତ୍ରୀ ଉଷା ପାଖରେ ରହୁଛନ୍ତି। ଗତ ଗୁରୁବାର ରବିଙ୍କର ଏଣ୍ଡୋସ୍କୋପି ଆବଶ୍ୟକ ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ଇଣ୍ଡୋସ୍କୋପି ପାଇଁ ରବି ଶୁକ୍ରବାର ଏସ୍‌ସିବି ମେଡିକାଲକୁ ଆସିଥିଲେ। ମେଡିକାଲ ଫାଣ୍ଡି ପାଖରେ ସେ ଛିଡ଼ା ହୋଇଥିବାବେଳେ ଜଣେ ବ୍ୟକ୍ତି ବାଇକ୍‌ରେ ଆସି ତାଙ୍କ ସହ କଥା ହୋଇ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରବି ତାଙ୍କୁ ନିଜ ପାଖରେ ଥିବା ବିଜୁ କୃଷକ କଲ୍ୟାଣ କାର୍ଡ ଦେଖାଇଥିଲେ। ଏହା ଦେଖିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ରବିଙ୍କୁ ୩୫ ହଜାର ଟଙ୍କା ମିଳିବ ବୋଲି କହି ଉକ୍ତ କାର୍ଡକୁ ଜେରକ୍ସ କରିବାକୁ ନେଇଥିଲେ। ଜେରକ୍ସ କରି ଆସିବା ପରେ ରବିଙ୍କୁ ନିଜ ବାଇକ୍‌ରେ ବସାଇ କ୍ୟାନସର ହସ୍ପିଟାଲକୁ ବୁଲାଇ ଆଣିଥିଲେ। ଏହାପରେ ତାଙ୍କୁ ପୁନର୍ବାର ମେଡିକାଲ ଫାଣ୍ଡି ପାଖରେ ଛିଡ଼ା କରାଇ ତାଙ୍କଠାରୁ ୮ହଜାର ଟଙ୍କା ନେଇଥିଲେ। କାରଣ ୩୫ହଜାର ଟଙ୍କା ମଞ୍ଜୁର କରିବା ପାଇଁ ୮ହଜାର ଟଙ୍କା ଦରକାର ବୋଲି ବ୍ୟକ୍ତି ଜଣକ ରବିଙ୍କୁ କହିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ କଥାରେ ଭରସା କରି ନିଜ ପାଖରେ ଥିବା ସମୁଦାୟ ୮ହଜାର ଟଙ୍କା ଦେଇଥିଲେ। ଏହାପରେ ବ୍ୟକ୍ତି ଜଣକ ଉକ୍ତ ଟଙ୍କା ନେଇ ସେଠାରୁ ପାର୍ ହୋଇଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟକ୍ତି ଜଣକ ନ ଫେରିବାରୁ ରବି ଓ ଉଷା ମେଡିକାଲ ଫାଣ୍ଡି ଆଗ ରାସ୍ତାରେ ବସି କାନ୍ଦିଥିଲେ।

# ଶିଶୁର ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ

**କଣ୍ଟାପଡା, ୨୧।୧୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ହାଇସ୍କୁଲ ପରିସରରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର କଣ୍ଟାପଡା ବ୍ଲକ ସଭାପତି ସରୋଜିନୀ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସାହିତ୍ୟିକ ପ୍ରଶାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁର ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ନିତାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅଶୋକ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଶରତ ଚନ୍ଦ୍ର ପାଢ଼ୀ, ସଂଗ୍ରାମ ରାଉତରାୟ, ମନୋରଞ୍ଜନ ଦାଶ, ପ୍ରଧାନ ଶିକ୍ଷକ ଦୁଃଶାସନ ଜେନା ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କଣ୍ଟାପଡା ବ୍ଲକର କେତେକ ହାଇସ୍କୁଲ ଓ ନୋଡାଲ ସ୍କୁଲରୁ ୨୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ଶିଶୁ ଉତ୍ସବକୁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଶୋର କୁମାର ପଣ୍ଡା ମୁଖ୍ୟଅତିଥି, ଅଶୋକ କୁମାର ମିଶ୍ର ମୁଖ୍ୟବକ୍ତା, ସରପଞ୍ଚ ଦ୍ୱାରିକାନାଥ ଦାଶ, ସମିତିସଭ୍ୟ ତ୍ରିଲୋଚନ ବେହେରା ଓ ଅକ୍ଷୟ କୁମାର ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

**ଟାଙ୍ଗୀ(କଟକ),୨୧।୧୨(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଏରାପାରି ବଜାର ନିକଟରେ ଏକ ୧୦୮ ଆମ୍ବୁଲାନ୍ସ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇଛି। କଟକ ବଡ଼ ଡାକ୍ତରଖାନାରେ ରୋଗୀ ଛାଡ଼ି ଉକ୍ତ ଆମ୍ବୁଲାନ୍ସ(ଓଡ଼ି-୦୨ଜି-୧୭୩୩) ବାଲେଶ୍ୱର ଅଭିମୁଖେ ଆସୁଥିଲା। ଟାଙ୍ଗୀ ନିକଟରେ ଚାଳକ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର ପଛରେ ଧକ୍କା ଦେଇଥିଲା। ଯାତ୍ରା କରୁଥିବା ଫାର୍ମାସିଷ୍ଟ ଅଜିତ କୁମାର ପଲାଇଙ୍କ ସମେତ ଚାଳକ ଶଶିକାନ୍ତ ପୃଷ୍ଟି ଓ ଖଲାସୀ ସଞ୍ଜୟ ବେହେରାଙ୍କର କୌଣସି କ୍ଷତି ହୋଇ ନ ଥିଲା। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଛି।

# ଉତ୍କଳମଣି ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଟାଙ୍ଗୀ(କଟକ),୨୧।୧୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅନ୍ତର୍ଗତ ଉତ୍କଳମଣି ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ପ୍ରମିଳା ଖିଲାର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କୃତ ସାମାଜିକକର୍ମୀ ଗଙ୍ଗାଧର ବେହେରା ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନର ସମ୍ପାଦକ ପ୍ରୀତିରଞ୍ଜନ ବେହେରା ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଶୁଭ୍ରଜିତ ପଡ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲୋପାମୁଦ୍ରା ଷଡ଼ଙ୍ଗୀ ଅତିଥି ପରିଚୟ ଓ ବିଭାସିନୀ ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା, ସୋମନାଥ ନନ୍ଦ, ରସାନନ୍ଦ ମହାନ୍ତ ଓ ଲକ୍ଷ୍ମୀଧର ଶତପଥୀ ସହଯୋଗ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏଲ.ଆର. ଡିଏଭି ପବ୍ଲିକ ସ୍କୁଲର ସର୍ବକାଳୀନ ସଫଳତା

**କଟକ ଅଫିସ, ୨୧।୧୨**

ଚଳିତ ଶିକ୍ଷାବର୍ଷରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମର୍ଯ୍ୟାଦାଜନକ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନାର ପ୍ରାଥମିକ ପର୍ଯ୍ୟାୟ ପରୀକ୍ଷାରେ ଲଜପତ ରାୟ(ଏଲ.ଆର୍) ଡିଏଭି ପବ୍ଲିକ ସ୍କୁଲର ୬ ଜଣ ଛାତ୍ରୀଛାତ୍ର ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇଛନ୍ତି। ଆସନ୍ତା ଜାନୁୟାରୀ ମାସରେ ଉକ୍ତ ଛାତ୍ରୀଛାତ୍ର ପରବର୍ତ୍ତୀ ମୌଖିକ ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଏହି ସଫଳତା ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲକୁ କଟକ ଜିଲାର ସର୍ବୋଚ୍ଚ ସ୍ଥାନର ମାନ୍ୟତା ପ୍ରଦାନ କରିଛି। ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ଶିକ୍ଷକ ଦିଲୀପ ଦତ୍ତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆସନ୍ତା ମୌଖିକ ପରୀକ୍ଷା ନିମନ୍ତେ ଶୁଭକାମନା ଜଣାଇଛନ୍ତି।

# ଧାନମଣ୍ଡି ପଞ୍ଜୀକରଣ ତାଲିକାରେ ହେରଫେର

**କଟକ ସଦର, ୨୧।୧୨(ଡି.ଏନ୍.ଏ.)**

ଚଳିତ ମାସରେ କଟକ ସଦର ବ୍ଲକ ଅଧୀନ ୧୦ ସେବା ସମବାୟ ସମିତିର ଧାନମଣ୍ଡିକୁ ଚାଲୁ କରିବା ପାଇଁ କଟକ ଜିଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିଥିବା ଚାଷୀମାନେ ଧାନ ବିକ୍ରି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ହେଲେ ଧାନମଣ୍ଡିଗୁଡ଼ିକୁ ଯୋଗାଣ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ପଞ୍ଜୀକରଣ ତାଲିକାରେ ହେରଫେର କରାଯାଇଥିବା ଜିଲା ଯୋଗାଣ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଯୋଗାଣ ବିଭାଗ ତାଲିକା ସହ ଧାନମଣ୍ଡି ତାଲିକାରେ ସାମଞ୍ଜସ୍ୟ ନାହିଁ। ତାଲିକାର ଶୀର୍ଷରେ ଥିବା ଚାଷୀମାନଙ୍କ ନାମକୁ ପଛରେ ରଖାଯାଇଥିବା ଜଣାପଡିବା ପରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଧିକାଂଶ ସମବାୟ ସମିତି ପକ୍ଷରୁ ଯୋଗାଣ ବିଭାଗ ତାଲିକାର ୧ନଂ.ରୁ ୫୦ନଂ. ମଧ୍ୟରେ ଥିବା ଚାଷୀଙ୍କୁ ପଛରେ ରଖାଯାଇ ୪୦୦ରୁ ୫୦୦ କ୍ରମିକ ନମ୍ବରରେ ଥିବା ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯିବା ଅସନ୍ତୋଷର ମୁଖ୍ୟ କାରଣ ବୋଲି ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏହାଦ୍ୱାରା ବ୍ୟବସାୟୀମାନେ ଅଧିକ ଲାଭବାନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଯୋଗାଣ ବିଭାଗର କ୍ଷମତାପ୍ରାପ୍ତ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କୁହନ୍ତି, ଏହା ଉପରେ ତଦନ୍ତ କରାଯିବ।

■ ମହିଳାଙ୍କୁ ଚୋରା ମଦ ବ୍ୟବସାୟୀଙ୍କ ଆକ୍ରମଣ

# ଆକ୍ରମଣକାରୀଙ୍କୁ ଗିରଫ ଦାବି

**କଟକ ଅଫିସ, ୨୧।୧୨**

ମଦ ବିରୋଧୀ ମହିଳାମାନଙ୍କୁ ଚୋରା ମଦ ବ୍ୟବସାୟୀଙ୍କ ଆକ୍ରମଣ। ଟାଙ୍ଗୀ ଅଞ୍ଚଳର ବ୍ଲକସ୍ତରୀୟ ମହିଳା ମହାସଂଘ ଓ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ତରଫରୁ ଟାଙ୍ଗୀକୁ ନିଶାମୁକ୍ତ କରିବା ପାଇଁ ଗତ ୩/୪ ମାସ ହେଲା ଅଭିଯାନ ଆରମ୍ଭ ହୋଇଛି। ଗତ ୬ ତାରିଖରେ ଜଣେ ବ୍ୟବସାୟୀ ବାଇକ୍‌ରେ ମଦ ନେଉଥିବା ସମୟରେ ମହାସଂଘର ସଦସ୍ୟାମାନେ ତାଙ୍କୁ ଧରିଥିଲେ। ଏହି ସମୟରେ ସେ ଓଲଟା ଆକ୍ରମଣ କରିବା ସହିତ ମଦ ବ୍ୟବସାୟୀଙ୍କ ସାଥୀମାନେ ପହଞ୍ଚି ମହିଳାମାନଙ୍କୁ ଗାଳିଦେବା ଓ ଶାଢ଼ି ଟଣାଓଟରା କରିଥିଲେ। ଏହାପରେ ମହାସଂଘର ସଭାନେତ୍ରୀ ଅନୁରାଧା ନାୟକଙ୍କ ସମେତ ଅନ୍ୟ ସଦସ୍ୟାମାନେ ଉକ୍ତ ଦିନ ଅଭିଯୋଗ କରିବା ପରେ ଟାଙ୍ଗୀ ପୋଲିସ ଏକ ମାମଲା ରୁଜୁ କରିଥିଲା। ହେଲେ ଏହା ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ଶୁକ୍ରବାର ନିଶା ନିବାରଣ ଅଭିଯାନ ପକ୍ଷରୁ ମହିଳାମାନେ କଟକ ଅତିରିକ୍ତ ଜିଲାପାଳ, ଅବକାରୀ ଅଧୀକ୍ଷକ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏ ଅଞ୍ଚଳରେ ଚୋରାମଦ ବନ୍ଦ କରିବା ସହିତ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମର ନିଶା ନିବାରଣ ଅଭିଯାନର ଅପର୍ଣ୍ଣା ନାୟକ, ଇନ୍ଦୁମତି ସାହୁ, ପ୍ରିୟନାଥ ଆଚାର୍ଯ୍ୟ, ଖଗେଶ୍ୱର ବଳ, ରମାକାନ୍ତ ମଣ୍ଡଳ, ମହାସଂଘର ଅନୁରାଧା ନାୟକ, ମମତାରାଣୀ ଦାସ, ନିର୍ମଳା ମୁଦୁଲି, କଳ୍ପନା ସ୍ୱାଇଁ ଓ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ନେତୃତ୍ୱ ନେଇଥିଲେ।




କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଶୁକ୍ରବାର ସ୍ତମ୍ଭକାର, ପୂର୍ବତନ ଏମ୍‌ପି ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।



କଟକସ୍ଥିତ ସେଣ୍ଟ ଜୋଶେଫ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପିଲାଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଲସୀ ଦାସ



## ସଂକ୍ଷେପରେ

### ବିଜେଡି କର୍ମୀ ସମ୍ମିଳନୀ



ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୨ (ଡି.ଏନ.ଏ.)- ଚିଲିକା ବ୍ଲକ ବିଜେଡି ୫ନଂ ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅର୍ଜୁନ ବିଶ୍ୱାଳଙ୍କ ଆବାହକତ୍ୱରେ ଜରିପଡାର ଶ୍ରୀ ଶ୍ରୀ କେଦାରେଶ୍ୱର ଦେବଙ୍କ ପୀଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ସରକାରଙ୍କ ୪୦ ଜନମଙ୍ଗଳ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ପୂର୍ବତନ ବିଧାୟକ ରଘୁନାଥ ସାହୁ ସମ୍ମିଳନୀରେ ଅଧକ୍ଷତା କରିଥିଲେ। କଳକଳେଶ୍ୱର, ଜରିପଡ଼ା ଚଣ୍ଡେଶ୍ୱର, ମାନସିଂହପୁର, ସୋରଣ ଓ ହାଟବରଡିର ବହୁ କର୍ମୀ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଚିଲିକା ବ୍ଲକ ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ରମେଶ ଚନ୍ଦ୍ର ମହାପାତ୍ର ଓ ଚିଲିକା ବ୍ଲକର ପର୍ଯ୍ୟବେକ୍ଷକ ଅଜିତ ରାଉତ ପ୍ରମୁଖ ଯୋଗଦେଇ ଥିଲେ।

### ୩୦ରେ ଜିଲା କଂଗ୍ରେସର ବୈଠକ

ଖୋର୍ଦ୍ଧା ଅଫିସ,୨୧।୧୨:ଆସନ୍ତା ୩୦ ତାରିଖରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାମାନଙ୍କ ବୈଠକ ଜଟଣୀ ମାରୱାଡି ଧର୍ମଶାଳାଠାରେ ଅନୁଷ୍ଠିତ ହେବ। ଏଥିରେ ଆଗାମୀଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହେବ। ଅଖିଳ ଭାରତ କଂଗ୍ରେସ କମିଟି ଯୁଗ୍ମ ସମ୍ପାଦକ ଆଦିତ୍ୟ ଶର୍ମା ମୁଖ୍ୟଅତିଥି ଓ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବୋଲି ଜିଲା ସଭାପତି ସୂଚନା ଦେଇଛନ୍ତି।

### ଶିଶିର ହେଲେ କଂଗ୍ରେସର ଜିଲା ସମ୍ପାଦକ

ଖୋର୍ଦ୍ଧା ଅଫିସ,୨୧।୧୨: ଆଇନଜୀବୀ ଶିଶିର ପରିଡା ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂହ, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସ୍ୱୀକୃତିକ୍ରମେ ଏହି ନିଯୁକ୍ତି ମିଳିଥିବା ଜିଲା ସଭାପତି ସୁରେଶ କୁମାର ରାଉତରାୟ ଚିଠି ମାଧମରେ ଶିଶିରଙ୍କୁ ଅବଗତ କରାଇଛନ୍ତି।

### ଗୀତା ଜ୍ଞାନଯଜ୍ଞ

ବେଗୁନିଆ,୨୧।୧୨ (ଡି.ଏନ.ଏ.) ବେଗୁନିଆ ବ୍ଲକ ଗୋବିନ୍ଦପୁର ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ଗୀତା ଜୟନ୍ତୀ ପାଳନ ଅବସରରେ ଗୁରୁବାର ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଉତ୍ସବକୁ ସକାଳୁ ବିଧି ମୁତାବକ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଦେବଦେବୀ ଆବାହନ ଓ ଅଗ୍ନି ସ୍ଥାପନ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ପୁରୋଧା ରଞ୍ଜିତ ତ୍ରିପାଠୀ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ରାମଚନ୍ଦ୍ର ମହାପାତ୍ର କାର୍ଯ୍ୟ ତୁଲାଇଥିଲେ। ପରେ ଅପରାହ୍ନରେ ପୂର୍ଣ୍ଣାହୁତି ସମ୍ପର୍ନ୍ନ ହୋଇଥିଲା। ଏହି ଅବସରରେ ଅତିଥି ଭାବେ ସାମାଜିକ କର୍ମୀ ଶିବ ନାରାୟଣ ମିଶ୍ର, ରାଜଗୁରୁ ପବିତ୍ର ପାର୍ଥସାରଥି ଓ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ଯାଁଳା,୨୧।୧୨(ଡି.ଏନ.ଏ): ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ଓଗାଳପଡାଠାରେ ମା' ବାଟ ଭୁଆସୁଣି ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି।

## ବାର୍ଡଫ୍ଲୁ: ମରାଗଲାଣି ୧୬ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା

# ନିୟନ୍ତ୍ରଣ ହେଉନି ରୋଗ, ହତାଶ ବ୍ୟବସାୟୀ

### ପୁଣି ୪ ଗାଁର ନମୁନା ରିପୋର୍ଟ ପଜିଟିଭ୍

କୃଷ୍ଣପ୍ରସାଦ,୨୧।୧୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବାର୍ଡ଼ଫ୍ଲୁ ଚିହ୍ନଟ ପରେ କୁକୁଡ଼ାମରା ଅଭିଯାନ ଜାରି ରହିଛି। କୁକୁଡ଼ା ମାରିବା, ବିଶୋଧନ କରିବା, ନୂଆ ସ୍ଥାନ ଚିହ୍ନଟ କରିବା ପାଇଁ ନିୟୋଜିତ ହୋଇଛନ୍ତି ୧୦ ଟିମ୍ । ଏ ପର୍ଯ୍ୟନ୍ତ ୧୬ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ମରାଯିବା ପରେ ମଧ ନିୟନ୍ତ୍ରଣ ହୋଇପାରିନି ବାର୍ଡଫ୍ଲୁ। ପୂର୍ବରୁ ବ୍ଲକର ବିଭିନ୍ନ ଗ୍ରାମରୁ ନମୁନା ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା। ଏଥିମଧ୍ୟରୁ ୪ ଗାଁର ନମୁନା ପଜିଟିଭ୍ ଥିବା ଶୁକ୍ରବାର ଆସିଥିବା ଜଣାପଡ଼ିଛି। ହେଲେ ଏନେଇ ସିଡିଭିଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ। ବ୍ୟବସାୟୀମାନେ ହତାଶ ହୋଇପଡ଼ିଛନ୍ତି। ୧୦ ଦିନ ହେବ ଫାଷ୍ଟ ଫୁଡ୍ ଦୋକାନ ପ୍ରାୟ ବନ୍ଦ ରହିଛି। ତେଣୁ ସେମାନେ କିପରି ପରିବାର ଚଳାଇବେ ମୁଣ୍ଡରେ ହାତ ଦେଇବସିଛନ୍ତି । ମାଲୁଦ ମୁସଲିମ୍ ବସ୍ତିର ସେକ୍‌ଗୁନା, ସେକ୍‌ଜାକିର କହନ୍ତି ବାର୍ଡଫ୍ଲୁ ପରେ ଆମ ଅଞ୍ଚଳରେ ଆଉ କୁକୁଡ଼ା ମିଳୁନାହିଁ । ଅନ୍ୟ ଜିଲାରୁ ଏଠାକୁ କୁକୁଡ଼ା ଅଣାଯାଇପାରୁନି। ଫାଷ୍ଟ ଫୁଡ୍ ବ୍ୟବସାୟୀ ବାବୁଲି ମହାନ୍ତି କହନ୍ତି, କୁକୁଡାମାଂସ, ଅଣ୍ଡାବନ୍ଦ ପରେ ଆଉ ବ୍ୟବସାୟ ଚାଲୁନାହିଁ। ବିନା ଅଣ୍ଡା, ଚିକେନ ମାଂସରେ ଚାଉମିନ୍‌ର ଚାହିଦା ହେଉନାହିଁ । କୃଷ୍ଣପ୍ରସାଦ ବ୍ଲକରେ ପ୍ରତିଦିନ କାଉ ଓ କୁକୁଡ଼ା ମରୁଛନ୍ତି, ନିୟନ୍ତ୍ରଣ ନ ହେବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ମାଲୁଦରେ ଏନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଦିଲ୍ଲୀରୁ ଆସିଥିବା ୨ ଜଣିଆ ଟିମ୍, ପ୍ରୋଗ୍ରାମ ମ୍ୟାନେଜର ସୁନୀଲ ସାମନ୍ତସିଂହାର, ସ୍ୱାସ୍ଥ୍ୟ ପରିଦର୍ଶକ ଖାଡେଶ୍ୱର ମାଝି, ଡାକ୍ତର ଶ୍ରୀମତୀ ମହାପାତ୍ର ଏହି ରୋଗର ଲକ୍ଷଣ ଆଦି ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ତେବେ ଗଣମାଧମକୁ ଏନେଇ ସୂଚନା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ବାର୍ଡଫ୍ଲୁ ସଂକ୍ରମିତ ଅଞ୍ଚଳଠାରୁ ୧ କିମି ଦୂରରେ ଥିବା କୁକୁଡାମାନଙ୍କୁ ମରାଯିବା ନିୟମ ରହିଛି। ତେବେ ବ୍ରାହ୍ମଣଦେଓ, ରାମଲଙ୍କା ଗାଁଠାରୁ ୫୦ ମିଟର ଦୂରରେ ଥିବା କୁକୁଡା ଫାର୍ମରେ ହଜାର ହଜାର କୁକୁଡାଙ୍କୁ ବିଭାଗ ତରଫରୁ ମରାଯାଉ ନ ଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏ ବିଷୟରେ କେତେଜଣ ସରକାରୀ ଅଧିକାରୀ ନିଜ ନାମ ପ୍ରକାଶ ନ କରି କହିଛନ୍ତି, ୩ରୁ ୪ ଦିନ ମଧରେ କୁକୁଡ଼ାମାନଙ୍କୁ ମରାଯିବ।



ବୃତ୍ତି ବାବଦ ମିଳୁଥିବା ଅର୍ଥରାଶି ବୃଦ୍ଧି ଦାବିରେ ନାଇଜର ସମ୍ମୁଖରେ ସ୍କଲାରଙ୍କ ଆନ୍ଦୋଳନ।

## ନାଇଜର ରିସର୍ଚ୍ଚ ସ୍କଲାରଙ୍କ ଆନ୍ଦୋଳନ

ଜଟଣୀ,୨୧।୧୨(ଡି.ଏନ.ଏ):

ବୃତ୍ତି ବାବଦ ମିଳୁଥିବା ଅର୍ଥରାଶି ବୃଦ୍ଧି ଦାବିରେ ଜଟଣୀସ୍ଥ ନାଇଜରରେ ଗବେଷଣାରତ ବିଦ୍ୟାର୍ଥୀମାନେ ଶୁକ୍ରବାର ପ୍ରତିବାଦ କରିଥିଲେ। ସମସ୍ତ ଗବେଷଣା କାର୍ଯ୍ୟ ବନ୍ଦ କରି ପ୍ଲାକାର୍ଡ଼ ଧରି ଶିକ୍ଷାନୁଷ୍ଠାନ ସମ୍ମୁଖରେ ଧାରଣା ଦେଇଥିଲେ। ଏଠାରେ ଗବେଷଣାରତ ୨୫୦ରୁ ଅଧିକ ରିସର୍ଚ୍ଚ ସ୍କଲାର ଏଥିରେ ସାମିଲ ହୋଇଥିଲେ। ବିଭିନ୍ନ ପର୍ଯ୍ୟାୟରେ ଏହି ଛାତ୍ର ବୃତ୍ତି ବୃଦ୍ଧି ହୋଇଥିବା ବେଳେ ୨୦୧୪ ପରଠାରୁ ଏହା ଉପରେ ପୁନର୍ବିଚାର କରାଯାଇନାହିଁ। ଏହା ମଧରେ ଟିଉସନ୍ ଫିସ୍‌ଠାରୁ ଆରମ୍ଭ କରି ମେସ୍ ଓ ଅନ୍ୟ ଖର୍ଚ୍ଚ ବୃଦ୍ଧି ପାଇଥିବାରୁ ଗବେଷଣା କରୁଥିବା ବିଦ୍ୟାର୍ଥୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ସମାଧାନ ଦାବିରେ ନାଇଜର ସହ ଜାତୀୟ ସ୍ତରର ଅନ୍ୟ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀମାନେ ପୂର୍ବରୁ ଏ ନେଇ ପ୍ରତିବାଦ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷଙ୍କଠାରୁ ପ୍ରତିଶ୍ରୁତି ମଧ ମିଳିଛି। ହେଲେ ଏଯାବତ୍ ସେମାନଙ୍କ ଦାବି ପୂରଣ ହୋଇନାହିଁ ବୋଲି ଆନ୍ଦୋଳନରତ ନାଇଜରର ରିସର୍ଚ୍ଚ ସ୍କଲାରଙ୍କ ମଧ୍ୟରୁ ସେକ୍ ସମସେର ଓ ଦୁଷ୍ମନ୍ତ କର କହିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏପରି ପର୍ଯ୍ୟାୟକ୍ରମେ ପ୍ରତିବାଦ ଜାରି ରହିବ ବୋଲି ସେମାନେ କହିଥିଲେ।

## ଖୋର୍ଦ୍ଧାରେ ପ୍ରସ୍ତାବିତ ସଭା ପଡ଼ିଆରେ ଭୂମିପୂଜା

# ବାରମ୍ବାର ଓଡ଼ିଶା ଗସ୍ତରେ ଆସିବେ ମୋଦି

ଖୋର୍ଦ୍ଧା ଅଫିସ,୨୧।୧୨:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ପ୍ରସ୍ତାବିତ ପ୍ରକଳ୍ପର ଶୁଭ ଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତଦିନ ଅପରାହ୍ନ ୨ଟାରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦସ୍ଥିତ ଗୋଶାଳା ପଡ଼ିଆରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଏହାକୁ ଆଖି ଆଗରେ ରଖି ରାଜ୍ୟ ଓ ଜିଲା ଭାଜପା କାର୍ଯ୍ୟକର୍ତ୍ତାମାନେ ପ୍ରସ୍ତାବିତ ସଭା ପଡ଼ିଆରେ ଶୁକ୍ରବାର ହୋମ କରି ଭୂମି ପୂଜା କରିଛନ୍ତି। ଏଥିରେ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କର୍ତ୍ତା ଭାବେ ଯୋଗଦେଇଥିଲେ। ରାଜ୍ୟ ସଭାପତି ଗଣମାଧମକୁ କହିଥିଲେ, ୨୦୧୯ ନିର୍ବାଚନ ବର୍ଷ ରହିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ଆଗମନ କରିବାର ରହିଛି। ସେହିପରି ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ, ଗୃହମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ପ୍ରମୁଖ କେନ୍ଦ୍ରୀୟ ନେତା ଓଡ଼ିଶାକୁ ବାରମ୍ବାର ଅନୁରୂପ ଆଗମନର ପ୍ରସ୍ତାବ ଅଛି। ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ଅନୁଦାନ ଠିକ୍ ଭାବେ ଆସି ପହଞ୍ଚୁଛି। ଆଗାମୀଦିନରେ ଓଡ଼ିଶାକୁ ବିକାଶ ଶୀଳ ରାଜ୍ୟ କରିବାରେ ଭାଜପା ବଦ୍ଧ ପରିକର। ମୋଦି ଓଡ଼ିଶା ଗସ୍ତରେ ଆସୁଥିବାରୁ ଓଡ଼ିଶାବାସୀ, ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ମଧରେ ଉତ୍ସାହ ଦେଖାଦେଇଛି। ତେବେ ସଭାରେ ମିଶ୍ରଣ ପର୍ବ ହେବାର ସମ୍ଭାବନା ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ପଣ୍ଡା ଗଣମାଧମକୁ କହିଛନ୍ତି। ଅନ୍ୟମାନଙ୍କ ମଧରେ ରାଜ୍ୟ ମୁଖପାତ୍ର ଗୋଲଖ ମହାପାତ୍ର, ମୁଖପାତ୍ର ସମୀର ମହାନ୍ତି, ଭୃଗୁ ବକ୍ସିପାତ୍ର, ସୁଦୀପ୍ତ ରାୟ, ପ୍ରଭାରୀ ମାନସ ସାମଲ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜିତୁ ମିତ୍ର, ଅପରାଜିତା ଷଡଙ୍ଗୀ, ଜିଲା ସଭାପତି ସୁବାସ ଜେନା, ସୁଜିତ କୁମାର ଦାସ, ରଶ୍ମି ମହାପାତ୍ର, ବିଭୁପ୍ରସାଦ ସାହୁଙ୍କ ସମେତ ବହୁ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ନେତୃମଣ୍ଡଳୀ ଭୂମିପୂଜା ଉତ୍ସବରେ ଯୋଗ ଦେଇଥିଲେ।


ମୋଦିଙ୍କ ଗସ୍ତ ପୂର୍ବରୁ ଖୋର୍ଦ୍ଧାରେ ସଭା ମଞ୍ଚ ଲାଗି ଭାଜପା ପକ୍ଷରୁ ଭୂମିପୂଜା କରାଯାଉଛି।

## ଦୁର୍ଘଟଣାରେ ଆହତ ଇନ୍ସପେକ୍ଟରଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୧।୧୨:

ଅନୁଗୋଳର ଟିକରପଡାରେ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଠାରଙ୍ଗ ସବଇନ୍ସପେକ୍ଟର ଅରୁଣ କୁମାର ବେହେରା (୩୦)ଙ୍କ ଗୁରୁବାର ମୃତ୍ୟୁ ହୋଇଯାଇଛି। ଶୁକ୍ରବାର ପୁରୀରେ ମୃତଦେହ ସଂସ୍କାର କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଅନୁଗୋଳରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅରୁଣ କୁମାର ବେହେରା ସବ ଇନ୍ସପେକ୍ଟର ଭାବେ କାମ କରୁଥିଲେ। ଗତ ୯ ତାରିଖରେ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଟିକରପଡାଠାରେ ଟାଟା ଏସିଇ ଭ୍ୟାନ ସହ ଧକ୍କା ହୋଇଥିଲା। ଏଥିରେ ଅରୁଣ ଆହତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତଦେହକୁ ଆଇଗିଣିଆ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରେ ଆଡିସନାଲ ଡିଜି ଅରୁଣ ଷଡଙ୍ଗୀ ଓ ସହକାରୀ ସହକର୍ମୀ ଫଲତୋଡା ଦେଇ ସମ୍ମାନିତ କରିଥିଲେ। ପରେ ମୃତଦେହକୁ କଟକ ଓ ଅନୁଗୋଳ ପୋଲିସ ସହାୟତାରେ ଘରକୁ ଅଣାଯାଇଥିଲା। ଜନ୍ମଭୂମି ଅଠାରଙ୍ଗରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ମହିଳା ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଖୋର୍ଦ୍ଧା ଅଫିସ,୨୧।୧୨:

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୩୮ତମ ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଓଡ଼ିଶା ପରିବେଶ ସମିତିର ସମ୍ପାଦକ ଜୟକୃଷ୍ଣ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଓଡ଼ିଆ ଅଧାପକ ସତ୍ୟ ଷଡଙ୍ଗୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟରେ ୨୫ ବର୍ଷ ଚାକିରି କରିଥିବା ୨୨ ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟପକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସମ୍ବଲପୁରୀ ନୃତ୍ୟରେ ମଞ୍ଚ ଦୁଲୁକିଲା

### ଖୋର୍ଦ୍ଧା ମହୋତ୍ସବର ୭ମ ସନ୍ଧ୍ୟା

ଖୋର୍ଦ୍ଧା ଅଫିସ,୨୧।୧୨ :

ସପ୍ତମ ଦିନରେ ପହଞ୍ଚିଛି ଖୋର୍ଦ୍ଧା ମହୋତ୍ସବ। ଶୁକ୍ରବାରର ଶୀତୁଆ ସନ୍ଧ୍ୟାରେ ମହୋତ୍ସବ ମୁକ୍ତାକାଶ ମଞ୍ଚରେ ଦେଖିବାକୁ ମିଳିଥିଲା ସମ୍ବଲପୁରୀ ନୃତ୍ୟ। ସାଂସ୍କୃତିକ ଅନୁଷ୍ଠାନ ବରଗଡ ପକ୍ଷରୁ ଏହି ନୃତ୍ୟ ପରିବେଷିତ ହୋଇଥିଲା। ଡିଭାଇନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ରାଜସ୍ଥାନୀ, ନୃତ୍ୟାୟନ ପକ୍ଷରୁ ଲୋକନୃତ୍ୟ, ରଘୁନାଥ ନୃତ୍ୟାୟନ ଓଡଗାଁ ପକ୍ଷରୁ ଓଡିଶୀ ପରିବେଷଣ ହୋଇଥିଲା। ଖୋର୍ଦ୍ଧା ମାଲଖମ୍ଭ ଅନୁଷ୍ଠାନ ପକ୍ଷରୁ ମାଲଖମ୍ଭ ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷେ ଗୌରୀ ଡ୍ୟାନ୍ସ ଏକାଡେମୀ ଖୋର୍ଦ୍ଧା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

## ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ

# 'ଏକାଗ୍ରତା ହିଁ ସଫଳତାର ଚାବିକାଠି'

ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୨ (ଡି.ଏନ.ଏ.)–

ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ଖୋର୍ଦ୍ଧା ଜିଲା ଶାଖା ତରଫରୁ ଆୟୋଜିତ ୩୭ତମ ଶିଶୁ ଉତ୍ସବ ଟାଙ୍ଗୀ ବାଳିକା ହାଇସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାର ୧୦ ବ୍ଲକରେ ଶିଶୁ ଉତ୍ସବରେ ୧ମ ହୋଇଥିବା କୃତୀ ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଂଘ ସଭାପତି ଉପେନ୍ଦ୍ର କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ସଂଘର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ରଞ୍ଜନ କୁମାର ଦାସ, ସହ ସମ୍ପାଦକ ମଧୁସୂଦନ ଦେ, ଜିଲା କାର୍ଯ୍ୟକାରୀ ସଭାପତି ସୁଧାକର ମହାପାତ୍ର, ଓଷ୍ଟା କାର୍ଯ୍ୟକାରୀ ସଦସ୍ୟ ଶିଶିର କୁମାର ଦାସ, ଖୋର୍ଦ୍ଧା ବିଜେବି ହାଇସ୍କୁଲ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପରମଗୁରୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ 'ଏକାଗ୍ରତା ହିଁ ସଫଳତାର ଚାବିକାଠି' ବୋଲି ଦର୍ଶାଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷଚନ୍ଦ୍ର କର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଧାୟକ, ସଂଘର ସମ୍ପାଦକ ଓ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଓଷ୍ଟା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ବାଳିକା ଉଚ୍ଚବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ଖୋର୍ଦ୍ଧା ଅଫିସ,୨୧।୧୨:

କଟକ ଜିଲା ବାଙ୍କୀ ବ୍ଲକ ଜଗନ୍ନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଇଁଫୁଲିଆ ମଠର ମହନ୍ତ ପ୍ରାଣକୃଷ୍ଣ ଦାସମହାରାଜ ଯୋଗଦେଇ ରୌପ୍ୟ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବନଲତା ସାହୁ, ସଜିତା ଦାସ, ସସ୍ମିତା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟଅତିଥି, ଶରତ କୁମାର ବିଶ୍ୱାଳ ମୁଖ୍ୟବକ୍ତା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢୀ, ଆନ୍ଧ୍ରବ୍ୟାଙ୍କ ମହାପ୍ରବନ୍ଧକ ପ୍ରଭାତ ଚନ୍ଦ୍ର ସାହୁ, ନନ୍ଦନକାନନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ନାଚୁଣୀରେ କଳା ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୨୧।୧୨:

ନାଚୁଣୀ ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ସତ୍ୟଭାମା ମହେଶ୍ୱର କ୍ରୀଡା ଓ କଳା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୁବ ସଙ୍ଗଠକ ଶାରଦା ପ୍ରସନ୍ନ ସ୍ୱାଇଁ, କୃଷକ ନେତା ପ୍ରଭାସ ସାମନ୍ତରାୟ, ସୁବ୍ରତ ହାବଡାସିଂହ ଅତିଥି ରୂପେ ଯୋଗଦେଇଥିଲେ। ସଂଯୋଜନା ନାଟ୍ୟ ନିର୍ଦ୍ଦେଶକ ଭିକାରୀ ଚରଣ ପ୍ରଧାନ କରିଥିବାବେଳେ ଅନୁଷ୍ଠାନର ଅଧକ୍ଷ ରମା ବଲ୍ଲଭ ଦାଶ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ମହାବୀର ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରିଥିଲା। ଏହାକୁ ପରିଚାଳନା କରିଥିଲେ ସତ୍ୟଭାମା ମହେଶ୍ୱର କ୍ରୀଡା ଓ କଳା ମହୋତ୍ସବ କମିଟିର ସମ୍ପାଦକ ଦୁନିଆଁ ଦାଶ।


ମହୋତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଟାଙ୍ଗୀଠାରେ କୃଷକ ସମ୍ପର୍କ ମେଳା

ଟାଙ୍ଗୀ(ଖୋର୍ଦ୍ଧା),୨୧।୧୨(ଡି.ଏନ.ଏ.)

ଟାଙ୍ଗୀ ଜିଲା କୃଷି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଆତ୍ମାର ସଭାପତି ରଘୁନାଥ ସାହୁଙ୍କ ଅଧକ୍ଷତା କରିଥିଲେ। କୃଷି ଅଧିକାରୀମାନେ ବିଭିନ୍ନ କୃଷି, ପଶୁପାଳନ, ମତ୍ସ୍ୟଚାଷ, ମାଟି ପରୀକ୍ଷା ଓ ରୋଗପୋକ ଦମନ ସମ୍ପର୍କରେ କୃଷକଙ୍କୁ ପ୍ରଶିକ୍ଷଣ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ବାରିକ, କୃଷି ଅଧିକାରୀ ବିଜୟ କୁମାର ମହାନ୍ତି, ସହକାରୀ କୃଷି ଅଧିକାରୀ ନିକୁଞ୍ଜ କୁମାର ରାଉତ, ଜିଲା ପରିଷଦ ସଭ୍ୟା ରୀସ୍ମା ମାନଧାତା ପ୍ରମୁଖ ଯୋଗଦେଇ ଥିଲେ।

# କେରଙ୍ଗରେ ଦ୍ୱିତୀୟ ଜାମା ମସ୍‌ଜିଦ ପ୍ରତିଷ୍ଠା

ଖୋର୍ଦ୍ଧା ଅଫିସ,୨୧।୧୨:

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦୀୟା ମୁସଲିମ ବସ୍ତିର ମହମୁଦାବାଦ ମହଲ୍ଲାରେ ଦ୍ୱିତୀୟ ଜାମା ମସଜିଦ ଶୁକ୍ରବାର ପ୍ରତିଷ୍ଠା ହୋଇଛି। ଏଥିରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲା ଇନ୍‌ଚାର୍ଜ ମୌଲାନା ଫଜଲ ହକ ଖାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ପ୍ରଥମ ଥର ପାଇଁ ମହମୁଦାବାଦ ମସ୍‌ଜିଦରେ ଜୁମା ନମାଜ ପାଠ କରାଇଥିଲେ। ଗ୍ରାମରେ ଅହମ୍ମଦୀୟା ମୁସଲିମ ବାସିନ୍ଦାଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବ ଜାମା ମସ୍‌ଜିଦ ଦୂର ହେବାରୁ ଜୁମା ନମାଜ ପାଠରେ ଅସୁବିଧାକୁ ଏଡାଇବାକୁ ନୂଆ ମସଜିଦ ସ୍ଥାପନ କରାଗଲା ବୋଲି କୁହାଯାଇଛି। ପ୍ରକାଶଥାଉ କି ଇସଲାମୀୟ ଧର୍ମ ବିଶ୍ୱାସ ଯେ ପବିତ୍ର ଜୁମା ଦିବସ ହେଲା ପ୍ରତ୍ୟେକ ଦିନର ସର୍ଦ୍ଦାର। ଏଣୁ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଜୁମା ଦିବସକୁ ମଧ ଇଦ୍ ପର୍ବଭଳି ପାଳିଥାନ୍ତି। ସ୍ନାନ କରି ବସ୍ତ୍ର ପରିଧାନ କରି, ନମାଜ ପାଠ ପାଇଁ ମସ୍‌ଜିଦ ଯାଇଥାନ୍ତି। ଜୁମା ସମୟ ମଧରେ ଏପରି ଏକ ମୁହୂର୍ତ୍ତ ଆସିଥାଏ, ଯେଉଁ ସମୟରେ କି ଅଲ୍ଲା ସବୁ ପ୍ରାର୍ଥନା ଶୁଣନ୍ତି । ଏଥିରେ କେରଙ୍ଗ ଅହମ୍ମଦୀୟା ମୁସଲିମ ସଙ୍ଗଠନର ସଭାପତି ସୈଫୁର ରହମାନ, ମହମୁଦାବାଦ ମହଲ୍ଲାର ସଭାପତି ସେକ ଓଲିମୁଦ୍ଦିନ, ମହିମୁଦାବାଦ ଯୁବ ସଙ୍ଗଠନର ସଭାପତି ସୈଫୁର ଅହମ୍ମଦ, ଉପସଭାପତି ନଜିର ଖାଁ, ଜଇମ ଆଲା ଅନସାରୁଲ୍ଲା ଇଦ୍ରିସ ଖାଁ ପ୍ରମୁଖ ଯୋଗ ଦେଇଥିଲେ।


ଦ୍ୱିତୀୟ ଜାମା ମସ୍‌ଜିଦ୍ ପ୍ରତିଷ୍ଠା ଅବସରରେ ଉପସ୍ଥିତ ମୁସଲିମ୍ ଭାଇମାନେ।

# ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ନାମ ପରିବର୍ତ୍ତନ ଦାବି

### ରେଲୱେ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି

### ୟୁଥ ଫେଡେରେଶନ୍‌ର ଡିଆର୍‌ଏମ୍‌ଙ୍କୁ ସାକ୍ଷାତ

ଜଟଣୀ,୨୧।୧୨(ଡି.ଏନ.ଏ.):

ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ଜଟଣୀ କରାଯାଉ। ଏପରି ଦାବି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦୀର୍ଘଦିନ ହେବ ହୋଇଆସୁଛି। ଏଠାରେ ଥିବା ୟୁଥ୍ ଫେଡେରେଶନ ପକ୍ଷରୁ ଏ ନେଇ ଅନେକ ଥର ଉଭୟ ରାଜ୍ୟ ଓ ରେଲୱେ କର୍ତ୍ତୃପକ୍ଷଙ୍କୁ ପତ୍ର ମାଧମରେ ଅନୁରୋଧ କରାଯାଇଛି। ରେଳ ଷ୍ଟେଶନ ନାମ ପରିବର୍ତ୍ତନ ପାଇଁ ଏମ୍‌ପି ପ୍ରସନ୍ନ ପାଟଶାଣୀ ରେଲୱେ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଏହାର ଅବିକଳ ନକଲ ଇଷ୍ଟକୋଷ୍ଟ ରେଲୱେର ଜିଏମ୍ ଓ ଡିଆରଏମ୍‌ଙ୍କୁ ଦେଇଛନ୍ତି। ଫେଡେରେଶନର ସଭାପତି ପ୍ରଶାନ୍ତ ପାଇକରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ ରେଳ ଡିଭିଜନର ମୁଖ୍ୟଦପ୍ତରରେ ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲଙ୍କୁ ସାକ୍ଷାତ କରି ଏମ୍‌ପିଙ୍କ ଲିଖିତ ପତ୍ରକୁ ଶୁକ୍ରବାର ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ଅନନ୍ତ ଶତପଥୀ, ଆଇନଜୀବୀ ଅରୁଣ ସାହୁ, ଦୀପକ ମହାକୁଡ଼, ରବି ମହାକୁଡ଼, ସୁଶାନ୍ତ ରାଉତ, ସର୍ବେଶ୍ୱର ଶ୍ରୀଚନ୍ଦନ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ, ସ୍ୱାଧୀନତା ପୂର୍ବରୁ ଏହି ଷ୍ଟେଶନର ନାମ ଖୋର୍ଦ୍ଧାରୋଡ ରହିଆସିଛି। ସ୍ଥାନୀୟ ଅଞ୍ଚଳ ନାମ ଜଟଣୀ ହୋଇଥିବା ବେଳେ ଷ୍ଟେଶନର ନାମ ଖୋର୍ଦ୍ଧାରୋଡ ରହିବା ଯୋଗୁ ଅନେକ ସମୟରେ ଯାତ୍ରୀ ଅସୁବିଧାରେ ପଡୁଛନ୍ତି। ଇତିମଧରେ ଖୋର୍ଦ୍ଧା ଟାଉନ୍ ନାମରେ ନୂତନ ଷ୍ଟେଶନ ହୋଇ ନୟାଗଡ଼ ପର୍ଯ୍ୟନ୍ତ ରେଳ ଚଳାଚଳ ହେଉଛି। ଖୋର୍ଦ୍ଧାରୋଡ ଓ ଖୋର୍ଦ୍ଧା ଟାଉନ ନାମରେ ଦୁଇଟି ଷ୍ଟେଶନର ନାମ ରହିବା ଦ୍ୱାରା ବିଶେଷ କରି ବାହାର ଯାତ୍ରୀ ଦ୍ୱନ୍ଦ୍ୱରେ ପଡୁଛନ୍ତି। ସ୍ୱାଧୀନତା ପୂର୍ବରୁ ଖଡଗପୁରରୁ ମାଡ୍ରାସ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ହେବା ପରିପ୍ରେକ୍ଷୀରେ ଇଂରେଜମାନେ ଏଠାରେ ଏହି ରେଳ ଷ୍ଟେଶନ କରିଥିଲେ। ସେମାନଙ୍କ ପାଇଁ ଦରକାର ହେଉଥିବା କେତେକ କାର୍ଯ୍ୟାଳୟ ଖୋର୍ଦ୍ଧାରେ ରହିଥିବାରୁ ଜଟଣୀ ବାଟ ଦେଇ ସେଠାକୁ ସେମାନେ ଯାତାୟାତ କରୁଥିଲେ। ଏଣୁ ଏହି ଷ୍ଟେଶନର ନାମ ସେତେବେଳେ ଖୋର୍ଦ୍ଧାରୋଡ ରଖିଥିଲେ। ପରବର୍ତ୍ତୀ ଅବସ୍ଥାରେ ଷ୍ଟେଶନର ନାମକରଣକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।


ଡିଆର୍‌ଏମ୍‌ଙ୍କୁ ୟୁଥ୍ ଫେଡେରେଶନ ପକ୍ଷରୁ ଦାବିପତ୍ର ଦିଆଯାଉଛି।



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବୃଦ୍ଧାଙ୍କୁ ମାଡ଼ମାରି ଜଣେ ଗିରଫ

କଣାସ, ୨୧।୧୨(ଡି.ଏନ୍.ଏ.)-ଡେଲାଙ୍ଗ ଥାନା ଅନ୍ତର୍ଗତ ଷଡାଙ୍ଗୋଇ ଉତ୍ତରବାଡ ଗ୍ରାମର ରାଣୀ ନାୟକ (୭୧)ଙ୍କୁ ମାଡ ମାରିବା ଅଭିଯୋଗରେ ଡେଲାଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସେହି ଗ୍ରାମର ମାଗୁଣି ନାୟକ(୫୦)। ଷଡାଙ୍ଗୋଇ ଗ୍ରାମର ବୃଦ୍ଧା ରାଣୀ ନାୟକ ଶୁଖିଲା ଜାଳେଣି କାଠ ସଂଗ୍ରହ କରି ରଖିଥିବା ବେଳେ ସେହି ଜାଳକୁ କେହି ବ୍ୟକ୍ତି ନେଇଯାଇଥିବାରୁ ରାଣୀ ଗ୍ରାମରେ ଗାଳି କରିଥିଲେ। ଏହାକୁ ନେଇ ମାଗୁଣି କାହିଁକି ଗାଳି କରୁଛୁ ବୋଲି କହି ବୃଦ୍ଧାଙ୍କୁ ଗାଳି ଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ ରାଣୀ ଡେଲାଙ୍ଗ ଥାନାରେ ଗତ ୧୮ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୋଲିସ ନଂ ୨୯୫/୧୮ ମାମଲା ରୁଜୁ କରି ମାଗୁଣିଙ୍କୁ ଶୁକ୍ରବାର ପୂର୍ବାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି।

### ନାବାଳିକାଙ୍କୁ ଅପହରଣ କରି ଜଣେ ଗିରଫ

କଣାସ, ୨୧।୧୨(ଡି.ଏନ୍.ଏ.):ଡେଲାଙ୍ଗ ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଡେଲାଙ୍ଗ ପୋଲିସ ସୁଶାନ୍ତ ଦଳେଇ(୨୧)ନାମକ ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ଗିରଫ କରିଛି। ମିଳିଥିବା ସୂଚନା ପ୍ରକାରେ, ଗତ ମାର୍ଚ୍ଚ ୧୪ତାରିଖରେ ନାବାଳିକାଙ୍କୁ ସୁଶାନ୍ତ ଅପହରଣ କରିଥିବା ନେଇ ଡେଲାଙ୍ଗ ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ସୁଶାନ୍ତଙ୍କୁ ଖୋଜୁଥିଲା। ତେବେ ଶୁକ୍ରବାର ଜଟଣୀଠାରେ ସୁଶାନ୍ତ ନାବାଳିକାଙ୍କୁ ନେଇ ରହୁଥିବାର ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ପୁରୀ ସଦର ହସ୍ପିଟାଲରେ ଉଭୟଙ୍କୁ ଡାକ୍ତରୀମାଇନା କରାଯିବା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ନଂ ୫୬/୧୮ରେ ଏକ ମାମଲା ରୁଜୁ କରି ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ସଡ଼କ ଦୁର୍ଘଟଣାରେ ମହିଳା ଗୁରୁତର

ବ୍ରହ୍ମଗିରି, ୨୧।୧୨(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଯଦୁପୁର ଛକ ନିକଟରେ ଶୁକ୍ରବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବୁଦ୍ଧିବର ଗ୍ରାମର ମାଗୁଣି ଚରଣ ରଥ ଓ ତାଙ୍କ ସ୍ତ୍ରୀ ସଞ୍ଜୁଶ୍ରୀ ମୁଦ୍ରା ଏକ ବାଇକ (ଓଆର-୧୩ଡି-୮୩୪୨) ଯୋଗେ ପୁରୀ ଅଭିମୁଖେ ଯାଉଥିବା ସମୟରେ ହଠାତ୍ ଯଦୁପୁର ଛକ ନିକଟରେ ଥିବା ଏକ ହମ୍ପସରେ ଭାରସାମ୍ୟ ହରାଇ ମଞ୍ଜୁଶ୍ରୀ ବାଇକରୁ ଖସିପଡି ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ବ୍ରହ୍ମଗିରିରେ ମାତିଲେ ପକ୍ଷୀ ଶିକାରୀ

ବ୍ରହ୍ମଗିରି, ୨୧।୧୨(ଡି.ଏନ୍.ଏ.)- ବ୍ରହ୍ମଗିରି ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ବିଦେଶାଗତ ପକ୍ଷୀଙ୍କୁ ଶିକାରୀମାନେ ବିଷ, ଫାଶ ମାଧ୍ୟମରେ ଅବାଧରେ ଶିକାର କରିଚାଲିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚିଲିକା ତଟବର୍ତ୍ତୀ ଗ୍ରାମାଞ୍ଚଳ ତଥା ବିଭିନ୍ନ ଜଳାଶୟରେ ବର୍ତ୍ତମାନ ଖାଦ୍ୟ ଅନ୍ୱେଷଣରେ ଏହି ବିଦେଶାଗତ ପକ୍ଷୀମାନେ ଆସୁଥିବା ସମୟରେ ପକ୍ଷୀ ଶିକାରୀମାନେ କଇଁ ନାଡ ଓ ବେଣ୍ଟରେ ବିଭିନ୍ନ କୀଟନାଶକ ପକାଇ ଚତୁରତାର ସହ ଏହି ପକ୍ଷୀମାନଙ୍କ ଅବାଧ ଶିକାର କରିବାରେ ଲାଗିଛନ୍ତି। ଏ ନେଇ ବ୍ରହ୍ମଗିରି ବନ ବିଭାଗ ଅଧିକାରୀ ରଜତ ମହାପାତ୍ର କୁହନ୍ତି, ଆମେ ପକ୍ଷୀ ସୁରକ୍ଷା ସ୍କ୍ୱାଡ ଗଠନ କରି ପାଟ୍ରୋଲିଂ କରୁଛୁ। ଏହା ସହ ସ୍ଥାନୀୟ ଲୋକଙ୍କୁ ପକ୍ଷୀ ଶିକାର ନ କରିବା ପାଇଁ ସଚେତନ କରୁଛୁ।

### ଭାଜପା ଚନ୍ଦନପୁର ମଣ୍ଡଳର ବୈଠକ

ପୁରୀ ଅଫିସ, ୨୧।୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଖୋର୍ଦ୍ଧା ଗସ୍ତ ବେଳେ ଚନ୍ଦନପୁର ମଣ୍ଡଳରୁ ଦଳୀୟ କର୍ମୀଙ୍କ ଯୋଗଦାନ ନିମନ୍ତେ ଶୁକ୍ରବାର କୁଳପାଇ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବୁଥ୍‌ରୁ ଯେପରି କାର୍ଯ୍ୟକର୍ତ୍ତା ପ୍ରଧାନମନ୍ତ୍ରୀଙ୍କ ସଭାରେ ଯୋଗଦେବେ ସେନେଇ ଆଲୋଚନା କରାଯାଇଥିଲା।

# ପୁରୀ ଜିଲାରେ ଧାନକିଣା ଆରମ୍ଭ

- ଖୋଲିଲା ୧୪୪ମଣ୍ଡି
- ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ ଟଙ୍କା

ସାକ୍ଷୀଗୋପାଳ, ୨୧।୧୨(ଡି.ଏନ୍.ଏ.)



ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଧାନକିଣାର ଶୁଭାରମ୍ଭ କରୁଛନ୍ତି।

ଚଳିତ ଖରିଫ ଋତୁରେ ପୁରୀଜିଲାର ମାଳତିପାଟପୁର ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଶୁକ୍ରବାର ସରକାର ଧାନ କିଣିବା ଆରମ୍ଭ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ନଡ଼ିଆ ବାଡେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଲଗାତର ପ୍ରାକୃତିକ ବିପର୍ଯ୍ୟୟ କୃଷକମାନଙ୍କ ଉପରେ ଦାଉସାଧୁଛି। ଦିନକୁ ଦିନ କ୍ଷତି ଅସହ୍ୟ ହେଉଥିବା ବେଳେ ଯୁବ ପିଢ଼ି ଚାଷବାସରୁ ମୁହଁ ଫେରାଇ ନେଉଛନ୍ତି ବୋଲି ସେ କହିଥିଲେ। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ପକ୍ଷରୁ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ପୁରୀ ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ସଭାପତି ଭବତାରଣ ସାହୁ ଯୋଗଦେଇ ଧାନ ବିକ୍ରିଠାରୁ ଜାତୀୟ କୃଷି ବଜାର ସୁବିଧା ଯୋଗାଇ ଦେଇ ନିୟନ୍ତ୍ରିତ ବଜାର କମିଟି ସମବାୟ ଓ ଚାଷୀମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିଛି ବୋଲି କହିଥିଲେ। ପୁରୀଜିଲାରେ ୧୪୪ଟି ମଣ୍ଡି ଖୋଲାଯାଇଛି। ଧାନ ବିକ୍ରି ବ୍ୟବସ୍ଥାର ସରଳୀକରଣ ନିମନ୍ତେ ପୁରୀଜିଲା ପ୍ରଶାସନ ପକ୍ଷରୁ କଣ୍ଟ୍ରୋଲରୁମ ଖୋଲାଯାଇଛି ବୋଲି ସ୍ୱାଗତ ଭାଷଣ ଦେଇ ଜିଲା ଯୋଗାଣ ଅଧିକାରୀ ନିଶିକାନ୍ତ ଦେଓ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ସମବାୟ ଉପନିବନ୍ଧକ ରୋଜାଲିନ ସେନାପତି, ପୁରୀ ନିମାପଡା ସମ୍ମିଳିତ କେନ୍ଦ୍ର ବ୍ୟାଙ୍କ ସଭାପତି ସତ୍ୟବାଦୀ ମହାପାତ୍ର, ଉପସଭାପତି ବନିତା ସେନାପତି, ସମ୍ପାଦକ ବିଭୁ ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଧାନ ବିକ୍ରି ନିମନ୍ତେ ଚାଷୀମାନେ ପଞ୍ଜୀକରଣ ସୁବିଧା ରହିଛି ଏବଂ ଧାନର ମୂଲ୍ୟ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ ବୋଲି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳକୁମାର ଆଚାର୍ଯ୍ୟ ସୂଚନା ଦେଇଥିଲେ। ସେହିପରି ସମବାୟ ବ୍ୟାଙ୍କ ସୁପର ଭାଇଜର ପ୍ରଫୁଲ୍ଲ ସ୍ୱାଇଁ, ତଳଜଙ୍ଗ ସେବା ସମବାୟ ସମିତି ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ, ନିୟନ୍ତ୍ରିତ ବଜାର କମିଟି ଆକାଉଣ୍ଟାଣ୍ଟ ଜଗତଜ୍ୟୋତି ସାହୁ, ସୁରେନ୍ଦ୍ର ଦତ୍ତ, ରବି ସ୍ୱାଇଁ, ଦୁଃଶାସନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

- ପ୍ରେମିକାଙ୍କ ମୁଣ୍ଡଗଣ୍ଡି ଅଲଗା କରିବା ଘଟଣା

# ଜେଲ୍ ଗଲେ ହତ୍ୟାକାରୀ ପ୍ରେମିକ

ସାକ୍ଷୀଗୋପାଳ,୨୧।୧୨(ଡି.ଏନ୍.ଏ.)



ଯୁଧିଷ୍ଠିରଙ୍କୁ ଜେଲ୍ ନିଆଯାଉଛି।

ପୁରୀ ଜିଲା ସତ୍ୟବାଦୀ ଥାନା ଗୋଲବିଞ୍ଝେଇପଡ଼ା ଗ୍ରାମର ସସ୍ମିତା ବିଶ୍ୱାଳଙ୍କୁ ତାଙ୍କ ପ୍ରେମିକ ଯୁଧିଷ୍ଠିର ସ୍ୱାଇଁ ବୁଲାଇବାକୁ ଡାକି ନିର୍ମମ ଭାବେ ହତ୍ୟାକରି ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲେ। ଏହି ଘଟଣାରେ ସତ୍ୟବାଦୀ ଥାନା ପୋଲିସ ଯୁଧିଷ୍ଠିରଙ୍କୁ ବୁଧବାର ଗିରଫ କରିଥିବାବେଳେ ଶୁକ୍ରବାର ଅପରାହ୍ନରେ ପୁରୀ କୋର୍ଟରେ ହାଜର କରିଥିଲା। ସେଠାରେ ଅଭିଯୋଗ ଆଧାରରେ କୋର୍ଟ ତାଙ୍କୁ ପୁରୀ ମୁଖ୍ୟ କାରାଗାରକୁ ପଠାଇ ଦେଇଛନ୍ତି। ତେବେ ଏହି ଘଟଣାରେ ଅନ୍ୟକାହାର ସମ୍ପୃକ୍ତି ସନ୍ଦେହକରି ପିପିଲି ଏସ୍‌ଡିପିଓ ଦିଲୀପ କୁମାର ତ୍ରିପାଠୀ ତାଙ୍କୁ ଦିନ ତମାମ୍ ପଚରାଉଚୁରା କରିଥିଲେ।

ସୂଚନା ଅନୁଯାୟୀ, ଯୁଧିଷ୍ଠିର ଏବଂ ସସ୍ମିତା ୫ବର୍ଷ ଧରି ପରସ୍ପରଙ୍କୁ ଭଲ ପାଉଥିଲେ। ଏପରି କି କୋର୍ଟରେ ବିବାହ କରିବା ଲାଗି ସେମାନେ ଆବେଦନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିବାହରେ ବିଳମ୍ବ ହେବାରୁ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ପରେ ଯୁଧିଷ୍ଠିର ତାଙ୍କୁ ବୁଝାଇ ଶୁଝାଇ ବୁଲାଇନେବା ବାହାନାରେ ଭୁବନେଶ୍ୱର ଆଣି ବୀଭତ୍ସ ଭାବେ ହତ୍ୟା କରି ମୁଣ୍ଡ ଗଣ୍ଡି ଅଲଗା କରି ଫିଙ୍ଗିଦେଇଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ପୋଲିସ ତଦନ୍ତ ଚଳାଇଛି।

# ରାସ୍ତା ପାର୍ଶ୍ୱକୁ ଓଲଟିଲା ଟ୍ରକ୍, ଜଣେ ଗୁରୁତର

- କ୍ଷତିପୂରଣ, ହମ୍ପସ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ନିମାପଡ଼ା,୨୧।୧୨(ଡି.ଏନ୍.ଏ.)



କାଜିପାଟଣା ଛକଠାରେ ରାସ୍ତା ପାର୍ଶ୍ୱକୁ ଓଲଟିପଡିଥିବା ଟ୍ରକ୍।

ନିମାପଡ଼ା-ପିପିଲି ରାସ୍ତାର କାଜିପାଟଣା ଛକଠାରେ ଶୁକ୍ରବାର ଏକ ମଦ ବୋଝେଇ ଟ୍ରକ୍ ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ସାଇକେଲ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଅଞ୍ଚଳରେ ଥିବା ଏକ ମଦ କାରଖାନାରୁ ପ୍ରାୟ ୧୦ଲକ୍ଷ ଟଙ୍କାର ୯ଶହ ପେଟି ବିଦେଶୀ ମଦ ବୋଝେଇ କରି ଏକ ଟ୍ରକ(ଓଆର ୦୨ ଏଡବ୍ଲୁ ୪୮୫୪) ଖୋର୍ଦ୍ଧା ସରକାରୀ ମଦ ଡିପୋକୁ ଯାଉଥିଲା। କାଜିପାଟଣା ଛକଠାରେ କରୁଣାକର ସେଠୀ ସାଇକେଲରେ ଯାଉଥିବା ବେଳେ ଉକ୍ତ ଟ୍ରକଟି ତାଙ୍କୁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ପ୍ରାୟ ୫ଲକ୍ଷ ଟଙ୍କାର ୫ଶହ ମଦ ପେଟି ନେଇଯାଇଥିବା ମଦ କାରଖାନାର ଜଣେ କର୍ମଚାରୀ କହିଛନ୍ତି। ଖବରପାଇ ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ କାଜିପାଟଣା ଛକରେ ଗୁରୁତରଙ୍କୁ କ୍ଷତିପୂରଣ ଓ ହମ୍ପସ ନିର୍ମାଣ ଦାବିରେ ଶତାଧିକ ଉତ୍ତ୍ୟକ୍ତ ଲୋକେ ପ୍ରାୟ ୧ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଏସଡିପିଓ ନିରଞ୍ଜନ ପାଢୀ ଓ ତହସିଲଦାର କମଳଜିତ ଦାସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଟେଲିଫୋନ ମାଧ୍ୟମରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗୁରୁତରଙ୍କୁ କ୍ଷତିପୂରଣ ସହ ହମ୍ପସ ନିର୍ମାଣ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପିଠା ଯୋଜନାରେ ଭୁଲ୍ ତଥ୍ୟକୁ ନେଇ ଅସନ୍ତୋଷ

କଣାସ, ୨୧।୧୨(ସ୍ୱ.ପ୍ର.)

କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ପିଠା ଯୋଜନା ସଚେତନତା କାର୍ଯ୍ୟକ୍ରମ ୧୫ତାରିଖଠାରୁ ୨୦ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମମାନଙ୍କରେ ବିଡିଓ, ତହସିଲଦାର ଉପସ୍ଥିତ ରହିବା ସହିତ ସରକାରୀ ଦଳର ଜନପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପିଠାଯୋଜନା ସଭାକୁ ବିଭିନ୍ନ କିସମର ପିଠା ତିଆରିକରି ଆଣିବା ଏବଂ ସେଗୁଡିକୁ ଅଧିକାରୀମାନେ ପରିଦର୍ଶନକରି ପୁରସ୍କାର ଦିଆଯିବ ବୋଲି ପ୍ରଚାରକରାଯିବାରୁ ବିଭିନ୍ନ ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ କିସମର ଓଡ଼ିଆ ପାରମ୍ପରିକ ପିଠା ତିଆରିକରି ସଭାସ୍ଥଳରେ ଗଦାକରିଥିଲେ। ସମସ୍ତ ସଭାରେ ଯୋଗଦେଇଥିବା ସରକାରୀ ଅଧିକାରୀ ଏବଂ ଜନପ୍ରତିନିଧିମାନେ ପିଠାଗୁଡିକୁ ଦେଖିଥିଲେ ମଧ୍ୟ କହାକୁ ପୁରସ୍କୃତ କରି ନ ଥିବାରୁ ଶହଶହ ଟଙ୍କା ଖର୍ଚ୍ଚକରି ପିଠା ତିଆରି କରିଥିବା ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବିକ୍ଷୋଭ




ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ଧାରଣା।

ପୁରୀ ଅଫିସ,୨୧।୧୨:

ବିଭିନ୍ନ ଦାବି ନେଇ ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମୋତିସାହି ଛକରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରାଯାଇଥିଲା। ସେଠାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ସଂଘ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି, ରାଜ୍ୟ ସରକାର ପେନ୍‌ସନ୍ ଭୋଗୀଙ୍କ ପ୍ରତି ଚରମ ଅବହେଳା କରୁଛନ୍ତି। କେନ୍ଦ୍ରୀୟ ବେତନ ସୁପାରିସ ଆଧାରରେ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ଭୁଲିଗଲେ। ଦୀର୍ଘବର୍ଷ ଧରି ଓଡ଼ିଶାର ବିଭିନ୍ନ ସରକାରୀ ବିଦ୍ୟାଳୟ, କଲେଜରୁ ଅବସର ଗ୍ରହଣ କରୁଥିବା ଶିକ୍ଷକ, କର୍ମଚାରୀମାନେ ଅବସରକାଳୀନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ସହ ସଂଘ ପକ୍ଷରୁ ବହୁବାର ଆଲୋଚନା କରାଯାଇଛି। ମାତ୍ର କୌଣସି ସୁଫଳ ମିଳିନାହିଁ ବୋଲି ବେହେରା କହିଛନ୍ତି। ଏହି ପ୍ରତିବାଦ ସଭାରେ ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ପ୍ରଫେସର ଅଦ୍ୱୈତ ଚରଣ ଧଳ, ପ୍ୟାରୀମୋହନ ପଟ୍ଟନାୟକ, ସୁନୀଲ କୁମାର ରଥ, ଡ. କାର୍ତ୍ତିକ କୁମାର ଦାସ, ବ୍ରହ୍ମାନନ୍ଦ ଦାସ, ଲକ୍ଷ୍ମୀଧର ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ମୋତିରାମ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ।

# ୧୧୭ବର୍ଷର ସ୍କୁଲ ବନ୍ଦ କରିବାକୁ ପ୍ରଶାସନର ଚକ୍ରାନ୍ତ

ସାକ୍ଷୀଗୋପାଳ, ୨୧।୧୨(ସ୍ୱ.ପ୍ର.)

ନିଜର ଅପାରଗତାକୁ ଲୁଚାଇବାକୁ ଯାଇ ପ୍ରଶାସନ ୧୧୭ବର୍ଷର ଏକ ପୁରାତନ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମରେ ଥିବା ଏହି ସର୍ବପୁରାତନ ଶିକ୍ଷାନୁଷ୍ଠାନର ଅବସ୍ଥା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୮ଟି ଶ୍ରେଣୀପାଇଁ ରହିଛି ମାତ୍ର ୩ଟି ଶ୍ରେଣୀଗୃହ। ୪ଟି ଶ୍ରେଣୀର ପିଲାମାନେ ଶ୍ରେଣୀଗୃହରେ ବସି ପଢୁଥିବାବେଳେ ଅନ୍ୟ ୪ଟି ଶ୍ରେଣୀର ପିଲାମାନେ ବାରଣ୍ଡାରେ ବସି ପଢୁଛନ୍ତି। ମଧ୍ୟାହ୍ନ ଭୋଜନ ବାରଣ୍ଡାରେ ବସି ଖାଇବା ପରେ ବାରଣ୍ଡା ଧୁଆ ହୋଇଯାଏ ଫଳରେ ସେହିସମୟରେ ପିଲାମାନେ ଖୋଲା ପଡ଼ିଆରେ ବସି ପାଠ ପଢ଼ିଥାନ୍ତି। ଏଭଳିକି ପିଲାମାନେ ଖରାରେ ଛତାଧରି ବସି ପାଠ ପଢ଼ିବାର ନଜୀର ରହିଛି। ଏହି ସମସ୍ୟାକୁ ନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟାମଞ୍ଜରୀ ଦାଶ ବର୍ଷାଦିନକୁ ଦୃଷ୍ଟିରେ ରଖି ବିଦ୍ୟାଳୟକୁ ଦୁଇଟି ପର୍ଯ୍ୟାୟରେ ଚଳାଇବାକୁ ଏବଂ ଶୀତଦିନେ ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଶୀତଦିନ ଆରମ୍ଭ ହୋଇଥିବାରୁ ଗ୍ରାମବାସୀ ତୁରନ୍ତ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି। ପୂର୍ବରୁ ଅଧିକ ଛାତ୍ରୀଛାତ୍ର ଆସୁଥିବାବେଳେ ବର୍ତ୍ତମାନ ଘର ନ ଥିବାରୁ କମ୍ ଛାତ୍ରୀଛାତ୍ର ଆସୁଛନ୍ତି। ପ୍ରଶାସନ ଏହାକୁ ଭିତ୍ତି କରି ବିଦ୍ୟାଳୟ ବନ୍ଦ କରିବାକୁ ମସୁଧା ଚଳାଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ପ୍ରଧାନ, ସଭ୍ୟ ସଚ୍ଚିକାନ୍ତ ପ୍ରଧାନ, ସଚ୍ଚିକାନ୍ତ ବରାଳ ପ୍ରମୁଖ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟ ଗୃହରେ ଖସିଲା ସେଣୀ

କଣାସ, ୨୧।୧୨(ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତ ବିଳାସପୁର ଉନ୍ନୀତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଶ୍ରେଣୀଗୃହରେ ସେଣୀ ଖସି ପଡ଼ିଛି। ଏଥିରେ କେହି ଅହାତ ହୋଇ ନାହାନ୍ତି। ତୁରନ୍ତ ଖରାପ ହୋଇଥିବା ଛାତକୁ ମରାମତି କରିବାକୁ ନ କଲେ ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟ ନ ଛାଡ଼ିବାକୁ ଚେତାବନୀ ଦେଇଛନ୍ତି।

# ସୁଦୃଢ଼ ହେବ ୪୬ କି.ମି. ନଦୀବନ୍ଧ

ଗୋପ, ୨୧।୧୨(ଡି.ଏନ୍.ଏ.)

କୁଶଭଦ୍ରା ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୪୧ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହି ଟଙ୍କାରେ ୪୬ କି.ମି. ନଦୀବନ୍ଧ ସୁଦୃଢ଼ୀକରଣ ହେବ ବୋଲି ନିମାପଡ଼ା ଜଳସଂପଦ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏହି ନଦୀବନ୍ଧ ସୁଦୃଢ଼ୀକରଣ ହେବା ଦ୍ୱାରା ଉପକୂଳବାସୀଙ୍କ ବନ୍ୟା ଭୟ ଟଳିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧରେ ରାସ୍ତା କରାଯାଇ ୫୦ଟି ଗ୍ରାମକୁ ସଂଯୋଗୀକରଣ କରାଯିବା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

ଗୋପ ଅଞ୍ଚଳରେ ଏହି କାର୍ଯ୍ୟଗୁଡ଼ିକ ହାତକୁ ନିଆଯାଇଥିବାରୁ ନାଗପୁର ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ, ଗଣେଶ୍ୱରପୁର ସରପଞ୍ଚ ଦେବବ୍ରତ ସାହୁ, ଏରବଙ୍ଗ ସରପଞ୍ଚ ବିଭୂତି ଭୂଷଣ ସାହୁ, ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ, ସମିତି ସଭ୍ୟ ଦିଲୀପ କୁମାର ସାହୁ, ସମିତି ସଭ୍ୟ କରୁଣାକର ସାହୁ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପଣ୍ଡୁ ନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ ଅଫିସ, ୨୧।୧୨:

ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ପଣ୍ଡୁ ନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ସକାଳଧୂପ ବଢ଼ିବା ପରେ ପୁଷ୍ପାଳକମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ବେଶ କରାଇଥିଲେ। ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡେ ଆଜ୍ଞାମାଳ ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଦକ୍ଷିଣୀ ଘରେ ଭୋଗ ସରିଥିଲା। ମହାଜନ ଦକ୍ଷିଣୀ ଘରୁ ପଣ୍ଡୁ ନୃସିଂହଙ୍କୁ ରତ୍ନ ସିଂହାସନକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଇଥିଲେ। ଏହାପରେ ନୃସିଂହ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବଜେ ହୋଇଥିଲେ। ରୁନ୍ଧା ବଢିବା ପରେ ବିମାନବଡ଼ୁ ସେବକମାନେ ବିମାନକୁ ସିଂହଦ୍ୱାର ଦେଇ ଶ୍ରୀକ୍ଷେତ୍ରର ପ୍ରାଚୀନ ୪ ଆଶ୍ରମ (ଅଙ୍ଗିରା, ପଣ୍ଡୁ, ମାର୍କଣ୍ଡ, ଭୃଗୁ)କୁ ବିଜେ କରାଇଥିଲେ। ସେଠାରେ ଶୀତଳ ଭୋଗ, ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସ୍ୱୟଂ ବିଘ୍ନହର୍ତ୍ତା ଶ୍ରୀନୃସିଂହ ଆଶ୍ରମସ୍ଥ ଋଷିମାନଙ୍କର ବିଘ୍ନ ହରଣ କରିବାକୁ ଯାଇଥାନ୍ତି ବୋଲି ବିଶ୍ୱାସ ରହିଛି।



ପଣ୍ଡୁ ନୃସିଂହଙ୍କୁ ଚାରି ଆଶ୍ରମ ବିଜେ କରାଯାଉଛି।

- ପାଳିଲେ କୁକୁରଛୁଆଙ୍କ ଏକୋଇଶିଆ

# କେକ୍ କାଟିଲେ, ଭୋଜି ଦେଲେ

ପୁରୀ ଅଫିସ, ୨୧।୧୨:






ପୂର୍ବରୁ ଘର ଜଗିବା ପାଇଁ ଲୋକେ କୁକୁର ପାଳୁଥିଲେ। ଏବେ କିନ୍ତୁ ଏହି ଧାରା ବଦଳିଯାଇଛି। ଘରର ସୁରକ୍ଷା ଅପେକ୍ଷା ଅଧିକାଂଶ ଲୋକ ସଉକରେ କୁକୁର ପାଳୁଛନ୍ତି। ବିଦେଶୀ ପ୍ରଜାତିର କୁକୁରଙ୍କୁ ଘରେ ରଖି ସେମାନଙ୍କ ପ୍ରତି ସ୍ନେହଶ୍ରଦ୍ଧା ଅଜାଡି ଦେଉଛନ୍ତି। ସୁସ୍ୱାଦୁପୂର୍ଣ୍ଣ ଖାଦ୍ୟପେୟ ଦେବାଠୁ ଆରମ୍ଭ କରି ସେମାନଙ୍କ ଚିକିତ୍ସା ଏବଂ ଶୋଇବା ପ୍ରତି ଯତ୍ନ ନେଉଛନ୍ତି। ହେଲେ ବାଟଘାଟରେ ବୁଲୁଥିବା କୁକୁରଙ୍କ ପ୍ରତି ସେମିତି କାହାର ଆଦର ନ ଥାଏ। କିନ୍ତୁ ଏମିତି ମଣିଷ ଅଛନ୍ତି, ଯାହାଙ୍କ ପାଇଁ ଦେଶୀ ବିଦେଶୀର କିଛି ଫରକ ନ ଥାଏ। ସେମିତି ଜଣେ ମଣିଷ ହେଉଛନ୍ତି ପୁରୀର ପ୍ରେମାନନ୍ଦ ନାୟକ। ଗତ ୧୪ ତାରିଖରେ ପାର୍ସଲ ଅଫିସରେ ୪ଟି କୁକୁର ଛୁଆଙ୍କ ଏକୋଇଶିଆ ପାଳିଥିବା ବେଳେ ଅତିଥିଙ୍କୁ ଭୋଜିଭାତ ଦେଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଏକୋଇଶିଆ ପାଇଁ ନିମନ୍ତ୍ରଣପତ୍ର ଛାପିଛନ୍ତି ଆଉ ଏଥିରେ କୁକୁର ଛୁଆଙ୍କ ନାଁ ବି ରଖିଛନ୍ତି। ଏହି ଗୋଟିଏ ଦିନରେ ଛୁଆଙ୍କ ଏକୋଇଶିଆ ସହ କେକ୍ କାଟି ମା' କୁକୁର କାଳୀର ଜନ୍ମଦିନ ପାଳିଛନ୍ତି।

ଏ ସମ୍ପର୍କରେ ପ୍ରେମାନନ୍ଦ କୁହନ୍ତି, ପିଲାଟିଦିନରୁ ପଶୁପକ୍ଷୀଙ୍କ ପ୍ରତି ଭଲପାଇବା ରହିଛି। କେବେ କେମିତି ପଶୁପକ୍ଷୀ ଯନ୍ତ୍ରଣା ପାଉଥିବା ଆଖିରେ ପଡିଲେ ମୋତେ କଷ୍ଟ ଲାଗେ। ଯଥାସାଧ ସେମାନଙ୍କ ସେବା କରିବାକୁ ଚେଷ୍ଟା କରେ। ଦିନେ ପାର୍ସଲ ଅଫିସରେ ବସି କାମ କରୁଥିବା ବେଳେ ହଠାତ୍ ଗୋଟିଏ ମାଈ କୁକୁର ଛୁଆ ଅସହାୟ ଅବସ୍ଥାରେ ଆସି ପହଞ୍ଚିଲା। ଦେହରୁ ଲୋମ ଛାଡିଯାଇଛି, ଜୀର୍ଣ୍ଣଶୀର୍ଣ୍ଣ ଚେହେରା। ଅନ୍ୟ କୁକୁର ତାକୁ ଗୋଡାଉଥାନ୍ତି। ମନରେ ଦୟା ଆସିଲା। ସେବେଠାରୁ ତାକୁ ରଖି ତା'ର ସେବା କଲି। ରଙ୍ଗ କଳା ଥିବାରୁ ନାଁ ରଖିଲି କାଳୀ। ପାର୍ସଲ ଅଫିସର ସହକର୍ମୀମାନେ ବି ତାକୁ ଆଦର କଲେ। ସେ ବି କୁଆଡ଼େ ଗଲାନାହିଁ। ଖାଇପିଇ ପାର୍ସଲ ଅଫିସରେ ରହିଲା। ପ୍ରାୟ ୨ ବର୍ଷ ପରେ କାଳୀ ୪ଟି ଛୁଆ ଜନ୍ମ ଦେଇଥିବାରୁ ଖୁସି ଲାଗିଲା। କୁକୁର ଛୁଆଙ୍କ ଜନ୍ମଦିନ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲି। ମୋ ସହକର୍ମୀମାନେ ବି ଏଥିରେ ସହମତ ହୋଇଥିଲେ।

କୁକୁର ଛୁଆ ହୋଇଥିଲେ ବି ସେମାନଙ୍କ ଏକୋଇଶିଆକୁ ମଣିଷ ପିଲାଙ୍କ ଏକୋଇଶିଆ ଭଳି ବେଶ୍ ଜାକଜମକରେ ପାଳିଥିଲେ ପ୍ରେମାନନ୍ଦ। ନିମନ୍ତ୍ରଣ ପତ୍ରରେ ଆମ ଗୃହପାଳିତ ପଶୁ କାଳୀର ପୁତ୍ର ଓ କନ୍ୟାଙ୍କ ଏକୋଇଶିଆ ଉତ୍ସବ ଅନୁଷ୍ଠିତ ହେବ ବୋଲି ଲେଖିବା ସହ କୁକୁର ଛୁଆଙ୍କ ନାମ କୁନୁ, ମୁନୁ, ପିଙ୍କି, ରିଙ୍କି ରଖିଥିଲେ। ଦର୍ଶନାଭିଳାଷୀରେ ନିଜ ନାମ ଦେଇଥିଲେ ପ୍ରେମାନନ୍ଦ। ଏଥିପାଇଁ ଭୋଜିଭାତ ହୋଇଥିଲା। ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଅତିଥି ପେଡିଗ୍ରୀ, ବିସ୍କୁଟ ଆଦି ଉପହାର ଧରି ପହଞ୍ଚିଥିଲେ। କୁକୁର ଛୁଆଙ୍କୁ ଆଶୀର୍ବାଦ କରିବା ସହ କେକ୍ ଏବଂ ଭୋଜି ଖାଇ ଘରକୁ ଫେରିଥିଲେ।

କେବଳ କୁକୁର ନୁହନ୍ତି, ପ୍ରେମାନନ୍ଦଙ୍କ ସ୍ନେହରେ ଏକ ବଣୁଆ ମୂଷା ବି ବୋଲ ମାନିଯାଇଛି। ପ୍ରେମାନନ୍ଦ ଯେତେବେଳେ ଖାଇବସନ୍ତି ପାର୍ସଲ ସାମଗ୍ରୀ ମଧ୍ୟରେ ଲୁଚି ରହୁଥିବା ଏହି ମୂଷା ଆପଣାଛାଏଁ ତାଙ୍କ ପାଖକୁ ପଳାଇ ଆସେ। ଯେଉଁଦିନ ମୂଷା ନ ଆସେ ପ୍ରେମାନନ୍ଦ ଦୀନବନ୍ଧୁ ବୋଲି ଡାକିଦେଲେ ସେ ପହଞ୍ଚିଯାଏ। ସେ ତାକୁ ଖାଇବାକୁ ଦିଅନ୍ତି। ବଣୁଆ ମୂଷା ହୋଇଥିଲେ ମଧ୍ୟ ଏବେ ସେ ପ୍ରେମାନନ୍ଦଙ୍କ ପୋଷା ମୂଷା ପାଲଟିଯାଇଛି। ପାର୍ସଲ ସାମଗ୍ରୀ ଭିତରେ ରହୁଥିଲେ ବି କେବେ କୌଣସି ପାର୍ସଲ ସାମଗ୍ରୀ ସେ କାଟି ନ ଥାଏ ବୋଲି କହିଛନ୍ତି ପ୍ରେମାନନ୍ଦ।